# ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ମେ ୮/୨୦୧୯ ( ୧୬ ପୃଷ୍ଠା) Dhenkanal, Wednesday, May 8 / 2019 ★★★★★

୧୫୩ ଭାଗ ୮୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




## 'ଜୱାନି ଜାନେମନ୍'ରେ ତବୁ

ବଲିଉଡ୍ ଅଭିନେତ୍ରୀ ତବୁ ଫ୍ୟାମିଲି କମେଡି 'ଜୱାନି ଜାନେମନ୍'ରେ ଅଭିନୟ କରିବାକୁ ଯାଉଛନ୍ତି।

୦୪

୧୫

## କାନାଡା ପାରାବ୍ୟାଡମିଣ୍ଟନରେ ଭାଗନେବେ ପ୍ରମୋଦ

କାନାଡାର ଓଣ୍ଟାୱା ମୋନପେଟିଟ ହଲରେ ହେବାକୁ ଯାଉଥିବା ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପରେ ଓଡ଼ିଶାର ପ୍ରମୋଦ ଭଗତ ଭାଗନେବେ।



**ଆଜିର ସମ୍ପାଦକୀୟ**

**ଅନୁମାନ ସତ୍ୟ**

**ଆଜିର ମନ୍ତବ୍ୟ**

" ଆମେରିକା-ଚାଇନା ମଧ୍ୟରେ ବାଣିଜ୍ୟିକ ଉତ୍ତେଜନା ବିଶ୍ୱ ଅର୍ଥନୀତି ପାଇଁ ବିପଦ।

– ଖ୍ରୀଷ୍ଟାଇନ୍ ଲାଗାର୍ଡ, ଆଇଏମ୍ଏଫ୍ ମୁଖ୍ୟ

**କିଛି ତଥ୍ୟ**

୨୦୧୮–୧୯ ଆର୍ଥିକ ବର୍ଷରେ ଭାରତ ଆମେରିକା ମଧ୍ୟରେ ୧୪୨ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ହୋଇଛି। ଏହା ୨୦୧୭–୧୮ରେ ତୁଳନାରେ ୧୬ ବିଲିୟନ ଡଲାର ଅଧିକ। –ବାଣିଜ୍ୟ ମନ୍ତ୍ରଣାଳୟ

ସିଜେଆଇଙ୍କୁ କ୍ଲିନ୍‌ଚିଟ୍ : ବିକ୍ଷୋଭବେଳେ ୫୨ ମହିଳା ଅଟକ : ୨


NECC NATIONAL EGG CO-ORDINATION COMMITTEE 07.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 107 | 167 | 177 |
| CTC | 109 | 170 | 180 |
| DKL | 109 | 170 | 180 |
| BDK | 111 | 172 | 182 |
| BLS | 111 | 172 | 182 |
| ANG | 109 | 170 | 180 |

*Conditions Apply

Eggs Retail Price- 45/-Dozen
Issued in the Interest of Consumers


# ଆଇସିଏସ୍ଇ ଦଶମ, ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାଫଳ ପ୍ରକାଶ

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

■ ଦଶମରେ ଜୁହି ରୂପେଶ କାଜାରିଆ, ମନହର ବନ୍‌ଶାଲ ଟପ୍ପର
■ ଦ୍ୱାଦଶରେ ଦିୱାଙ୍ଗ ଅଗ୍ରୱାଲ, ବିଭା ସ୍ୱାମୀନାଥନ୍ ଟପ୍ପର
■ ପ୍ରଥମଥର ପାଇଁ ଦ୍ୱାଦଶରେ ୧୦୦% ରଖିଛନ୍ତି ଟପ୍ପର

କାଉନ୍‌ସିଲ ଫର୍ ଇଣ୍ଡିଆନ ସ୍କୁଲ୍ ସାର୍ଟିଫିକେଟ୍ ଏକ୍ସାମିନେଶନ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ସାର୍ଟିଫିକେଟ୍ ଅଫ୍ ସେକେଣ୍ଡାରୀ ଏଜୁକେଶନ୍ (ଆଇସିଏସ୍ଇ) ଦଶମ ଓ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ସିଆଇଏସ୍‌ସିଇର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ଅଧ୍ୟକ୍ଷ ଗେରୀ ଆରାଥୁନ୍ ଦୁଇ ପରୀକ୍ଷା ଫଳ ଘୋଷଣା କରିଛନ୍ତି। ମୁମ୍ବାଇର ଜୁହି ରୂପେଶ କାଜାରିଆ ଓ ମୁକ୍ତସାରର ମନହର ବନ୍‌ଶାଲ ୯୯.୬୦ ପ୍ରତିଶତ ନମ୍ବର ରଖି ଆଇସିଏସ୍ଇ ଦଶମ ପରୀକ୍ଷାରେ ଯୁଗ୍ମ ଟପ୍ପର ହୋଇଛନ୍ତି। ୧୦ଜଣ ଛାତ୍ରୀଛାତ୍ର ୯୯.୪୦ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ☞ପୃଷ୍ଠା–୧୨

# ଜେଇଇ ଆଡଭାନ୍ସ ପଞ୍ଜୀକରଣ ଅବଧି ୫ଦିନ ବୃଦ୍ଧି

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

ବାତ୍ୟା ପରବର୍ତ୍ତୀ ସମସ୍ୟା କାରଣରୁ ଓଡ଼ିଶାରେ ଜେଇଇ ଆଡ଼ଭାନ୍ସ ପରୀକ୍ଷା ପାଇଁ ପଞ୍ଜୀକରଣ ଅବଧିକୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ମେ' ୩ରୁ ୯ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ପାଇଁ ଧାର୍ଯ୍ୟ କରାଯାଇଥିଲା। ଏବେ ଏହି ଅବଧିକୁ ଆଉ ୫ଦିନ ବଢ଼ାଇ ଦିଆଯାଇଛି। ଛାତ୍ରୀଛାତ୍ରମାନେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ କରିପାରିବେ ବୋଲି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶାରେ ବାତ୍ୟା ଯୋଗୁ ଇଣ୍ଟରନେଟ୍ ବିଚ୍ଛିନ୍ନ ହୋଇଛି। ଛାତ୍ରୀଛାତ୍ରମାନେ ଜେଇଇ ଆଡ଼ଭାନ୍ସ ପରୀକ୍ଷା ପାଇଁ ପଞ୍ଜୀକରଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପଞ୍ଜୀକରଣ ତାରିଖ ଘୁଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରକୁ ମଙ୍ଗଳବାର ଚିଠି ଲେଖିଥିଲେ। ଆଉ ୧୦ ଦିନ ବୃଦ୍ଧି କରିବା ପାଇଁ ସେ ଅନୁରୋଧ କରିଥିଲେ। ତେବେ ଓଡ଼ିଶା ପାଇଁ ପଞ୍ଜୀକରଣ ଅବଧିକୁ ବୃଦ୍ଧି କରାଯାଇଥିବା ନେଇ ବିଭାଗୀୟ ମନ୍ତ୍ରୀ ପ୍ରକାଶ ଜାଭେଡ଼କର ☞ପୃଷ୍ଠା–୧୨

■ ଦାଉ ସାଧୁଛି ବିପର୍ଯ୍ୟସ୍ତ ଟେଲି ଯୋଗାଯୋଗ


# ପୁନରୁଦ୍ଧାର କାର୍ଯ୍ୟରେ ବାଧା

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

**ଫନୀ ଦୁର୍ଦ୍ଦଶା**

■ ବିଦ୍ୟୁତ୍, ପାଣି ପାଇଁ ଲୋକେ ହନ୍ତସନ୍ତ
■ ୧୪ ଜିଲାର ୧.୪୦ କୋଟି ଲୋକ ପ୍ରଭାବିତ
■ ୩୭ ଜଣଙ୍କର ମୃତ୍ୟୁ
■ କ୍ୟାବିନେଟ ସଚିବଙ୍କ ସମୀକ୍ଷା
■ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ଦେବେଗୌଡ଼ା, କୁମାରସ୍ୱାମୀ

ବାତ୍ୟା 'ଫନୀ' ଯୋଗୁ ଉଜୁଡ଼ି ଯାଇଛି ପୁରୀ ଓ ଭୁବନେଶ୍ୱର। ସରକାରୀ ତଥ୍ୟ ଅନୁଯାୟୀ ବାତ୍ୟା ରାଜ୍ୟର ୧୪ ଜିଲାର ୧୫୫ ବ୍ଲକ, ୧୬ ହଜାର ୭୪ ଗାଁ ଏବଂ ୫୧ ପୌର ପରିଷଦର ୧ କୋଟି ୪୮ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଛି। ସରକାରୀ ଭାବେ ୩୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ୫.୮ଲକ୍ଷ ଘର କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍, ପାନୀୟ ଜଳ ଭିତ୍ତିଭୂମି, ମତ୍ସ୍ୟ, ପ୍ରାଣୀ ସମ୍ପଦ, ଫଳ, ପନିପରିବା ଚାଷ, ବୃକ୍ଷଲତା କ୍ଷତିଗ୍ରସ୍ତ ହୋଇଛି। ବାତ୍ୟା ଚାଲିଯିବାର ୫ ଦିନ ପରେ ମଧ୍ୟ ଲୋକମାନଙ୍କୁ ଦୁର୍ଦ୍ଦଶାରୁ ମୁକ୍ତି ମିଳିନାହିଁ। ବିପର୍ଯ୍ୟସ୍ତ ହୋଇପଡ଼ିଥିବା ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ବ୍ୟବସ୍ଥା ଭଳି ଜରୁରୀ ଆବଶ୍ୟକତା ସଜଡ଼ା ଯାଇପାରି ନାହିଁ। ପ୍ରଚଣ୍ଡ ଗ୍ରୀଷ୍ମ ସାଙ୍ଗକୁ ଗୁଳୁଗୁଳି ସହରାଞ୍ଚଳ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ବିନା ପଙ୍ଖାରେ ଘରେ ରହିବା ମୁସ୍କିଲ ହୋଇ ପଡ଼ିଛି। ସହରାଞ୍ଚଳରେ ସବୁଜିମା ଉଜୁଡ଼ି ଯାଇଥିବାରୁ ତାତି ଆହୁରି ବଢ଼ିଯାଇଛି। ଅସଜଡ଼ା ବିଦ୍ୟୁତ୍ ଭିତ୍ତିଭୂମିକୁ ସଜାଡ଼ିବାକୁ ଶକ୍ତି ବିଭାଗ ଓ ସେସୁ କର୍ମଚାରୀମାନେ ଦିନରାତି ଲାଗିଥିଲେ ମଧ୍ୟ ଏଯାଏ ପୁରୀ କିମ୍ବା ଭୁବନେଶ୍ୱରରେ ଘରୋଇ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ପ୍ରଭାବିତ ଜିଲାରେ ୧ ଲକ୍ଷ ୫୬ ହଜାର ବିଦ୍ୟୁତ୍ ଖୁଣ୍ଟ ନଷ୍ଟ ହୋଇଥିବା ଶକ୍ତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଟେଲି ଯୋଗାଯୋଗ ଅଧିକ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ପୁନରୁଦ୍ଧାର କାର୍ଯ୍ୟରେ ତାହା ବାଧା ସୃଷ୍ଟି କରିଛି। କେଉଁ ଅଞ୍ଚଳରେ କ'ଣ କ୍ଷତି ହୋଇଛି, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ କେଉଁ ସ୍ତରରେ ପହଞ୍ଚିଛି, ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ କେତେବାଟ ଗଲାଣି ସେ ସବୁର କିଛି ସୂଚନା ମିଳିପାରୁନାହିଁ। ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କ ସହ ଯୋଗାଯୋଗ କରାଯାଇ ପାରୁ ନ ଥିବାରୁ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ଧିମେଇ ଯାଇଛି। ଯାନବାହନ ଜରିଆରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯାଇ ଖବର ☞ପୃଷ୍ଠା–୧୨



'ଫନୀ' ପ୍ରଭାବରେ ବିଦ୍ୟୁତ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ କଟକ ସେକ୍ଟର–୯ ଅଞ୍ଚଳର ଲୋକମାନେ ମଙ୍ଗଳବାର ଜେନେରେଟର ସାହାଯ୍ୟରେ ମୋବାଇଲ ଫୋନ ଚାର୍ଜ କରୁଛନ୍ତି ।




ଧରିତ୍ରୀ
DHARITRI
ଢେଙ୍କାନାଳ, ବୁଧବାର, ୮ ମେ,୨୦୧୯



ଭାରତରେ ଗୈରିକ ଅଥବା ଇସ୍‌ଲାମିକ୍ ଆତଙ୍କବାଦ ନାହିଁ, ବରଂ ସରକାରୀ ଆତଙ୍କବାଦ ଦେଖାଦେଉଛି। ରାଜନୀତିରେ ମୁସଲମାନମାନଙ୍କୁ ଅସ୍ପୃଶ୍ୟ କରିବା ପାଇଁ ଦେଶରେ ଷଡ଼ଯନ୍ତ୍ର ଚାଲିଛି।
-ମୌଲାନା ଆମିର ରଶ୍‌ଦି, ରାଷ୍ଟ୍ରୀୟ ଉଲେମା କାଉନ୍‌ସିଲ ଅଧ୍ୟକ୍ଷ



# ଏଭଳି ଅହଂକାର ଦୁର୍ଯ୍ୟୋଧନଙ୍କର ବି ଥିଲା



**ମୋଦିଙ୍କୁ ପ୍ରିୟଙ୍କାଙ୍କ ଚେତାବନୀ**

ଅମ୍ବାଲା,୭।୫(ପି.ଟି.)

କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମହାଭାରତର ଖଳନାୟକ ଚରିତ୍ର ଦୁର୍ଯ୍ୟୋଧନ ସହିତ ତୁଳନା କରି ଚେତାବନୀ ଦେଇଛନ୍ତି। ଦୁର୍ଯ୍ୟୋଧନଙ୍କ ମଧ୍ୟ ଏଭଳି ଅହଂକାର ଥିଲା, ଯାହା ତାଙ୍କ ବିନାଶର କାରଣ ପାଲଟିଥିଲା ବୋଲି ମୋଦିଙ୍କୁ ଜବାବ ଦେଇଛନ୍ତି ପ୍ରିୟଙ୍କା।

ପ୍ରଧାନମନ୍ତ୍ରୀ ମୋଦି ଉତ୍ତରପ୍ରଦେଶର ଏକ ସଭାରେ ଶନିବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିବାକୁ ଯାଇ ତାଙ୍କ ବାପା ରାଜୀବ ଗାନ୍ଧୀଙ୍କୁ ସବୁଠୁ ବଡ଼ ଦୁର୍ନୀତିଗ୍ରସ୍ତ ବୋଲି ଅଭିହିତ କରିଥିଲେ। ମୋଦି କହିଥିଲେ, ରାହୁଲଙ୍କ ବାପାଙ୍କୁ ତାଙ୍କ ସହଯୋଗୀମାନେ ମିଷ୍ଟର କ୍ଲିନ୍ ବୋଲି କହୁଥିଲେ। କିନ୍ତୁ ତାଙ୍କ ଜୀବନ ଭ୍ରଷ୍ଟାଚାରୀ ନମ୍ବର ୧ ଭାବେ ଶେଷ ହୋଇଥିଲା। ପ୍ରିୟଙ୍କା ଏହାର ଜବାବରେ ହରିୟାଣାର ଅମ୍ବାଲାରେ ଦଳୀୟ ପ୍ରାର୍ଥୀ କୁମାରୀ ସେଲଜାଙ୍କ ସପକ୍ଷରେ ପ୍ରଚାର କରିବାକୁ ଯାଇ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ଅହଂକାର ଓ ଆତ୍ମଗର୍ବକୁ ଦେଶ କେବେ କ୍ଷମା କରିନାହିଁ। ଇତିହାସ ଓ ମହାଭାରତ ଏହାର ସାକ୍ଷୀ। କୃଷ୍ଣ ଯେତେବେଳେ ଦୁର୍ଯ୍ୟୋଧନଙ୍କୁ ବୁଝାଇବାକୁ ଯାଇଥିଲେ, ସେ ଭଗବାନଙ୍କୁ ପଣବନ୍ଧୀ କରିବାକୁ ଉଦ୍ୟମ କରିଥିଲେ। ମଣିଷର ଶେଷ ସମୟ ଆସିଲେ ତା'ର ବିବେକ ମରିଯାଏ। ପ୍ରଧାନମନ୍ତ୍ରୀଙ୍କ ସାହସ ଥିଲେ ବିକାଶ, ନିଯୁକ୍ତି, କୃଷି ଓ ମହିଳା ସମ୍ପର୍କିତ ପ୍ରସଙ୍ଗ ଉପରେ ଲୋକ ସଭା ନିର୍ବାଚନ ଲଢ଼ନ୍ତୁ ବୋଲି ପ୍ରିୟଙ୍କା ଚ୍ୟାଲେଞ୍ଜ କରିଛନ୍ତି।

# ଆତ୍ମସମର୍ପଣ ପରେ ଗିରିରାଜଙ୍କୁ ଜାମିନ



**ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ମାମଲା**

ବେଗୁସରାଇ,୭।୫(ପି.ଟି.)

କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ମାମଲାରେ ମଙ୍ଗଳବାର ଏକ ସ୍ଥାନୀୟ କୋର୍ଟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଜାମିନ ମିଳିଛି। ବିହାରର ବେଗୁସରାଇସ୍ଥିତ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଠାକୁର ଅମନ କୁମାର ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି।

ବେଗୁସରାଇ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଗିରିରାଜ ଏପ୍ରିଲ ୨୪ରେ ଏକ ସଭାରେ ମୁସଲମାନ ସମ୍ପ୍ରଦାୟ ବିରୋଧରେ ମନ୍ତବ୍ୟ ଦେଇଥିଲେ। ଯେଉଁମାନେ 'ବନ୍ଦେ ମାତରମ୍' କହିବେ ନାହିଁ କିମ୍ବା ନିଜ ମାତୃଭୂମିକୁ ସମ୍ମାନ ଦେବେ ନାହିଁ ସେମାନଙ୍କୁ ଦେଶ କ୍ଷମା କରିବ ନାହିଁ। ଗଙ୍ଗାନଦୀ କୂଳରେ ସମାଧି ପାଇବାକୁ ହେଲେ ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ 'ଭାରତ ମାତା କୀ ଜୟ' କହିବାକୁ ପଡ଼ିବ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ଉପସ୍ଥିତିରେ ଗିରିରାଜ କହିଥିଲେ। ଏହି ମାମଲାରେ ନିର୍ବାଚନ କମିଶନ ଗିରିରାଜଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଗିରିରାଜ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରିଥିବା ସ୍ପଷ୍ଟ ହୋଇଛି। କୋର୍ଟ ୫ ହଜାର ଟଙ୍କାର ଦୁଇଜଣ ଜାମିନଦାର ବଦଳରେ ତାଙ୍କୁ ଜାମିନ ଦେଇଛନ୍ତି।

**ସଂକ୍ଷେପରେ**

## 'ନିର୍ବାଚନୀ ସଂସ୍କାର ଚାହୁଁନାହାନ୍ତି ଦଳ'



ଟି.ଏସ୍. କ୍ରିଷ୍ଣାମୂର୍ତ୍ତି

**ହାଇଦ୍ରାବାଦ,୭।୫(ପି.ଟି.):** ଭାରତରେ ରାଜନୈତିକ ଦଳଗୁଡ଼ିକ ନିର୍ବାଚନୀ ସଂସ୍କାର ପାଇଁ ଆଗ୍ରହୀ ନୁହନ୍ତି। ବର୍ତ୍ତମାନର ସ୍ଥିତିକୁ ନେଇ ଦଳଗୁଡ଼ିକ ଖୁସି ବୋଲି ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଟି.ଏସ୍. କ୍ରିଷ୍ଣାମୂର୍ତ୍ତି ସମାଲୋଚନା କରିଛନ୍ତି। ୨୦୧୪ ସାଧାରଣ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା କ୍ରିଷ୍ଣାମୂର୍ତ୍ତି ମଙ୍ଗଳବାର କହିଛନ୍ତି, ଚଳିତ ଲୋକ ସଭା ନିର୍ବାଚନରେ ଦଳଗୁଡ଼ିକ ବ୍ୟକ୍ତିଗତ ଆକ୍ରମଣ କରିବାକୁ ପଛାଉନାହାନ୍ତି, ଯାହାକି ବନ୍ଦ ହେବା ଉଚିତ। କିନ୍ତୁ ଜାରି ହୋଇଥିବା ଆଦର୍ଶ ଆଚରଣ ବିଧିକୁ କୌଣସି ଦଳ ସମ୍ମାନ ଦେଉଥିବା ଭଳି ମନେହେଉନାହିଁ। ତେଣୁ ପୂର୍ବାପେକ୍ଷା ଏବେ ନିର୍ବାଚନୀ ସଂସ୍କାର ଅଧିକ ଜରୁରୀ ହୋଇପଡ଼ିଛି। ନିର୍ବାଚନୀ ସଂସ୍କାର ପାଇଁ ଦଳଗୁଡ଼ିକ ଗମ୍ଭୀର ଥିଲେ ସେମାନଙ୍କ ଇସ୍ତାହାରରେ ସେନେଇ ସ୍ଥାନିତ କରିଥାନ୍ତେ ବୋଲି କ୍ରିଷ୍ଣାମୂର୍ତ୍ତି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## କାର୍ତ୍ତିଙ୍କୁ ବିଦେଶ ଯାତ୍ରା ଅନୁମତି



**ନୂଆଦିଲ୍ଲୀ,୭।୫(ପି.ଟି.):** ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ପୁଅ କାର୍ତ୍ତି ଚିଦାମ୍ବରମ୍‌ଙ୍କୁ ବିଦେଶ ଗସ୍ତ ପାଇଁ ମଙ୍ଗଳବାର ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। କାର୍ତ୍ତିଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏକାଧିକ ଆପରାଧିକ ମାମଲାର ତଦନ୍ତ କରୁଥିବାରୁ ତାଙ୍କର ବିଦେଶ ଯାତ୍ରା ଉପରେ ପୂର୍ବରୁ ରୋକେ। ଲଗାଯାଇଥିଲା। ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ତାଙ୍କୁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଛନ୍ତି। ଫଳରେ କାର୍ତ୍ତି ଚଳିତ ମାସରେ ଆମେରିକା, ଜର୍ମାନୀ ଓ ସ୍ପେନ୍ ଯାତ୍ରା କରିପାରିବେ।

## ହୋଟେଲରୁ ୬ ଇଭିଏମ୍ ଜବତ

**ମୁଜାଫରପୁର,୭।୫(ପି.ଟି.):** ବିହାରରେ ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ଶେଷହେବା ପରେ ମୁଜାଫରପୁରସ୍ଥିତ ଏକ ହୋଟେଲରେ ୬ଟି ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ରଖାଯାଇଥିବା ବିରୋଧୀ ମହାମେଣ୍ଟର ଅନେକ ସ୍ଥାନୀୟ ନେତା ଅଭିଯୋଗ ଆଣିବା ପରେ ସେଗୁଡ଼ିକୁ ଜବତ କରାଯାଇଛି। ସ୍ଥାନୀୟ ଏମ୍‌ପି ତଥା ଭାଜପା ପ୍ରାର୍ଥୀ ଅଜୟ ନିଷାଦଙ୍କ ସପକ୍ଷରେ ରିଗିଂ କରିବା ଲାଗି ପ୍ରଶାସନ ପକ୍ଷରୁ ଏଭଳି କରାଯାଇଥିବା ଆର୍‌ଜେଡି ପ୍ରାର୍ଥୀ ରାଜଭୂଷଣ ଚୌଧୁରୀ କହିଛନ୍ତି। ଏହାକୁ ନେଇ ନିର୍ବାଚନ କମିଶନ ସମ୍ପୃକ୍ତ ସେକ୍ଟର ମାଜିଷ୍ଟ୍ରେଟ ଅୱଧେଶ କୁମାରଙ୍କୁ ମଙ୍ଗଳବାର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଅନ୍ୟପକ୍ଷରେ ଆବଶ୍ୟକ ସ୍ଥଳେ ଇଭିଏମ୍ ବଦଳାଇବା ପାଇଁ ସେଗୁଡ଼ିକୁ ହୋଟେଲରେ ରଖାଯାଇଥିବା ଜିଲା ନିର୍ବାଚନ ଅଧିକାରୀ ଆଲୋକ ରଞ୍ଜନ ଘୋଷ ସ୍ପଷ୍ଟ କରିଛନ୍ତି।

# ବିକ୍ଷୋଭବେଳେ ୫୨ ମହିଳା ଅଟକ

**ସିଜେଆଇଙ୍କୁ କ୍ଲିନ୍‌ଚିଟ୍**

- ସୁପ୍ରିମକୋର୍ଟ ସମ୍ମୁଖରେ ପ୍ରତିବାଦ କଲେ ମହିଳା ଆଇନଜୀବୀ, କର୍ମୀ

ନୂଆଦିଲ୍ଲୀ,୭।୫(ପି.ଟି.)

ଯୌନ ଶୋଷଣ ଅଭିଯୋଗ ମାମଲାରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କୁ ଇନ୍-ହାଉସ କମିଟି କ୍ଲିନ୍‌ଚିଟ୍ ଦେବା ପ୍ରତିବାଦରେ ମଙ୍ଗଳବାରେ ସୁପ୍ରିମକୋର୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିଜେଆଇଙ୍କ ବିରୋଧରେ ଯୌନ ନିର୍ଯାତନା ମାମଲା ପରିଚାଳନାରେ ଯେଉଁ ପଦ୍ଧତି ଅବଲମ୍ବନ କରାଗଲା ତାହାକୁ ବିରୋଧକରି ମହିଳା ଆଇନଜୀବୀ ସାମାଜିକ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୫୫ ଜଣଙ୍କୁ ପୋଲିସ ଅଟକ ରଖିଛି।

ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀ ଗତମାସରେ ସିଜେଆଇଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଥିଲେ। ଏହାର ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ଇନ୍-ହାଉସ ତଦନ୍ତ କମିଟି ଅଭିଯୋଗର ଅନୁଧ୍ୟାନ କରି ଏହା ଭିତ୍ତିହୀନ ବୋଲି କହିବା ସହ ଜଷ୍ଟିସ୍ ଗୋଗୋଇଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲା। ଏହାର ପ୍ରତିବାଦରେ ମହିଳା ଆଇନଜୀବୀ ଓ ସମାଜକର୍ମୀ ସୁପ୍ରିମକୋର୍ଟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୩ ପୁରୁଷ ଏବଂ ୫୨ ମହିଳା ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇ ମନ୍ଦିରମାର୍ଗ ଥାନାକୁ ନିଆଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଜଷ୍ଟିସ ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଇନ୍ଦୁ ମାଲହୋତ୍ରା ଏବଂ ଇନ୍ଦିରା ବାନାର୍ଜୀଙ୍କୁ ନେଇ ଗଠିତ ତଦନ୍ତ କମିଟିରୁ ଅଭିଯୋଗକାରିଣୀ ମହିଳା ଓହରିଯିବାରୁ କମିଟି ଏକତରଫା ନିଷ୍ପତ୍ତି ଗ୍ରହଣ କରିଥିଲେ। ତାଙ୍କ ପ୍ରତି ଅନ୍ୟାୟ ହୋଇଥିବା ଅଭିଯୋଗକାରିଣୀ କହିଥିଲେ।





ସୁପ୍ରିମକୋର୍ଟ ବାହାରେ ବିକ୍ଷୋଭରତ ମହିଳା ଆଇନଜୀବୀ ଓ କର୍ମୀ।

## ତଦନ୍ତ ରିପୋର୍ଟ କପି ମାଗିଲେ ମହିଳା

ସିଜେଆଇଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଥିବା ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀ ମଙ୍ଗଳବାର ଇନ୍‌ହାଉସ୍ ତଦନ୍ତ କମିଟି ରିପୋର୍ଟର କପି ମାଗିଛନ୍ତି। ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ କମିଟି ସିଜେଆଇଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲା। ଅଭିଯୋଗକାରିଣୀ ଉକ୍ତ କମିଟି ଆଗରେ ୩ଦିନ ହାଜର ହେବା ପରେ ଏପ୍ରିଲ ୩୦ରେ ତଦନ୍ତ ପ୍ରକ୍ରିୟାରୁ ଓହରିଯାଇଥିଲେ। ତଦନ୍ତ କମିଟିର କାର୍ଯ୍ୟରେ ସ୍ୱଚ୍ଛତା ନ ଥିବା ସେ ଜଷ୍ଟିସ୍ ବୋବ୍‌ଡେଙ୍କୁ ପତ୍ର ଲେଖି ଜଣାଇବା ସହ ତାଙ୍କୁ ନିର୍ଦ୍ଦେଶନାମା କପି ନ ମିଳିବା ବିଚାର ବ୍ୟବସ୍ଥା ନିୟମାବଳୀର ଉଲ୍ଲଂଘନ ବୋଲି କହିଛନ୍ତି।

## 'ସାର୍ବଜନୀନ ହେଉ ଇନ୍-ହାଉସ୍ କମିଟି ରିପୋର୍ଟ'

ନୂଆଦିଲ୍ଲୀ,୭।୫(ପି.ଟି.)



ଶ୍ରୀଧର ଆଚାର୍ଯ୍ୟଲୁ

ସୁପ୍ରିମକୋର୍ଟଙ୍କ ଇନ୍-ହାଉସ୍ ତଦନ୍ତ କମିଟି ରିପୋର୍ଟ ସର୍ବସାଧାରଣରେ ପ୍ରକାଶ କରାଯିବା ସପକ୍ଷରେ ମତ ରଖିଛନ୍ତି ପୂର୍ବତନ ସୂଚନା କମିଶନର ଶ୍ରୀଧର ଆଚାର୍ଯ୍ୟଲୁ। ସିଜେଆଇଙ୍କ ବିରୋଧରେ ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀ ଆଣିଥିବା ଅଭିଯୋଗ ଭିତ୍ତିହୀନ ବୋଲି କମିଟି ରିପୋର୍ଟ ଦେଇଥିଲେ। ତେବେ ଉକ୍ତ ତଦନ୍ତ ରିପୋର୍ଟକୁ ସାର୍ବଜନୀନ ନ କରିବା ନିଷ୍ପତ୍ତି ପଛରେ କୌଣସି କାରଣ କିମ୍ବା ଆଇନଗତ ଭିତ୍ତି ନାହିଁ ବୋଲି ପୂର୍ବତନ ସୂଚନା କମିଶନର କହିଛନ୍ତି। ସିଜେଆଇଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଅଣାଯିବା ପଛରେ ବଡ଼ ଷଡ଼ଯନ୍ତ୍ର ରହିଥିବା ଜଷ୍ଟିସ୍ ଗୋଗୋଇ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ କହିଥିଲେ। ଏ ସମ୍ପର୍କରେ ଜାଣିବା ଜନସାଧାରଣଙ୍କ ଅଧିକାର ହୋଇଥିବାରୁ ରିପୋର୍ଟ ସାର୍ବଜନୀନ ହେବା ଆବଶ୍ୟକ ବୋଲି ଆଚାର୍ଯ୍ୟଲୁ କହିଛନ୍ତି। ତେବେ ୨୦୦୩ରେ ଇନ୍ଦିରା ଜୟସିଂ ବନାମ୍ ସୁପ୍ରିମକୋର୍ଟ ମାମଲା ରାୟର ଉଦାହରଣ ଦେଇ ଇନ୍‌ହାଉସ କମିଟି ରିପୋର୍ଟ ସାର୍ବଜନୀନ ନ କରିବାକୁ ସର୍ବୋଚ୍ଚ ଅଦାଲତର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ଇନ୍ଦିରା ଜୟସିଂ ରାୟ ଅନୁଯାୟୀ ମହୀଶୂର ଘଟଣାର ତଦନ୍ତ ଅଣାନୁଷ୍ଠାନିକ। ସହକର୍ମୀ ବିଚାରପତିମାନଙ୍କଠାରୁ କେତେକ ତଥ୍ୟ ସଂଗ୍ରହ କରିବା ଏହାର ଉଦ୍ଦେଶ୍ୟ ଥିଲା। କିନ୍ତୁ ସିଜେଆଇଙ୍କ ମାମଲା ତାହା ନୁହେଁ ବୋଲି ପୂର୍ବତନ ସୂଚନା କମିଶନର କହିଛନ୍ତି।

# ୫ ଭାରତୀୟ ନାବିକ ଅପହୃତ

ନୂଆଦିଲ୍ଲୀ,୭।୫(ପି.ଟି.)

ନାଇଜେରିଆରେ ୫ ଭାରତୀୟ ନାବିକଙ୍କୁ ଜଳଦସ୍ୟୁମାନେ ଅପହରଣ କରିନେଇଛନ୍ତି। ସେମାନଙ୍କ ସୁରକ୍ଷା ଓ ମୁକ୍ତିଲାଗି ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ନାଇଜେରିଆରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ପଦକ୍ଷେପ ନେବାଲାଗି କହିଛନ୍ତି। ନାଇଜେରିଆ ସରକାରଙ୍କ ସହ ଏନେଇ ଆଲୋଚନା କରି ଭାରତୀୟ ନାବିକଙ୍କ ମୁକ୍ତି ପଥକୁ ସୁଗମ କରାଇବା ଲାଗି ସ୍ୱରାଜ କହିଛନ୍ତି। ନାଇଜେରିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଅଭୟ ଠାକୁରଙ୍କୁ ଏସମ୍ପର୍କିତ ରିପୋର୍ଟ ଦେବାଲାଗି ମଧ୍ୟ ସ୍ୱରାଜ ନିର୍ଦ୍ଦେଶ ଦେଇଥିବା ଟୁଇଟ୍ କରି କହିଛନ୍ତି।

# ସିରିଆରେ ସଂଘର୍ଷ: ୪୩ ନିହତ

ବେରୁଟ୍,୭।୫(ପି.ଟି.)

ସିରିଆର ଉତ୍ତର-ପଶ୍ଚିମାଞ୍ଚଳରେ ସୁରକ୍ଷା କର୍ମୀ ଓ ଜେହାଦୀଙ୍କ ମଧ୍ୟରେ ସଂଘର୍ଷ ହେବାରୁ ୪୩ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ହମା ପ୍ରଦେଶରେ ୨୨ ସୁରକ୍ଷା କର୍ମୀ ପ୍ରାଣ ହରାଇଥିବା ସିରିଆ ମାନବାଧିକାର ସର୍ବେକ୍ଷଣ ରିପୋର୍ଟରେ ଦର୍ଶାଯାଇଛି। ସେପଟେ ସିରିଆ ଶାଖାର ପୂର୍ବତନ ଅଲ୍ କାଏଦା ସଦସ୍ୟ ହାୟତ୍ ତହରିର୍‌ଅଲ୍-ଶାମ୍, ତୁର୍କମେନିସ୍ତାନ ଇସ୍‌ଲାମିକ୍ ପାର୍ଟି ସଦସ୍ୟଙ୍କ ସହ ୨୧ ଜେହାଦୀ ମଧ୍ୟ ସଂଘର୍ଷରେ ପ୍ରାଣ ହରାଇଛନ୍ତି। ଉତ୍ତର ହମା ଓ ଇଡ୍‌ଲିବ୍‌ରେ ଥିବା ଆତଙ୍କବାଦୀଙ୍କ ଆଡ୍ଡା ଉପରେ ସିରିଆ ସେନା ପକ୍ଷରୁ ଚଢାଉ କରାଯିବାରୁ ସଂଘର୍ଷର ସୂତ୍ରପାତ ହୋଇଥିଲା। ରୁଷିଆ ସହଯୋଗରେ ସିରିଆ ସେନା ସେଠାରେ ସେଲିଂ ଓ ଏୟାର ଷ୍ଟ୍ରାଇକ୍ କରିବା ଦ୍ୱାରା ଅଞ୍ଚଳଟି ଛାରଖାର ହେବା ସହ ୫ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବା ମଧ୍ୟ କୁହାଯାଇଛି।

# ଦୁଇ ସାମ୍ବାଦିକଙ୍କୁ ମୁକ୍ତକଲା ମ୍ୟାନ୍‌ମାର

ୟଙ୍ଗୋନ/ଜେନିଭା, ୭।୫(ପି.ଟି.)

ମ୍ୟାନ୍‌ମାରରେ ରୋହିଙ୍ଗ୍ୟା ସମସ୍ୟାକୁ ନେଇ ରିପୋର୍ଟିଂ କରୁଥିବା ରଏଟର୍ସର ଦୁଇ ସାମ୍ବାଦିକଙ୍କୁ ଅଫିସିଆଲ୍ ସିକ୍ରେଟ ଆକ୍ଟର ଉଲ୍ଲଂଘନ ଅଭିଯୋଗରେ ଜେଲ ପଠାଇ ଦିଆଯାଇ ଥିଲାବେଳେ ସେମାନଙ୍କୁ ମଙ୍ଗଳବାର ମୁକ୍ତ କରାଯାଇଛି। ମୁକ୍ତି ଲାଗି ବିଶ୍ୱବ୍ୟାପୀ ଅପିଲ କରାଯିବା ପରେ ରାଷ୍ଟ୍ରପତି ସେମାନଙ୍କୁ ରାଜକ୍ଷମା ପ୍ରଦାନ କରିଛନ୍ତି। ଦୁଇ ସାମ୍ବାଦିକ ୱା ଲୋନ୍ (୩୩) ଏବଂ କ୍ୟାଓ ସୋଇ ଓ ୟଙ୍ଗୋନସ୍ଥିତ ଜେଲରେ ଥିଲେ। ୨୦୧୭ ଡିସେମ୍ବରରେ ସେମାନଙ୍କୁ ଗିରଫ କରାଯାଇଥିଲା। ଏବେ ସେମାନଙ୍କ ମୁକ୍ତି ପରେ ରଏଟର୍ସର ଏଡିଟର୍-ଇନ୍-ଚିଫ୍ ଷ୍ଟିଫେନ୍ ଅଡ୍‌ଲର୍ ମ୍ୟାନ୍‌ମାର କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି। ଜାତିସଂଘ ପକ୍ଷରୁ ମଧ୍ୟ ଦୁଇ ସାମ୍ବାଦିକଙ୍କ ମୁକ୍ତିକୁ ସ୍ୱାଗତ କରାଯାଇଛି।



**ୟୁଏନ୍‌ଏସ୍‌ସିରେ ସ୍ଥାୟୀ ସଦସ୍ୟତା**

# ଭାରତ ସପକ୍ଷରେ ଫ୍ରାନ୍ସ

ଜାତିସଂଘ,୭।୫(ପି.ଟି.)

ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟତା ସପକ୍ଷରେ ଫ୍ରାନ୍ସ ମତ ଦେଇଛି। ଜାତିସଂଘ ସୁରକ୍ଷା ପରିଷଦ( ୟୁଏନ୍‌ଏସ୍‌ସି) ର ସଂସ୍କାର ଓ ସମ୍ପ୍ରସାରଣ କ୍ଷେତ୍ରରେ ଭାରତ, ଜର୍ମାନୀ, ବ୍ରାଜିଲ ଓ ଜାପାନ ଦୃଢ଼ ଦାବିଦାର ବୋଲି ଜାତିସଂଘରେ ଅବସ୍ଥାପିତ ଫ୍ରାନ୍ସ ରାଷ୍ଟ୍ରଦୂତ ଫ୍ରାଙ୍କୋଇଜ୍ ଡେଲାଟ୍ରେ ପ୍ରକାଶ କରିଛନ୍ତି। କେତେକ ପ୍ରମୁଖ ସଦସ୍ୟ ରାଷ୍ଟ୍ରଙ୍କୁ ଜାତିସଂଘ ସୁରକ୍ଷା ପରିଷଦ ସମ୍ପ୍ରସାରଣ ବେଳେ ସ୍ଥାୟୀ ସଦସ୍ୟଭାବେ ସାମିଲ କରିବାକୁ ପ୍ୟାରିସ୍ ଅଗ୍ରାଧିକାର ଦେବ ବୋଲି ସେ କହିଛନ୍ତି।

# ସୀମା ଜଗିବ ଟି-୯୦ ଯୁଦ୍ଧ ଟ୍ୟାଙ୍କ

ନୂଆଦିଲ୍ଲୀ,୭।୫

ଭାରତୀୟ ସେନାର ଆଧୁନିକୀକରଣ ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ୪୬୪ ଟି-୯୦ ଭୀଷ୍ମ ଯୁଦ୍ଧ ଟ୍ୟାଙ୍କ ଅଣାଯିବ। ୨୦୨୨-୨୦୨୫ ମଧ୍ୟରେ ରୁଷିଆ ଏହାକୁ ୧୩,୪୪୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରିବ। ଏଗୁଡ଼ିକ ଅର୍ଡନାନ୍ସ ଫ୍ୟାକ୍ଟ୍ରି ବୋର୍ଡ ଅଧୀନ ଅଭାଦି ହେଭି ଭେହିକିଲ୍ ଫ୍ୟାକ୍ଟ୍ରି (ଏଚ୍‌ଭିଏଫ୍)ରେ ପ୍ରସ୍ତୁତ କରାଯିବ। ପୂର୍ବରୁ ରୁଷିଆଠାରୁ ୧,୬୫୪ଟି ଟ୍ୟାଙ୍କ ଅଣାଯାଇଥିବାବେଳେ ଏବେ ଅତିରିକ୍ତ ୪୬୪ ଯୁଦ୍ଧ ଟ୍ୟାଙ୍କ ଆଣିବା ପାଇଁ ନିଷ୍ପତ୍ତି ହୋଇଛି। ୨୦୦୬-୦୭ରେ ଏଚ୍‌ଭିଏଫ୍ ୨୦୨୦ ସୁଦ୍ଧା ରୁଷିଆରୁ ୧,୦୦୦ ଟି-୯୦ଏସ୍ ଯୁଦ୍ଧ ଟ୍ୟାଙ୍କ ସକାଶେ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ମାତ୍ର ଅଦ୍ୟାବଧି ୩୫୦-୪୦୦ ଟି-୯୦ଏସ୍ ଟ୍ୟାଙ୍କ ଯୋଗାଣ ହୋଇପାରିଛି। ୧,୦୭୦ ଟି-୯୦ ଏବଂ ୨,୪୦୦ ଟି-୭୨ ଟ୍ୟାଙ୍କ ବ୍ୟତୀତ ରୁଷିଆଠାରୁ ଭାରତୀୟ ସେନା ୧୨୪ ଅର୍ଜୁନ ଟ୍ୟାଙ୍କ ନିଜ ୬୭ଟି ଅସ୍ତ୍ର ଗୋଦାମକୁ ଆଣିଛି। ସଦ୍ୟ ଅଧିଗ୍ରହଣ ଭାରତ-ପାକିସ୍ତାନ ସୀମାରେ ସେନାର ଯୁଦ୍ଧକ୍ଷମତା ବୃଦ୍ଧି କରିବାରେ ସହାୟକ ହେବ ବୋଲି କୁହାଯାଉଛି। ଏସମ୍ପର୍କିତ ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରଣାଳୟର ଅନୁମୋଦନ ମିଳିଛି।





ଉତ୍ତର ମାସେଡୋନିଆର ସ୍କୋପ୍‌ଜେସ୍ଥିତ ମଦର ଟେରେସାଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ପ୍ରାର୍ଥନା କରୁଛନ୍ତି ପୋପ୍ ଫ୍ରାନ୍ସିସ୍।

# ସ୍ୱାମୀ ଆଗରେ ସ୍ତ୍ରୀଙ୍କୁ ଗଣବଳାତ୍କାର

ଜୟପୁର,୭।୫(ପି.ଟି.)

ରାଜସ୍ଥାନର ଅଲୱାର ଜିଲାରେ ଜଣେ ବିବାହିତା ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ସ୍ୱାମୀଙ୍କ ଆଗରେ ୫ ଜଣ ଯୁବକ ଉକ୍ତ ମହିଳାଙ୍କୁ ଗଣବଳାତ୍କାର କରିବା ସହ ଏ ସମ୍ପର୍କିତ ଫିଲ୍ମ ସୁଟ୍‌କରି ସୋସିଆଲ ମିଡ଼ିଆରେ ଅପ୍‌ଲୋଡ କରିଥିବା ପୋଲିସ କହିଛି। ଏପ୍ରିଲ ୨୬ରେ ସ୍ୱାମୀଙ୍କ ବାଇକ୍‌ରେ ବସି ମହିଳା ଜଣକ ଯାଉଥିଲାବେଳେ ଥାନାଗାଜି-ଅଲୱାର ବାଇପାସ୍‌ଠାରେ ଅଭିଯୁକ୍ତମାନେ ସେମାନଙ୍କୁ ଅଟକାଇ ଏକ ନିଛାଟିଆ ଜାଗାକୁ ଟାଣି ନେଇଥିଲେ। ସ୍ୱାମୀଙ୍କୁ ଧମକ ଦେବା ସହ ମହିଳାଙ୍କୁ ଗଣବଳାତ୍କାର କରିଥିବା ପୋଲିସ ସୂତ୍ରରୁ ପ୍ରକାଶ। ମେ ୨ ତାରିଖରେ ଥାନାରେ ମାମଲା ରୁଜୁ କରାଯିବା ପରେ ପୋଲିସ ଦୁଇ ଅଭିଯୁକ୍ତ ଛୋଟେଲାଲ୍ ଓ ଅଶୋକଙ୍କୁ ଚିହ୍ନଟ କରିଥିବା ଜଣାପଡ଼ିଛି।

# ରିଭ୍ୟୁ ପିଟିଶନ ଖାରଜ

ନୂଆଦିଲ୍ଲୀ,୭।୫(ପି.ଟି.)



**ଭିଭିପିଏଟି ସ୍ଲିପ୍ ଯାଞ୍ଚ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ୨୧ ଦଳ**

ଇଭିଏମ୍ ସହ ଭିଭିପିଏଟି ସ୍ଲିପ୍ ଯାଞ୍ଚ ମାମଲାରେ ୨୧ ବିରୋଧୀ ଦଳ ନେତାଙ୍କ ପକ୍ଷରୁ ଦାଏର ରିଭ୍ୟୁ ପିଟିଶନକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀରୁ ୫ଟି ବୁଥ୍‌ର ଭିଭିପିଏଟି ସ୍ଲିପ୍ ଯାଞ୍ଚ କରିବା ଲାଗି ସୁପ୍ରିମକୋର୍ଟ ଗତମାସ ୮ରେ ନିର୍ବାଚନ କମିଶନ (ଇସି)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାର ସମୀକ୍ଷା ପାଇଁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱରେ ୨୧ ବିରୋଧୀ ନେତାଙ୍କ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଆବେଦନ କରାଯାଇଥିଲା। ରାୟରେ ପରିବର୍ତ୍ତନ କରିବାକୁ ଆମେ ଚାହୁଁନାହୁଁ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କହିଛନ୍ତି।

ଇଭିଏମ୍ ସହ ଭିଭିପିଏଟି ସ୍ଲିପ୍ ଯାଞ୍ଚ ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗୋଟିଏ ବୁଥ୍‌ରୁ ୫ଟି ବୁଥ୍‌କୁ ବଢ଼ାଇବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ହେଁ ବିରୋଧୀ ନେତାମାନେ ଅନ୍ୟୁନ ୨୫ ପ୍ରତିଶତ ବୁଥ୍‌ରେ ଭିଭିପିଏଟି ଯାଞ୍ଚ ହେବା ଚାହାନ୍ତି ବୋଲି ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏ.ଏମ୍. ସିଙ୍ଘଭି ଖଣ୍ଡପୀଠଙ୍କୁ କହିଥିଲେ। ଖଣ୍ଡପୀଠରେ ଜଷ୍ଟିସ୍ ଦୀପକ ଗୁପ୍ତା ଏବଂ ସଞ୍ଜୀବ ଖାନ୍ନା ରହିଛନ୍ତି। ପୂର୍ବରୁ ବିରୋଧୀ ନେତାମାନେ ୫୦ ପ୍ରତିଶତ ଭିଭିପିଏଟି ଯାଞ୍ଚ ପାଇଁ ଦାବି କରିଥିବାବେଳେ ସୁପ୍ରିମକୋର୍ଟ ତାହାକୁ ଅଗ୍ରାହ୍ୟ କରିଦେଇଥିଲେ।







# ଫନୀ ବଦଳାଇଦେଲା ବ୍ରହ୍ମଗିରି ଦୃଶ୍ୟପଟ

**ସ୍ୱାଧୀନ ଚମ୍ପତିରାୟ**
**ବ୍ରହ୍ମଗିରି, ୭।୫(ଡି.ଏନ୍.ଏ.)**

ପ୍ରଳୟ ରୂପରେ ଆସିଥିଲା ସାମୁଦ୍ରିକ ଝଡ଼ ଫନୀ। ଛାଡ଼ିଦେଇଯାଇଛି ଦୁର୍ଦ୍ଦଶା। ବଦଳାଇ ଦେଇଛି ବ୍ରହ୍ମଗିରି ଦୃଶ୍ୟପଟ। ଏହା ସହ ଦୋହଲାଇ ଦେଇଛି ଅର୍ଥନୀତି। ସମଗ୍ର ବ୍ରହ୍ମଗିରିକୁ ୨୦ବର୍ଷ ପଛକୁ ଠେଲିଦେଇଛି। ଯେଉଁଠି ଦେଖିବ ଫନୀର ସର୍ବଗ୍ରାସୀ ଫଣାରେ ଜର୍ଜରିତ ମଣିଷ କେବଳ ବଞ୍ଚିବା ପାଇଁ ସଂଗ୍ରାମ ଚଳାଇଛି। ଫନୀର ତାଣ୍ଡବରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କିନ୍ତୁ ପହଞ୍ଚିନି ସରକାରୀ ସହାୟତା। ମୁଣ୍ଡଗୁଞ୍ଜିବା ପାଇଁ ବାସଗୃହ ନ ଥିବାବେଳେ ଧୁଧୁ ଖରା ସାଙ୍ଗକୁ ତୁହାକୁ ତୁହାକୁ ବର୍ଷା ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଏବେ ବି ବିପନ୍ନମାନେ ଖୋଲା ଆକାଶତଳେ ପଡ଼ିରହିଛନ୍ତି।



## ଧ୍ୱଂସ୍ତ ବିଧ୍ୱସ୍ତ ପର୍ଯ୍ୟଟନସ୍ଥଳୀ

ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଚିଲିକାର ସାତପଡ଼ା ଓ ବ୍ରହ୍ମଗିରି ଅଲାରନାଥ ପୀଠର ସ୍ୱତନ୍ତ୍ରତା ରହିଛି। ବାତ୍ୟାର ତାଣ୍ଡବରେ ପର୍ଯ୍ୟଟନସ୍ଥଳୀସବୁ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ଭାଙ୍ଗିଯାଇଛି ଚିଲିକା କୂଳରେ ଥିବା ନୌବିହାର କେନ୍ଦ୍ର ଓ ଭାସିଯାଇଛି ଡଙ୍ଗା। ଚିଲିକା ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭର କରି ରହିଥିବା ୩ହଜାର ପରିବାର ଜୀବିକା ହରାଇଛନ୍ତି।

## ଦୋହଲିଯାଇଛି ଅର୍ଥନୀତି

ବ୍ରହ୍ମଗିରି ଅଞ୍ଚଳର ମୁଖ୍ୟ ଅର୍ଥକରୀ ଫସଲ ହେଲା କାଜୁ, ନଡ଼ିଆ ଓ ଧାନ। ମାଛ ଚାଷ ଓ ଝାଉଁ ବଗିଚାରୁ ମଧ୍ୟ ସ୍ଥାନୀୟ ଲୋକେ ଅର୍ଥ ରୋଜଗାର କରିଥାନ୍ତି। ବ୍ରହ୍ମଗିରି ଅଞ୍ଚଳରେ ରହିଛି ୫୦ହଜାର ବର୍ଗ କି.ମି.ର ସରକାରୀ ଓ ବେସରକାରୀ ଜଙ୍ଗଲ। ଏହା ଉପରେ ନିର୍ଭର କରି ସ୍ଥାନୀୟ ଲୋକେ ଜୀବିକା ନିର୍ଭର କରନ୍ତି। ଫନୀର ତାଣ୍ଡବରେ ଜଙ୍ଗଲଗୁଡ଼ିକ ଏବେ ଧରାଶାୟୀ ହୋଇପଡ଼ିଛି। ଏହା ପୂର୍ବରୁ ଏହି ଅଞ୍ଚଳରେ ଫାଇଲିନ୍ ଓ ହୁଦ୍‌ହୁଦର ପ୍ରଭାବ ପଡ଼ିଥିଲେ ମଧ୍ୟ ବିଶେଷ କ୍ଷତିଗ୍ରସ୍ତ ହୋଇ ନ ଥିଲା। କିନ୍ତୁ ଏହି ବାତ୍ୟା ସବୁକିଛି ଶେଷ କରିଦେଇଛି। ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇ ଚାଷୀର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଉପକୂଳ ଅଞ୍ଚଳରେ ଥିବା ସମସ୍ତ ନଡିଆଗଛ ଏବେ ଧରାଶାୟୀ। ବାତ୍ୟା କବଳରୁ ଯେଉଁ କେତୋଟି ଗଛ ବଞ୍ଚିରହିଛି ଏଥିରେ ଫଳ ଧରିବା ପାଇଁ ଅତିକମ୍‌ରେ ୫ରୁ ୭ବର୍ଷ ସମୟ ଲାଗିବ। ଅର୍ଥନୀତି ବିଗିଡି ଯିବା ପରେ ଏଠାକାର ସ୍ଥାନୀୟ ବାସିନ୍ଦା ଦାଦନ ଖଟିଯିବା ପାଇଁ ଭାବିଲେଣି।

## ଜୀବିକା ହରାଇଛନ୍ତି ମତ୍ସ୍ୟଜୀବୀ

ଚିଲିକା କୂଳରେ ରହିଛି ୧୦ରୁ ଅଧିକ ମତ୍ସ୍ୟଜୀବୀ ଗାଁ। ଫନୀ ପ୍ରଭାବରେ ସେମାନେ ନିଜର ଜୀବିକା ହରାଇଛନ୍ତି। ବାତ୍ୟା ଯୋଗୁ ସେମାନଙ୍କର ଡଙ୍ଗା ଓ ଜାଲ ଭାସିଯାଇଛି। ଏହି କ୍ଷତିଗ୍ରସ୍ତଙ୍କ ପାଖରେ ପହଞ୍ଚିନାହିଁ କୌଣସି ସରକାରୀ ସାହାଯ୍ୟ। ଫଳରେ ସେମାନେ ଦୁର୍ଦ୍ଦିନରେ ଜୀବନ କାଟିବାକୁ ବାଧ୍ୟ ହେଉଛନ୍ତି।

# ୨୮୦ ଅଙ୍କ ଛୁଇଁବା ଭାଜପା ପାଇଁ କଷ୍ଟକର: ଶିବସେନା

**ମୁମ୍ବାଇ,୭।୫(ପି.ଟି.):** ଲୋକ ସଭା ନିର୍ବାଚନରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିବା ଭାଜପା ପାଇଁ ସହଜ ହେବନାହିଁ। ତେଣୁ କେନ୍ଦ୍ରରେ ସରକାର ଗଠନ ଲାଗି ଏହି ଦଳ ସହଯୋଗୀମାନଙ୍କ ଉପରେ ନିର୍ଭର କରିବ ବୋଲି ବରିଷ୍ଠ ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି। ୨୦୧୪ ଭଳି ଏଥର ନିର୍ବାଚନରେ ଭାଜପା ୨୮୦ ଆସନ ଛୁଇଁବା କଷ୍ଟକର ହୋଇପଡିବ। ଭାଜପା ନେତା ରାମମାଧବଙ୍କ କହିବା ଅନୁଯାୟୀ ଏନ୍‌ଡିଏ ପରବର୍ତ୍ତୀ ସରକାର ଗଠନ କରିବ। ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ହେବ। ରାମମାଧବଙ୍କ ଉପରୋକ୍ତ ସୂଚନାକୁ ରାଉତ୍ ସମର୍ଥନ କରିଛନ୍ତି। ତେବେ ଏନ୍‌ଡିଏ ପରିବାର ସଂଖ୍ୟାଗରିଷ୍ଠତା ହାସଲ କରିପାରିବ ବୋଲି ସହଯୋଗୀ ଦଳ ଶିବସେନାର ନେତା ସୂଚନା ଦେଇଛନ୍ତି।







For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍‌ଡ ଡିଲର: ଅନୁଗୁଳ:** ପାର୍ବତୀ ହୀରୋ - 7799766342. **ଢେଙ୍କାନାଳ :** ସୋମ ହୀରୋ - 7799766347. **କେନ୍ଦୁଝର:** ସୁପ୍ରିମ ହୀରୋ - 7799766360. **ତାଳଚେର:** ତାରିଣୀ ହୀରୋ - 7799766374.

**ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବଡ଼ବିଲ:** ହୁଇଲ୍‌ସ ମୋଟର୍ସ - 276304. **ଛେଣ୍ଡିପଦା :** ତାରା ମୋଟର୍ସ - 9437031859. **ଢେଙ୍କାନାଳ:** ଏଲିଗାଣ୍ଟ ଅଟୋମୋବାଇଲ୍‌ସ - 226260. **କାମାକ୍ଷାନଗର:** ରିଲାଏବୁ ଅଟୋମୋବାଇଲ୍‌ସ - 270394.

## ଜନ୍ମଦିନର ଶୁଭେଚ୍ଛା


ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ନିଶି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ‘ସ୍ୱଚ୍ଛତା ଲାଗି ଲଢ଼େଇ ଜାରି ରହିବ’



**ନୂଆଦିଲ୍ଲୀ,୭ା୫(ପି.ଟି.):** ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଲାଗି ଲଢ଼େଇ ଜାରି ରହିବ ବୋଲି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏପ୍ରିଲ ୮ ତାରିଖ ରାୟର ସମୀକ୍ଷା ପାଇଁ ଚନ୍ଦ୍ରବାବୁଙ୍କ ନେତୃତ୍ୱରେ ନ୍ୟାଶନାଲ୍ କନ୍‌ଫରେନ୍ସ ମୁଖ୍ୟ ଫାରୁକ ଅବଦୁଲ୍ଲା, ସିପିଆଇ ନେତା ଡି. ରାଜା, କଂଗ୍ରେସ ନେତା ଅଭିଷେକ୍ ମନୁ ସିଙ୍ଘଭିଙ୍କ ସମେତ ୨୧ ବିରୋଧୀ ଦଳ ନେତାଙ୍କ ପକ୍ଷରୁ ହୋଇଥିବା ଆବେଦନକୁ ମଙ୍ଗଳବାର କୋର୍ଟ ଖାରଜ କରିଦେଇଛନ୍ତି।

## ‘ଜୱାନି ଜାନେମନ୍’ରେ ଅଭିନୟ କରିବେ ତବୁ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତବୁ ଫ୍ୟାମିଲି କମେଡି ‘ଜୱାନି ଜାନେମନ୍’ରେ ଅଭିନୟ କରିବାକୁ ଯାଉଛନ୍ତି। ଏଥିରେ ମଧ୍ୟ ସୈଫ ଅଲି ଖାନ୍ ଯୋଗ ଦେଉଥିବା ପ୍ରଯୋଜନା ସଂସ୍ଥା ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଉଭୟ କଳାକାର ଦୀର୍ଘ ୨୦ବର୍ଷ ବ୍ୟବଧାନ ପରେ ପୁଣିଥରେ ଏକାଠି ହେଉଛନ୍ତି। ଦୁହିଁଙ୍କର ଶେଷ ଫିଲ୍ମ ହେଉଛି ‘ହମ୍ ସାଥ୍ ସାଥ୍ ହେଁ’। ସେମାନେ ମଧ୍ୟ ‘ତୁ ଚୋର ମେଁ ସିପାହୀ’ (୧୯୯୬)ରେ କାର୍ଯ୍ୟ କରିଛନ୍ତି। ପୂଜା ଏଣ୍ଟରଟେନ୍‌ମେଣ୍ଟ ଓ ନର୍ଦର୍ନ ଲାଇଟ୍‌ସ ଫିଲ୍ମସ ସମେତ ସୈଫଙ୍କ ବ୍ଲାକ୍ ନାଇଟ୍ ଫିଲ୍ମସ ମଧ୍ୟ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ‘ଜୱାନି ଜାନେମନ୍’ ଏକ ହାସ୍ୟରସପୂର୍ଣ୍ଣ ଫିଲ୍ମ। ଜଣେ ବ୍ୟକ୍ତି କିପରି ଜୀବନର ନିଛକ ବାସ୍ତବତାକୁ ସମ୍ମୁଖୀନ କରେ ତାହାର ନିଖୁଣ ଚିତ୍ର ଏଥିରେ ପ୍ରତିଫଳିତ ହୋଇଛି।

ତବୁ ଜଣେ ଚତୁର ଅଭିନେତ୍ରୀ। ଏହି ହାସ୍ୟରସାତ୍ମକ ଫିଲ୍ମ ପାଇଁ ସେ ରାଜି ହୋଇଥିବାରୁ ସୈଫ ଅତ୍ୟନ୍ତ ଖୁସି ଥିବା ପ୍ରକାଶ କରିଛନ୍ତି। ଲଣ୍ଡନରେ ଏହାର ୪୫ ଦିନିଆ ଶୁଟିଂ ଆରମ୍ଭ ହେବ ଏବଂ ଆସନ୍ତା ମାସରେ ଏହା ରିଲିଜ ହେବା ଆଶା କରାଯାଏ।

# ଅନୁକୂଳ ହେଲା ଶ୍ରୀଜୀଉଙ୍କ ରଥ ନିର୍ମାଣ

**ପୁରୀ ଅଫିସ, ୭ା୫**

ଜୁଲାଇ ୪ତାରିଖରେ ରଥଯାତ୍ରା। ଏଥିପାଇଁ ପରମ୍ପରା ମୁତାବକ ମଙ୍ଗଳବାର ପବିତ୍ର ଅକ୍ଷୟତୃତୀୟାରେ ତିନିରଥ ନିର୍ମାଣ ଅନୁକୂଳ ହୋଇଛି। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସି ଶ୍ରୀନଅର ସମ୍ମୁଖରେ ବିଜେ ହେବା ପରେ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଥିଲା।

ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ଧୁଆଯାଇ ରଖାଯାଇଥିଲା। ଦେଉଳି ପୁରୋହିତ ଶ୍ରୋତ୍ରୀୟ ବ୍ରାହ୍ମଣ ଅପରାହ୍ନରେ ରଥଖଳାରେ ବନଯାଗର ସଂକ୍ଷିପ୍ତ ପଦ୍ଧତିରେ ରଥକାଠ ନୀତି ଅନୁକୂଳ କରିଥିଲେ। ଶ୍ରୀମନ୍ଦିରରୁ ବୈଷ୍ଣବାଗ୍ନୀ ଆଣି ହୋମରେ ଅଗ୍ନି ସ୍ଥାପନା କରାଯାଇଥିଲା। ନୃସିଂହ ମନ୍ତ୍ରରେ ଆହୁତି ଦିଆଯାଇଥିଲା। ଏହାପରେ ମା’ ଦକ୍ଷିଣ କାଳୀଙ୍କ ମନ୍ତ୍ରରେ ନୂତନ ଭାବେ ଅଣାଯାଇଥିବା ତିନୋଟି କୁରାଢ଼ିକୁ ଅଭିମନ୍ତ୍ରିତ କରି ପୂଜା କରାଯାଇଥିଲା।


ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ମହାରଣାମାନଙ୍କ ଦ୍ୱାରା ରଥକାଠ ଅନୁକୂଳ କରାଯାଉଛି।

ଅପରପକ୍ଷେ ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାଜନ ସେବକ ରାମକୃଷ୍ଣ ଦୁଇ ଦେବଙ୍କୁ ହାତରେ ବିଜେ କରାଇ ଆଣି ଝୁଲଣ ମଣ୍ଡପ ତଳେ ପାଲିଙ୍କିରେ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କୁ ମଣି ବିମାନରେ ବିଜେ କରାଯାଇଥିଲା। ତିନିଜଣ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ୩ଗୋଟା ଆଜ୍ଞାମାଳ ନେଇ ପାଲିଙ୍କି ଓ ବିମାନ ଆଗେ ଆଗେ ରଥଖଳାକୁ ଯାଇଥିଲେ। ବିମାନବଡ଼ୁ ସେବକମାନେ ପାଲିଙ୍କି ଓ ବିମାନରେ ଠାକୁରଙ୍କୁ ନେଇ ସିଂହଦ୍ୱାର ଦେଇ ବଡ଼ଦାଣ୍ଡକୁ ଓହ୍ଲାଇ ରଥଖଳାରେ ପହଞ୍ଚିଥିଲେ। ଠାକୁରଙ୍କ ପଛେ ପଛେ ବିମାନରେ ପଞ୍ଚ ମହାଦେବ (ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ମାର୍କଣ୍ଡେଶ୍ୱର, କପାଳମୋଚନ ଓ ଶ୍ରୀନୀଳକେଣ୍ଟେଶ୍ୱର) ଆସିଥିଲେ। ଏହାପରେ ତିନି ଠାକୁରଙ୍କ ତିନିଗୋଟା ଆଜ୍ଞାମାଳ ୩ଖଣ୍ଡ କାଠରେ ବିଜେ କରାଯାଇଥିଲା। ଦେଉଳ ପୁରୋହିତ ପୂଜା ହୋଇଥିବା କୁରାଢ଼ିରେ ସ୍ପର୍ଶ କରି ରଥ ନିର୍ମାଣର ଅନୁକୂଳ କରିଥିଲେ। ମୁଖ୍ୟ ଆଚାର୍ଯ୍ୟ ଭାବେ ଦେଉଳ ପୁରୋହିତ ପଦ୍ମନାଭ ମହାପାତ୍ର, ଚରୁହୋତା ଶଶାଙ୍କ ଶେଖର ମହାପାତ୍ର, ରାଜ ପ୍ରତିନିଧି ଦେବୀ ପ୍ରସାଦ ରାଜଗୁରୁ, ସମୀଧାଚାର୍ଯ୍ୟ ବିଶ୍ୱଜିତ ମହାପାତ୍ର, ବ୍ରହ୍ମାବରଣ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସ୍ୱସ୍ତିବାଚକ ଗୋପୀନାଥ ରଥ, ପ୍ରଚାରକ ଭାବେ ନୀଳାଦ୍ରି ବିହାରୀ ମିଶ୍ର କାର୍ଯ୍ୟ ସମ୍ପନ୍ନ କରିଥିଲେ। ଦେଉଳ ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର ଏବଂ ଦେବାଶିଷ ମହାପାତ୍ର ଉପସ୍ଥିତ ଥିଲେ।

ଏହି ଅବସରରେ ରଥ କାର୍ଯ୍ୟ ନିମନ୍ତେ ବିଶ୍ୱକର୍ମାମାନଙ୍କୁ ବରଣ କରାଯାଇଥିଲା। ତିନିବାଡ଼ର ବିଶ୍ୱକର୍ମା ନନ୍ଦିଘୋଷ ରଥର ବିଜୟ ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, ସନାତନ ମହାପାତ୍ର, ତାଳଧ୍ୱଜ ରଥର ନରସିଂହ ମହାପାତ୍ର, ରଘୁନାଥ ସୁବୁଦ୍ଧି, ଶ୍ୟାମ ସୁନ୍ଦର ମହାରଣା, ଦର୍ପଦଳନ ରଥର କୃଷ୍ଣଚନ୍ଦ୍ର ମହାରଣା, ସୁରେନ୍ଦ୍ର ମହାରଣା ଏବଂ ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଶାଢ଼ି ବନ୍ଧାଇଥିଲେ। ଏଥିସହ ୬ଜଣ ଭୋଇ ସେବକ ମଧ୍ୟ ଶାଢ଼ି ବନ୍ଧାଇଥିଲେ। ଶ୍ରୀମନ୍ଦିରରୁ ଆସିଥିବା ତିନି ଆଜ୍ଞାମାଳ ରଥକାଠରେ ଲାଗି ହେବା ପରେ ତିନିବାଡ଼ର ବିଶ୍ୱକର୍ମା ଏହି ଆଜ୍ଞାମାଳକୁ ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟ ଚର୍ଚ୍ଚିକା ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। ରଥ ନିର୍ମାଣ ଅନୁକୂଳ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ରାଜସ୍ୱ ପ୍ରଶାସକ ମଧୁସୂଦନ ଦାସଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ବହୁ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ଚନ୍ଦନ ଯାତ୍ରା ଆରମ୍ଭ

**ପୁରୀ ଅଫିସ, ୭ା୫**

ମଙ୍ଗଳବାର ପବିତ୍ର ଅକ୍ଷୟା ତୃତୀୟାଠାରୁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିଛନ୍ତି ଠାକୁର। ୨୧ଦିନ ପର୍ଯ୍ୟନ୍ତ ନରେନ୍ଦ୍ରରେ ଚାପ ଖେଳିବେ ମହାପ୍ରଭୁ।

ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ହାତରେ ବିଜେ କରାଇ ଆଣି ଝୁଲଣ ମଣ୍ଡପ ତଳେ ପାଲିଙ୍କିରେ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ମଣି ବିମାନରେ ବିଜେ କରାଇଥିଲେ। ବିମାନବଡ଼ୁ ସେବକମାନେ ଶ୍ରୀନଅର ସମ୍ମୁଖରେ ପହଞ୍ଚି ରଥ ନିର୍ମାଣ ଅନୁକୂଳ ପାଇଁ କିଛି ସମୟ ଅଟକିଥିଲେ। ରଥ ନିର୍ମାଣ ଅନୁକୂଳ ବିଧି ସମ୍ପନ୍ନ ହେବା ପରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମକୃଷ୍ଣ ଓ ପଞ୍ଚ ମହାଦେବ ଆଗପଛ ହୋଇ ଚନ୍ଦନ ଯାତ୍ରା ଲାଗି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଶୋଭାଯାତ୍ରାରେ ଯାଇଥିଲେ। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ଖାଇ ଆଗରେ ଚାଲିଥିଲେ ରାମକୃଷ୍ଣ। ରାମକୃଷ୍ଣଙ୍କ ପାଲିଙ୍କି ପଛରେ ଦୋହଲି ଦୋହଲି ମଣି ବିମାନରେ ଯାଉଥିଲେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ। ତାଙ୍କ ପଛରେ ଥିଲେ ପଞ୍ଚ ମହାଦେବ। ସମସ୍ତ ଦେବୀଦେବ ନରେନ୍ଦ୍ର ପୁଷ୍କରିଣୀରେ ପହଞ୍ଚିବା ପରେ ଭିତରଛ ମହାପାତ୍ର ଜଳଲାଗି କରିଥିଲେ। ପରେ ଠାକୁରମାନଙ୍କୁ ଚାପରେ ବିଜେ କରାଯାଇଥିଲା।

ନନ୍ଦା ଚାପରେ ରାମକୃଷ୍ଣ ଓ ପଞ୍ଚ ମହାଦେବ ବିଜେ ହୋଇଥିଲେ। ଭଦ୍ରା ଚାପରେ ମଦନ ମୋହନ, ଶ୍ରୀଦେବୀ, ଭୂଦେବୀ ବିଜେ କରିଥିଲେ। ବିଧି ଅନୁଯାୟୀ, ପ୍ରଥମେ ନନ୍ଦା ଚାପକୁ ରାମକୃଷ୍ଣ ଏବଂ ଭଦ୍ରା ଚାପକୁ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନ ବିଜେ ହେବା ପରେ ଦିନ ଚାପ ହୋଇଥିଲା। ନରେନ୍ଦ୍ର ପୁଷ୍କରିଣୀରେ ଘେରାଏ ବୁଲିବା ପରେ ଚନ୍ଦନ ଘର ନିକଟରେ ଚାପ ଲାଗିଥିଲା। ରାମକୃଷ୍ଣ ଦୁଇ ଦେବ ମଦନମୋହନଙ୍କ ଚାପକୁ ବିଜେ ହୋଇଥିଲେ। ଠାକୁରଙ୍କୁ ବନ୍ଦାପନା ଏବଂ ଚାମର ଆଲଟ କରାଯାଇଥିଲା। ପରେ ଜଗତି ଉପରକୁ ଠାକୁରଙ୍କୁ ବିଜେ କରାଯାଇ ଜଳଲାଗି କରାଯାଇଥିଲା। ଜଳ ଲାଗି ବଢ଼ିବା ପରେ ଠାକୁରଙ୍କୁ ଫୁଲରେ ବେଶ କରାଯାଇଥିଲା। ଏହାପରେ ଠାକୁର ଭିତରକୁ ବିଜେ ହୋଇ ନରେନ୍ଦ୍ର ଚକଡ଼ା ରୋଷରେ ପ୍ରସ୍ତୁତ ମାଣ୍ଡୁଆ ଭୋଗ ସାରି ବିଡ଼ିଆ ମଣୋହୀ ହୋଇଥିଲେ। ମହାପ୍ରଭୁଙ୍କ ଜଳକ୍ରୀଡ଼ା ଦେଖିବା ଲାଗି ନରେନ୍ଦ୍ର ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ସୂଚନାଥାଉ କି, ଅକ୍ଷୟତୃତୀୟାଠାରୁ ଆରମ୍ଭ ହେଉଥିବା ଚନ୍ଦନ ଯାତ୍ରାରେ ମହାପ୍ରଭୁଙ୍କ ପ୍ରତିନିଧି ଭାବେ ରାମ, କୃଷ୍ଣ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ ବିଜେ କରନ୍ତି। ଏମାନଙ୍କ ସହିତ କ୍ଷେତ୍ରର ପଞ୍ଚ ମହାଦେବ ମଧ୍ୟ ବିଜେ ହୋଇଥାନ୍ତି।


ନରେନ୍ଦ୍ର ପୁଷ୍କରିଣୀରେ ଠାକୁର ଦିନ ଚାପ ଖେଳୁଛନ୍ତି

## ଚାପ ଖେଳିପାରିଲେନି ଅଲାରନାଥ


ବାତ୍ୟାରେ ଭାଙ୍ଗିଯାଇଥିବା ନନ୍ଦା, ଭଦ୍ରା

**ବ୍ରହ୍ମଗିରି, ୭ା୫(ଡି.ଏନ୍.ଏ.):** ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇଥାଏ ଚନ୍ଦନ ଯାତ୍ରା। ଶ୍ରୀକ୍ଷେତ୍ର ପରମ୍ପରା ଭଳି ବ୍ରହ୍ମଗିରି ଅଲାରନାଥ ପୀଠରେ ସମସ୍ତ ନୀତିକାନ୍ତି ହୋଇଥାଏ। ମଙ୍ଗଳବାର ଅକ୍ଷୟତୃତୀୟାଠାରୁ ଅଲାରନାଥଙ୍କ ପୀଠରେ ଚନ୍ଦନଯାତ୍ରା ଆରମ୍ଭ ହୋଇଯାଇଛି। ଅଲାରନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ୨୧ଦିନ ଯାଏ ଜଳକ୍ରୀଡ଼ା କରିବେ। ମନ୍ଦିର ପରିଚାଳନା କମିଟି ତରଫରୁ ସମସ୍ତ ନୀତିକାନ୍ତି ଚୂଡ଼ାନ୍ତ ହୋଇଥିଲେ ମଧ୍ୟ ବାତ୍ୟା ଯୋଗୁ ସବୁ ବିଗିଡ଼ି ଯାଇଛି। ମହାପ୍ରଭୁଙ୍କ ଜଳକ୍ରୀଡ଼ା ପାଇଁ ଥିବା ନନ୍ଦା ଓ ଭଦ୍ରା(ସ୍ୱତନ୍ତ୍ର ଡଙ୍ଗା)ବାତ୍ୟାରେ ଭାଙ୍ଗିଯାଇଛି। ଫଳରେ ଶ୍ରୀଜୀଉଙ୍କ ଜଳକ୍ରୀଡ଼ାରେ ବାଧା ସୃଷ୍ଟିହୋଇଛି। ମନ୍ଦିର ପରିଚାଳନା କମିଟି ତରଫରୁ ଯୁଦ୍ଧକାଳୀନ ଭିତ୍ତିରେ ଡଙ୍ଗା ମରାମତି କାର୍ଯ୍ୟ ଚାଲିଛି। ତଥାପି ମରାମତି କାର୍ଯ୍ୟ ଆହୁରି ୨ରୁ ୩ଦିନ ଲାଗିବ ବୋଲି ସୂଚନା ମିଳିଛି। ମଙ୍ଗଳବାରଠାରୁ ଚନ୍ଦନଯାତ୍ରା ଆରମ୍ଭ ହୋଇଥିବାରୁ ନୀତି ସମ୍ପନ୍ନ ପାଇଁ ଶ୍ରୀଜୀଉମାନେ ଡଙ୍ଗା ଛୁଇଁ ମନ୍ଦିରକୁ ଫେରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଉଚ୍ଚିନ୍ତା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ଧର୍ମକାର୍ଯ୍ୟ, ଆନୁଷ୍ଠାନିକ କ୍ଷେତ୍ରରେ ସାମିଲ ହେବେ। ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାମ ପୂର୍ଣ୍ଣ ଫଳପ୍ରଦ ରହିବ। କିନ୍ତୁ କଥାରେ,ବ୍ୟବହାରରେ ଶାଳୀନତା ରକ୍ଷା ନ କଲେ ଓଲଟା ଫଳ ପାଇବେ। ଅବଶ୍ୟ ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗିରହିବ।

**ବୃଷ** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ପାଇଁ ଦିନଟି ଭଲ ରହିବ। ବନ୍ଧୁମିଳନ ସାଙ୍ଗକୁ କଳା,ସାହିତ୍ୟ, ପ୍ରବଚନ, ଆଧ୍ୟାତ୍ମିକ ସଭା ସମିତିରେ ସମ୍ମାନିତ ହେବେ। ଦେବ ଦର୍ଶନର ମଧ୍ୟ ସୁଯୋଗ ପାଇବେ। ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ।

**ମିଥୁନ** ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡିପାରେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। କୌଣସି ବ୍ୟକ୍ତି ନିକଟରେ ବାକି ରହିଥିବା ଟଙ୍କା, ପଇସାକୁ କେନ୍ଦ୍ରକରି ଅନର୍ଥ ସୃଷ୍ଟି ହୋଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ।

**କର୍କଟ** ଆଜି ସକାଳ ସମୟରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇବେ। ଅଫିସିଆଲି କାମଗୁଡିକ ସହଜ ଓ ସୁବିଧାରେ ହେବ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବ। କିନ୍ତୁ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି, ଏଣୁ ସତର୍କତାର ସହ କାମ କରିବା ଭଲ।

**ସିଂହ** ପରିବାରର ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ମାନସିକ ଶାନ୍ତି ବ୍ୟାହତ ହେବ। ରାଜନୀତି ତଥା ପ୍ରଶାସନିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଆଜି ଦିନଟିରେ ବ୍ୟବସାୟ, ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା, ମନୋରଞ୍ଜନ ଓ ସଭାସମିତିରେ ସଫଳତା ଅର୍ଜନ କରିବେ।

**କନ୍ୟା** କର୍ମକ୍ଷେତ୍ରରେ କାମଗୁଡିକ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ କିଛି ବି କରିବେ ନାହିଁ। ଆଇନ ଅଦାଲତରୁ ଏବଂ ଅର୍ଥ ଲାଭରୁ ଖୁସି ରହିବେ। ସଭାସମିତି, କଳା, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା** ନିଜଲୋକଙ୍କ ଉପରେ ଭରସା କରି ପାରିବେ ନାହିଁ ଫଳରେ କାମ ହାସଲ ପାଇଁ ଅନ୍ୟର ସାହାଯ୍ୟ ଲୋଡିବାକୁ ବାଧ୍ୟ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ଆନୁଷ୍ଠାନିକ, ମାଙ୍ଗଳିକ କିମ୍ବା ସଭାସମିତିରେ ଯୋଗ ଦେଇ ପ୍ରଶଂସିତ ହେବେ।

**ବିଛା** କେତେକ ସାମାନ୍ୟ ଭୁଲରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ଅଫିସ୍ କାମରେ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ ମାତ୍ର ଜ୍ୟେଷ୍ଠା ଶୁଭ ଫଳ ପାଇବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ।

**ଧନୁ** ଅତୀତ ଘଟଣା ବିଷୟରେ ଚିନ୍ତା କରି ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ ଓ ପାଇବେ ମଧ୍ୟ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସମସ୍ୟା କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। ଆଜିର ଦୂରଯାତ୍ରା ସଫଳ ହେବ।

**ମକର** ସକାଳୁ ସକାଳୁ କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖା ଦେବାର ଆଶଙ୍କା ରହିଛି। ଆପଣଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ପଡୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ଅସ୍ଥିରତା ସୃଷ୍ଟି କରିପାରନ୍ତି। ପରୋକ୍ଷ ଶତ୍ରୁତା ପ୍ରତି ସତର୍କ ରହି କାମ କରିବା ଭଲ ହେବ।

**କୁମ୍ଭ** ପୂର୍ବ ଯୋଜନାନୁଯାୟୀ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂର ଯାତ୍ରା କରିବାକୁ ପଡିପାରେ। ସମସ୍ୟା ଲାଗି ରହିଥିଲେ ମଧ୍ୟ ପରିବାର ଭିତରେ ପ୍ରିୟକଥା କହି ସମସ୍ୟାକୁ ସୁଧାରି ନେବେ। ବ୍ୟବସାୟ, ପରିବହନ କ୍ଷେତ୍ର ଆଜି ପାଇଁ ମାନ୍ଦା ହେବ ନାହିଁ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ହେତୁ ପ୍ରଶଂସିତ ହେବେ।

**ମୀନ** ବ୍ୟକ୍ତିଗତ ସମସ୍ୟା ରହିଥିଲେ ମଧ୍ୟ ସାମାଜିକ ସ୍ତରରେ ଉନ୍ନତମାନର ଫଳ ପାଇ ଖୁସି ରହିବେ। ପୂର୍ବ ବିବାଦର ସମାଧାନ ହେବା ସାଙ୍ଗକୁ ଚିନ୍ତା ମଧ୍ୟ କମିଯିବ। ଯାତ୍ରା, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାହିତ୍ୟ,ସଙ୍ଗୀତ,କଳା, ଆଲୋଚନା, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ପ୍ରାପ୍ତି ଘଟିବ।

ଆଜି ବୈଶାଖ ଶୁକ୍ଳ ଚତୁର୍ଥୀ ବୁଧବାର, ମେ ୮ ତାରିଖ, ବିଶ୍ୱ ରେଡ୍‌କ୍ରସ ଦିବସ,ବିଶ୍ୱ ଥାଲାସିମିଆ ଦିବସ, ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କନ୍ୟା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ସକାଳ ଘ୬ା୪୯ମି. ଗତେ ଘ୮ା୨୬ମି. ମଧ୍ୟେ, ଘ୨ା୫୩ମି. ଗତେ ଘ୪ା୩୦ମି. ମଧ୍ୟେ ଅମୃତବେଳା। ସକାଳ ଘ୪ା୩୩ମି. ଗତେ ଘ୬ା୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧ା୪୩ମି. ଗତେ ଘ୧ା୧୯ମି. ମଧ୍ୟେ ରାହୁକାଳ।

## classifieds Everyday
0674-2580101, 2549302

**real estate**

**SALE**

Gharabari plot sale Bhubaneswar, Sundarpada, 30’road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

30’ road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50’ ଦୂରରେ 30’ ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

Now Matrimonial ads. only on Wednesday & Sunday Book 1 Get 1 FREE

**packers & movers**

Shivam logistic packers movers. House hold/ car relocation country wide. 9777044177, 9338461133. D-12311

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Full body massage with refreshment, expert therapist. 7381239385, 0674-2540855. D-66510

Summer special mesmerizing offer expert therapeutic refreshing massage appointment. 9668374480. D-66514

Newly opening ayurvedic body massage smart therapist, Shree herbal. 7750020754. D-66513

Herbal full body massage by smart/expert therapist. Contact: 8338067247. D-66512

Experience full body massage with us (expert). Call: 7377048581, 0674-2597822. D-66511

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

### ନିରୁଦ୍ଦିଷ୍ଟ



**ରକ୍ଷାକର ପାତ୍ର**

ବୟସ- ୬୨, ରଙ୍ଗ- ଶ୍ୟାମଳ, ଉଚ୍ଚତା- ୫ ଫୁଟ ୩ ଇଞ୍ଚ ହଜିଥିବା ସମୟରେ ନୀଳ ଶାର୍ଟ କଳା ପ୍ୟାଣ୍ଟ ପିନ୍ଧିଥିଲେ। ପଟିଆ ସ୍ଥାନରେ ହଜିଥିଲେ। ଠିକଣା- Sai Premium Apartment, Flat-303, Block-A, Sailashree Bihar (Damana), Near Atmaram Sweet. Mob: 8455915021, Other: 07758008602. ଧ-୧୨୪୮




## ସଂକ୍ଷେପରେ

### ପଶ୍ଚିମରେ ପ୍ରଚଣ୍ଡ ତାତି, ଉପକୂଳରେ ଗୁଳୁଗୁଳି

ଭୁବନେଶ୍ୱର,୭।୫(ବ୍ୟୁରୋ): ବାତ୍ୟା ପରେ ପ୍ରଚଣ୍ଡ ଗ୍ରୀଷ୍ମ ରାଜ୍ୟକୁ ଉତ୍ତପ୍ତ କରିଛି। ପଶ୍ଚିମ, ଆଭ୍ୟନ୍ତରୀଣ ଓଡିଶାରେ ପାରଦ ୪୪ ଡିଗ୍ରୀ ସେଲସିୟସ ଉପରକୁ ଉଠି ଯାଇଥିବା ବେଳେ ଉପକୂଳରେ ଗୁଳୁଗୁଳି ଅସହ୍ୟ କରିଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ତାତି ଅଧିକ ନ ଥିଲେ ମଧ ବାୟୁମଣ୍ଡଳର ଆର୍ଦ୍ରତା ୮୦ ପ୍ରତିଶତ ଉପରେ ରହୁଛି। ଫଳରେ ଗୁଳୁଗୁଳି ଅନୁଭୂତ ହେଉଛି। ଗ୍ରୀଷ୍ମ ଓ ଗୁଳୁଗୁଳିରେ ଲୋକମାନେ ଆଉଟପାଉଟ ହେଉଛନ୍ତି। ମଙ୍ଗଳବାର ରାଜ୍ୟର ୧୧ଟି ଜିଲାରେ ପାରଦ ୪୦ରୁ ୪୪ ଡିଗ୍ରୀ ମଧରେ ଥିବା ବେଳେ ୬ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡରେ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୪୪.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଭବାନୀପାଟଣା ୪୩, ସମ୍ବଲପୁର ୪୩.୧ ସର୍ବୋଚ୍ଚ ତାପମାତ୍ରା ୪୧.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧରେ ଉପକୂଳ, ମୟୂରଭଞ୍ଜ ଓ କନ୍ଧମାଳ ଜିଲାର କେତେକ ସ୍ଥାନକେର କାଳବୈଶାଖୀ ହେବାର ସମ୍ଭାବନା ରହିଛି। ଏହି ସମୟରେ ଘଣ୍ଟାକୁ ୪୦ରୁ ୫୦ କିଲୋମିଟର ବେଗରେ ଝଡ ପବନ ବହିବା ସହ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରି ଦିଆଯାଇଛି।

### ଜନସାଧାରଣ ବାତ୍ୟାରେ ଭାଙ୍ଗିଥିବା ଗଛକାଟି ନେଇପାରିବେ

ଭୁବନେଶ୍ୱର,୭।୫(ବ୍ୟୁରୋ): ବାତ୍ୟା ଫନୀ ପ୍ରଭାବରେ ଭୁବନେଶ୍ୱର, ପୁରୀ ଓ କଟକ ଜିଲାର ବିଭିନ୍ନ ଅଞ୍ଚଳରେ ଲକ୍ଷ ଲକ୍ଷ ଗଛ ଉପୁଡିପଡିଛି। ଏତେ ସଂଖ୍ୟାର ଗଛ ସଫା କରିବା ସମୟ ସାପେକ୍ଷ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏସବୁ ଦୃଷ୍ଟିରେ ରଖି ଜନସାଧାରଣ ଚାହିଁଲେ ବାତ୍ୟାରେ ଉପୁଡି ଯାଇଥିବା କିମ୍ବା ଭାଙ୍ଗିପଡିଥିବା ଗଛଗୁଡିକ ନିଜ ବ୍ୟବହାର ପାଇଁ କାଟି ନେଇପାରିବେ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଜନସାଧାରଣ ସତର୍କତାର ସହ ନିରାପଦରେ ଗଛ କାଟି ନେଇ ପାରିବେ। ଯେଉଁ ଗଛଗୁଡିକ ବଞ୍ଚିପାରିବ ସେଗୁଡିକର ଯତ୍ନ ନେବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

# ବିଦ୍ୟୁତ୍ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବାହାରୁ ଆସିବେ କୁଶଳୀ ଟିମ୍

ଭୁବନେଶ୍ୱର, ୭।୫(ବ୍ୟୁରୋ)

‘ଫନୀ’ କ୍ଷତିଗ୍ରସ୍ତ ଅଞ୍ଚଳରେ ଜଳ ଯୋଗାଣ ସ୍ଥିତିରେ ସୁଧାର ଆସିଛି। ବାତ୍ୟା ପ୍ରଭାବରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟୁତ୍ ବ୍ୟବସ୍ଥାର ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ମଙ୍ଗଳବାର କ୍ୟାବିନେଟ୍ ସଚିବ ପ୍ରଦୀପ କୁମାର ସିହ୍ନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜାତୀୟ ସଙ୍କଟ ପରିଚାଳନା କମିଟି ବୈଠକର ଆଲୋଚନାରୁ ଏହା ଜଣାପଡିଛି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଏହି ବୈଠକରେ ଯୋଗଦେଇଥିଲେ। ବୈଠକ ଶେଷରେ ପାଢୀ କହିଛନ୍ତି, ମୋବାଇଲ ଫୋନ ଓ ଡାଟା କନେକ୍ଟିଭିଟି ନ ଥିବାରୁ ରିଲିଫ ଏବଂ ପୁନରୁଦ୍ଧାର କାର୍ଯ୍ୟରେ ଅସୁବିଧା ସୃଷ୍ଟି ହେଉଛି। ସେଥିଲାଗି ଏହି ସଂଯୋଗ ପୁନରୁଦ୍ଧାର କରିବାକୁ ସମ୍ପୃକ୍ତ କମ୍ପାନୀ ଓ ନିଗମଗୁଡିକୁ ନିର୍ଦ୍ଦେଶ ଦିଆଯାଉ ବୋଲି କହିଛୁ। ମୋବାଇଲ କମ୍ପାନୀଗୁଡିକ ତାଙ୍କ ମାଷ୍ଟର ସେଣ୍ଟରକୁ ଜେନେରେଟର ସାହାଯ୍ୟରେ ଚଳାଇବା ଏବଂ ଅଧିକ ଟ୍ରକ ମାଉଣ୍ଟେଡ ଟାୱାର ଓଡିଶାକୁ ପଠାଇବା ପାଇଁ ପାଢୀ ଅନୁରୋଧ କରିଛନ୍ତି। ପ୍ରତି ବ୍ଲକ ଏବଂ ପୋଲିସ ଷ୍ଟେସନ ପର୍ଯ୍ୟନ୍ତ


ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟ ଶାସନ ସଚିବ ଆଦିତ୍ୟପ୍ରସାଦ ପାଢ଼ୀ କ୍ୟାବିନେଟ୍ ସଚିବଙ୍କ ସହ ଆଲୋଚନା କରୁଛନ୍ତି।

ମୋବାଇଲ ସେବା ପୁନଃ ସ୍ଥାପନ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ଏହି କାର୍ଯ୍ୟଗୁଡିକର ତଦାରଖ ପାଇଁ ଗୃହ ସଚିବ ଅସିତ୍ ତ୍ରିପାଠୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି।

ଅଧିକ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ଓ ଭୁବନେଶ୍ୱର ସହରରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ସୁଧାର ଆସିଛି। ରାଜଧାନୀରେ ବର୍ତ୍ତମାନ ସୁଦ୍ଧା ସାଧାରଣ ଯୋଗାଣର ପ୍ରାୟ ୯୦ପ୍ରତିଶତ ଜଳ ଯୋଗାଯାଉଛି। ପାଇପ୍ ଜଳ ଯୋଗାଣ ନ ଥିବା ଅଞ୍ଚଳରେ ଟ୍ୟାଙ୍କର ସାହାଯ୍ୟରେ ପାଣି ଦିଆଯାଉଛି। ସେହିପରି କଟକରେ ମଧ ଜଳ ଯୋଗାଣରେ ବ୍ୟାପକ ସୁଧାର ଆସିଛି। ପ୍ରତିଦିନ ଏହି କାର୍ଯ୍ୟକୁ ଅଧିକ ପ୍ରସାରିତ କରାଯାଉଛି। ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବିଦ୍ୟୁତ୍ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ କ୍ଷେତ୍ରସ୍ତରୀୟ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି। ଏହା ମଧରେ ୪ହଜାର ଲୋକଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଗଞ୍ଜାମ, ଯାଜପୁର, ବାଲେଶ୍ୱର ଜିଲାରେ ୧୦୦ ପ୍ରତିଶତ ପୁନରୁଦ୍ଧାର କାର୍ଯ୍ୟ ସରିଛି। ଜଗତ୍‌ସିଂହପୁର, କେନ୍ଦ୍ରାପଡା ଜିଲାର ସ୍ଥିତିରେ ସୁଧାର ଆସିଛି। ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ପୁରୀର କ୍ଷତିଗ୍ରସ୍ତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇବାର କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରାୟ ୧ଲକ୍ଷ ୫୬ହଜାରରୁ ଊର୍ଦ୍ଧ୍ୱ ନୂତନ ଖୁଣ୍ଟ ସ୍ଥାପନ

**ବାତ୍ୟା ଫନୀ ସମ୍ପର୍କିତ ବୈଠକ**
- କ୍ୟାବିନେଟ୍ ସଚିବଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା
- ମୋବାଇଲ ଓ ଇଣ୍ଟରନେଟ୍ ସେବା ଉପରେ ଗୁରୁତ୍ୱ
- ଆଡ୍‌ଭାନ୍ସ ଜେଇଇ ଲାଗି ଆଇଆଇଟି ପ୍ରତିଷ୍ଠାନ କମ୍ପ୍ୟୁଟରରେ ହୋଇପାରିବ ଆବେଦନ

ସହ ନଷ୍ଟ ହୋଇଯାଇଥିବା ଗ୍ରୀଡ୍ ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ପୁନଃ ସ୍ଥାପନ ସମୟ ସାପେକ୍ଷ ହେଉଥିବାରୁ ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ ହେବାକୁ ଅଧିକ ସମୟ ଲାଗିବ। ଉକ୍ତ କାର୍ଯ୍ୟ ପାଇଁ ଅନ୍ୟ ରାଜ୍ୟରୁ ଓଡିଶାକୁ ଅଧିକ କୁଶଳୀ ଟିମ୍ ପଠାଇବା ପାଇଁ ମୁଖ୍ୟ ଶାସନ ସଚିବ ଅନୁରୋଧ କରିଛନ୍ତି। ଏମାନେ ମୁଖ୍ୟତଃ ତେଲେଙ୍ଗାନା, ଆନ୍ଧ୍ର ଓ ପଶ୍ଚିମବଙ୍ଗରୁ ଆସିବେ। ଏମାନଙ୍କ ପାଇଁ ଟ୍ରେନ୍‌ରେ ଯାତାୟାତ ଦେୟମୁକ୍ତ କରିବାକୁ ମଧ ପାଢ଼ୀ ଅନୁରୋଧ କରିଛନ୍ତି।

ପାଢ଼ୀ ଆହୁରି କହିଛନ୍ତି, ପୂର୍ବରୁ ଆଜବେଷ୍ଟସ୍ ଘରଥିବା ପରିବାରଗୁଡିକ ଏସ୍.ଇ.ସି.ସି. ତାଲିକା ଅନ୍ତର୍ଭୁକ୍ତ ନ ଥିଲେ। ଏବେ ଏହି ପରିବାରକୁ ଗ୍ରାମୀଣ ଗୃହ ଯୋଗାଣ ଯୋଜନାରେ ସାମିଲ କରିବାକୁ ଅନୁରୋଧ କରାଯାଇଛି। ଇଣ୍ଟରନେଟ୍ ସେବା ନ ଥିବାରୁ ଅନ୍‌ଲାଇନରେ ଆଡଭାନ୍ସ ଜେଇଇ ପାଇଁ ଦସ୍ତଖତ ସେବା ସମ୍ଭବ ହୋଇପାରୁ ନାହିଁ। ଆଇ.ଆଇ.ଟି. ଭୁବନେଶ୍ୱରରେ ଦରଖାସ୍ତ ଦେବାକୁ ପରୀକ୍ଷାର୍ଥୀମାନେ ସିଧାସଳଖ ସୁଯୋଗ ପାଇପାରୁ ନାହାନ୍ତି। ଏବେ ସମ୍ପୃକ୍ତ ପରୀକ୍ଷାର୍ଥୀମାନେ ଉକ୍ତ ପ୍ରତିଷ୍ଠାନର କମ୍ପ୍ୟୁଟର ବ୍ୟବସ୍ଥାରେ ଆବେଦନ କରିପାରିବେ ବୋଲି ନିଷ୍ପତ୍ତି ହୋଇଛି। ଏହାର ସୁବିଧା ନେବାକୁ ପରୀକ୍ଷାର୍ଥୀଙ୍କୁ ମୁଖ୍ୟ ଶାସନ ସଚିବ ଅନୁରୋଧ କରିଛନ୍ତି।

## ପରଲୋକରେ ସ୍ୱାଧୀନତା ସଂଗ୍ରାମୀ ଦୟାନିଧି

ଧାମନଗର, ୭।୫(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗାମୀ ଦୟାନିଧି ଧଳଙ୍କର ୯୩ ବର୍ଷ ବୟସରେ ମଙ୍ଗଳବାର ଅପରାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବହୁ ବିଶିଷ୍ଟ ବ୍ୟକ୍ତି ଧାମନଗର ବ୍ଲକ ସୂର୍ଯ୍ୟପୁର ଗ୍ରାମସ୍ଥିତ ତାଙ୍କ ବାସ ଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଧାମନଗର ତହସିଲଦାର ଲଗ୍ନଜିତ୍ ବେହେରା ଏବଂ ଧୁଷୁରୀ ଥାନା ଅଧିକାରୀ ପ୍ରଫିଲ କୁମାର ସିଂ ପ୍ରମୁଖ ପହଞ୍ଚି ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱାଧୀନତା ସଂଗାମୀ ଗୌରୀ ଶ୍ୟାମ ଗୋସ୍ୱାମୀ ଏବଂ ଅନ୍ତର୍ଯ୍ୟାମୀ ପହଙ୍କ ସମେତ ବହୁ ରାଜନେତା, ଶିକ୍ଷାବିତ୍ ତାଙ୍କ ବାସ ଭବନକୁ ଆସି ଶେଷ ଦର୍ଶନ କରିଥିଲେ। ଦୟାନିଧି ଯୁବାବସ୍ଥାରେ ସ୍ୱାଧୀନତା ସଂଗାମ ଆନ୍ଦୋଳନରେ ଝାସ ଦେଇଥିଲେ ବହୁ ଜନନେତାଙ୍କ ସଂସ୍ପର୍ଶରେ ଆସିଥିଲେ। ୧୯୪୨ ମସିହା ଭାରତ ଛାଡ ଆନ୍ଦୋଳନରେ ସାମିଲ ହୋଇ ସେ ବାଲେଶ୍ୱର ଜେଲରେ ୭ ମାସ କାରାବରଣ କରିଥିଲେ। ଦେଶ ସ୍ୱାଧୀନ ହେବା ପରେ କଂଗ୍ରେସ ସେବା ଦଳରେ



ନିଜକୁ ନିୟୋଜିତ କରିଥିଲେ । ପଣ୍ଡିତ ଜବାହାରଲାଲ ନେହେରୁ ଏବଂ ଡ. ହରେକୃଷ୍ଣ ମହତାବଙ୍କ ପରି ଜନନେତାଙ୍କ ସହିତ କାର୍ଯ୍ୟ କରି ସେ ଦେଶ ପାଇଁ ବହୁ ଅବଦାନ ଦେଇ ଯାଇଛନ୍ତି। ଏହା ଯୁବ ପିଢିଲାଗି ପ୍ରେରଣା ହୋଇ ରହିବ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ପରେ ବିରାଟ ଶୋଭାଯାତ୍ରାରେ ଦୟାନିଧିଙ୍କ ମରଦେହକୁ ଗ୍ରାମ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ରାଜଧାନୀରେ ବାତ୍ୟା ପରବର୍ତ୍ତୀ ବିଚିତ୍ର ଚିତ୍ର

# ହୋଟେଲରେ ରହଣି, ରେଷ୍ଟୁରାଣ୍ଟରେ ଭୋଜନ

ସସ୍ମିତା ପାଇକରାୟ
ଭୁବନେଶ୍ୱର,୭।୫

ଯେତିକି ଆଶଙ୍କା କରାଯାଇ ନ ଥିଲା ଭୁବନେଶ୍ୱରରେ ତା’ଠାରୁ ଢେର୍ ଅଧିକ ଫନୀର ତାଣ୍ଡବ ଦେଖିବାକୁ ମିଳିଲା। ମାତ୍ର କେଇ ଘଣ୍ଟା ମଧରେ ରାଜଧାନୀ ସମ୍ପୂର୍ଣ୍ଣ ଛାରଖାର ହୋଇଗଲା। ସହରରେ ଥିବା ବସ୍ତି ଓ ଝାଟିମାଟି ଘରଗୁଡିକ ଆଖି ପିଛୁଳାକେ ମାଟିରେ ମିଶିଯାଇଥିବାବେଳେ ବାତ୍ୟା ପ୍ରକୋପରୁ ବଡ଼ ବଡ଼ ବିଲ୍ଡିଂ ବି ବାଦ୍ ପଡ଼ିଲାନି। ସବୁଜ ବଳୟ ଏବେ ଶ୍ରୀହୀନ ହୋଇପଡିଥିବାବେଳେ ବିଦ୍ୟୁତ୍ ଟାୱାର, ଖୁଣ୍ଟ ଓ ତାର ନଷ୍ଟ ହୋଇଯାଇଛି। ତେବେ ବାତ୍ୟାଠାରୁ ବଳିଯାଇଛି ପରବର୍ତ୍ତୀ ସ୍ଥିତି। ବିଦ୍ୟୁତ୍ ସେବା ବନ୍ଦ ଯୋଗୁ ପାଣି ଓ ଖାଦ୍ୟ ସମସ୍ୟା ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ସୁଉଚ୍ଚ ଅଟ୍ଟାଳିକାରେ ରହୁଥିବା ଧନୀଠାରୁ ଆରମ୍ଭ କରି ବସ୍ତିରେ ମୁଣ୍ଡଗୁଞ୍ଜୁଥିବା ଗରିବଙ୍କ ଜୀବନଜୀବିକା ଗୁରୁତର ପ୍ରଭାବିତ ହୋଇଛି। ଏପରିସ୍ଥଳେ ରାଜଧାନୀରେ ଏକ ବିଚିତ୍ର ଚିତ୍ର ଦେଖିବାକୁ ମିଳିଛି। ମଧବିତ୍ତ ଓ ଗରିବ ଶ୍ରେଣୀର ଲୋକେ ନାନା ଦୁର୍ଦ୍ଦଶାରେ କାଳାତିପାତ କରୁଥିବାବେଳେ ଖାଦ୍ୟ, ପାଣି ପାଇଁ ରାସ୍ତାକୁ ଓହ୍ଲାଉଛନ୍ତି। କିନ୍ତୁ କିଛି ଉଚ୍ଚବର୍ଗ ତଥା ଧନିକ ଶ୍ରେଣୀର ଲୋକେ ପରିବାର ସହ ହୋଟେଲରେ ବେଶ୍ ଆରାମ କରୁଥିବା ଦେଖିବାକୁ ମିଳିଛି। ଭୁବନେଶ୍ୱରରେ ଥିବା ଅଧିକାଂଶ ହୋଟେଲ ଏବେ ଉଚ୍ଚବର୍ଗଙ୍କ ପାଇଁ ଦ୍ୱିତୀୟ ଘର ପାଲଟିଛି। ପର୍ଯ୍ୟଟକଙ୍କ

- ପର୍ଯ୍ୟଟକଙ୍କ ବଦଳରେ ରୁମ୍ ବୁକ୍ କରିଛନ୍ତି ରାଜଧାନୀବାସୀ
- ରାତିରେ ହୋଟେଲ, ରେଷ୍ଟୁରାଣ୍ଟ ଆଗରେ ଭିଡ଼ ଲାଗୁଛି କାର୍

ବଦଳରେ ହୋଟେଲ ରୁମ୍ ବୁକ୍ କରିଛନ୍ତି ସହରବାସୀ। ସେମାନେ ହୋଟେଲରେ ଏସିରେ ପରିବାର ସହ ରହିବା ସହ ରେଷ୍ଟୁରାଣ୍ଟରେ ଇଚ୍ଛା ମୁତାବକ ଖାଦ୍ୟ ଖାଉଛନ୍ତି। ଏଥିପାଇଁ ସହରରେ ଥିବା ହୋଟେଲ ଓ କାଁଭାଁ ଖୋଲିଥିବା ରେଷ୍ଟୁରାଣ୍ଟ ଆଗରେ କାର୍ ପାର୍କିଂ ଦେଖିବାକୁ ମିଳୁଛି। ଭୁବନେଶ୍ୱରର ଉଚ୍ଚବର୍ଗଙ୍କ ପାଇଁ ଏବେ ହୋଟେଲ୍ ଓ ରେଷ୍ଟୁରାଣ୍ଟ ସାହାରା ପାଲଟିଛି।

ମେ’ ୩ରୁ ସହରରେ ବିଦ୍ୟୁତ୍ ସେବା ବନ୍ଦ ହୋଇଯାଇଥିଲା। ଇତିମଧରେ ଜରୁରୀକାଳୀନ ସେବା ପାଇଁ ଆବଶ୍ୟକ ମରାମତି ପରେ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ହେଲେ କୌଣସି ବି ରେସିଡେନ୍ସିଆଲ୍ ଅଞ୍ଚଳକୁ ଏବେଯାଏ ବିଦ୍ୟୁତ୍ ସଂଯୋଗ ହୋଇପାରିନି। ଏଭଳିସ୍ଥଳେ ସବୁବେଳେ ଏସି ସହ ଅଭ୍ୟସ୍ତ ଥିବା ବଡ଼ବଡ଼ିଆଙ୍କ ପାଇଁ ନିଜ ଘରେ ରହିବା କଷ୍ଟଦାୟକ ହୋଇଛି। ଇନ୍‌ଭର୍ଟର କି ପାୱାର୍ ବ୍ୟାକ୍‌ଅପ୍ ବି ଆଉ କାମ କରୁନି। ଯାହାବି କାମ କରୁଛି ସେଥିରେ କେବଳ ଲାଇଟ୍, ଫ୍ୟାନ୍ ଚାଲୁଛି। ଏସି ଲଗାଇବା ସମ୍ଭବ ହେଉନି। ଏପଟେ ସହରରେ ଆବଶ୍ୟକ ସଂଖ୍ୟକ ଜେନେରେଟର ମିଳୁନି। ତେଲ ଓ ଜେନେରେଟର ପରିଚାଳନା ସମସ୍ୟା ବି ରହିଛି। ଏପରିସ୍ଥଳେ ଉଚ୍ଚବର୍ଗଙ୍କ ପାଇଁ ଭରସା ପାଲଟିଛି ଷ୍ଟାର୍ ହୋଟେଲ୍। ଭୁବନେଶ୍ୱରରେ ଥିବା ୩ଟି ପଞ୍ଚତାରକା ହୋଟେଲ ସହ ତିନି ତାରକା ଓ ଦୁଇ ତାରକା ହୋଟେଲରେ ରାତିହେଲେ ଲୋକଙ୍କ ଭିଡ଼ ଜମୁଛି। ଗୋଟିଏପଟେ ବାତ୍ୟା ପାଇଁ ଏବେ ଓଡ଼ିଶାକୁ ପର୍ଯ୍ୟଟକ ଆସୁ ନ ଥିବାବେଳେ ଏହି ସ୍ଥାନ ଭରଣା କରୁଛନ୍ତି ଖୋଦ୍ ଭୁବନେଶ୍ୱରବାସୀ। ଏସିରେ ଶୋଇବାକୁ ଲୋକେ ପରିବାର ସହ ହୋଟେଲ ଯାଉଛନ୍ତି। ଆଉ ଏଥିଲାଗି ମାନ୍ଦା ପଡ଼ିଯାଇଥିବା ହୋଟେଲ ବ୍ୟବସାୟ କିଛିଟା ଆଶ୍ୱସ୍ତ ହୋଇଛି। ଏହାବ୍ୟତୀତ ଓୟୋ ରୁମ୍‌ସର ଚାହିଦା ବି ବାତ୍ୟା ପାଇଁ ଦୁଇଗୁଣା ବଢିଯାଇଛି। ଡିଜି (ଜେନେରେଟର) ଲଗାଇ ହୋଟେଲଗୁଡିକ ଏସି ସୁବିଧା ଦେଉଥିବାବେଳେ ପକେଟ୍ ଫ୍ରେଣ୍ଡ୍‌ଲି ଯୋଗୁ ମିଡିଲ୍ କ୍ଲାସ୍ ଲୋକ ଓୟୋକୁ ଅଧିକ ପସନ୍ଦ କରୁଛନ୍ତି। ସେହିଭଳି ଘରେ ଲାଇଟ୍ ଓ ପାଣି ନ ଥିବାରୁ ରୋଷେଇ କରି ଖାଇବା ସମ୍ଭବ ହେଉନି। ତେଣୁ ରେଷ୍ଟୁରାଣ୍ଟ ଯାଇ ଅଧିକାଂଶ ଖାଇବାକୁ ପସନ୍ଦ କରୁଛନ୍ତି ଲୋକେ। ଶନିବାର ଓ ରବିବାର ସହରରେ କାଁ ଭାଁ ରେଷ୍ଟୁରାଣ୍ଟ ଖୋଲିଥିବାବେଳେ ଧୀରେ ଧୀରେ ସପିଂ ମଲ୍‌ର ଫୁଡ୍ ହବ୍‌ଗୁଡିକ ଖୋଲିଲାଣି। ଯାହାବି ଖୋଲିଛି ସେଠାକୁ ଲୋକେ ପରିବାର ସହ ଉଭୟ ଲଞ୍ଚ୍ ଓ ଡିନର୍ କରିବାକୁ ଯାଉଥିବା ଦେଖିବାକୁ ମିଳୁଛି। କେଏଫ୍‌ସି, ସିସିଡି, ସବ୍‌ୱେ ଭଳି ଫୁଡ୍ ପଏଣ୍ଟରେ ମଙ୍ଗଳବାର ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

No. 03-AA

GOVERNMENT OF ODISHA
ELECTRICAL LICENSING BOARD
OFFICE OF THE ENGINEER-IN-CHIEF
ELECTRICITY-CUM-PRINCIPAL
CHIEF ELECTRICAL INSPECTOR, ODISHA
3RD FLOOR HEADS OF DEPARTMENT BUILDING
BHUBANESWAR- 751001
Email: **secyelbo@nic.in**, Fax/Ph. **0674-2394572**

**NOTICE**

No. ELBO/Fani/125/2019/452/Dated Bhubaneswar, the 07.05.2019

ଓଡ଼ିଶାର ସମସ୍ତ ୬୪୪ ଲାଇସେନ୍ସପ୍ରାପ୍ତ HT ବିଦ୍ୟୁତ୍ କଣ୍ଟ୍ରାକ୍ଟରମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଲାଇସେନ୍ସର ସର୍ତ୍ତ ମୁତାବକ ବାତ୍ୟା ‘‘ଫନି’’ର ପରବର୍ତ୍ତୀ ବିଦ୍ୟୁତ୍ ଭିତିଭୂମିର ପୁନଃଉଦ୍ଧାର କାର୍ଯ୍ୟ ନିମନ୍ତେ ଆସନ୍ତା ୧୦ତାରିଖ ସକାଳ ୧୦ଟା ସୁଦ୍ଧା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ, ଭୁବନେଶ୍ୱରଙ୍କଠାରେ ତାଙ୍କ ଅଧୀନସ୍ଥ ସମସ୍ତ କୁଶଳୀ, ଅର୍ଦ୍ଧକୁଶଳୀ, ଅଣକୁଶଳୀ ଶ୍ରମିକ ଗ୍ୟାଙ୍ଗ୍ ତଥା ସୁପରଭାଇଜର ଏବଂ ଆବଶ୍ୟକ ଯନ୍ତ୍ରପାତି ସହିତ ରିପୋର୍ଟ କରିବେ। ରିପୋର୍ଟ କରିବାରେ ବିଫଳ ହେଲେ ସେମାନଙ୍କ କଣ୍ଟ୍ରାକ୍ଟର ଲାଇସେନ୍ସ ରଦ୍ଦ ହୋଇଗଲା ବୋଲି ବିବେଚନା କରାଯିବ।

ସ୍ୱା./– ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
ଓଡ଼ିଶା

ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ– ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର। ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ– ତାହା ଆଉ ଭାଙ୍ଗେ ନାହିଁ। –ଶ୍ରୀମା

# ଅନୁମାନ ସତ୍ୟ

ଭାରତରେ ଇନ୍‌–ହାଉସ୍ କମିଟି କିମ୍ବା ବିଭାଗୀୟ କମିଟି ମାଧ୍ୟମରେ ହେଉଥିବା ତଦନ୍ତରେ କୌଣସି ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେବାର ନଜିର ନାହିଁ। ଯେତେ ଉଦାହରଣ ଦେଖିଲେ ପ୍ରମାଣ ମିଳେ ଯେ, ଏହିସବୁ କମିଟି ଭୁଲ୍‌କୁ ଠିକ୍ କରିବାରେ ସହାୟକ ହୋଇଥାଏ। ତଦନ୍ତ ନାମରେ ସବୁ ଦଲିଲ, ଦସ୍ତାବିଜ୍ ଏବଂ ସାକ୍ଷୀମାନଙ୍କୁ ଡକାଇ ଏହି କମିଟିଗୁଡ଼ିକ ଡରାଇବା ସହିତ ପ୍ରମାଣ ନଷ୍ଟ କରିବାରେ ଧୁରନ୍ଧର। ନିକଟରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ବିରୋଧରେ ପୂର୍ବତନ ମହିଳା କର୍ମଚାରୀ ଆଣିଥିବା ଯୌନ ଶୋଷଣ ଅଭିଯୋଗ ମାମଲାରେ ସୁପ୍ରିମକୋର୍ଟ ଇନ୍‌–ହାଉସ୍ ତଦନ୍ତ କମିଟି ୬ ମେ'ରେ ରିପୋର୍ଟ ପ୍ରଦାନ କରିଛି। ଏଥିରେ ପ୍ରଧାନ ବିଚାରପତିଙ୍କୁ କ୍ଲିନ୍ ଚିଟ୍ ଦିଆଯାଇ ନିର୍ଦ୍ଦୋଷ କରାଯାଇଛି। ଯୌନ ଶୋଷଣ ନେଇ ସିଜେଆଇଙ୍କ ବିରୋଧରେ କୌଣସି ପ୍ରମାଣ ମିଳି ନ ଥିବା ତଦନ୍ତ କମିଟି କହିଛି। ଜଷ୍ଟିସ୍ ଏସ୍.ଏ.ବବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ସାର୍ବଜନୀନ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟର ସେକ୍ରେଟାରୀ ଜେନେରାଲଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏବେ ନ୍ୟାୟ ବ୍ୟବସ୍ଥାର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଲାଣି। ପୂର୍ବତନ ସୂଚନା କମିଶନର ଶ୍ରୀଧର ଆଚାରୁଲୁ ତଦନ୍ତ କମିଟିର ରିପୋର୍ଟ ସାଧାରଣରେ ପ୍ରକାଶ କରିବା ଲାଗି ଯୁକ୍ତି ବାଢ଼ିଛନ୍ତି। ଯୌନ ଶୋଷଣ ଭଳି ଘଟଣାରେ ଜନସ୍ୱାର୍ଥ ଜଡ଼ିତ ଥିବାରୁ ଏହାର ରିପୋର୍ଟ ସାଧାରଣ ଲୋକ ଜାଣିବାର ଅଧିକାର ଅଛି ବୋଲି ସେ କହିଛନ୍ତି।

ଉକ୍ତ ଯୌନ ଶୋଷଣ ଘଟଣାରେ ଦେଶବାସୀ ଜାଣିଛନ୍ତି ଯେ ସୁପ୍ରିମକୋର୍ଟର ଇନ୍‌–ହାଉସ୍ କମିଟିରେ ୩ ଜଣ ବିଚାରପତି ରହିଛନ୍ତି। କମିଟିରେ ବବ୍‌ଡେଙ୍କ ସହ ରହିଥିବା ଅନ୍ୟ ବିଚାରପତିଦ୍ୱୟ ହେଲେ ଇନ୍ଦୁ ମାଲହୋତ୍ରା ଓ ଇନ୍ଦିରା ବାନାର୍ଜୀ। ନ୍ୟାୟିକ ଭ୍ରାତୃତ୍ୱକୁ ଦେଖିଲେ ଶୀର୍ଷ ବିଚାରପତିଙ୍କୁ ଅଡୁଆରେ ନ ପକାଇବା ଦିଗରେ ବୃତ୍ତିଗତ ବିରାଦରିର ଭୂମିକା ରହିଥାଇପାରେ। ଗୋଗୋଇଙ୍କୁ କ୍ଲିନ୍ ଚିଟ୍ ଦିଆଯିବା ପରେ ଏହାକୁ ବିଭିନ୍ନ ଦିଗରୁ ବିରୋଧ କରାଗଲାଣି। ସୁପ୍ରିମକୋର୍ଟ ସମ୍ମୁଖରେ ୭ ମେ'ରେ ମହିଳା ଆଇନଜୀବୀ ଓ ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିବାରୁ ସେମାନଙ୍କ ମଧ୍ୟରୁ ୫୦ ଜଣଙ୍କୁ ଅଟକ ରଖାଯାଇଥିବା ଖବର ମିଳିଛି। 'ନୋ କ୍ଲିନ୍‌ଚିଟ୍', 'ସୁପ୍ରିମାସି ଅଫ୍ ରୁଲ୍ ଅଫ୍ ଲ' ମଷ୍ଟ ବି ମେଣ୍ଟେନ୍‌ଡ୍', 'ବି ୟୁ ଏଭର ସୋ ହାଏ, ଦି ଲ' ଇଜ୍ ଏଭବ ୟୁ' ଲେଖା ଥିବା ବ୍ୟାନର ଧରି ହୋଇଥିବା ପ୍ରତିବାଦକୁ ଦେଖିଲେ ଭାରତୀୟ ନ୍ୟାୟ ବ୍ୟବସ୍ଥା ଏବେ ନିରପେକ୍ଷ ଅଛି ବୋଲି କହିହେବ ନାହିଁ। ଦେଶବାସୀ ଜାଣିଗଲେଣି ଯେ ଆଜିର ସମୟରେ ସାଧାରଣ ଲୋକଙ୍କୁ ନ୍ୟାୟ ମିଳିବା ଅସମ୍ଭବ। କାରଣ ଦିନକୁ ଦିନ ନ୍ୟାୟକୁ କିଣିବା ଲାଗି ଶିଳ୍ପପତିଙ୍କଠାରୁ ଆରମ୍ଭ କରି ସମାଜରେ ପ୍ରତିଷ୍ଠାଲାଭ କରିଥିବା ବ୍ୟକ୍ତି ବିଭିନ୍ନ ଫନ୍ଦିଫିକର କରୁଛନ୍ତି। କୌଣସି ପ୍ରକାରେ ବିଚାରପତିଙ୍କୁ ଧରି ପାରିଲେ ମାମଲାର ଫଇସଲା ସ୍ୱଳ୍ପ ଦିନରେ ହୋଇଯାଉଥିବା ଦେଖିବାକୁ ମିଳୁଛି। ଅନ୍ୟ କେଉଁଠାରେ ମାମଲାର ସମାଧାନ ଅତ୍ୟାବଶ୍ୟକ ହୋଇଥିଲେ ମଧ୍ୟ ଜାଣିଶୁଣି ଅଦାଲତ ଦିନ ଗଡ଼ାଇ ଦେଉଛି। ଏହାର ଅର୍ଥ ହେଲା ବିଚାର ଏବେ ବିଜ୍ଞ ଯୁକ୍ତି ଓ ତଥ୍ୟ ଆଧାରିତ ହେବା ଅପେକ୍ଷା ଭିନ୍ନ ଦିଗକୁ ମୁହାଁଇଲାଣି।

ନ୍ୟାୟ ବ୍ୟବସ୍ଥାରେ କିଛିବର୍ଷ ଧରି ଏକ ମୁଖ୍ୟ ପ୍ରସଙ୍ଗର ସମାଧାନ ରେଖା ଟଣାଯାଇପାରୁ ନ ଥିବା ନେଇ ସମସ୍ତେ ଜାଣନ୍ତି। ଉକ୍ତ ବିଷୟଟି ହେଲା ବିଚାରପତି ନିଯୁକ୍ତି ନେଇ କଲେଜିୟମ ବ୍ୟବସ୍ଥା ବଦଳରେ ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ (ଏନ୍‌ଜେଏସି) ଗଠନ। କଲେଜିୟମ୍ ବ୍ୟବସ୍ଥାରେ ବିଚାରପତିଙ୍କ ନିଯୁକ୍ତି ନେଇ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ସମେତ ୫ ଜଣ ବରିଷ୍ଠ ବିଚାରପତି ନିଷ୍ପତ୍ତି ନେଇଥାଆନ୍ତି। ବିଚାରପତିଙ୍କୁ ବିଚାରପତି ନିଯୁକ୍ତି ଦେଉଥିବାରୁ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇ ଏନ୍‌ଜେଏସି ଗଢ଼ାଯାଇ ସେଥିରେ ନ୍ୟାୟିକ ପରିସର ବାହାରେ ଥିବା ବ୍ୟକ୍ତିଙ୍କୁ ନିଆଯିବା ବିଷୟରେ ସବୁ ପ୍ରକାର ନୀତିନିୟମ ଅନୁସରଣ କରାଗଲା। ହେଲେ ବିଚାରପତିଙ୍କ ଘୋର ବିରୋଧ ପରେ ତାହା ଏବେ ଶୀତଳଭଣ୍ଡାରରେ ପଡ଼ିରହିଛି। ଏଠାରେ ଏଭଳି ଦୃଷ୍ଟାନ୍ତ ଉପସ୍ଥାପନ କରାଯିବାର ଉଦ୍ଦେଶ୍ୟ ହେଉଛି ଯେ, ନ୍ୟାୟ ବ୍ୟବସ୍ଥାରେ ବାହ୍ୟ ହସ୍ତକ୍ଷେପ ବିଚାରପତିଙ୍କ ଦ୍ୱାରା ସହଜରେ ଗ୍ରହଣ ହୁଏ ନାହିଁ। ଏହା ଜଣାଶୁଣା ଯେ ବିଚାରପତିମାନେ ଖୋଲାଖୋଲି ପ୍ରିୟାପ୍ରୀତି ତୋଷଣ କରି ନିଜର ଲୋକଙ୍କୁ ନୂତନ ବିଚାରପତି ଭାବେ ନିଯୁକ୍ତି ଦେଇଆସୁଛନ୍ତି। ହାଇକୋର୍ଟରେ ଆକର୍ଷଣୀୟ ନିଯୁକ୍ତି ପାଇବା କିମ୍ବା ସେଠାରୁ ସୁପ୍ରିମକୋର୍ଟକୁ ପଦୋନ୍ନତି ହାତେଇବା ପାଇଁ ଅନ୍ୟ ଜଣେ ବରିଷ୍ଠ ବିଚାରପତିଙ୍କ ସକ୍ରିୟ ସହଯୋଗ ଅତ୍ୟନ୍ତ ଆବଶ୍ୟକ। ସେଠାରେ ଦେଖାଯାଏ ନାହିଁ ପଦୋନ୍ନତି ପାଉଥିବା ବିଚାରପତି ସମୁଦାୟ କେତୋଟି ଶୁଣାଣି କରି ରାୟ ଲେଖି ପାରିଛନ୍ତି। ସେହି ରାୟ ମଧ୍ୟରୁ କେତୋଟି କାଏମ ରହିଛି ଏବଂ ନିଜ କାର୍ଯ୍ୟରେ କେତେ ଦକ୍ଷତା ସେ ପ୍ରତିପାଦନ କରିପାରିଛନ୍ତି। ଏହି ମୌଳିକ ସମୀକ୍ଷା କରାଯାଉ ନ ଥିବାରୁ ଆଜି ଭାରତର ନିମ୍ନଠାରୁ ଶୀର୍ଷ ଅଦାଲତ ଯାଏ ମାମଲାଗୁଡ଼ିକର ବିଚାର ହୋଇପାରୁ ନାହିଁ କିମ୍ବା ସଂଖ୍ୟା ହ୍ରାସ ପାଇପାରୁ ନାହିଁ। ଏଭଳି ପ୍ରଚ୍ଛଦପଟରେ ଯଦି ଭାରତର ପ୍ରଧାନ ବିଚାରପତିଙ୍କ ବ୍ୟକ୍ତିଗତ ଚରିତ୍ରକୁ ନେଇ ସନ୍ଦେହ ସୃଷ୍ଟି ହେଲାଣି, ତେବେ ବିଶ୍ୱାସ କରିବାକୁ ହେବ ଯେ ଏହି ଦେଶରେ ନ୍ୟାୟର ଶାସନ ପରିବର୍ତ୍ତେ ଅନ୍ୟାୟର ଶାସନ ବଢ଼ୁଛି।

ଏକ ବ୍ୟବସ୍ଥା ସ୍ୱଚ୍ଛ ଓ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ହେବା ଭଳି କାର୍ଯ୍ୟ କଲେ ତା'ର ନିଷ୍ପତ୍ତି ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା କଷ୍ଟକର। ଯେହେତୁ ବିଗତ କିଛି ବର୍ଷ ହେବ ବିଚାରପତିମାନେ ନୈତିକ ପଥ ଛୁଡ଼ି ବିଭିନ୍ନ ପ୍ରକାର ବେଆଇନ କାର୍ଯ୍ୟ କରି ଧରାପଡୁଛନ୍ତି, ସେହେତୁ ସେମାନଙ୍କ ଉପରେ ସାଧାରଣରେ ଆସ୍ଥା ରହୁନାହିଁ। ସିଜେଆଇ ଗୋଗୋଇଙ୍କ ବିରୋଧରେ ଅଭିଯୋଗ ଆଣିଥିବା ସୁପ୍ରିମକୋର୍ଟର ସେହି ପୂର୍ବତନ ମହିଳା କର୍ମଚାରୀ ନ୍ୟାୟ ପାଇବାର ଆଶା ନ ଥିବା ଦର୍ଶାଇ ୩୦ ଏପ୍ରିଲରେ ସମ୍ପୃକ୍ତ ତଦନ୍ତ କମିଟିରୁ ଓହରି ଯାଇଛନ୍ତି। ଏଥିରୁ ବୁଝିବାକୁ ହେବ ଯେ ଅଭିଯୋଗକାରୀ ଜାଣିସାରିଛନ୍ତି ଯେ ନ୍ୟାୟ ତାଙ୍କ ସପକ୍ଷରେ ଯିବ ନାହିଁ। ୨୪ ଏପ୍ରିଲରେ ଏହି ସ୍ତମ୍ଭରେ ଆମେ 'ନ୍ୟାୟାଳୟ ଉପରେ ଛିଟା' ଶୀର୍ଷକରେ ଲେଖା ପ୍ରକାଶ କରିଥିଲୁ। ସେଥିରେ ଉଲ୍ଲେଖ କରିଥିଲୁ ଯେ, ପରିସ୍ଥିତିକୁ ଦେଖିଲେ ସିଜେଆଇଙ୍କ ବିରୋଧରେ ଆସିଥିବା ଅଭିଯୋଗର ନିରପେକ୍ଷ ତଦନ୍ତ କେବେହେଲେ ହୋଇପାରିବ ନାହିଁ। ଏବେ ସିଜେଆଇଙ୍କୁ କ୍ଲିନ୍‌ଚିଟ୍ ମିଳିବା ପରେ ଆମ ଅନୁମାନ ଅସତ୍ୟ ବୋଲି କହିହେବ ନାହିଁ।

## su | do | ku ସୁ–ଡୋ–କୁ

[illegible]

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଭଳି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର



ଚିନ୍ତାମଣି କର

# ବହି ବନାମ ସୃଜନଶୀଳତା

ଝିଅଟି ଜନ୍ମ ହୋଇଥିଲା ଉତ୍ତରପ୍ରଦେଶର ଲକ୍ଷ୍ନୌରେ। କିନ୍ତୁ ବଢ଼ିଲା ମହାରାଷ୍ଟ୍ରର ପୁଣେରେ। ସବୁବେଳେ ଜେଜେଙ୍କ ହାତଧରି ଚାଲିବାକୁ ଭଲପାଉଥିଲା ସେ। ସାତବର୍ଷର ସୁନ୍ଦରୀ ଝିଅଟିର ସାଥୀ ଯେ ଜଣେ ନିଶୁଆ ବୁଢ଼ା, ଏହା ଦେଖି ବହୁ ଲୋକ ଥଟ୍ଟାତାମସା କରୁଥିଲେ। ଏସବୁକୁ କିନ୍ତୁ ଖାତିର ନ ଥିଲା ଝିଅଟିର। ସବୁବେଳେ ସେ ଜେଜେଙ୍କଠାରୁ ମଜା ଗପ ଶୁଣିବାକୁ ଅଳି କରୁଥିଲା। ଜେଜେ ଥିଲେ ପ୍ରଖ୍ୟାତ ଶିକ୍ଷାବିତ୍ ତଥା ବିଶିଷ୍ଟ ଗଣିତଜ୍ଞ ସାର୍ ପି. ପାରାଞ୍ଜପେ। ସେ ଥିଲେ ପ୍ରଥମ ଭାରତୀୟ, ଯିଏ ବିଲାତର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଗଣିତରେ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଥିଲେ।

ନାତୁଣୀର ନାଁ ସାଇ ପାରାଞ୍ଜପେ। ପ୍ରତ୍ୟହ ପ୍ରାତଃଭ୍ରମଣରେ ଜେଜେ ନାତୁଣୀକୁ ଧରି ବାହାରନ୍ତି ଏବଂ ବାଟରେ କିଛି ଗଣିତ ଧନ୍ଦା ତାକୁ ପଚାରନ୍ତି। ଟିକିଏ ଆନମନା ହେଲେ ସେ ପୁଣି ଆଣ୍ଡରସନଙ୍କ ପରୀରାଇଜର କାହାଣୀ, ଗ୍ରୀମ୍‌ଙ୍କ ଗପ, ଆରବ୍ୟ ରଜନୀର କାହାଣୀ କିମ୍ବା ବୀରବଲ୍‌ଙ୍କ ମଜାକଥା ବଖାଣନ୍ତି। ଏସବୁ ଶୁଣି ଖୁସି ହୋଇଯାଏ ସାଇ। ଜେଜେଙ୍କ ଅଙ୍କଧନ୍ଦା ଅପେକ୍ଷା ପରୀରାଇଜର କାହାଣୀ ଏବଂ ବୀରବଲଙ୍କ ଗପ ସାଇକୁ ଖୁବ୍ ଭଲଲାଗେ। ଏଇମିତି ଦିନ ଗଡ଼ିଚାଲେ। ସାଇର ବୟସ ବଢ଼େ।

ଦିନେ ଗୋଟିଏ ଓଲଟା କଥା ଦେଖାଗଲା। ବାଟରେ ଯାଉ ଯାଉ ସାଇ ପାଖରୁ ଗୋଟିଏ ଗପ ଶୁଣିବାକୁ ଜେଜେ ଜିଦ୍ କଲେ। କହିଲେ–''ମୁଁ ତୋତେ ବହୁତ କାହାଣୀ କହିଲିଣି। ଆଜି ତୁ ମୋତେ ଗୋଟିଏ ଗପ ଶୁଣେଇବୁ। ଦେଖିବା, ତୁ କେମିତି ଗପ ଜାଣିଛୁ? ସେଇ ଗପ ମୋ ବୁଢ଼ା ମନକୁ ଛୁଇଁ ପାରିବକି ନାହିଁ?''

ଏଥର ବଡ଼ ଅଡୁଆରେ ପଡ଼ିଲା ସାଇ। ତଥାପି ବହୁ କଷ୍ଟରେ ଫନ୍ଦିକରି ଗୋଟାଏ ଗପ ଜେଜେଙ୍କୁ ଶୁଣାଇଲା। ଏଇ ଗପଟିରେ ଡ୍ରାଗନ୍, ରଜାପୁଅ, କଥାକୁହା ଶୁଆଶାରୀ ଏବଂ ଗୁପ୍ତଧନ ଇତ୍ୟାଦି ସ୍ଥାନ ପାଇଥିଲେ। ଗପ ଶେଷ କରି ସାଇ ଜେଜେଙ୍କୁ ପଚାରିଲା– 'ଜେଜେ ମୋ ଗପ ତମକୁ କେମିତି ଲାଗିଲା?'

ଖୁବ୍ ଉତ୍ସାହିତ ହୋଇ ଜେଜେ ପଚାରିଲେ– ''ଆରେ ତୁ ତ ଛୋଟ ପିଲାଟେ। ଏମିତି ସୁନ୍ଦର ଗପ କେଉଁଠୁ ଶିଖିଲୁ? କାହିଁ ଏମିତି ଗପ ତ ତତେ ମୁଁ କେବେ କହିନାହିଁ? ଖୁବ୍ ଭଲ କାହାଣୀଟିଏ।''

ଜେଜେ ଠିକ୍ ଜାଣିଥିଲେ ଯେ, ସାଇର ଗଣିତ ପ୍ରତି ସେତେ ଆଗ୍ରହ ନାହିଁ। ବରଂ ନିଜେ କିଛି ସୃଷ୍ଟି କରିବାର ପ୍ରୟାସ ତା'ର ଅଛି। ଏହା ଭିତରେ କଳ୍ପନା ଓ ସୃଜନଶୀଳତାକୁ ସେ ବେଶ୍ ଆଦରି ନେଇଛି। ଏଇ କାଳ୍ପନିକ କାହାଣୀଟିରେ ସୃଜନଶୀଳତାର ଗୋଟିଏ ବିଚିତ୍ର କଳ୍ପଲୋକରେ ସେ ବିଚରଣ କରିବାକୁ ଭୁଲିନାହିଁ। ଠିକ୍ ଏଇ ଘଟଣାର କିଛିଦିନ ପରେ ଜେଜେଙ୍କଠାରୁ ପ୍ରୋତ୍ସାହନ ପାଇ ସାଇର କାହାଣୀ ପୁସ୍ତକ 'ମୁଲାଂଚା ମେଓ୍ୱା' ପ୍ରକାଶ ପାଇଲା। ସେତେବେଳକୁ ସାଇ ମାତ୍ର ଆଠବର୍ଷର ବାଳିକା। ଜେଜେଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ମାନିନେଲେ ଯେ ସାଇ ସୃଜନଶୀଳା। ବହିଟି ପ୍ରକାଶ ପାଇବା ପରେ ସାଇ ପାଖକୁ ସବୁଦିଗରୁ ଶୁଭେଚ୍ଛାର ସୁଅ ଛୁଟିଲା।

ଅଜାଣତରେ ଥରେ ସାଇ ଖଣ୍ଡେ ବହିକୁ ଗୋଡ଼ରେ ଆଡ଼େଇ ଦେଲା। କିନ୍ତୁ ଜେଜେଙ୍କ ଦୃଷ୍ଟିରୁ ତାହା ବାଦ୍ ପଡ଼ିଲା ନାହିଁ। ଜେଜେ ସାଇକୁ ନିଜ ପାଖକୁ ଡାକି କହିଲେ– ''ଦେଖ ସାଇ! ମୁଁ କାହାକୁ ସେମିତି ଲୋକଦେଖାଣିଆ ପୂଜା କରେନାହିଁ, କେବଳ ବହି ବ୍ୟତୀତ। ତୁ ଯଦି ଏହା ମାନିବାକୁ ପ୍ରସ୍ତୁତ, ତେବେ ଜୀବନରେ ବହିକୁ କେବେ ହତାଦର କରିବୁ ନାହିଁ। ଜନ୍ମଦିନରେ କିମ୍ବା ସାମାଜିକ ଉତ୍ସବରେ ଅନ୍ୟମାନଙ୍କୁ ବହିଟିଏ ଉପହାର ଦେବୁ। ସାଙ୍ଗସାଥୀଙ୍କୁ ମଧ୍ୟ ସେମାନଙ୍କ ଜନ୍ମଦିନରେ ବହିଟିଏ ଦେବାକୁ ଭୁଲିବୁନି। ମୁଁ ହୁଏ ତ ଥିବି କି ନ ଥିବି। ଭବିଷ୍ୟତରେ ତୁ ମୋ କଥା ରଖିବୁ ତ?''

ସାଇ ମୁଣ୍ଡ ହଲେଇ ହଁ କଲା। ଏହାପରେ ସାଇ ଆଉ ବହି କେହି କାହାକୁ ଛାଡ଼ିପାରିଲେ ନାହିଁ। ଜେଜେଙ୍କ ଘରେ ଗୋଟିଏ ବଡ଼ ବଖରା ଖାଲି ବହିରେ ଭର୍ତ୍ତି ହୋଇଥିଲା। ସେ ଥିଲା ଏକ ସୁନ୍ଦର ପାଠାଗାର, ଯେଉଁଥିରେ ଗ୍ରୀକ୍, ଲାଟିନ୍, ଜର୍ମାନ ଓ ଫ୍ରେଞ୍ଚ୍ ସମେତ ବହୁଭାଷାର ବହି ସ୍ଥାନ ପାଇଥିଲା। ମରାଠୀ ବ୍ୟତୀତ କିଛି ଇଂଲିଶ ଓ ଅନ୍ୟ ଭାଷାର ବହି ସାଇ ପାଇଁ ଦୁର୍ବୋଧ ଥିଲା। ତଥାପି ସେ ବହିଥାକ ପାଖରେ ଦୀର୍ଘ ସମୟ ଧରି ଛିଡ଼ାହୋଇ ରହୁଥିଲା, କାରଣ ବହିଗୁଡ଼ିକର ବାସ୍ନା ତାକୁ ଖୁବ୍ ଭଲ ଲାଗୁଥିଲା। ପରେ ପରେ ନିଜର କିଛି ସଂଗୃହୀତ ବହି ସେଇ ପାଠାଗାରର ଗୋଟିଏ କୋଣ ଅଧିକାର କରିନେଲା। କ୍ରମଶଃ ସେ ଜେଜେଙ୍କ ପ୍ରେରଣା ପାଇ ସାର୍ ୱାଲଟର ସ୍କଟ୍, ଜେନ୍ ଅଷ୍ଟିନ୍ ଓ ଚାର୍ଲସ ଡିକେନ୍‌ସଙ୍କ ପରି ପ୍ରତିଷ୍ଠିତ ସାହିତ୍ୟିକଙ୍କ ବହି ପଢ଼ିବାକୁ ଲାଗିଲା। ମଝିରେ ମଝିରେ ଜେଜେ ବାଧା ଦେଇ ତା'ର ଉଚ୍ଚାରଣ, ପଢ଼ିବାର ଶୈଳୀ ଏବଂ ଶାରୀରିକ ଭାଷା ଇତ୍ୟାଦିକୁ ସଂଶୋଧନ କରୁଥିଲେ।

ସାଇର ବୟସ ବଢ଼ିବା ସଙ୍ଗେ ସଙ୍ଗେ ତା' ବହି ପ୍ରୀତି ମଧ୍ୟ ବଢ଼ିବାକୁ ଲାଗିଲା। କହିବା ବାହୁଲ୍ୟ ଯେ, ପାରାଞ୍ଜପେ ପରିବାରରେ ବହିକୁ ପୂଜା କରାଯାଉଥିଲା। ଗୃହାରମ୍ଭ ପୂର୍ବରୁ ଯଦି କେହି ସମ୍ପର୍କୀୟ ସାର୍ ଆର୍. ପି. ପାରାଞ୍ଜପେଙ୍କ ଉପଦେଶ ନେବା ପାଇଁ ଆସୁଥିଲେ, ସେ ନୂଆଘରର ଗୋଟିଏ ବଖରାକୁ 'ବହିଘର' ଭାବେ ନାମିତ କରିବାକୁ କହୁଥିଲେ। ତାଙ୍କର ଦୃଢ଼ମତ ଥିଲା, ଯଦି ଏଥିପାଇଁ ମାଆବାପା, ବୟସ୍କ ବ୍ୟକ୍ତି ତଥା ପରିବାରର ସଦସ୍ୟମାନେ ଗୁରୁତ୍ୱ ଦେବେ, ତେବେ ପିଲାମାନେ ଭବିଷ୍ୟତରେ 'ପୁସ୍ତକ ପଠନ' ପ୍ରତି ଆଗ୍ରହ ପ୍ରକାଶ କରିବେ। କିଛି ନୂଆ ବହି କିମ୍ବା ନୂଆ ପତ୍ରିକା ଦେଖିଲେ ତାଙ୍କର ପଢ଼ିବା ପାଇଁ ଆଗ୍ରହ ଜନ୍ମିବ। ବହି ପଢ଼ୁ ପଢ଼ୁ ସାଇ ଟିକିଏ ମୋଟୀ ହୋଇଗଲା। ଖେଳିବାକୁ ମନ କଲେ ବି କେହି ଖେଳସାଥୀ ତାକୁ ଦଳରେ ସାମିଲ କରିବା ପାଇଁ ରାଜି ନ ଥିଲେ। କାରଣ ସେମାନେ ଜାଣିଥିଲେ ଯେ, ଯେଉଁ ଦଳ ସାଇକୁ ଆପଣେଇବ, ସିଏ ହାରିବ। ସାଇର ମାଆ ତା' ମୋଟାପଣକୁ ନେଇ ଚିନ୍ତିତ ଥିଲେ। ଏମିତି ମଧ୍ୟ ସାଇର ଆଉ କେହି ଭାଇଭଉଣୀ ନ ଥିଲେ ଯେଉଁମାନଙ୍କ ସହ ସେ ଖେଳିପାରିବ। ସାଇକୁ କେଉଁ ଦଳର ଖେଳସାଥୀମାନେ ନିଜ ଗୋଷ୍ଠୀରେ ସାମିଲ କଲେନାହିଁ। ଏହା ଭାରି ବାଧିଲା ସାଇକୁ। ମନେ ମନେ ଚିନ୍ତାକଲା– ଠିକ୍ ଅଛି, ସେ ଏମିତି ଏକ ଖେଳ ଉଦ୍ଭାବନ କରିବ ଯେଉଁଥିରେ ତା'ର ମୋଟାପଣ ବାଧକ ସାଜିବ ନାହିଁ। ହଠାତ୍ ତା' ମୁଖମଣ୍ଡଳ ଉଜ୍ଜ୍ୱଳ ଦିଶିଲା। ସମସ୍ତଙ୍କୁ ଚାହିଁ ସେ ଚିତ୍କାର କରି କହିଲା– ହେଇ ଦେଖ, ମୋତେ ଗୋଟିଏ ବଢ଼ିଆ ଖେଳ ଜଣା। ଖେଳଟିର ନାଁ ହେଲା କୁହୁକ ଦ୍ୱୀପର ଗୁପ୍ତଧନ ଖେଳ। ଯିଏ ମୋ ସହିତ ଖେଳିବ ଏଠାକୁ ଆସ। ସାଙ୍ଗମାନେ ଏହା ଶୁଣି ସାଇ ପାଖକୁ ଆସିଲେ। ଫନ୍ଦିକରି ସେ ଗୋଟିଏ ଗପ କହିଲା। କାହାଣୀଟି ଅନ୍ୟମାନଙ୍କୁ ଖୁବ୍ ଭଲ ଲାଗିଲା। ସମସ୍ତେ ତାକୁ ପ୍ରଶଂସା କଲେ। ଏହିପରି କଳ୍ପନାର କାହାଣୀ ସୃଷ୍ଟି କରିଚାଲିଲା ସାଇ। ପରେ ପରେ କିଛି ନାଟକ ମଧ୍ୟ ସୃଷ୍ଟି କଲା ସେ। ସାଥୀମାନଙ୍କୁ ନେଇ ସ୍କୁଲ ବଗିଚାରେ ନାଟକ ଚାଲିଲା। ସମୟକ୍ରମେ ସେ ପାଲଟିଗଲା ନିର୍ଦ୍ଦେଶିକା।

ନାଟକ ପରିବେଷଣ ଏବଂ କଳ୍ପଲୋକରେ ଘୂରି ବୁଲିବାକୁ ଭଲ ପାଉଥିବା ଏଇ ସୃଜନଶୀଳ ଝିଅଟି ପରବର୍ତ୍ତୀ କାଳରେ ଭାରତର ଜଣେ ଖ୍ୟାତନାମା ଚଳଚ୍ଚିତ୍ର ନିର୍ମାତ୍ରୀ ଏବଂ ଥିଏଟର ବ୍ୟକ୍ତିତ୍ୱ ରୂପେ ପ୍ରସିଦ୍ଧି ଲାଭ କଲା। କିନ୍ତୁ ସେ ଜେଜେଙ୍କ ଉପଦେଶ ଭୁଲିଲା ନାହିଁ। ପ୍ରତିବର୍ଷ ସେ ବହିପୂଜା କଲା। ପରେ ଅନେକ ଶିଶୁ, ବ୍ୟବସାୟିକ ତଥା ପ୍ରାମାଣିକ ଚଳଚ୍ଚିତ୍ରର ସେ ଥିଲା ପ୍ରଯୋଜିକା ଓ ନିର୍ଦ୍ଦେଶିକା। ପ୍ରୌଢ଼ଶିକ୍ଷା ପାଇଁ ଉଦ୍ଦିଷ୍ଟ ଚଳଚ୍ଚିତ୍ର 'ଅଙ୍ଗୁଠା ଛାପ' ଏବେ ବି ଭାରତର ଘରେ ଘରେ ପରିଚିତ। ତାଙ୍କ ଦ୍ୱାରା ନିର୍ମିତ ସବୁ ଚଳଚ୍ଚିତ୍ରର ବିଷୟବସ୍ତୁ ସର୍ବଦା ସମ୍ବେଦନଶୀଳ ଓ ତହିଁର ସାମାଜିକ ପ୍ରାସଙ୍ଗିକତା ଅଛି ବୋଲି ସ୍ୱୀକାର କରିବାକୁ ପଡ଼ିବ।

ଚରମ୍ପା, ଭଦ୍ରକ, ମୋ–୯୮୬୧୧୦୬୨୦୬



ଡା. ଉମେଶ ଚନ୍ଦ୍ର ପାତ୍ର

# ମଦ ବିଭୀଷିକା

ରାଜ୍ୟର ଚାରିଆଡ଼େ ଚୋରାମଦ କାରବାର ବ୍ୟାପିବାରେ ଲାଗିଛି। ମଦ ମାଫିଆମାନେ ମଦକୁ ଅଧିକ ନିଶାଯୁକ୍ତ କରିବା ଓ କମ୍ ମୂଲ୍ୟରେ ପ୍ରସ୍ତୁତ କରିବାକୁ ଚେଷ୍ଟା କରୁଥିବାରୁ ଏହା ବିଷାକ୍ତ ହେଉଛି। ବିଷାକ୍ତ ମଦ ୧୮ବର୍ଷରେ ଶହେଜଣଙ୍କ ଜୀବନ ନେଲାଣି। ୨୦୦୧ରେ ପୁରୀ ଓ ଖୋର୍ଦ୍ଧାରେ ବିଷାକ୍ତ ମଦ ପିଇ ୨୦ଜଣଙ୍କର ଜୀବନ ଯାଇଥିଲା। ୨୦୦୬ ମାର୍ଚ୍ଚ ୨୦ରେ ୧୯ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୦୯ ମେ ୬ ତାରିଖରେ ଖୋର୍ଦ୍ଧାରେ ଏହା ୪ ଜଣଙ୍କର ଜୀବନହାନିର କାରଣ ହୋଇଥିଲା। ସେହିବର୍ଷ ବଲାଙ୍ଗୀର ଜିଲାରେ ବିଷାକ୍ତ ମଦ ୭ଜଣଙ୍କର ଜୀବନଦୀପ ଲିଭାଇ ଦେଇଥିଲା। ୨୦୦୦ରୁ ୨୦୧୦ ଭିତରେ ରାଜ୍ୟରେ ୬୦ଜଣଙ୍କର ବିଷାକ୍ତ ମଦ ପିଇବା ଯୋଗୁ ମୃତ୍ୟୁ ହୋଇଛି। ୨୦୧୨ରେ ରାଜ୍ୟରେ ୩୯ଜଣଙ୍କର ମଦ ପାଇଁ ମୃତ୍ୟୁ ଘଟିଛି। ଅବକାରୀ ବିଭାଗ ତଦନ୍ତ କଲାପରେ ଜାଣିବାକୁ ପାଇଛି ଯେ 'ସିନେମନ' ଓ 'ଇପିକାର୍ମ' ନାମକ ଦୁଇଟି ସିରପ୍ ପିଇ ଏମାନଙ୍କ ମୃତ୍ୟୁ ହୋଇଥିଲା। ସିନେମନରେ ୫୦ରୁ ୫୨ ଭାଗ ନିଶା ଓ ଇପିକାର୍ମରେ ୪୨ ଭାଗ ମାଦକଦ୍ରବ୍ୟ ରହିଥିବାରୁ ଏହା ମୃତ୍ୟୁର କାରଣ ବୋଲି ପୋଲିସ ତଦନ୍ତରେ ସ୍ପଷ୍ଟ କରିଥିଲା।

ମଦ୍ୟପାନ ଏକ ସାମାଜିକ ବ୍ୟାଧି। ଆର୍ଥିକ, ମାନସିକ, ପାରିବାରିକ, ସାମାଜିକ ଓ ଦୁର୍ଘଟଣା ଇତ୍ୟାଦି ବହୁ ସମସ୍ୟା ଏହି ବ୍ୟାଧି ସହିତ ଜଡ଼ିତ। ମଦ୍ୟପାନ ଦ୍ୱାରା ଶରୀରର ପ୍ରତ୍ୟେକ ଅଙ୍ଗ ଧୀରେ ଧୀରେ ଅଜାଣତରେ ରୋଗଗ୍ରସ୍ତ ହୋଇଥାଏ। ମଦ୍ୟପାନର ପ୍ରଥମ ପ୍ରଭାବ ଯକୃତ ଉପରେ ପଡ଼ିଥାଏ। ଯକୃତରେ ଚର୍ବି ଜମିଯାଏ, ରୋଗୀକୁ ଜଣ୍ଡିସ୍ ହୁଏ, ଧୀରେ ଧୀରେ ରୋଗୀ ଲିଭର ସିରୋସିସ୍‌ରେ ଆକ୍ରାନ୍ତ ହୁଏ। ବେଳେବେଳେ ଲିଭର କ୍ୟାନ୍‌ସର ମଧ୍ୟ ହୋଇଥାଏ। ମଦ୍ୟପାନ ସହିତ ହେପାଟାଇଟିସ୍ ବି ଓ ହେପାଟାଇଟିସ୍ ସି ମିଶିଯାଇ ଯକୃତକୁ ଅତ୍ୟଧିକ କ୍ଷତି ପହଞ୍ଚାନ୍ତି। ମଦ୍ୟପାନର ପରିମାଣ, ସମୟ ଓ ମଦର ବିଭିନ୍ନ ପ୍ରକାର ଉପରେ ଯକୃତ ଆକ୍ରାନ୍ତ ହେବା ନିର୍ଭର କରେ। ଅତ୍ୟଧିକ ମୋଟା ହେଲେ ଓ ଲିଭରରେ ଲୌହ କଣିକା ବୃଦ୍ଧି ପାଇଲେ ଯକୃତ ଶୀଘ୍ର ନଷ୍ଟ ହୁଏ। ଦୈନିକ ୬୦ଗ୍ରାମ୍‌ରୁ ଅତ୍ୟଧିକ ମଦ ପିଇଲେ ୯୦ ଭାଗ ବ୍ୟକ୍ତିଙ୍କର ଲିଭରରେ ଚର୍ବି ଜମିଯାଏ, ଅତ୍ୟଧିକ ଚର୍ବି ଜମିଲେ ତାହା ଯକୃତର କୋଷକୁ ନଷ୍ଟ କରି ଫାଇବ୍ରୋସିସ୍ କରେ। ୮ବର୍ଷରୁ ଅଧିକ ମଦ୍ୟପାନ କଲେ ଲିଭର ସିରୋସିସ୍ ହୋଇପାରେ। ମହିଳାମାନେ ୨୦ ଗ୍ରାମ୍‌ରୁ ଅଧିକ ଓ ପୁରୁଷମାନେ ୬୦ଗ୍ରାମ୍‌ରୁ ଅଧିକ ମଦ୍ୟପାନ କଲେ ସିରୋସିସ୍ ହୋଇଥାଏ। ମହିଳାମାନେ ପୁରୁଷଙ୍କ ଅପେକ୍ଷା ମଦ୍ୟପାନ ଦ୍ୱାରା ୩ଗୁଣ କ୍ଷତିଗ୍ରସ୍ତ ହୁଅନ୍ତି। ମଦ୍ୟପାନ ସହିତ ଖାଦ୍ୟ ଖାଇଲେ ଯକୃତ କମ୍ ଆକ୍ରାନ୍ତ ହୁଏ। ଶରୀରରେ ପ୍ରୋଟିନ୍, ଭିଟାମିନ୍ ଏ ଓ ଭିଟାମିନ୍ ଇ ଇତ୍ୟାଦିର ଅଭାବ ଥିଲେ ମଦ୍ୟପାନ ଦ୍ୱାରା ଯକୃତ ବିଶେଷ କ୍ଷତିଗ୍ରସ୍ତ ହୁଏ। ପ୍ରଥମ ଅବସ୍ଥାରେ ମଦ୍ୟପାନ ବନ୍ଦ କଲେ ୪ରୁ ୬ ସପ୍ତାହ ଭିତରେ ଯକୃତ ପୂର୍ବ ଅବସ୍ଥାକୁ ଫେରିଆସେ।

ପୃଥିବୀରେ ଉତ୍ପାଦିତ ସବୁ ପ୍ରକାର ମଦର ଏକପଞ୍ଚମାଂଶ ଭାରତୀୟମାନେ ପିଇଥାନ୍ତି। ଏକ ଗବେଷଣା ତଥ୍ୟ ଅନୁଯାୟୀ ଭାରତବର୍ଷରେ ବ୍ୟବହୃତ ମଦର ଦୁଇତୃତୀୟାଂଶ ଚୋରାମଦ କାରବାରରୁ ଆସିଥାଏ। ଭାରତରେ ଅର୍ଥନୀତିର ବିଶ୍ୱୀକରଣ ପରେ ବିଦେଶୀ ମଦର ଚାହିଦା ପ୍ରାୟ ୩୦ ପ୍ରତିଶତ ବଢ଼ିଛି। ଭାରତରେ ୧୫ଲକ୍ଷ କୋଟି ଟଙ୍କାର ବିୟର, ୱାଇନ୍ ଓ ଅନ୍ୟାନ୍ୟ ମଦ ବିକ୍ରି ହୋଇଥାଏ। ବିଶ୍ୱ ହ୍ୱିସ୍କି ବଜାରରେ ଭାରତର ସ୍ଥାନ ଏକ ନମ୍ବର। ସେହିପରି ସୂଚନା ପ୍ରଯୁକ୍ତିର ବ୍ୟାପକତା, ଅର୍ଥନୈତିକ ଉନ୍ନତି, ଦୃଢ଼ ସହରୀକରଣ, ଜୀବନଶୈଳୀରେ ପରିବର୍ତ୍ତନ, ସାମାଜିକ ଚାହିଦା ଓ କୌଣସି ପ୍ରକାର ମାନସିକ ଅବସାଦ କାରଣରୁ ଦିନକୁ ଦିନ ବିଶେଷକରି ଯୁବକମାନେ ଏହାପ୍ରତି ଆକୃଷ୍ଟ ହେଉଛନ୍ତି। ବିଭିନ୍ନ ମହାନଗରରେ ମଦ କିଣୁଥିବା ବ୍ୟକ୍ତିଙ୍କ ଭିତରୁ ୩୨ ପ୍ରତିଶତଙ୍କ ବୟସ ୧୭ରୁ ୨୫ ବର୍ଷ ହୋଇଥିବା ବେଳେ ୧.୫ ପ୍ରତିଶତଙ୍କ ବୟସ ୧୬ବର୍ଷରୁ କମ୍। ମଦ କିଣୁଥିବା ୪୫ ପ୍ରତିଶତ ଲୋକଙ୍କର ବୟସ ୨୬ରୁ ୫୦ ବର୍ଷ ଭିତରେ। ମଦ କିଣୁଥିବା ଯୁବବର୍ଗଙ୍କ ଭିତରେ ୪୨ ପ୍ରତିଶତ ଛାତ୍ର।

ଖାଇବା ସମୟକୁ ବାଦ ଦେଇ ଅଲଗା ସମୟରେ ମଦ୍ୟପାନ କଲେ ଲିଭର ୨ରୁ ୩ ଗୁଣ କ୍ଷତିଗ୍ରସ୍ତ ହୋଇଥାଏ। ବିଞ୍ଜ୍ ମଦ୍ୟପାନ ଦ୍ୱାରା ଲିଭର ବେଶି ଆକ୍ରାନ୍ତ ହୁଏ। ଅତ୍ୟଧିକ ଚର୍ବିଯୁକ୍ତ ଖାଦ୍ୟ ଓ ମଦ ଏକା ସାଙ୍ଗରେ ଖାଇଲେ ଯକୃତର ଅଧିକ କ୍ଷତି ହୁଏ। ଛାତିରେ ପାଣି ଜମିଯାଏ ଓ ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ ହୁଏ। ମଦ୍ୟପାନ ଯୋଗୁ ଜଣ୍ଡିସ୍ ହେଲେ ବେଳେବେଳେ ରୋଗୀ ଚେତାଶୂନ୍ୟ ହୋଇଯାଏ, ପେଟରେ ପାଣି ଜମିଯାଏ, ରକ୍ତବାନ୍ତି ଓ କଳାଝାଡ଼ା ହୁଏ, ପରିସ୍ରା କମିଯାଏ ଓ ବୃକ୍କ ମଧ୍ୟ ଆକ୍ରାନ୍ତ ହୁଏ। ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ, ବୃକ୍କ, ମସ୍ତିଷ୍କ, ସ୍ନାୟୁତନ୍ତ୍ରୀ ଇତ୍ୟାଦି ମଦ୍ୟପାନ ଦ୍ୱାରା ଆକ୍ରାନ୍ତ ହୁଏ। ମଦ୍ୟପାନ ବନ୍ଦ ହେଉଛି ଏହି ବ୍ୟାଧିର ଏକମାତ୍ର ଚିକିତ୍ସା। ପ୍ରଥମ ଅବସ୍ଥାରେ ମଦ୍ୟପାନ ବନ୍ଦ କଲେ ୨ରୁ ୩ମାସ ଭିତରେ ଦୁଇ ତୃତୀୟାଂଶ ରୋଗୀ ଭଲ ହୋଇଯାନ୍ତି।

ଜାତୀୟ ରାଜପଥରେ ଘଟୁଥିବା ସଡ଼କ ଦୁର୍ଘଟଣା ପାଇଁ ନିଶାଗ୍ରସ୍ତ ଚାଳକମାନେ ଅନେକାଂଶରେ ଦାୟୀ। ତେଣୁ ଜାତୀୟ ଓ ରାଜ୍ୟ ରାଜପଥର ୫୦ ମିଟର ମଧ୍ୟରେ ଥିବା ମଦ ଦୋକାନଗୁଡ଼ିକୁ ସ୍ଥାନାନ୍ତର ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଅବକାରୀ ଧରପଗଡ଼କୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ଜିଲାସ୍ତରରେ ସ୍କ୍ୱାଡ୍ ଗଠନ କରାଯାଇଛି। ପ୍ରତି ହସ୍ପିଟାଲରେ ନିଶା ନିବାରଣ କେନ୍ଦ୍ର ଖୋଲିବା ପାଇଁ ହାଇକୋର୍ଟ ଆଦେଶ ଦେଇଛନ୍ତି। ନାରୀ ସଶକ୍ତୀକରଣ ମାଧ୍ୟମରେ ମଦମୃତ୍ୟୁ ବିଭୀଷିକାକୁ ବହୁ ପରିମାଣରେ ରୋକାଯାଇ ପାରିବ। ଗୁଜରାଟ, ମଣିପୁର, ନାଗାଲାଣ୍ଡ, ଲାକ୍ଷାଦ୍ୱୀପ ଓ ବର୍ତ୍ତମାନ ବିହାରରେ ସମ୍ପୂର୍ଣ୍ଣ ମଦ ନିବାରଣ କରାଯାଇଛି। ଓଡ଼ିଶା ମଧ୍ୟ ସେହିସବୁ ରାଜ୍ୟକୁ ଅନୁସରଣ କରିବା ଦରକାର।

କଟକ, ମୋ: ୯୪୩୭୦୫୧୯୫୭

## ଏଇ ଭାରତରେ

ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟଦେଇ ନିଜ ପସନ୍ଦର ଲୋକପ୍ରତିନିଧି ବାଛିବା ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର। ଏହି ଅଧିକାର ସ୍ୱତଃପ୍ରବୃତ୍ତ ଭାବେ ସାବ୍ୟସ୍ତ କରିବା ଆବଶ୍ୟକ। କେତେକ ବ୍ୟକ୍ତି ବିଭିନ୍ନ ଆଳ ଦେଖାଇ ଭୋଟ ଦେବାକୁ ଆଗ୍ରହ ପ୍ରକାଶ କରି ନ ଥାନ୍ତି। କିନ୍ତୁ ରାଜସ୍ଥାନରେ ସୋମବାର ହୋଇଥିବା ଲୋକ ସଭା ନିର୍ବାଚନରେ ପ୍ରଚଣ୍ଡ ରୌଦ୍ରତାପକୁ ଖାତିର ନ କରି କେତେକ ଶତାୟୁ ବ୍ୟକ୍ତି ନିଜ ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି। ସେମାନେ ତରୁଣପିଢ଼ିଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଉକ୍ତ ରାଜ୍ୟର ଶ୍ରୀଗଙ୍ଗନଗର ଜିଲାର ରାୟସିଂନଗର ବାସିନ୍ଦା ବୀର ସିଂଙ୍କର ବୟସ ୧୧୪ ବର୍ଷ। ସେ ଭୋଟଦେବା ପାଇଁ ପୋଲିଂ ବୁଥ୍‌ରେ ସକାଳୁ ସକାଳୁ ପହଞ୍ଚିଯାଇଥିଲେ। ସେହିପରି ଏହି ଜିଲାର ୧୦୪ ବର୍ଷର ଗଙ୍ଗାରାମ ଏବଂ ୧୦୨ ବର୍ଷର ଗୁରୁଦୟାଲ କୌର ଯଥାକ୍ରମେ ଜୟପୁର ଏବଂ ସୁରତଗଡ ସହରରେ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି। ପ୍ରବଳ ଗରମ ସତ୍ତ୍ୱେ ସେମାନେ ଜଣେ ଜଣେ ସଚେତନ ନାଗରିକ ଭାବେ ନିଜର ଦାୟିତ୍ୱବୋଧ ପ୍ରଦର୍ଶନ କରିଛନ୍ତି।

## ଚିରନ୍ତନୀ

ପ୍ରତି ଲୋମକୂପ ଆଜି
ଥରିଉଠେ ପୁଲକେ
ଏ ପରଶ ଦେହେ ମୋର ଦେଲ କେ?
ଦିବସର ଆଗମନୀ
ରଜନୀରେ ଦେଲ ଭଣି
ସୁଶୀତଳ ଜୋଛନାରେ ଝଲକେ
ଏ ପରଶ ଦେହେ ମୋର ଦେଲ କେ?
(ଶିଶିର–ହାସ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୮ ମେ ୧୯୯୪

- ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ବିରୋଧରେ ୨୯ ବର୍ଷ ବୟସ୍କା ମହିଳା ପାଉଲା ଜୋନ୍ସ ଯୌନ ନିର୍ଯାତନା ଅଭିଯୋଗ ଆଣି ଏକ ମକଦ୍ଦମା ରୁଜୁ କରିଛନ୍ତି।
- ବାଂଲାଦେଶ ଦକ୍ଷିଣାଞ୍ଚଳର ଭାଲେ ଜିଲା ଅନ୍ତର୍ଗତ ତେତୁଲିଆ ନଦୀରେ ଡଙ୍ଗା ବୁଡି ୫୦ ଜଣଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### ଶତ ପ୍ରତିଶତ ବିଦ୍ୟୁତ୍ ସଂଯୋଗ

ମହାଶୟ,

୨୦୧୮ ମସିହା ଏପ୍ରିଲ ଶେଷ ସୁଦ୍ଧା ଦେଶର ଶତପ୍ରତିଶତ ଗ୍ରାମକୁ ବିଦ୍ୟୁତୀକରଣ କରାଯାଇଛି ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଏହା ଏକ ସଫଳତା ହେଲେ ମଧ୍ୟ ଆମକୁ ସ୍ୱୀକାର କରିବାକୁ ହେବ ଯେ, ଏହି ସମୟ ସୁଦ୍ଧା ଦେଶର ୩୧ ନିୟୁତ ପରିବାରକୁ ବିଦ୍ୟୁତ୍ ସଂଯୋଗ ହୋଇପାରି ନ ଥିଲା। କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟର ନିୟମ ଅନୁସାରେ ଯେଉଁ ଗ୍ରାମର ୧୦ ପ୍ରତିଶତ ପରିବାର, ବିଦ୍ୟାଳୟ, ପଞ୍ଚାୟତ ଗୃହ ଓ ସ୍ୱାସ୍ଥ୍ୟକେନ୍ଦ୍ର ପରି ସରକାରୀ ଅନୁଷ୍ଠାନକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି, ସେହି ଗ୍ରାମଗୁଡିକ ବିଦ୍ୟୁତୀକରଣ ହୋଇଛି ବୋଲି ମାନ୍ୟତା ଦିଆଯାଉଛି। ଏ କଥା ବୁଝି ହେଉନାହିଁ ଯେ, ଯେଉଁ ଗ୍ରାମର ୯୦ ପ୍ରତିଶତ ପରିବାରଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ, ସେଗୁଡିକୁ କିପରି ଏହି ତାଲିକାରେ ସାମିଲ କରାଯାଉଛି। ଏଣୁ କେନ୍ଦ୍ର ସରକାର ଶତ ପ୍ରତିଶତ ଗ୍ରାମକୁ ବିଦ୍ୟୁତୀକରଣ କରାଯାଇଛି ବୋଲି କହି ଆତ୍ମସନ୍ତୋଷ ଲାଭ ନ କରି ଯେପରି ଶତ ପ୍ରତିଶତ ପରିବାରଙ୍କୁ ବିଜୁଳି ସଂଯୋଗ ମିଳିବ, ସେ ଦିଗରେ ଉଦ୍ୟମ କରନ୍ତୁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଶବ ଦାହରେ ଘଷି

କିଛିଦିନ ତଳେ ଧରିତ୍ରୀରେ ପ୍ରକାଶିତ ମାନେକା ଗାନ୍ଧୀଙ୍କ ପରିବେଶ ପରିଚିନ୍ତା 'ଶବ ଦାହରେ ଘଷି' ବାସ୍ତବରେ ଉପାଦେୟ। ସେ ବାସ୍ତବରେ ନିଜେ କରି ଅନ୍ୟକୁ କରିବାକୁ ଉତ୍ସାହ ପ୍ରଦାନ କରୁଛନ୍ତି। ତାଙ୍କ ପରାମର୍ଶ ଅନୁସାରେ ଶବଦାହରେ ଘଷିର ବ୍ୟବହାର କରାଗଲେ ପରିବେଶ ସୁରକ୍ଷା ଦିଗରେ ଅନେକ ସହାୟତା ମିଳିବ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ନ୍ୟାୟିକ ବ୍ୟବସ୍ଥାର ମନ୍ଥର ଗତି

ଅଦାଲତ ଜନସାଧାରଣଙ୍କୁ ନ୍ୟାୟ ଦେବା ସହିତ ଦୋଷୀକୁ ଦଣ୍ଡ ଦିଅନ୍ତି। ଦଣ୍ଡର ଭୟ ନ ରହିବାରୁ ବଳାତ୍କାରରେ ଲିପ୍ତ ବ୍ୟକ୍ତି ଭବିଷ୍ୟତ ସମ୍ପର୍କରେ ଚିନ୍ତା କରୁନାହିଁ। ନ୍ୟାୟ ପାଇବାରେ ଅହେତୁକ ବିଳମ୍ବ ଯୋଗୁ କ୍ଷତିଗ୍ରସ୍ତ ବ୍ୟକ୍ତିର ଅଦାଲତ ପ୍ରତି ବିଶ୍ୱାସ ରହୁନାହିଁ। ପାର୍ସଲ ବୋମା ଘଟଣା ହେଉ କି ଇତିଶ୍ରୀ, ବେବିନା ଘଟଣା, ଯଥେଷ୍ଟ ପ୍ରମାଣ ଥିଲେ ବି ଦୋଷୀ ଦଣ୍ଡ ପାଇବା ପରିବର୍ତ୍ତେ ନିର୍ଦ୍ଦୋଷରେ ଖଲାସ ହେଉଛି। ବିଚାରାଧୀନ ବନ୍ଦୀ ମଧ୍ୟ ଜେଲରୁ ଖସି ପଳାଇଯାଉଛି। ନ୍ୟାୟିକ ବ୍ୟବସ୍ଥାର କଚ୍ଛପ ଗତି ଯୋଗୁ ଜନସାଧାରଣଙ୍କର ବିଶ୍ୱାସ ତୁଟିଯାଉଛି। ଯଥେଷ୍ଟ ପ୍ରମାଣ ଥାଇ ମଧ୍ୟ ଦୋଷୀ ଦଣ୍ଡ ନ ପାଇବା ଦୁର୍ଭାଗ୍ୟଜନକ। ସରକାର ଏବଂ ନ୍ୟାୟପାଳିକା ସମ୍ବେଦନଶୀଳ ଘଟଣାଗୁଡିକୁ ଆନ୍ତରିକତାର ସହିତ ବିଚାର କରି ନ୍ୟାୟ ପ୍ରଦାନ କରିବା ଜରୁରୀ। ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେଇ ଉଦାହରଣ ସୃଷ୍ଟି କଲେ ଦୋଷ କରିବା ପୂର୍ବରୁ ଅନ୍ୟମାନେ ଟିକିଏ ଚିନ୍ତା କରିବେ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଜଣେ ଗୁରୁତର

ବଇଣ୍ଡା,୭।୫(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ସାରଦା କମ୍ପ୍ଲେକ୍ସ ପରିସରରେ ଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ଦୀନେଶ ବିଶ୍ୱାଳ ଗୁରୁତର ହୋଇଛନ୍ତି। ତାଙ୍କୁ ପରିବାର ଲୋକେ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଘଟଣାରୁ ଜଣାପଡ଼ିଛି, ସାରଦା କମ୍ପ୍ଲେକ୍ସରେ କିଛି ଦିନ ତଳେ ଅଗ୍ନିକାଣ୍ଡରେ ବିନୋଦ ପ୍ରଧାନଙ୍କ ଦୋକାନ ଜଳିଯାଇଥିଲା। ତେବେ ଉକ୍ତ ଦୋକାନରେ ଲାଗିଥିବା ଏସିର ତାରକୁ ଦୀନେଶ ଖୋଲୁଥିବାବେଳେ ୧୧ କେଭି ସଂସ୍ପର୍ଶରେ ଆସିଥିଲେ। ଖବରପାଇ ସେସୁ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ମାଝି ଘଟଣାସ୍ଥଳରେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ କରି ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି।

### ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୭।୫(ଡି.ଏନ.ଏ.)- କିଶୋରନଗର ବ୍ଲକ ଧଉରାଗୋଠ ଗ୍ରାମର କଳ୍ପତରୁ ପ୍ରଧାନଙ୍କୁ ସେହି ଗ୍ରାମର ଯୋଗେଶ୍ୱର ମାଝି ପଥରମାଡ଼ କରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏ ସଂକ୍ରାନ୍ତରେ ନଂ. ୭୮/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, କଳ୍ପତରୁ ତାଙ୍କ ଘର ବାରଣ୍ଡାରେ ବସିଥିବାବେଳେ ପୂର୍ବ ଶତ୍ରୁତାକୁ ନେଇ ଯୋଗେଶ୍ୱର ପଥର ମାଡ଼ କରିଥିଲେ।

### ମହାବିଦ୍ୟାଳୟ କର୍ମଚାରୀଙ୍କ ପରଲୋକ

ବଇଣ୍ଡା,୭।୫(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଉଚ୍ଛବ ଚରଣ ସାହୁଙ୍କ ସୋମବାର ବଇଣ୍ଡାସ୍ଥିତ ଗ୍ରାମରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ଖବରପାଇ କଲେଜର ସମସ୍ତ କର୍ମଚାରୀ ତାଙ୍କ ଶେଷ ଦର୍ଶନ କରିଥିଲେ। ମଙ୍ଗଳବାର କଲେଜ ଅଧକ୍ଷ ବିପିନବିହାରୀ ପ୍ରଧାନଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

### ହାତୀ ଉପଦ୍ରବ, ଚିନ୍ତାରେ ଚାଷୀ

ବଇଣ୍ଡା,୭।୫(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜରେ କିଛିଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ଜାମ୍ବୁନାଳୀ, ମକାମୁଣ୍ଡା, ଅଶ୍ରୁବାହାଳ, ନାଗାଝରଣ, ଖଣ୍ଡବର ଆଦି ଗ୍ରାମରେ ହାତୀପଲ ପଶି କଦଳୀ, ଆମ୍ବ, କାଜୁ ଫସଲ ନଷ୍ଟ କରୁଛନ୍ତି। ଏ ନେଇ ଅଭିଯୋଗ କଲେ ମଧ ବନ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଜାମ୍ବୁନାଳୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ସହ କ୍ଷତିପୂରଣ ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା କହିଛନ୍ତି, ହାତୀ ଘଉଡ଼ାଇବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ।

### ଅକ୍ଷୟ ତୃତୀୟା ପାଳିତ

ଛେଣ୍ଡିପଦା,୭।୫(ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ କୋରଡ଼ା ପଞ୍ଚାୟତ ପୁଟଗାଡ଼ିଆ ଗ୍ରାମ କୋଠଘରଠାରେ ମଙ୍ଗଳବାର ଅକ୍ଷୟ ତୃତୀୟା ଦିବସ ପାଳିତ ହୋଇଛି। ଏହି ଅବସରରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଏହାସହ ହୋମଯଜ୍ଞ, ପୁରାଣପାଠ, ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାପତି ବସନ୍ତ କୁମାର ସିଂହ, ହର୍ଷ ସିଂହ, ଲମ୍ବୋଦର ଦଣ୍ଡପାଟ, ବିଜୟ ସିଂହ, ଗଙ୍ଗାଧର ଦଣ୍ଡପାଟ ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ଅକ୍ଷୟତୃତୀୟା, କୃଷକ ଦିବସ

# ଆଧୁନିକ ଚାଷ ପଦ୍ଧତି ଆପଣାନ୍ତୁ ଚାଷୀ

**ଅନୁଗୋଳ ଅଫିସ, ୭।୫**



ଜିଲାପାଳ ଚାଷ କାର୍ଯ୍ୟର ଶୁଭାରମ୍ଭ କରୁଛନ୍ତି।

ଜିଲାସ୍ତରୀୟ ଅକ୍ଷୟତୃତୀୟା ଓ କୃଷକ ଦିବସ ମଙ୍ଗଳବାର ପୂର୍ବାହ୍ନରେ ଅନୁଗୋଳ ପଞ୍ଚମହଲା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଠାରେ ପାଳିତ ହୋଇଯାଇଛି। କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏପରି ଏକ ପବିତ୍ର ଦିନରେ ଭୂମି ପୂଜା ଓ କୃଷି କାର୍ଯ୍ୟର ଶୁଭାରମ୍ଭ କରି ନିଜକୁ ଗୌରବାନ୍ୱିତ ମନେ କରିବା ସହ କୃଷି, କୃଷକର ଉନ୍ନତି ପାଇଁ ଆଧୁନିକ ଚାଷ ପଦ୍ଧତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ପୂର୍ବରୁ ଜିଲାପାଳ ଭୂମି ପୂଜା, ଅଖି ମୁଠି ଅନୁକୂଳ ଓ ଅକ୍ଷୟ ବୀଜ ବପନ କାର୍ଯ୍ୟ ସମାପନ କରିଥିଲେ। ଜିଲାପାଳ ନିଜେ ହଳ ଲଙ୍ଗଳ ଧରି ଚାଷ କାର୍ଯ୍ୟର ଶୁଭାରମ୍ଭ ସହ ଜିଲାର କୃଷକମାନଙ୍କୁ ଉତ୍ସାହିତ କରିଥିଲେ। ଏ ବର୍ଷ ଅନୁଗୋଳର କୃଷକମାନେ ଭଲ ଉତ୍ପାଦନ ପାଆନ୍ତୁ ବୋଲି ଠାକୁରଙ୍କ ନିକଟରେ ଜିଲାପାଳ ପ୍ରାର୍ଥନା କରିବା ସହ କୃଷିର ଉନ୍ନତି ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବିନିତା ଶତପଥୀ, ଅନୁଗୋଳ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପଦ୍ମଲୋଚନ ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଉପକୃଷି ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଗୋଳ ଜିଲା କୃଷି ଅଧିକାରୀ ଭୋଳାଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଭିନ୍ନ ଅଗ୍ରଣୀ ଚାଷୀ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଅଭିନବ ଉପାୟରେ ବାଇକ୍ ଚୋରି, ଥାନାରେ ମାମଲା

**ଛେଣ୍ଡିପଦା,୭।୫(ସ୍ୱ.ପ୍ର.)**

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ନିଶା ଗ୍ରାମରୁ ଅଭିନବ ଉପାୟରେ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି।

ପୋଲିସ କହିଛି, କଣିହାଁ ଥାନା ବଡହୀରା ଗ୍ରାମର ତ୍ରିଲୋଚନ ନାଏକ କିଛିମାସ ତଳେ ଏକ ବଳାତ୍କାର ମାମଲାରେ ଅନୁଗୋଳ ଜେଲରେ ଥିଲେ। ସେଠାରେ ସେ ଅନୁଗୋଳ ଥାନାରେ ଡକାୟତି ମାମଲାରେ ଥିବା ଭୁଷାପାଳ ଗ୍ରାମର ହଗୁରୁ ଓରଫ ଦୁଃଖୀ ନାଏକଙ୍କ ସହିତ ବନ୍ଧୁତା କରିଥିଲେ। ଜେଲରୁ ବାହାରିଲା ପରେ ମଧ ଉଭୟଙ୍କ ସମ୍ପର୍କ ନିବିଡ଼ ହୋଇଥିଲା। ଏପ୍ରିଲ ୨୮ରେ ଉଭୟେ ଅନୁଗୋଳ ସୋଲଡାରେ ଦେଖାହେବା ସହିତ ସେଠାରୁ ଚେରମୂଳି ଔଷଧ ନିମନ୍ତେ ନିଶା ଗ୍ରାମର ପୀତବାସ ନାଏକଙ୍କ ଘରକୁ ଆସିଥିଲେ। ସେଠାରେ କିଛି ସମୟ ରହିବା ପରେ ଦୁଃଖୀ ଏକ ଜରୁରୀକାମରେ ଆସୁଛି କହି ତ୍ରିଲୋଚନଙ୍କ ବାଇକ (ନଂ. ଓଆର୧୯ଏନ୩୧୩୬) ନେଇ କେଉଁଆଡ଼େ ଚାଲିଯାଇ ଥିଲେ। ବହୁ ଖୋଜାଖୋଜି କରି ନିରାଶ ହୋଇ ତ୍ରିଲୋଚନ ଶେଷରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୧୮୧/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏଏସ୍ଆଇ ପ୍ରଫୁଲ୍ଲ କୁମାର ରାଉତ କହିଛନ୍ତି।

## ଅନୁକୂଳ ହେଲା ରଥ କାଠ



**ଅନୁଗୋଳ ଅଫିସ, ୭।୫**

ଜୁଲାଇ ୪ ତାରିଖରେ ହେବାକୁ ଥିବା ରଥ ଯାତ୍ରା ପାଇଁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମଙ୍ଗଳବାର ଶୈଳଶ୍ରୀକ୍ଷେତ୍ରଠାରେ ରଥ କାଠ ଅନୁକୂଳ କରାଯାଇଛି। ହୋମ ଯଜ୍ଞ ପରେ ଆଜ୍ଞାମାଳ ଅଣାଯାଇ ତିନି ଦିଅଙ୍କ ପାଇଁ ସ୍ୱତନ୍ତ୍ର ଭାବେ ୩ଟି ରଥ କାର୍ଯ୍ୟ ଅନୁକୂଳ କରାଯାଇଛି। ଆବଶ୍ୟକ ପୂଜାର୍ଚ୍ଚନା ପରେ ୩ ରଥର କାରିଗରମାନ ତାଳଧ୍ୱଜ ରଥ ନିର୍ମାଣ ପାଇଁ ଘାସିରାମ ପଲେଇ, ନନ୍ଦିଘୋଷ ପାଇଁ ଭଗବାନ ନାୟକ ଓ ଦର୍ପଦଳନ ନିର୍ମାଣ ପାଇଁ ରାହାସ ବିହାରୀ ପ୍ରଧାନଙ୍କୁ ଜିଲାପାଳ ଦାୟିତ୍ୱ ଅର୍ପଣ କରିଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ହେମନ୍ତ କୁମାର ଦାସ, ଉପସଭାପତି ଭବାନୀ ମିଶ୍ର, ମନ୍ଦିର ପରିଚାଳନା କମିଟି ସଦସ୍ୟ ଆନନ୍ଦ ଚନ୍ଦ୍ର ମହାପାତ୍ର, ସୁବୋଧ ମିଶ୍ର, ସୂର୍ଯ୍ୟମଣି ଖୁଣ୍ଟିଆ, ଗଗନ ବିହାରୀ ନନ୍ଦ, ବିଜୟ ତ୍ରିପାଠୀ, ଅଟଳ ଦେବତା ଓ ପର୍ଶୁରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୧୫ ପରେ ଚାଷୀଙ୍କୁ ବିହନ ଯୋଗାଣ

**ବଅଁରପାଳ, ୭।୫ (ଡି.ଏନ୍.ଏ)**



କୃଷି ସୂଚନା ଓ ପ୍ରସାରଣ କେନ୍ଦ୍ର ବଅଁରପାଳ ଆନୁକୂଲ୍ୟରେ ବଅଁରପାଳ ଗ୍ରାମରେ ମଙ୍ଗଳବାର ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ସ୍ୱରୂପା ନନ୍ଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଭୂମିପୂଜା ଓ ଅଖିମୁଠି ଅନୁକୂଳ ସହ କୃଷି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସହକାରୀ କୃଷି ଅଧିକାରୀ ସୁମନ୍ତ କୁମାର ନାଏକ, ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପୂର୍ଣ୍ଣଚନ୍ଦ୍ର ସେଠୀ, ସହକାରୀ ଉଦ୍ୟାନ ଅଧିକାରୀ ଅମିୟ କୁମାର ସାହୁ, ମତ୍ସ୍ୟ ଅଧିକାରୀ ନରେନ୍ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଉପକୃତ କୃଷକମାନଙ୍କୁ ବିହନ, ସାର ଯୋଗାଣ, ପଶୁ ପକ୍ଷୀଙ୍କ ଟିକାକରଣ, ଛତୁ ଚାଷ, ପରିବା ଚାଷ, ମାଛ ଚାଷ ଆଦି ସମ୍ପର୍କରେ ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା। ଆସନ୍ତା ୧୫ ତାରିଖ ପରେ ବିଭିନ୍ନ କୃଷି ସମବାୟ ସମିତି ମାଧ୍ୟମରେ ବିହନ ଯୋଗାଣ କରାଯିବ। ଏହି ଉତ୍ସବରେ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ସହକାରୀ କୃଷି ଅଧିକାରୀ ସ୍ମିତାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ପ୍ରଭାତ କୁମାର ବେହେରା, ଗ୍ରାମ୍ୟ କୃଷି କର୍ମଚାରୀ ଝୁନାରାଣୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଅର୍କିଲରେ ଅଖିମୁଠି ଅନୁକୂଳ

**ଅନୁଗୋଳ ଅଫିସ, ୭।୫**

ଅନୁଗୋଳ ଅର୍କିଲ ଗ୍ରାମରେ ଅଖିମୁଠି ଅନୁକୂଳ ସହିତ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ନଦୀକୂଳ ଅଞ୍ଚଳର ସଭାପତି ଜଳଧର ଜେନା, କୋଷାଧ୍ୟକ୍ଷ ପରମାନନ୍ଦ ବିଶ୍ୱାଳ, ବୀରବର ସାହୁ ଓ ଗ୍ରାମ ଉପଦେଷ୍ଟା ପତିତପାବନ ସାହୁ ଉପସ୍ଥିତ ଥିଲେ। ଗ୍ରାମର ଚାଷୀ ପୂଜାର୍ଚ୍ଚନା କରିବା ପରେ ବିଲରେ ଅଖି ମୁଠି ଅନୁକୂଳ କରିଥିଲେ। କୃଷକ ସଭାପତି ଚକ୍ରଧର ପ୍ରଧାନ ଓ ବେହେରା ସାହି ପ୍ରମୁଖ ଉପସ୍ଥିତ ରହି ଶୁଭକାମନା କରିଥିଲେ। ଗ୍ରାମର ପୂର୍ବତନ ସଭାପତି ବେଣୁଧର ବିଶ୍ୱାଳ, ଲକ୍ଷ୍ମଣ କୁମାର ସାହୁ, କାଳନ୍ଦୀ ସାହୁ, ବେଣୁ ସାହୁ, ଧରଣୀଧର ପ୍ରଧାନ, ଗଣେଶ୍ୱର ପ୍ରଧାନ, ଟଙ୍କଧର ପ୍ରଧାନ, ଭରତ ପ୍ରଧାନ ଓ ବଳଭଦ୍ର ସାହୁ ପ୍ରମୁଖଙ୍କ ସମେତ ଧନେଶ୍ୱର ନାଏକ ଉପସ୍ଥିତ ଥିଲେ।

## ଉନ୍ନତି, ଅଦିତି ଯୁଗ୍ମ ଟପ୍ପର

**ତାଳଚେର,୭।୫(ନି.ପ୍ର.)**

ସିବିଏସ୍ଇ ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ତାଳଚେର ଜଗନ୍ନାଥ କ୍ଷେତ୍ର ଡିଏଭି ସ୍କୁଲର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ପରୀକ୍ଷା ଦେଇଥିବା ୧୪୫ ଜଣଙ୍କ ମଧ୍ୟରୁ ୧୨୯ ଜଣ ପ୍ରଥମ ଶ୍ରେଣୀରେ ପାସ କରିଛନ୍ତି। ୪୦ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଉନ୍ନତି ଦତ୍ତ ଓ ଅଦିତି ଓକେ ୯୮.୬ ପ୍ରତିଶତ ନମ୍ବର ରଖି ଯୁଗ୍ମ ଭାବେ ପ୍ରଥମ ହୋଇଛନ୍ତି। ସତ୍ୟନ୍ୱେଷୀ ସତ୍ୟପ୍ରକାଶ ସାହୁ ୯୮ ପ୍ରତିଶତ ନମ୍ବର ରଖି ୨ୟ ଓ ଅଙ୍କିତା ଗଡନାୟକ ୯୭.୪ ପ୍ରତିଶତ ନମ୍ବର ରଖି ୩ୟ ସ୍ଥାନ ଅଧିକାର କରିଛନ୍ତି। ପରୀକ୍ଷାର୍ଥୀମାନଙ୍କ ସଫଳତା ପାଇଁ ଅଧକ୍ଷ ଭୋଳନାଥ ମହନ୍ତ, ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଏମ୍.ଜି. ବ୍ରହ୍ମପୁରକର, ଓଡ଼ିଶା ଜୋନ-୨ର ଆଞ୍ଚଳିକ ନିର୍ଦ୍ଦେଶକ ଲୋକନାଥ ପ୍ରଧାନ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**UNITED INDIA INSURANCE CO. LTD.**
(A Govt. of India Undertaking)

ଫୋନି ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା କମ୍ପାନୀର ପଲିସି ହୋଲ୍ଡରମାନେ ନିମ୍ନୋକ୍ତ ସ୍ଥାନରେ ତାଙ୍କର କ୍ଲେମ୍ ସମ୍ବନ୍ଧରେ ଯୋଗାଯୋଗ କରିବାକୁ ଅନୁରୋଧ।

REGIONAL OFFICE
O.C.H.C. Building (5th Floor), Near Ram Mandir,
Unit - III, Kharvel Nagar, Bhubaneswar - 751001
E-mail: bbsrfanicycloneclaimuiic@gmail.com

ଅଧିକ ଯୋଗାଯୋଗ ପାଇଁ ନିମ୍ନୋକ୍ତ ଅଧିକାରୀମାନଙ୍କୁ ସମ୍ପର୍କ କରନ୍ତୁ:-
- L. JYOTHI PRASAD - 8939850844
- ANJAN SINHA - 9204785398
- A.K. PADHIARI - 9042809549

ସ୍ୱା./- ମୁଖ୍ୟ ଆଞ୍ଚଳିକ ପ୍ରବନ୍ଧକ

## ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା

# ଦୁର୍ଘଟଣା ଘଟାଇଲା ବ୍ୟାଟେରି ଚାଳିତ ଗାଡ଼ି

**ଅନୁଗୋଳ ଅଫିସ, ୭।୫**



ଶିଳ୍ପ ସଂସ୍ଥା ପକ୍ଷରୁ ମିଳିଥିବା ବ୍ୟାଟେରି ଚାଳିତ ଗାଡ଼ି।

- ରୋଗୀ ବୋହିବାକୁ ଦାନରେ ଦେଇଛି ଶିଳ୍ପସଂସ୍ଥା
- ଅନଭିଜ୍ଞ ଚାଳକଙ୍କ ଯୋଗୁ ଜଣେ ଆହତ
- ମେଡିକାଲ ପରିସରରେ ଉତ୍ତେଜନା

କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମଙ୍ଗଳବାର ଘଟିଛି ଦୁର୍ଘଟଣା। ରୋଗୀ ବୋହିବା ପାଇଁ ମେଡିକାଲ ପରିସରରେ ଥିବା ଏକ ବ୍ୟାଟେରି ଚାଳିତ ଗାଡ଼ି ଧକ୍କାରେ ଜଣେ ଆହତ ହୋଇଛନ୍ତି। ଅନଭିଜ୍ଞ ଚାଳକ ଉକ୍ତ ଗାଡ଼ି ଚଳାଉଥିବା ଜଣାପଡ଼ିବା ପରେ ଚିକିତ୍ସାଳୟ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଦୁର୍ଘଟଣା ପରେ ଗାଡ଼ିରେ ଥିବା ଗୁରୁତର ରୋଗୀଙ୍କୁ ସମ୍ପର୍କୀୟମାନେ କାନ୍ଧରେ ବୋହି ୱାର୍ଡକୁ ନେଇଥିଲେ।

ଏକ ଶିଳ୍ପ ସଂସ୍ଥା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଉକ୍ତ ବ୍ୟାଟେରି ଚାଳିତ ଅଟୋ ଦାନ କରାଯାଇଛି। ଗୁରୁତର ରୋଗୀଙ୍କୁ ଉକ୍ତ ଗାଡ଼ିରେ ଗୋଟିଏ ୱାର୍ଡରୁ ଅନ୍ୟ ୱାର୍ଡକୁ ସ୍ଥାନାନ୍ତର କରାଯାଉଛି। କିନ୍ତୁ ଏହି ଗାଡ଼ି ଚଳାଇବାକୁ ଅଭିଜ୍ଞ ଚାଳକଙ୍କୁ ନିଯୁକ୍ତି କରାଯାଇ ନାହିଁ। ଏ ବିଷୟରେ ମେଡିକାଲ କର୍ତ୍ତୃପକ୍ଷ ଅବଗତ ଥାଇ ବି କୌଣସି ପଦକ୍ଷେପ ନେଇ ନ ଥିବାରୁ ରୋଗୀ ଓ ସମ୍ପର୍କୀୟ ମହଲରେ ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ଉକ୍ତ ବ୍ୟାଟେରି ଚାଳିତ ଅଟୋ ଶବ ବ୍ୟବଚ୍ଛେଦ ଗୃହ ନିକଟରେ ଛିଡ଼ା ହୋଇଥିଲା। ଜଣେ ରୋଗୀଙ୍କୁ ତିନି ମହଲାରେ ଥିବା ୱାର୍ଡକୁ ନେବା ପାଇଁ ସମ୍ପର୍କୀୟମାନେ ଗାଡ଼ିରେ ବସାଇଥିଲେ। ଜଣେ ଅନଭିଜ୍ଞ ଚାଳକ ଏହାକୁ ଚଳାଉଥିବାରୁ ଅଟୋଟି ଏକ ପାଖକୁ ମାଡ଼ିଯାଇ ଔଷଧ ପାଇଁ ଯାଉଥିବା ବିଦ୍ୟାଧର ସାହୁଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ତୁରନ୍ତ ମେଡିକାଲରେ ଚିକିତ୍ସା କରାଯାଇଥିଲା। ଘଟଣାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଗାଡ଼ି ଚଳାଉଥିବା ଅନଭିଜ୍ଞ ଚାଳକ ଘଟଣାସ୍ଥଳରୁ ପଳାଇ ଯାଇଥିବା ବେଳେ ଗାଡ଼ିରେ ଥିବା ଗୁରୁତର ରୋଗୀଙ୍କୁ ତାଙ୍କ ସମ୍ପର୍କୀୟମାନେ କାନ୍ଧରେ ବୋହି ୱାର୍ଡକୁ ନେଇଥିଲେ।

ଏ ସମ୍ପର୍କରେ ମେଡିକାଲର ଜଣେ ଅଧିକାରୀ କହିଛନ୍ତି, ଆମ ନିକଟରେ ଅଭିଜ୍ଞ ଚାଳକ ନାହାନ୍ତି। ସେଥିପାଇଁ ଏପରି ଦୁର୍ଘଟଣା ଘଟିଛି। ତେବେ ଅଧିକ କିଛି କହିବାକୁ ସେ ମନା କରିଦେଇଥିଲେ।

**GANGADHAR MEHER UNIVERSITY**
**AMRUTA VIHAR, SAMBALPUR**

No.2702/GMU Date:07.05.2019

**ADMISSION NOTIFICATION 2019-20**

Applications are invited for admission into different PG Courses of Gangadhar Meher University, Sambalpur for the session 2019-20.

Interested candidates are required to visit the university website **www.gmuniversity.ac.in** for eligibility, application form, information brochure & other details.

*For PG Admission-2019-20,* application form will be available on the university website from 08.05.2019 and the last date of submission of on-line application form is **24.05.2019** (mid-night). Candidates are advised to visit the University website **www.gmuniversity.ac.in** for details. If required candidates may contact the following helpline numbers from **10.00 AM. to 05.00 PM.**

**Admission helpline number:**
Dr. M.D. Majhi : 9437416622
Shri. P.K Harpal : 8763634897
Shri S.K Sahoo : 7978534523

*Sd./- REGISTRAR*
*G.M. UNIVERSITY*
*Amruta Vihar, Sambalpur*

## ଏନ୍‌ଟିପିସି ପଠାଇଲା ଡାକ୍ତରୀ ଟିମ୍

**ତାଳଚେର,୭।୫(ନି.ପ୍ର.)**




ଭୁବନେଶ୍ୱର ଅଭିମୁଖେ ବାହାରିଥିବା ଡାକ୍ତରୀ ଟିମ୍।

କଣିହାଁ ଏନ୍‌ଟିପିସି ପକ୍ଷରୁ ଏକ ଡାକ୍ତରୀ ଟିମ୍ ଫନୀ କ୍ଷତିଗ୍ରସ୍ତ ଭୁବନେଶ୍ୱର ପଠାଯାଇଛି। ସିଏମ୍ଓ ଆର.କେ. ମିଶ୍ରଙ୍କ ନେତୃତ୍ୱରେ ଡା. ଡି.ଆର. ସୋରେନ, ଡା. ଯୁଗନ୍ତ କିଶୋର, ଜେ.ଶତପଥୀ ଓ ୨ଜଣ ଫାର୍ମାସିଷ୍ଟ ଆବଶ୍ୟକ ଔଷଧ ସହ ଅନ୍ୟାନ୍ୟ ସାମଗ୍ରୀ ନେଇ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିଛନ୍ତି। ଏନ୍‌ଟିପିସି ଇଷ୍ଟର୍ନ ରିଜିନ -୨ ଅଧୀନରେ ଏମାନେ କାମ କରିବେ। ଖୁବଶୀଘ୍ର ଆଉ ଏକ ଡାକ୍ତରୀ ଦଳକୁ ପଠାଇବାକୁ ଏନ୍‌ଟିପିସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟ ମହାପ୍ରବନ୍ଧକ ରମେଶବାବୁ ଭି. ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ।

**INDIAN INSTITUTE OF TOURISM AND TRAVEL MANAGEMENT**
(An Autonomous Body under Ministry of Tourism, Government of India)
Centres : Gwalior, Bhubaneswar, Noida, Nellore & Goa. Camps: Shillong & Bodh Gaya

**ADMISSION IN IITTM**
**BBA (Tourism & Travel) 2019-22**
**MBA (Tourism & Travel Management) 2019-21**

Under collaborative scheme of IGNTU

**BBA (Tourism & Travel)**
ELIGIBILITY :
- Passed 10+2 examination with 50% marks (45% for SC/ST/PH)
- Appear in IGNTU-IITTM Admission Test (IIAT)-2019

**MBA (Tourism & Travel Management)**
ELIGIBILITY :
- Graduation with 50% of marks (45% for SC/ST/PH) and
- Valid score in CAT/MAT/CMAT/GMAT/ATMA/XAT or Appear in IGNTU-IITTM Admission Test (IIAT)-2019

For online application & detail information please visit - www.iittm.ac.in
For more details please contact : 7205146285, 9425407607, 9990050707, 9437010180, 9849739489
or Email: admissions@iittm.ac.in

**Advantages@IITTM**
Leading Government Institute of Tourism and Travel in South Asia with best placement record.

ATUL

OFFICE OF THE PRINCIPAL
S.B.R. GOVT. WOMEN'S COLLEGE, BERHAMPUR

No. 1018 Date: 07.05.19

**Tender / Quotation Call Notice**

Sealed quotations/ tenders are invited from reputed authorized suppliers/ EPM Rate Contract holders/ firms having PAN No, Income Tax clearance and GST certificate for supply of 1. Cots, 2. Water purifier cum cooler, 3. Desktop Computer System with UPS, 4. Plastic chair with arm to Hostel of SBR Govt. Women's College, Berhampur. The detailed specifications and terms and conditions can obtain from the Hostel office in between 4.00 PM to 6.00 PM on all working days.

The sealed quotations/ tenders must reach the office of the undersigned on or before 20.05.2019 at 4.00 PM. The undersigned reserves the right to cancel the process at any time without assigning any reason thereof.

Sd./- Principal
S.B.R.G. Women's College,
Berhampur

## ସଂକ୍ଷେପରେ

### କଏଦୀ ଫେରାର ଘଟଣା: ୨ ନିଲମ୍ବିତ

କେନ୍ଦୁଝର, ୭।୫(ସ୍ୱ.ପ୍ର.)-କେନ୍ଦୁଝର କୋର୍ଟ ପରିସରରୁ ଜଣେ ବିଚାରାଧୀନ କଏଦୀ ବୁଧବାର ଚମ୍ପଟ ମାରିଥିଲେ। ଏହି ଫେରାର ଘଟଣାରେ କେନ୍ଦୁଝର ଏସପି ଜୟନାରାୟଣ ପଙ୍କଜ ମଙ୍ଗଳବାର ୨ଜଣ ପୋଲିସ କନଷ୍ଟେବଲଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ସସ୍ମିତା ବେହେରା ଓ ଜୟନ୍ତୀ ମହାନ୍ତ। ୨୦୧୮ ମସିହା ଜୁଲାଇ ୩ ତାରିଖରେ ଜଣେ ନାବାଳିକା ବଳାତ୍କାର ମାମଲାରେ ରାଜକ୍ରିଷ୍ଣା ଲୋହାର ଗିରଫ ହୋଇଥିଲେ। ଏନେଇ ଟାଉନ ଥାନାରେ ଏତଲା ହୋଇଥିଲେ ହେଁ ଫେରାର ଅଭିଯୁକ୍ତ ଧରାପଡ଼ିନାହାଁ।

### ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ବଳାତ୍କାର ଅଭିଯୋଗ

ଯୋଡ଼ା, ୭।୫(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡ଼ା ସହରରେ ଜଣେ ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ଯୋଡ଼ା ଥାନାରେ ଏକ ବଳାତ୍କାର ମାମଲା ରୁଜୁ ହୋଇଥିବା ଯୋଡ଼ା ଥାନା ଅଧିକାରୀ ମନୋଜ କୁମାର ପ୍ରକାଶ କରିଛନ୍ତି।

### ରଥରେ ପିଟି ହେଲା ବାଇକ୍: ଚାଳକ ଗୁରୁତର

ପାଟଣା, ୭।୫(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ଦେଇ ଯାଇଥିବା ୨୨୦ ନଂ ଜାତୀୟ ରାଜପଥର ମଲ୍ଲୀପଶି ଛକ ନିକଟରେ ଠିଆ ହୋଇଥିବା ରଥରେ ସୋମବାର ବିଳମ୍ବିତ ରାତିରେ ଏକ ବାଇକ ପିଟି ହେବାରୁ ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଉଛନ୍ତି ଯାଜପୁର ଜିଲା କଲରଙ୍ଗି ଗ୍ରାମର କାଳିଆ ମହାନ୍ତ। ଆହତ ଚାଳକଙ୍କୁ ପାଟଣା ପୋଲିସ ଉଦ୍ଧାର କରି ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ପୋଲିସ ଜବତ କରିଛି। ମଦ୍ୟପାନ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

### ବନ୍ଧରେ ବୁଡ଼ି ଜଣେ ମୃତ

ଚିକିଟି,୭।୫(ଡି.ଏନ.ଏ.)-କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଅନ୍ତର୍ଗତ ଚାନ୍ଦପୁର ଗାଁ ମୁଣ୍ଡରେ ଥିବା ଜଗନ୍ନାଥ ସାଗରରେ ବୁଡ଼ି ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାବୁଲି ନାୟକ (୪୫)। ରବିବାର ସକାଳେ ବାବୁଲି ଶୌଚ ପାଇଁ ଉକ୍ତ ବନ୍ଧକୁ ଯାଇଥିଲେ। ତେବେ କୌଣସି ପ୍ରକାରେ ସେ ବୁଡ଼ି ଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଦିନ ତମାମ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ମିଳି ନ ଥିଲା। ସୋମବାର ସକାଳେ ଉକ୍ତ ବନ୍ଧରେ ମୃତଦେହ ଭାସୁଥିବା କିଛି ଲୋକ ଦେଖି ଫାଣ୍ଡିକୁ ଜଣାଇଥିଲେ। ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ବ୍ରହ୍ମପୁର ବଡ଼ ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇ ସତ୍କାର କରାଯାଇଛି । ଏ ନେଇ କେ.ନୂଆଗାଁ ଥାନାରେ ଅପମୃତ୍ୟୁ ମାମଲା (ନଂ ୭/୨୦୧୯) ରୁଜୁ ହୋଇଛି ।

### ବାତ୍ୟା ପରେ ରାସ୍ତାରୁ ହଟୁନି ଗଛ

ବେଗୁନିଆପଡ଼ା,୭।୫(ଡି.ଏନ୍.ଏ.)- ଫନୀ ବାତ୍ୟା ସରିବାର ୫ ଦିନ ବିତି ଯାଇଥିଲେ ମଧ ରାସ୍ତାରୁ ଗଛ ହଟୁନି। ଏମିତି ଘଟଣା ଦେଖିବାକୁ ମିଳିଛି ବେଗୁନିଆପଡ଼ା ବ୍ଲକ ବି.ନୂଆଗାଁ ଠାରେ। ବି.ନୂଆଗାଁ ଛକ ଠାରୁ ଦ୍ୱାରଶୁଣି ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ପ୍ରଧାନମନ୍ତ୍ରୀ ସଡକ ଯୋଜନାର ରାସ୍ତାରେ ବୁରୁଝରି ନିକଟରେ ବାତ୍ୟାରେ ଏକ ବଡ ଗଛ ଭାଙ୍ଗି ପଡ଼ିଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ତାହା ସେଠାରୁ ହଟାଯାଉନାହିଁ। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସମ୍ପୃକ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ପୁରୀ ଗଲେ ୨୫୦ ସଫେଇ କର୍ମଚାରୀ

ବ୍ରହ୍ମପୁର ଅଫିସ, ୭।୫
ଫନୀ ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ପୁରୀ ସହରର ପୁନରୁଦ୍ଧାର କାର୍ଯ୍ୟରେ ସହଯୋଗ ପାଇଁ ଗଞ୍ଜାମ ଜିଲାର ବିଭିନ୍ନ ସହରାଞ୍ଚଳରୁ ୨୫୦ ସଫେଇ କର୍ମଚାରୀ ସୋମବାର ପୁରୀ ଯାଇଥିବା ସୂଚନା ମିଳିଛି। ବ୍ରହ୍ମପୁର ମହାନଗର ନିଗମ ସମେତ ଗଞ୍ଜାମ ଜିଲାର ବିଭିନ୍ନ ସହରାଞ୍ଚଳର ଏହି କର୍ମଚାରୀମାନେ ପୁରୀ ଯାଇଛନ୍ତି ।

# ବରଗଡ଼ ଜିଲାର ୮୦ ଶ୍ରମିକଙ୍କୁ ଉଦ୍ଧାର କଲା ପ୍ରଶାସନ

ଛତ୍ରପୁର/ଗଞ୍ଜାମ,୭।୫(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ସୁବଳୟା ନିକଟରେ ଥିବା ଇଟାଭାଟିରେ କାମ କରୁଥିବା ବରଗଡ଼ ଜିଲାର ୮୦ ଶ୍ରମିକଙ୍କୁ ଗଞ୍ଜାମ ଜିଲା ପ୍ରଶାସନ ଉଦ୍ଧାର କରିଛି। ସୋମବାର ଶ୍ରମିକମାନଙ୍କୁ ଖାଦ୍ୟପାନୀୟ ଦେଇ ବସ ଯୋଗେ ଘରକୁ ପଠାଯାଇଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିସହ ଭାଟିର ଇଟାକୁ ଜବତ କରିବାକୁ ଛତ୍ରପୁର ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯିବ ସହ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଇଟାଭାଟି ମାଲିକ ମଧ ଶ୍ରମିକମାନଙ୍କୁ ବକେୟା ଅର୍ଥ ପ୍ରଦାନ କରିଥିବା ଜିଲାପାଳ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯୋଗ୍ୟ, ୫ ମାସ ପୂର୍ବେ ବରଗଡ ଜିଲାରୁ ୮୦ ରୁ ଉର୍ଦ୍ଧ୍ୱ ଶ୍ରମିକ ସେମାନଙ୍କ ପରିବାର ସହ ସୁବଳୟାକୁ ଆସିଥିଲେ। ୧ ହଜାର ଇଟା ପ୍ରସ୍ତୁତି ପିଛା ୫୨୦ ଟଙ୍କା ମଜୁରୀ ଦେବେ ବୋଲି କହି ଜଣେ ବ୍ୟକ୍ତ ଏମାନଙ୍କୁ ଆଣିଥିଲେ। ତେବେ କାମ ପରେ ପ୍ରାପ୍ୟ ମାଗିବାରୁ ଇଟାଭାଟି ମାଲିକ ହଜାରେ ଇଟା ପାଇଁ ୩୫୦ ଟଙ୍କା ଦେବେ ବୋଲି କହିଥିଲେ। ଅନ୍ୟପକ୍ଷରୁ କେତେ ଜଣ ଲୋକଙ୍କ ଜରିଆରେ ଧମକ ଦିଆଯାଉଥିବା ଓ ଫନୀ ବାତ୍ୟା ବେଳେ ଇଟାଭାଟି ମାଲିକ କୌଣସି ସୁବିଧା କରିନଥିବାରୁ ସେଠାରୁ ଏମାନେ ଭୟରେ ରବିବାର ଲୁଚି ପଳାଇ ଆସିଥିଲେ। କେତେକ ହୁମ୍ମା ଷ୍ଟେଶନରେ ଥିବାବେଳେ ଅନ୍ୟ ୩୦ ଜଣ ଶ୍ରମିକ ଛତ୍ରପୁର ଆସି ଜିଲାପାଳଙ୍କୁ ତାଙ୍କ ବଙ୍ଗଳାରେ ଭେଟି ଏ ସମ୍ପର୍କରେ ଜଣାଇଥିଲେ। ଏହାପରେ ଜିଲାପାଳ ଏହି ବ୍ୟବସ୍ଥା କରିଥିଲେ।



ବସ୍ ଯୋଗେ ଶ୍ରମିକମାନଙ୍କୁ ଘରକୁ ପଠାଯାଉଛି ।

- ବସ୍ ଯୋଗେ ଘରକୁ ପଠାଗଲା
- ଇଟା ଜବତ, ମାଲିକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ-ଜିଲାପାଳ

# ପରକୀୟା ପ୍ରୀତିକୁ ନେଇ ମାର୍‌ପିଟ୍, ୪ ଗିରଫ

ବେଗୁନିଆପଡ଼ା,୭।୫(ଡି.ଏନ.ଏ.)

ବେଗୁନିଆପଡ଼ା ଫାଣ୍ଡି ସଙ୍କୁଡା ପଞ୍ଚାୟତର ଚଣ୍ଡପଲ୍ଲି ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ପଡୋଶୀଙ୍କ ସହ ସ୍ତ୍ରୀଙ୍କ ପ୍ରେମ ସମ୍ପର୍କକୁ ବାରଣ କରିବାରୁ ସମ୍ପୃକ୍ତ ପଡୋଶୀ ଓ ତାଙ୍କ ତାଙ୍କ ଭାଇଙ୍କ ସହ ମିଶି ଜଣେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ସୁଦାମ ମେହେଣ। ପୋଲିସ ନଂ.୧୧୩/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଏତଲା ପ୍ରକାରେ ସୁଦାମ ବାହାର ରାଜ୍ୟରେ ରହି କାମ କରନ୍ତି। ଏହାର ସୁଯୋଗ ନେଇ ସୁଦାମଙ୍କ ସ୍ତ୍ରୀ ସୁଙ୍କାନୀଙ୍କ ସହ ପଡୋଶୀ କୈଳାସ ମେହେଣ ଅନୈତିକ ସମ୍ପର୍କ ସ୍ଥାପନ କରିଥିଲେ। ଦିନେ ସୁଦାମଙ୍କ ମା' ବୋହୁଙ୍କୁ କୈଳାସ ସହ ନିଜ ଘରେ ଅସଜ୍ଜିତ ଅବସ୍ଥାରେ ଦେଖିଥିଲେ। ସୁଦାମ ବିଦେଶରୁ ଘରକୁ ଫେରିବା ପରେ ମା' ପୁଅଙ୍କୁ ସମସ୍ତ କଥା କହିଥିଲେ। ସୁଦାମ ଗତ ଗୁରୁବାର ସ୍ତ୍ରୀଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ମାତ୍ର ସେ ପାଟି କରି ଦାଣ୍ଡକୁ ପଳାଇ ଯାଇଥିଲେ। ଏହା ପରେ କୈଳାସ ଓ ତାଙ୍କ ଭାଇ ପାଣୁଙ୍କ ସହ ମିଶି ଆସି ସୁଦାମଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଗ୍ରାମବାସୀ ଓ ପରିବାରଲୋକେ ସୁଦାମଙ୍କୁ ଉଦ୍ଧାର କରି ସୁମଣ୍ଡଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସୁଦାମଙ୍କ ଭାଇ ଦାମୋଦର ରବିବାର ମେଡିକାଲରୁ ଫେରି ବେଗୁନିଆପଡ଼ା ଫାଣ୍ଡିରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ମାମଲା ରୁଜୁ କରିବା ସହ ପାଣୁ, ସୌରୀ ଓ ସୁଙ୍କାନୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପାଣୁ ମଧ ସୁଦାମ ତାଙ୍କୁ ଆକ୍ରମଣ କରିଥିବା ନେଇ ପାଲଟା ଅଭିଯୋଗ କରିଥିଲେ। ସୁଦାମଙ୍କୁ ମଧ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ଦୀପ୍ତି ପ୍ରକାଶ ବେହେରା କହିଛନ୍ତି।

# ରାସ୍ତା ଓ ପାଣି ମାହାରା ଅବରୋଧ ନେଇ ବଢୁଛି ଅସନ୍ତୋଷ

କେନ୍ଦୁଝର, ୭।୫(ସ୍ୱ.ପ୍ର.)

କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ସେଣ୍ଡକାପ ଗ୍ରାମ ଠାକୁରାଣୀ ଶାଳ ନିକଟ ସର୍ବସାଧାରଣ ରାସ୍ତା ଓ ପାଣି ମାହାରକୁ ଅବରୋଧ କରି ଘର ନିର୍ମାଣ କାର୍ଯ୍ୟ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଘର ନିର୍ମାଣ ହେଲେ ରାସ୍ତା ଅବରୋଧ ହୋଇ ଯାତାୟାତ ବ୍ୟାହତ ହେବ ବୋଲି କୁହାଯାଇଛି। ଏହି ରାସ୍ତାଦେଇ ଗ୍ରାମବାସୀ ଚାଷ କାର୍ଯ୍ୟ କରିବା ପାଇଁ ବିଲବାଡିକୁ ଯିବା ଆସିବା କରିଥାନ୍ତି। ସେହିପରି ଲୋକମାନେ ଗାଧୋଇବା ଓ ଶୌଚ ପାଇଁ ପାଖ ନାଳ, ପୋଖରୀକୁ ଯିବା ଆସିବା କରନ୍ତି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଘର ନିର୍ମାଣ ହେଲେ ବର୍ଷା ଦିନରେ ଗ୍ରାମର ଜଳ ନିଷ୍କାସନ ହୋଇପାରିବ ନାହିଁ ଏବଂ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ଏନେଇ ସ୍ଥାନୀୟ ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ଅଭିଯୋଗ କଲେ କେହି ଶୁଣୁ ନ ଥିବାରୁ ବାଧହୋଇ ତହସିଲଦାରଙ୍କୁ ଜଣାଇଥିବା କହିଛନ୍ତି। ତେବେ ଏନେଇ ତହସିଲ ପକ୍ଷରୁ ମଧ ସରଜମିନ ତଦନ୍ତ କରିବାକୁ କେହି ଆସୁ ନ ଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ବ୍ରହ୍ମପୁରରୁ ଯାଉଛି ଟଙ୍କା, ଚାର୍ଜ ଲାଇଟ୍, କିରୋସିନ, ଜେନେରେଟର

ବ୍ରହ୍ମପୁର ଅଫିସ୍,୭।୫

ପୁରୀ, ଭୁବନେଶ୍ୱର ଏବଂ କଟକ। ରାଜ୍ୟର ଏହି ତିନିଟି ପ୍ରମୁଖ ସହର ସାମୁଦ୍ରିକ ଝଡ଼ 'ଫନୀ' ଦ୍ୱାରା ପ୍ରବଳ ପ୍ରଭାବିତ ହୋଇଛି। ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଗଲାଣି। ପିଇବା ପାଇଁ ପାଣି, ବିଜୁଳି ନାହିଁ। ଲୋକମାନଙ୍କ ଭିତରେ ହାହାକାର ପରିସ୍ଥିତି ସୃଷ୍ଟି ହେଲାଣି। ଭୁବନେଶ୍ୱରରେ ରହୁଥିବା ସମ୍ପର୍କୀୟଙ୍କ ପାଇଁ ବ୍ରହ୍ମପୁର ଲୋକେ ନଗଦ ଟଙ୍କାଠାରୁ ଆରମ୍ଭ କରି ଚାର୍ଜ ଲାଇଟ୍, ମୋବାଇଲ୍ ଫୋନ ଚାର୍ଜ କରିବା ପାଇଁ ପାୱାର୍ ବ୍ୟାଙ୍କ, କିରୋସିନ ଏବଂ ଜେନେରେଟର ପଠାଉଛନ୍ତି। ପ୍ରଶାନ୍ତ ପାଣିଗ୍ରାହୀଙ୍କ କହିବାନୁଯାୟୀ, ଭୁବନେଶ୍ୱରରେ ତାଙ୍କ ସାନ ଭାଇ ଏକ ଘରୋଇ କମ୍ପାନୀରେ କାମ କରୁଛନ୍ତି। ଭାଇ ସେଠାରେ ଏକ ଘର ଭଡ଼ାରେ ନେଇ ପ୍ରାୟ ୨ ବର୍ଷ ହେଲା ସପରିବାର ରହୁଛନ୍ତି। ଫନୀ ପରଠୁ ସେମାନଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। କମ୍ପାନୀ ତରଫରୁ ଦରମା ଅନ୍‌ଲାଇନ୍‌ରେ ବ୍ୟାଙ୍କ ଆକାଉଣ୍ଟରେ ଜମା ହୁଏ। ଏଟିଏମ୍‌ରୁ ଟଙ୍କା ବାହାର କରି ଖର୍ଚ୍ଚ କରନ୍ତି। କିନ୍ତୁ ବାତ୍ୟା ପରଠୁ ଭୁବନେଶ୍ୱରରେ ଅଧିକାଂଶ ଏଟିଏମ୍ ଅଚଳ ହୋଇପଡ଼ିଛି। ଲୋକମାନେ ଏଟିଏମ୍‌ଗୁଡ଼ିକ ଉପରେ ଅତ୍ୟଧିକ ନିର୍ଭର କରୁଥିବା ଯୋଗୁ ସେଗୁଡ଼ିକରେ ଆଉ ଟଙ୍କା ନାହିଁ। ଯେଉଁ କେତେକ କାମ କରୁଛି, ତା' ଆଗରେ ଲମ୍ବା ଧାଡ଼ି। ପାଖରେ ଟଙ୍କା ନ ଥିବା ଯୋଗୁ ନଗଦ ଟଙ୍କା ପଠାଇବାକୁ କହିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେବେ ପାଇଥିବୁ ଘଇତା ବୁକୁ**
**ସଜ ହୋଇଥିବୁ ବାପ ଘରକୁ ।**

ସ୍ୱାମୀ ଅନୁରକ୍ତ ହୋଇଥିଲେ ସ୍ତ୍ରୀ ନିଜ ଇଚ୍ଛାରେ କାର୍ଯ୍ୟ କରିବାକୁ ସାହସ ପାଇଯାଏ । ସ୍ୱାମୀ ନିଜର ହେଲେ, ସବୁ କଥାରେ ସାହସ ଦେଲେ, ସବୁଥିରେ ହଁ ଭରିଲେ ସ୍ତ୍ରୀ ନିଜ ଖୁସିକୁ ଅଗ୍ରାଧିକାର ଦେବା ସହ ମନମୁଖି ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେତେ ଯାହା କର ସେଇ ଭଳିକା,**
**କରମରେ ତାହା ଅଛି ହିଁ ଲେଖା ।**

ଯେତେ ଯାହା କଲେ ମଧ କରମରେ ଯାହା ଅଛି ତାକୁ ତାହା ହିଁ ଭୋଗ କରିବାକୁ ପଡ଼ିଥାଏ। ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳ ଭୋଗ କରିଥାଏ। ଯାକୁ ଅନ୍ୟଥା କରିବାର ଶକ୍ତି କାହାର ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା. ଲି.

# 'ସ୍ୱାମୀ ନ ଫେରିଲେ କରିବି ଅନଶନ'


ପ୍ରଶାସନ ନିକଟରେ ଅଭିଯୋଗ କଲେ ହୀରାମଣି ଝରା।

କେନ୍ଦୁଝର, ୭।୫ (ସ୍ୱ.ପ୍ର.)

ଟାଉନ ଥାନା ଅନ୍ତର୍ଗତ ଡିମ୍ବ ଗ୍ରାମର ଜଣେ ବ୍ୟକ୍ତି ନିଖୋଜ ହୋଇଥିଲେ। ତାଙ୍କର କୌଣସି ପତ୍ତା ମିଳୁ ନ ଥିବାରୁ ପରିବାର ଲୋକ ଜିଲା ପ୍ରଶାସନ ର ଦ୍ୱାରସ୍ଥ ହୋଇଥିଲେ। ଏହା ସତ୍ତ୍ୱେ ପୋଲିସ ତାଙ୍କୁ ଫେରାଇଆଣିବା ପାଇଁ ପଦକ୍ଷେପ ନେଉଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୋମବାର ପରିବାର ଲୋକ ଏସପିଙ୍କ ପାଖକୁ ଆସି ଲିଖିତ ଭାବେ ଜଣାଇଛନ୍ତି। ସ୍ୱାମୀଙ୍କୁ ଫେରାଇ ନ ଆଣିଲେ ଅନଶନରେ ବସିବେ ବୋଲି ନିଖୋଜଙ୍କ ସ୍ତ୍ରୀ ହୀରାମଣି ଝରା କହିଛନ୍ତି। ତାଙ୍କ ସ୍ୱାମୀଙ୍କୁ ଗ୍ରାମର କେତେକ ଲୋକ କାମ କରିବା ବାହାନାରେ ବାହାର ରାଜ୍ୟକୁ ଫେବୃୟାରୀ ମାସରେ ନେଇଯାଇଥିବା ଅଭିଯୋଗ କରିଛନ୍ତି। ସେ ଅଦ୍ୟାବଧି ଫେରି ନ ଥିବାବେଳେ ସେମାନଙ୍କୁ ପଚାରିଲେ ବିଭିନ୍ନ ପ୍ରକାର ଧମକ ଚମକ ମିଳୁଥିବା ଅଭିଯୋଗ ହେଉଛି।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449164136
9675859756

୧୯୮୨ଠାରୁ ଆପଣଙ୍କ ସେବାରେ
GLOBAL FINANCE PVT. LTD.
ପି.ଏମ୍.ଜନଧନ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଗ୍ରୁପ୍ ଋଣ ଓ ସବୁ ଋଣ ମାତ୍ର ୨୪ ଘଣ୍ଟାରେ
୨% ସୁଧ ଓ ୪୦% ଛାଡ଼
ଯେକୌଣସି କମ୍ପାନୀ, ବ୍ୟାଙ୍କରୁ ପ୍ରତାରିତ ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
7894704743
House No.2, Ram Nagar, Narnol, Haryana.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

FINANCE
ବିଶ୍ୱାସର ପ୍ରତୀକ, ଲୋନ୍‌ର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, ଆଧାରକାର୍ଡ ଲୋନ୍ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9910673658
Address: Vishal Enclave, New Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BUSINESS BUSINESS

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସରକାରୀ ଜମି ଜବରଦଖଲ ଅଭିଯୋଗ

**ଢେଙ୍କାନାଳ ଅଫିସ, ୭।୫:** ଢେଙ୍କାନାଳ ସହର ନିକଟସ୍ଥ ସଦର ଥାନା ସୁନ୍ଦରିଖାଲଠାରେ ସରକାରୀ ଜମି ଜବରଦଖଲକୁ ନେଇ ଭଗବାନପୁର ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଏହାର ପ୍ରତିବାଦରେ ଉତ୍ୟକ୍ତ ଲୋକେ ସୋମବାର ପୂର୍ବାହ୍ନରେ ସୁନ୍ଦରିଖାଲ ନିକଟ ଢେଙ୍କାନାଳ-କପିଳାସ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଅଞ୍ଚଳର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଚଞ୍ଚକତା କରି ଉକ୍ତ ସରକାରୀ ଜମିକୁ ବହୁମୂଲ୍ୟ ଟଙ୍କାରେ ବିକ୍ରି କରିଦେଇଛନ୍ତି। ଏ ନେଇ ପ୍ରଶାସନକୁ ଅବଗତ କରାଯାଇଥିଲା। ତଥାପି ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହାର ପ୍ରତିବାଦରେ ସେମାନେ ରାସ୍ତାକୁ ଓହ୍ଲାଇଥିବା କହିଛନ୍ତି। ସୂଚନାପାଇ ସଦର ତହସିଲଦାର ଉଦୟନାଥ ମହାପାତ୍ର, ଥାନା ଅଧିକାରୀ ମଳୟ କୁମାର ନାୟକ, ରାଜସ୍ୱ ନିରୀକ୍ଷକ ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଖୁବଶୀଘ୍ର ଜବରଦଖଲକାରୀଙ୍କୁ ଉକ୍ତ ଜାଗାରୁ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ଏ ନେଇ ସଦର ତହସିଲଦାର କୁହନ୍ତି, ସରକାରୀ ଜମି ଜବରଦଖଲ ହୋଇଥିବା ଅଭିଯୋଗ ହୋଇଛି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଗ୍ରାମ୍ୟ କମିଟି ସଭାପତିଙ୍କ ପରଲୋକ



**ଢେଙ୍କାନାଳ ଅଫିସ, ୭।୫** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସନ୍ଥପୁର ଗ୍ରାମ୍ୟ କମିଟି ସଭାପତି ହାଡ଼ିବନ୍ଧୁ ରାଉତଙ୍କ ରବିବାର ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୫ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ପ୍ରକାଶ ରାଉତ, ସାନପୁଅ ଶେଷଦେବ ରାଉତଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଦାହ କରାଯାଇଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ଶୋକର ଛାୟା ଖେଳିଯାଇଛି।

■ସଅର ନୁହେଁ ଶବର

# ଜୋରଧରିଲା ସାଙ୍ଗିଆ ପରିବର୍ତ୍ତନ ଦାବି

କାମାକ୍ଷାନଗର, ୭।୫(ଡି.ଏନ୍.ଏ.)

ଢେଙ୍କାନାଳ ଜିଲାର ଶତାଧିକ ଶବର ଜନଜାତିର ଲୋକଙ୍କ ଜମିପଟ୍ଟାରେ ସଅର ଲେଖାଯାଇଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ନିର୍ଦ୍ଦେଶ ସତ୍ତ୍ୱେ ସାଙ୍ଗିଆ ପରିବର୍ତ୍ତନ କରାଯାଉନାହିଁ। ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ଭୂମିହୀନ ପ୍ରଜା ଜମିପଟ୍ଟା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ଏହାର ପ୍ରତିବାଦରେ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା ଭୂମିହୀନ ପ୍ରଜାସମିତି। ସଭାପତି ଇଂ. ଦେବାଶିଷ ହୋତାଙ୍କ ନେତୃତ୍ୱରେ ମଙ୍ଗଳବାର କାମାକ୍ଷାନଗରରେ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କୁ ୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।



ଶୋଭାଯାତ୍ରାରେ ଓଡ଼ିଶା ଭୂମିହୀନ ପ୍ରଜାସମିତିର କର୍ମକର୍ତ୍ତାମାନେ।

ସ୍ଥାନୀୟ ମହିମା ପୀଠ ପରିସରରୁ ବାହାରିଥିବା ଏହି ଶୋଭାଯାତ୍ରାରେ ହଜାର ହଜାର ଭୂମିହୀନ ପ୍ରଜା ଏବଂ ଶବର ସମ୍ପ୍ରଦାୟର ମହିଳାପୁରୁଷ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ ସଭାପତି ହୋତା କୁହନ୍ତି, ଶବର ଜାତିର ଲୋକଙ୍କ ଜମିପଟ୍ଟାରେ ସଅର ଲେଖାଯାଉଛି। ଏହି କାରଣରୁ ହଜାର ହଜାର ପରିବାର ଆଦିବାସୀ ମାନ୍ୟତାରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶା ସରକାରଙ୍କ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗର ଚିଠି ସଂଖ୍ୟା ୨୨୧୦୬ରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ, ଶବରଙ୍କ ପଟ୍ଟାରେ ଭୁଲକ୍ରମେ ସଅର ଲେଖାଯାଇଛି। ଏହାକୁ ତୁରନ୍ତ ସଂଶୋଧନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଦାବି ପୂରଣ ନ ହେବାରୁ ଦୁଇବର୍ଷ ତଳେ ଭୁବନରେ ସମାନ ଧରଣର ଆନ୍ଦୋଳନ କରାଯାଇଥିଲା। ଉକ୍ତ ସମୟରେ ତହସିଲ ପ୍ରଶାସନ ପକ୍ଷରୁ ତ୍ରୁଟି ସଂଶୋଧନ କରାଯିବାକୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଏହା ଏଯାଏ କାର୍ଯ୍ୟକାରୀ ହୋଇନାହିଁ। ସେହିପରି ଜିଲାର ୩୮ ହଜାର ୮୫୯ ଭୂମିହୀନଙ୍କୁ ଘରଡ଼ିହ ପଟ୍ଟା ମିଳିଥିବା ଜିଲା କାର୍ଯ୍ୟାଳୟ ଚିଠି ସଂଖ୍ୟା ୨୮୧୫ ମାଧ୍ୟମରେ ସୂଚନା ଦିଆଯାଇଛି। ହେଲେ କାହାରିକୁ ପଟ୍ଟା ପ୍ରଦାନ କରାଯାଇନାହିଁ। ଦୁଇ ମାସ ମଧ୍ୟରେ ଉପରୋକ୍ତ ଦୁଇଟି ଦାବି ପୂରଣ ନ ହେଲେ ଜୁଲାଇ ୮ରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ରଞ୍ଜନ କୁମାର ଲେଙ୍କା, ସତ୍ୟାନନ୍ଦ ନାୟକ, ଦୁଲେଇ ଖଟୁଆ, ଭାସ୍କର ପ୍ରଧାନ, ସରୋଜିନୀ ଦେହୁରୀଙ୍କ ସମେତ ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଆନ୍ଦୋଳନରେ ସାମିଲ ହୋଇଥିଲେ।

# ବରପୁତ୍ରଙ୍କୁ ଅସମ୍ମାନ

■ବାରମ୍ୱାର ଦୁର୍ବୃତ୍ତ ଭାଙ୍ଗୁଛନ୍ତି ପ୍ରତିମୂର୍ତ୍ତି
■ ପ୍ରଶାସନ ନେଉନି ପଦକ୍ଷେପ

ମାଲକାନଗିରି,୭।୫(ସ୍ୱ.ପ୍ର)

ମାଲକାନଗିରି ଜିଲା ମୋଟୁ ମୁଗିପଏଣ୍ଟସ୍ଥିତ ମଧୁସୂଦନ ପାର୍କରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ କରାଯାଉଥିବା ନେଇ ଅଭିଯୋଗ ହେଉଛି। ପାର୍କରେ ଥିବା ମଧୁବାବୁ ଓ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଜିଲା ପ୍ରଶାସନ ଉକ୍ତ ପାର୍କ ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଏଭଳି ଘଟଣା ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଆନ୍ଧ୍ରପ୍ରଦେଶ, ଛତିଶଗଡ, ତେଲେଙ୍ଗାନା ରାଜ୍ୟ ସୀମାନ୍ତକୁ ଲାଗି ରହିଥିବା ମାଲକାନଗିରି ଜିଲା ମୋଟୁସ୍ଥିତ ସାବେରୀ, ସିଲେରୁ, ଚିନାଗୋଦାବରୀ ସଙ୍ଗମସ୍ଥଳ ମୁଗିପଏଣ୍ଟ ନିକଟରେ ୧୯୯୧ରେ ତତ୍‌କାଳୀନ ରାଜ୍ୟପାଳ ଯଜ୍ଞଦତ ଶର୍ମା ଉକ୍ତ ମଧୁସୂଦନ ପାର୍କକୁ ଉଦ୍‌ଘାଟନ କରିଥିଲେ। ଏହି ପାର୍କରେ ସେ ସମୟରେ ମଧୁବାବୁଙ୍କ ଏକ ପ୍ରତିମୂର୍ତ୍ତି


ପାର୍କରେ ଥିବା ମଧୁବାବୁ ଓ ଲକ୍ଷ୍ମଣ ନାୟକଙ୍କ ଭଗ୍ନ ପ୍ରତିମୂର୍ତ୍ତି।

ସ୍ଥାପନ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ପତିମୂର୍ତ୍ତି ମଧ୍ୟ ସ୍ଥାପନ କରାଯାଇଥିଲା। ଏହି ପାର୍କ ଓ ଉକ୍ତ ସ୍ଥାନରେ ପିକ୍‌ନିକ୍ ମନାଇବାକୁ ମାଲକାନଗିରି ସମେତ ଅନ୍ୟ ଜିଲାର ଲୋକମାନେ ଆସିଥାନ୍ତି। କିନ୍ତୁ ଏହି ପାର୍କ ଓ ପ୍ରତିମୂର୍ତ୍ତି ପ୍ରତି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବାରୁ ମଦୁଆ ଓ ଦୁର୍ବୃତ୍ତମାନେ ପାର୍କରେ ସକାଳେ ଓ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ କରିବା ସହ ମୂର୍ତ୍ତିଗୁଡିକ ଭାଙ୍ଗି ଦେଉଥିବା ଅଭିଯୋଗ ହୋଇ ଆସୁଛି। ଏଭଳି ଅଭିଯୋଗ ହୋଇ ଆସୁଥିବାବେଳେ ପ୍ରଶାସନ ଦୃଷ୍ଟି ଦେଇ ନ ଥିବାରୁ ପୂର୍ବରୁ ଥରେ କେହି ଦୁର୍ବୃତ୍ତ ମଧୁବାବୁଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ସାବେରୀ ନଦୀରେ ଭସରି ଦେଇଥିଲେ। ଫଳରେ ଗତ କିଛି ବର୍ଷ ତଳେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ପୁନର୍ବାର ନିର୍ମାଣ କରାଯାଇଥିଲା। କିନ୍ତୁ ନୂତନ ପ୍ରତିମୂର୍ତ୍ତିକୁ ମଧ୍ୟ ଦୁର୍ବୃତ୍ତମାନେ ଭାଙ୍ଗି ସାରିଲେଣି। ମଧୁବାବୁ ଓ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିର କାହାର ହାତ, କାନ ଓ ନାକ ନାହିଁ। ଅନେକ ବର୍ଷ ହେଲା ପାର୍କସ୍ଥଳଟି ସଫାସୁତରା ରଖା ଯାଉନଥିବାରୁ ଚାରିପାଖରେ ବଣ ଲଟା ଜଙ୍ଗଲରେ ଭରପୁର ହୋଇଗଲାଣି। ଗତ ୨୮ତାରିଖରେ ସାରା ରାଜ୍ୟ ଉତ୍କଳ ଗୌରବ ମଧୁସୂଦନଙ୍କ ଜୟନ୍ତୀ ପାଳନ କରି ଶ୍ରଦ୍ଧାଞ୍ଜଳି ପୂର୍ବକ ସମ୍ମାନ ଜଣାଇ ଥିବାବେଳେ ପ୍ରଶାସନ ଏଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାକୁ ଭୂଲିଗଲେ। ଉକ୍ତ ପାର୍କଟିର ପୁନରୁଦ୍ଧାର କରି ବରପୁତ୍ରଙ୍କ ପ୍ରତିମୂର୍ତ୍ତିର ଉପଯୁକ୍ତ ରକ୍ଷଣାବେକ୍ଷଣା କରିବାକୁ ସାହିତ୍ୟ ଏକାଡେମୀ ସଦସ୍ୟ ରତ୍ନାକର ଦାଶ, ମୋଟୁ ଅଞ୍ଚଳର ଏଡି.ଦାନମ, ଡି. ଲିଙ୍ଗା ପ୍ରମୁଖଙ୍କ ସହ ଜିଲାର ବୁଦ୍ଧିଜୀବୀମାନେ ଦାବି ଜଣାଇଛନ୍ତି।

# ଅକ୍ଷୟତୃତୀୟାର ସରସତା ହଜିଗଲାଣି

କୃଷିପ୍ରଧାନ ଓଡ଼ିଶାରେ ବାର ମାସରେ ପାଳିତ ହୁଏ ତେରପର୍ବ। ତନ୍ମଧ୍ୟରେ ଚାଷୀ ପରିବାର ପାଇଁ ଖୁବ୍ ଗୁରୁତ୍ୱ ବହନ କରେ ଅକ୍ଷୟତୃତୀୟା। ଏହି ଦିନ ଅନୁକୂଳ ହୋଇଥାଏ ଚାଷ। ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଆରମ୍ଭ ହୁଏ ରଥ ନିର୍ମାଣ କାର୍ଯ୍ୟ। ସେହିପରି ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ଚନ୍ଦନଯାତ୍ରା ମଧ ଏହି ଦିନଠାରୁ ଶୁଭାରମ୍ଭ ହୁଏ। ତେଣୁ ଆଧାତ୍ମିକତା ଦୃଷ୍ଟିକୋଣରୁ ମଧ ଏହି ପର୍ବର ମହତ୍ତ୍ୱ ଅନନ୍ୟ। ତେବେ ବୃଦ୍ଧି ପାଉଥିବା କଂକ୍ରିଟ ଜଙ୍ଗଲର ପରିସୀମା ଭିତରେ ସଙ୍କୁଚିତ ହୋଇପଡୁଛି ଚାଷ ଜମି। ଚାଷ ପ୍ରତି ଆଉ କେହି ଆଗ୍ରହୀ ହେଉନାହାନ୍ତି। ଏସବୁ ଭିତରେ ଧୀରେ ଧୀରେ ଗୌଣ ହେବାରେ ଲାଗିଛି କୃଷିଭିତ୍ତିକ ପରମ୍ପରା ସହିତ ଜଡ଼ିତ ଅକ୍ଷୟତୃତୀୟାର ସ୍ୱତନ୍ତ୍ରତା। ସମୟକ୍ରମେ ଏହାର ସରସତା ହଜିଯିବାକୁ ବସିଲାଣି। ଆଖିମୁଠି ଅନୁକୂଳ ଅବସରରେ ହିନ୍ଦୋଳ ବ୍ଲକ ଅଞ୍ଚଳର କେତେଜଣ ଚାଷୀଙ୍କ ମତାମତକୁ ନେଇ ଏହି ଉପସ୍ଥାପନା....

### ମଳିନ ପଡ଼ିଲାଣି ପରମ୍ପରା



ଚାଷ ଆମ ଜୀବନଜୀବିକାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ହାଡ଼ଭଙ୍ଗା ପରିଶ୍ରମ କରି ଚାଷୀ ଫସଲ ଉତ୍ପାଦନ କରେ। ସାରା ଦୁନିଆକୁ ଆହାର ଯୋଗାଏ। ଏସବୁର ଶୁଭାରମ୍ଭ ହୁଏ ଅକ୍ଷୟ ତୃତୀୟାରୁ। ଏହି ପର୍ବର ମହତ୍ତ୍ୱ ଜଣେ ଚାଷୀ ହିଁ ଭଲ ଭାବେ ହୃଦୟଙ୍ଗମ କରିପାରିବ। ଆଗରୁ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମକୁ ଗାଁ ଗାଁରେ ଆଡମ୍ବର ସହକାରେ ପାଳନ କରାଯାଉଥିଲା। ଏବେ ଆଉ କେହି ଚାଷ କରିବାକୁ ଆଗ୍ରହୀ ହେଉନାହାନ୍ତି। କାଠ ଲଙ୍ଗଳ, ବଳଦର ଜାଗା କଳଲଙ୍ଗଳ ନେଲାଣି। କେଉଁଠି ନା କେଉଁଠି ଯାନ୍ତ୍ରିକ ଶକ୍ତି ଆଗରେ ଓଡ଼ିଆ ଜାତିର ପରମ୍ପରା ମଳିନ ପଡ଼ିଯିବା ଭଳି ଲାଗୁଛି।

-ପଦ୍ମଲୋଚନ ପଣ୍ଡା, ପଞ୍ଚପଡ଼ା

### ଚାଷରେ କାହାରି ମନ ନାହିଁ



ଓଡ଼ିଆ ଘରେ ୧୨ମାସରେ ତେର ପର୍ବ ପାଳିତ ହୁଏ। ତଥାପି ଅକ୍ଷୟତୃତୀୟାର ସ୍ୱତନ୍ତ୍ରତା ଭିନ୍ନ। କେଉଁ ଆବହମାନକାଳରୁ ଏହା ପାଳିତ ହୋଇ ଆସୁଛି। ବର୍ତ୍ତମାନର ଯୁବପିଢ଼ି ପାଶ୍ଚାତ୍ୟ ସଭ୍ୟତାର ବଶବର୍ତ୍ତୀ ହେବାରେ ଲାଗିଛନ୍ତି। ସମସ୍ତେ କୌଳିକ ବୃତ୍ତି ଛାଡ଼ି ସରକାରୀ ଚାକିରି ପଛରେ ଧାଉଁଛନ୍ତି। ଚାଷରେ ଆଉ କାହାରି ମନ ନାହିଁ କହିଲେ ଚଳେ। ହେଲେ ଅଖିମୁଠି ଅନୁକୂଳ ପର୍ବ ସହ କେତେ ଯେ ଆତ୍ମୀୟତା ଜଡ଼ିତ, ତାହା କଳନା କରିବା କଷ୍ଟକର। ଚାଷୀମାନେ ଅଖିମୁଠି ଅନୁକୂଳ କରିବା ସହ ମନରେ ଫସଲ ଅମଳର ଅସୁମାରୀ ସ୍ୱପ୍ନ ଦେଖିଥାନ୍ତି। କହିବାକୁ ଗଲେ ଏହା ଜୀବନ ଜୀବିକାର ପର୍ବ।

-ସୁଶାନ୍ତ ପତି, ପଞ୍ଚପଡ଼ା


### ଏବେକାର ଯୁବପିଢ଼ି ଏହାର ମହତ୍ତ୍ୱ ବୁଝିବେନି



ମାଟି ମା' ବିନା କେହି ବଞ୍ଚିବେନି। ବାପାଜେଜେ ଅମଳରୁ ଏହି କଥା ଶିଖିଆସିଛୁ। ଅକ୍ଷୟ ତୃତୀୟା ମାଟି ଆଉ ମଣିଷ ଭିତରେ ସମ୍ପର୍କ ଯୋଡୁଥିବା ଏକ ମହାନ୍ ପରମ୍ପରାର ପ୍ରତୀକ। ଏହି ଦିନ ମା' ଲକ୍ଷ୍ମୀ, ବସୁଧାଙ୍କୁ ପୂଜାର୍ଚ୍ଚନା କରି ଚାଷୀ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରେ। ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ମଧ ପରମ୍ପରା କେବେ ମରିବନି। ଗ୍ରାମର ପୁରୁଖା ଲୋକମାନେ ଏହାକୁ ବଞ୍ଚାଇ ରଖିବାରେ ଯଥାସାଧ ପ୍ରୟାସ ଜାରି ରଖିଛନ୍ତି। କେହି ନା କେହି ଏହାକୁ ଆଗକୁ ନିଶ୍ଚୟ ନେବେ। ଏବେକାର ଯୁବପିଢ଼ି ଏହାର ମହତ୍ତ୍ୱ ହୁଏତ ବୁଝିବେନି। ସେମାନଙ୍କୁ ବୁଝାଇବା ବି କଷ୍ଟକର।

-ପବିତ୍ର ପତି, ପଞ୍ଚପଡ଼ା

### ଆଗର ଉତ୍ସାହ ଏବେ ନାହିଁ



୧୦ବର୍ଷ ତଳେ ଅଖିମୁଠି ଅନୁକୂଳ ବେଳେ ଯେଉଁ ଉତ୍ସାହ ଦେଖିବାକୁ ମିଳୁଥିଲା ତାହା ଏବେ ନାହିଁ। ପ୍ରତିବର୍ଷ ଚାଷୀ ଓ ଚାଷକୁ ନେଇ କେତେ କେତେ ସରକାରୀ ଯୋଜନା ହେଉଛି। ତଥାପି ଏହା ଯୁବପିଢ଼ିଙ୍କୁ ଚାଷମୁହାଁ କରିପାରୁନାହିଁ। ଏତେ ସୁବିଧା ଥିବା ସତ୍ତ୍ୱେ ଅଧିକାଂଶ ଜମି ପଡ଼ିଆ ପଡୁଛି। କୃଷି କ୍ଷେତ୍ରରେ କାମ କରିବାକୁ କୃଷିଶ୍ରମିକ ମିଳୁନାହାନ୍ତି। ଶଗଡ଼, ଜୁଆଳି ବ୍ୟବହାର ବହୁ ପରିମାଣରେ କମିଗଲାଣି। ହଳଲଙ୍ଗଳର ସ୍ଥାନ ନେଇଛି କଳଲଙ୍ଗଳ। କୃଷି ଉପକରଣ ବଦଳରେ ଯନ୍ତ୍ର କାମ କରୁଛି। ଏସବୁ ମଧ ଅକ୍ଷୟତୃତୀୟାର ମହତ୍ତ୍ୱକୁ କେତେକାଂଶରେ କମାଇ ଦେଉଛି।

-ରଞ୍ଜନ ପତି, ପଞ୍ଚପଡ଼ା

ରିପୋର୍ଟ: ସୁଶାନ୍ତ କୁମାର ପତି, ସାତମାଇଲ

# ହୋଇନି ସମ୍ପୂର୍ଣ୍ଣ କ୍ଷୟକ୍ଷତି ଆକଳନ, ବଢ଼ୁଛି ଅସନ୍ତୋଷ

ଢେଙ୍କାନାଳ ଅଫିସ, ୭।୫

ବାତ୍ୟା 'ଫନୀ' ପ୍ରଭାବରେ ଢେଙ୍କାନାଳ ଜିଲାର ବ୍ୟାପକ ରବି ଫସଲ କ୍ଷତିଗ୍ରସ୍ତ ହୋଇଛି। ମୋଟ ୬୬୪ ହେକ୍ଟର ଜମିରେ ଚାଷ ହୋଇଥିବା ଧାନ, ମୁଗ, ବିରି, ବାଦାମ ଫସଲ ଉଜୁଡ଼ିଯାଇଛି। କଙ୍କଡ଼ାହାଡ଼ ବ୍ଲକର ଦଣ୍ଡାଧାର, ଗଁଦିଆ ବ୍ଲକ ଗୁଣ୍ଡୁରାପଶି ଅଞ୍ଚଳରେ ସର୍ବାଧିକ ଫସଲ ପ୍ରଭାବିତ ହୋଇଛି। ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ବ୍ଲକ ଅଞ୍ଚଳ ଗସ୍ତ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ଏ ସଂକ୍ରାନ୍ତ ରିପୋର୍ଟ ଜିଲା ପ୍ରଶାସନ ଏବଂ ବିଭାଗୀୟ ରାଜ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଯାଇଥିବା ଜିଲା କୃଷି ଉପନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

ଅନ୍ୟପଟେ ବାତ୍ୟାକୁ ୪ଦିନ ବିତିଯାଇଥିବାବେଳେ ସମ୍ପୂର୍ଣ୍ଣ କ୍ଷୟକ୍ଷତି ଆକଳନ ହୋଇପାରିନାହିଁ। ଗଁଦିଆ ବ୍ଲକରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇନି। ଢେଙ୍କାନାଳ ପୌରାଞ୍ଚଳ, ସଦର, ଗଁଦିଆ, ଭୁବନ ବ୍ଲକର ବିଭିନ୍ନ ସ୍ଥାନରେ ଗଛପଡ଼ି ଶତାଧିକ ଘର ଭାଙ୍ଗିଛି। କ୍ଷୟକ୍ଷତି ଆକଳନ କରାଯାଉ ନ ଥିବାରୁ ସରକାରଙ୍କ ପକ୍ଷରୁ ସହାୟତା ରାଶି ମିଳିବାରେ ବିଳମ୍ବ ହେଉଛି। ଏହାକୁ ନେଇ ବାତ୍ୟା କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ଜିଲା ଜରୁରୀ ଓ ଆପତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର କୁହନ୍ତି, କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତହସିଲଦାର, ରାଜସ୍ୱ ନିରୀକ୍ଷକମାନେ ରିପୋର୍ଟ ଦେଲେ ଏହାକୁ ସରକାରଙ୍କ ନିକଟକୁ ପଠାଯିବ।

### ଡାକ୍ତରଖାନା ଛାତରୁ ସ୍ଲାବ ଖସି ମା', ଶିଶୁ ଆହତ

ମାଲକାଗିରି, ୭।୫(ସ୍ୱ.ପ୍ର.)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗର ୨ନଂ କେବିନ୍ ବେଡ୍‌ରେ ମଙ୍ଗଳବାର ସ୍ଲାବ ଖସି ଜଣେ ପ୍ରସୂତି ଓ ତାଙ୍କ ୮ଦିନର ଶିଶୁ ଆହତ ହୋଇଛନ୍ତି। ସେମାନଙ୍କ ବର୍ତ୍ତମାନ ଚିକିତ୍ସା ଚାଲିଛି। ପ୍ରକାଶ ଯେ, ଡାକ୍ତରଖାନା କୋଠାର ନିମ୍ନମାନର କମା ହୋଇଥିବା ନେଇ ପୂର୍ବରୁ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଡାକ୍ତରଖାନାଟି ନାନା ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ଏଠାରେ ଡାକ୍ତର ଅଭାବ ରହିଥିବା ବେଳେ ରୋଗୀଙ୍କ ସହ ଦୁର୍ବ୍ୟବହାର ହୋଇଥିବା ନେଇ ମଧ୍ୟ ଅଭିଯୋଗ ହୋଇ ଆସୁଛି।

■ଭୁବନ କୃଷକ ପରିଷଦ ପକ୍ଷରୁ ଅଖିମୁଠି ଅନୁକୂଳ

# ଭଲ ଫସଲ କାମନା କରି ପୂଜାର୍ଚ୍ଚନା


ଅଖିମୁଠି ଅନୁକୂଳ ଅବସରରେ ଏକାଠି ହୋଇଥିବା କୃଷକ ବିକାଶ ପରିଷଦ କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ।

ଭୁବନ, ୭।୫(ଡି.ଏନ୍.ଏ.)

'ଫନୀ' ବିଭୀଷିକା ମଧ୍ୟରେ ମଙ୍ଗଳବାର ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି କୃଷିଭିତ୍ତିକ ପର୍ବ ଅକ୍ଷୟତୃତୀୟା। ଭଲ ଫସଲ କାମନା କରି ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି ଚାଷୀ। ଏହାକୁ ନେଇ ଗ୍ରାମ୍ୟ ପରିବେଶ ହୋଇଉଠିଥିଲା ଉତ୍ସବମୁଖର। ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ କୃଷକ ବିକାଶ ପରିଷଦ ପକ୍ଷରୁ ଆଡମ୍ବର ସହକାରେ ଅକ୍ଷୟ ତୃତୀୟା ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ ପାଲାମଣ୍ଡପରେ ଅଞ୍ଚଳର ଚାଷୀମାନେ ଏକାଠି ହୋଇ ହଳବଳଦକୁ ସୁସଜ୍ଜିତ ବେଶରେ ନଗର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ସାମିଲ ହୋଇଥିଲା ବାଜାବାଣ, ଲଉଡ଼ିବାଡି ଖେଳ। ପ୍ରସିଦ୍ଧ ଶୈବପୀଠ ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରରେ ପାରମ୍ପରିକ ନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଅଖିମୁଠି ଅନୁକୂଳ କରାଯାଇଥିଲା। ମହିଳାମାନେ ହଳଲଙ୍ଗଳକୁ ବନ୍ଦାପନା କରିବାପରେ ଚାଷୀଭାଇମାନେ ପାରମ୍ପରିକ ଗୀତ ଗାଇ ବିହନ ବୁଣିଥିଲେ।

କୃଷକ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ରଥ ସେଠୀ ସଙ୍ଗଠନର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଉପସଭାପତି ବିଦ୍ୟାଧର ବିହାରୀ, ସହସମ୍ପାଦକ ବସନ୍ତ କୁମାର ରଣା, କୋଷାଧ୍ୟକ୍ଷ ପଣ୍ଡିତ ଗୁରୁ, ଉପଦେଷ୍ଟା ମଣ୍ଡଳୀ ବ୍ରଜବନ୍ଧୁ ରାଉତ, ଦୁର୍ଗାପ୍ରସାଦ ପୃଷ୍ଟିଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ଏହି ଅବସରରେ କାମାକ୍ଷାନଗର ଏବଂ ଭୁବନ ବହୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି ଭୁବନ କୃଷକ ସଙ୍ଗଠନ ସଭାପତି ବାସୁଦେବ ଗୁରୁଙ୍କ ଅଧ୍ୟକ୍ଷତାରେ ଅକ୍ଷୟତୃତୀୟା ପାଳିତ ହୋଇଛି। ଉପସଭାପତି ଶ୍ରୀଧର ବେହେରା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ହୃଦାନନ୍ଦ ମହାରଣା, ଅଚ୍ୟୁତ ମଲ୍ଲିକ, ଘନଶ୍ୟାମ ମାଝି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୩୬ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ କର୍ମକର୍ତ୍ତା ମଳୟ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଧରିତ୍ରୀ DHARITRI CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

NABARD
NATIONAL BANK FOR AGRICULTURE AND RURAL DEVELOPMENT
Plot No. C-24, G Block, Bandra-Kurla Complex, Bandra (E), Mumbai 400051
Direct Recruitment of Officers in Grade 'A' & 'B' – 2019
NABARD, an all India Apex Organization, wholly owned by Government of India, invites ONLY online applications from Indian citizens having necessary qualification for appointment in NABARD for the following posts :

| Sr. No. | Post | Vacancies | Online Application Registration |
|---|---|---|---|
| 1 | Manager in Grade 'B' (Rural Development Banking Service) | 08 | 10.05.2019 to 26.05.2019 |
| 2 | Assistant Manager in Grade 'A' (Rural Development Banking Service) | 79 | 10.05.2019 to 26.05.2019 |

For all details related to vacancies, educational qualification, age, application fee, selection procedure, etc., please visit https://www.nabard.org
Chief General Manager
Date : 06.05.2019 HRMD
गाँव बढ़े >> तो देश बढ़े www.nabard.org Taking Rural India >> Forward

INDIAN PORT RAIL & ROPEWAY CORPORATION LIMITED
SAGARMALA
(formerly known as Indian Port Rail Corporation Ltd.)
(A Government of India Enterprise)
CIN No: U60300DL2015GOI282703
4th Floor, Nirman Bhavan, Mumbai Port Trust Building, M.P. Road, Mazgaon (East), Mumbai – 400010. Phone No. 022 - 6656 6335, Fax No. 022-6656 6336 Email: hr.iprcl@gmail.com
Advt No.IPRCL/MUM/HR/Rec.02/2019
Indian Port Rail & Ropeway Corporation Ltd. invites applications from Retired Officers of Railways / Railway PSUs / PSUs in the field of Railways / Govt.Companies Operating in the Field of Railways.

| Post | Mode of Recruitment | No.of Posts | IDA Pay-scale & Level | Place of posting | Age Limit (in yrs) |
|---|---|---|---|---|---|
| Dy. General Manager (Projects) | On Re-employment Annual Contract for three years | One | ₹ 80000-220000 (E-5) | Dhamra | Between 60-63 |

For Eligibility Conditions, and format of application etc. please visit on website www.ipa.nic.in then click for Whats New/ Ports / Other Organisation Advertisement / Indian Port Rail Corp. Ltd. or www.iprcl.org. Last date of receiving applications in IPRCL Office is 15 days from publication of this advertisement.

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ଘର ଭୁଶୁଡ଼ି ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ସାତମାଇଲ, ୭।୫(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅନ୍ତର୍ଗତ ମାଗୁବେରେଣୀ ଗ୍ରାମରେ ସୋମବାର ରାତିରେ ଘର ଭୁଶୁଡ଼ି ନବକିଶୋର ଦାସ (୬୦) ପ୍ରାଣ ହରାଇଛନ୍ତି। ଏଥିରେ ତାଙ୍କ ସ୍ତ୍ରୀ ଗୁରୁତର ହୋଇଛନ୍ତି। ନବକିଶୋର ଏବଂ ତାଙ୍କ ସ୍ତ୍ରୀ ଶୋଇଥିବାବେଳେ ହଠାତ୍ ଚାଳଛପର ଘର ଭୁଶୁଡ଼ି ପଡ଼ିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ପ୍ରଥମେ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ନବକିଶୋରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। 'ଫନୀ' ପ୍ରଭାବରେ ହୋଇଥିବା ବର୍ଷାରେ ଘରକାନ୍ଥ ବତୁରି ଦୁର୍ବଳ ହୋଇଯାଇଥିଲା। ଏହି କାରଣରୁ ଏପରି ଦୁର୍ଘଟଣା ଘଟିଥିବା ଗ୍ରାମବାସୀ କହିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

### ଡିପିଏସ୍‌ରେ ଅଂଶୁମାନ ଶ୍ରେଷ୍ଠ



**ଢେଙ୍କାନାଳ ଅଫିସ, ୭।୫:** ଢେଙ୍କାନାଳସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍)ର ସିବିଏସ୍ଇ ୧୦ମ ଶ୍ରେଣୀ ପରୀକ୍ଷାଫଳ ସୋମବାର ପ୍ରକାଶିତ ହୋଇଛି। ଅଂଶୁମାନ ଜେନା ୯୫.୬% ମାର୍କ ରଖି ଟପ୍ପର ହୋଇଛନ୍ତି। ସୋସିଆଲ ଷ୍ଟଡିଜ୍‌ରେ ସେ ୧୦୦% ମାର୍କ ରଖିଛନ୍ତି। ସେହିପରି ପରୀକ୍ଷା ଦେଇଥିବା ୩୯ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ଜଣ ୯୦%ରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ପାୟଲ ପ୍ରିୟଦର୍ଶିନୀ ୯୪.୨%, ରାଜେନ୍ଦ୍ର ଦ୍ୱିବେଦୀ ୯୩%, ସୋଭିତ ଶୋଭନ୍ ୯୨.୪%, ସାମର୍ଥ୍ୟ ମହାନ୍ତି ୯୧% ନମ୍ବର ରଖିଥିବା ପ୍ରିନ୍ସିପାଲ ଯଜ୍ଞେଶ୍ୱର ବୋରା ଏବଂ ପରୀକ୍ଷା ସଞ୍ଚାଳକ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି। ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରୋ-ଭାଇସ୍ ଚେୟାରମ୍ୟାନ ବିନୋଦ ଦାଶ ଶୁଭେଚ୍ଛା ଜଣାଇଛନ୍ତି।

### ସିପିଆଇର କାର୍ଯ୍ୟକାରୀ ବୈଠକ

**ଢେଙ୍କାନାଳ ଅଫିସ, ୭।୫:** ଢେଙ୍କାନାଳ ଶାଖା ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର କାର୍ଯ୍ୟକାରୀ ବୈଠକ ଦଳୀୟ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବର୍ଷୀୟାନ ବାମପନ୍ଥୀ ନେତା ତଥା ପୂର୍ବତନ ଏମ୍‌ପି ଡ. ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ବିୟୋଗରେ ଶୋକବ୍ୟକ୍ତ କରାଯାଇଥିଲା। 'ଫନୀ' ତାଣ୍ଡବରେ ପୁରୀ, ଭୁବନେଶ୍ୱର, କଟକ, ଗଞ୍ଜାମ, କେନ୍ଦ୍ରାପଡ଼ା, ଜଗତସିଂହପୁର ଏବଂ ଢେଙ୍କାନାଳ ଜିଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ବିପନ୍ନ ପରିବାରକୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ସେହିପରି ଟଙ୍କିକିଆ କଏନ ନେଇ ଦେଖାଦେଇଥିବା ସମସ୍ୟା ସମାଧାନ କରିବା ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ନେତୃବୃନ୍ଦ ଗୁରୁତ୍ୱାରୋପ କରିଥିଲେ। ଯମେଶ୍ୱର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପୁରୁଷୋତ୍ତମ ସାହୁ, କାମିନୀ ସେଠୀ, ସୁରେଶ ବେହେରା, ଶିବରାମ ସାହୁ, କାଳିନ୍ଦୀ ଦେହୁରୀ, ରୁଦ୍ର ନନ୍ଦ, ପ୍ରଫୁଲ୍ଲ ମଲିକ, ବେଣୁଧର ବାରିକ, ଅଦ୍ୱୈତ ରାଉତ, ରବି ରଥ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ରୋକାଗଲା ବାଲ୍ୟ ବିବାହ

**ଓଡ଼ାପଡ଼ା, ୭।୫(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଶିଶୁ ମଙ୍ଗଳ କମିଟି ଏବଂ ପୋଲିସ ପ୍ରଶାସନର ମିଳିତ ଉଦ୍ୟମରେ ମୋଟଙ୍ଗା ଥାନା ଅଞ୍ଚଳରେ ଏକ ନାବାଳିକା ବିବାହକୁ ରୋକିଦିଆଯାଇଛି। ନାବାଳିକା କନ୍ୟା ଏବଂ ତାଙ୍କ ପିତାଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ବାଲିମୀ ଥାନା ଅଞ୍ଚଳର ଜଣେ ଯୁବକଙ୍କ ସହିତ ସମ୍ପୃକ୍ତା ନାବାଳିକାଙ୍କ ବିବାହ କରିବାକୁ ପରିବାର ଲୋକେ ଯୋଜନା କରିଥିଲେ। ଏହାକୁ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଥିଲା। ତେବେ ଠିକ୍ ସମୟରେ ସୂଚନା ପାଇ ଶିଶୁ ମଙ୍ଗଳ କମିଟି ସଦସ୍ୟ, ପୋଲିସ ପହଞ୍ଚି ବିବାହ ରୋକିଥିଲେ। ସଚେତନତା ଅଭାବରୁ ବ୍ଲକ ଅଞ୍ଚଳରେ ଏପରି ଅନେକ ବେଆଇନ ବିବାହ ହେଉଛି। ଏହାକୁ ରୋକିବା ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

---

■ବାତ୍ୟା ପରେ ପାଣି, ବିଜୁଳି ଚିନ୍ତା

# ଢେଙ୍କାନାଳମୁହାଁ ଟ୍ୱିନସିଟିବାସୀ

■ଘରେ ଲାଗିଛି ବନ୍ଧୁବାନ୍ଧବଙ୍କ ଭିଡ଼

■ହୋଟେଲ, ଲଜ୍‌ରେ ରୁମ୍ ମିଳୁନି

**ଢେଙ୍କାନାଳ ଅଫିସ, ୭।୫**

'ଫନୀ' ତାଣ୍ଡବରେ ଧ୍ୱଂସସ୍ତୂପରେ ପରିଣତ ହୋଇଛି ଦ୍ୱୈତ୍ୟନଗରୀ ଭୁବନେଶ୍ୱର ଏବଂ କଟକ। କ୍ଷୟକ୍ଷତିଠାରୁ ଟପିଯାଇଛି ବାତ୍ୟା ପରବର୍ତ୍ତୀ ବେଦନା। ପିଇବାକୁ ପାଣିନାହିଁ କି ଲାଇନ୍ ନାହିଁ। ରାସ୍ତାରେ ପଡ଼ିଥିବା ଗଛ ଉଠିପାରୁନି। ସବୁଠାରୁ ବେଶି ପ୍ରଭାବିତ ହୋଇଛି ଟେଲି ଯୋଗାଯୋଗ ସେବା। ୩ଦିନ ପରେ ବି ସେମିତି ଠପ୍ ହୋଇରହିଛି ଜୀବନଯାତ୍ରା। ବାତ୍ୟାର ଶକ୍ତ ଧକ୍କାରୁ ଉଠିପାରୁନାହାନ୍ତି ଲକ୍ଷାଧିକ ସହରବାସୀ। ଏପରିସ୍ଥିତିରେ ପଡ଼ୋଶୀ ଜିଲାକୁ ହଜାର ହଜାର ଲୋକଙ୍କ ଛୁଟୁଛି ସୁଅ। ବିଶେଷ କରି ଢେଙ୍କାନାଳ ଜିଲା ଏବେ ଟ୍ୱିନ୍‌ସିଟିବାସୀଙ୍କ ସାହାରା ପାଲଟିଛି। ବିଦ୍ୟୁତ୍, ପାଣି ସୁବିଧା ଥିବାରୁ ସରକାରୀ ଚାକିରିଆଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକ ଯାଏ ସମସ୍ତେ ଏବେ ଢେଙ୍କାନାଳ ମୁହାଁ ହୋଇଛନ୍ତି।

ବାତ୍ୟାରେ ବ୍ୟାପକ ମାତ୍ରାରେ ପ୍ରଭାବିତ ହୋଇଛି ରାଜଧାନୀ। କଟକରେ ମଧ୍ୟ ସାଂଘାତିକ ସ୍ଥିତି। କେବେ ପାଣି ଆସିବ, ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହେବ ସେ ନେଇ କାହା ନିକଟରେ ଠିକ୍ ସୂଚନା ନାହିଁ। ଏଣୁ ଦୁଇ ସହରର ହଜାର ହଜାର ଲୋକେ ଏବେ ପରିବାର ସହ ଢେଙ୍କାନାଳରେ ପହଞ୍ଚିଛନ୍ତି।

ବାତ୍ୟାରେ ଢେଙ୍କାନାଳ ଜିଲା ପ୍ରଭାବିତ ହୋଇଛି ସତ, ହେଲେ ହୋଟେଲ ଶିଳ୍ପ ଉପରେ ଏହାର ସେତେଟା ପ୍ରଭାବ ପଡ଼ିନି। ଅନ୍ୟପଟେ ପ୍ରଶାସନର ତ୍ୱରିତ ପଦକ୍ଷେପ ଯୋଗୁ ଦୁଇଦିନ ମଧ୍ୟରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ସ୍ଥିତିକୁ ଫେରିଛି। ଦ୍ୱୈତ୍ୟନଗରୀ ନିକଟ ହୋଇଥିବାରୁ ଭୁବନେଶ୍ୱର ଏବଂ କଟକର ବହୁ ପରିବାର ଜିଲାରେ ଡେରା ପକାଇଛନ୍ତି।

ସାଧାରଣତଃ ବିଶ୍ୱପ୍ରସିଦ୍ଧ ଲକ୍ଷ୍ମୀପୂଜା ସମୟରେ ସହରରେ ଗହଳିଚହଳି ହୋଇଥାଏ। ହେଲେ ଏବେ ବାତ୍ୟା ଯୋଗୁ ସମାନ ପରିସ୍ଥିତି ଦେଖାଦେଇଛି। ରାଜଧାନୀ ଏବଂ କଟକରୁ ଆସିଥିବା ଅଧିକାଂଶ ଲୋକ ବନ୍ଧୁବାନ୍ଧବଙ୍କ ଘରେ ରହିଛନ୍ତି। ସେହିପରି ଅନେକେ ହୋଟେଲରେ ଆଶ୍ରୟ ନେଇଛନ୍ତି। ସହରର ପ୍ରାୟ ସମସ୍ତ ହୋଟେଲ ଭର୍ତ୍ତି ହୋଇଯାଇଛି। ଲଜ୍‌ରେ ରୁମ୍ ମିଳିବା କାଠିକର ପାଠ ହୋଇଛି। ଖାସ୍ ଏହି କାରଣରୁ ସାଧାରଣ ଦିନରେ ମାନ୍ଦା ରହୁଥିବା ହୋଟେଲ ଶିଳ୍ପ ବିଶେଷ ଭାବେ ଉପକୃତ ହୋଇଛି। ଏ ନେଇ ସହରର ଏକ ଖ୍ୟାତନାମା ହୋଟେଲର ପରିଚାଳନା ଅଧିକାରୀ ଜ୍ଞାନେନ୍ଦ୍ର ବେହେରା କୁହନ୍ତି, ଭୁବନେଶ୍ୱର ଏବଂ କଟକ ସହରକୁ ଢେଙ୍କାନାଳ ପାଖ। ବାତ୍ୟା ପରେ ସୃଷ୍ଟି ହୋଇଥିବା ସମସ୍ୟା ଯୋଗୁ ଢେଙ୍କାନାଳ ସମସ୍ତଙ୍କ ପସନ୍ଦର ସହର ପାଲଟିଛି। ପାଣି, ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଲୋକମାନେ ସୁବିଧା ପାଇଁ ପରିବାର ସହ ଆସୁଛନ୍ତି। ଏହାକୁ ନେଇ ଭଲ ବ୍ୟବସାୟ ହେଉଛି।

ସେହିପରି ଅନ୍ୟଦିନେ ଖାଁ ଖାଁ ଲାଗୁଥିବା ଢେଙ୍କାନାଳର ସରକାରୀ ବାସଭବନରେ ଏବେ ଗହଳଚହଳ ଦେଖିବାକୁ ମିଳିଛି। ସାଧାରଣତଃ ଏଠାରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ରାଜଧାନୀ ମୋହ ତୁଟାଇପାରୁ ନ ଥିଲେ। ସେମାନେ ପରିବାର ସହ ଭୁବନେଶ୍ୱର ଏବଂ କଟକରେ ରହି ଯିବା ଆସିବା କରୁଥିଲେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମୟରେ ମଧ୍ୟ ଅନେକଙ୍କ ଦେଖାମିଳୁ ନ ଥିବା ଅଭିଯୋଗ ହୋଇ ଆସୁଥିଲା। ହେଲେ ବାତ୍ୟା ସେମାନଙ୍କୁ ଜିଲାମୁହାଁ କରାଇଛି। ଅସହ୍ୟ ଗରମ, ପାଣି ସମସ୍ୟାରୁ ମୁକୁଳିବାକୁ ସେମାନେ ଏବେ ପରିବାର ସହ ସରକାରୀ ବାସଭବନରେ ରହୁଛନ୍ତି।



### ମିଳୁନି ଜେନେରେଟର, ଇନଭର୍ଟର

ବିଦ୍ୟୁତ୍ ବିଭାଗର ଅଣ୍ଟା ଭାଙ୍ଗିଦେଇଛି 'ଫନୀ'। ବାତ୍ୟାର କରାଳ ତାଣ୍ଡବରେ କଟକ, ଭୁବନେଶ୍ୱରର ବିଦ୍ୟୁତ୍ ବ୍ୟବସ୍ଥା ଭିତ୍ତିଭୂମି ଦୋହଲିଯାଇଛି। ହଜାର ହଜାର ବିଦ୍ୟୁତ୍ ଖୁଣ୍ଟ ଧରାଶାୟୀ ହୋଇଛି। ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ଅବସ୍ଥାକୁ କେବେ ଫେରିବ ତାହା ଜଣାପଡୁନାହିଁ। ଧନିକ ଶ୍ରେଣୀ ଲୋକେ ଏଥିରୁ ମୁକୁଳିବାକୁ ଜେନେରେଟର ଏବଂ ଇନଭର୍ଟର କିଣିବାକୁ ଦୋକାନରେ ଲମ୍ବା ଲାଇନ ଲଗାଉଛନ୍ତି। ସେହିପରି ପେଟ୍ରୋଲ, ଡିଜେଲ ମଧ୍ୟ ମିଳୁନାହିଁ। ଫଳରେ ଢେଙ୍କାନାଳକୁ ଆସୁଥିବା ଲୋକେ ଏସବୁ ଜରୁରୀ ଉପକରଣ କିଣିବାକୁ ସହରର ବିଭିନ୍ନ ଦୋକାନରେ ଭିଡ଼ ଜମାଉଛନ୍ତି। ହେଲେ ଚାହିଦା ତୁଳନାରେ ସାମଗ୍ରୀ ନ ଥିବାରୁ ସେମାନେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି।

---

■ସର୍ବଭାରତୀୟ ଜେଇଇ ମେନ୍

# ଇ-ଟେକ୍ କଲେଜର ୫୨ ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ


ସମ୍ବିତ୍ ପ୍ରଧାନ।


ଅମିତ ସାହୁ।


ଶିବାନନ୍ଦ ବୋଷ।

**ଢେଙ୍କାନାଳ ଅଫିସ, ୭।୫**

ସର୍ବଭାରତୀୟ ଜେଇଇ ମେନ୍ ପରୀକ୍ଷାରେ ଢେଙ୍କାନାଳ ଇ-ଟେକ୍ କଲେଜର ୫୨ଜଣ ଛାତ୍ରୀଛାତ୍ର କଟ୍ ଅଫ୍ ମାର୍କଠାରୁ ଅଧିକ ନମ୍ବର ରଖି ଯୋଗ୍ୟ ବିବେଚିତ ହୋଇଛନ୍ତି। କଲେଜରେ ନିଜସ୍ୱ କୋଚିଂ କ୍ଲାସରେ ୯୦ ଛାତ୍ରୀଛାତ୍ର ପଞ୍ଜୀକୃତ ହୋଇଥିଲେ। ସମ୍ବିତ କୁମାର ପ୍ରଧାନ ୯୮.୪୭%, ଅମିତ ସାହୁ ୯୬.୩୮ %, ଶିବାନନ୍ଦ ବୋଷ ୯୫.୨୯%, ଲିଙ୍କନ ପରିଡ଼ା ୯୪.୬୭ %, ଅଭିଲିପ୍ସା ସ୍ୱାଇଁ ୯୪.୬୫%, ସୋଏଲ ସାହୁ ୯୪.୨୫%, ଅକ୍ଷୟ ପଣ୍ଡା ୯୨.୬୧%, ଶାନ୍ତନୁ ପାଇକରାୟ ୯୨.୫୨%, ସମ୍ବିତ ପ୍ରଧାନ ୯୨.୪୭%, ସୁରଜ ପାଲ ୯୨.୪୭%, ଅତୁଲ ମିଶ୍ର ୯୦.୨୬%, ଶତାବ୍ଦୀ ଦାସ ୮୯.୭୫%, ଜାଗୃତି ବିଶ୍ୱାଳ ୮୯.୭୪%, ଶାଶ୍ୱତ ରାଉତ ୮୯.୨୬% ନମ୍ବର ରଖିଛନ୍ତି। ଚଳିତବର୍ଷ କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧ଜଣ ଏନ୍‌ଆଇଟିର ବିଭିନ୍ନ ଅନୁଷ୍ଠାନରେ ଅଧ୍ୟୟନ କରିବାର ସୁଯୋଗ ପାଇବେ ବୋଲି କଲେଜ ଅଧ୍ୟକ୍ଷ ଡ. ସୁରେଶ ମିଶ୍ର ସୂଚନା ଦେଇଛନ୍ତି। ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି।

## ହାତୀ ଆକ୍ରମଣରେ ମହିଳା ଗୁରୁତର

**କାମାକ୍ଷାନଗର, ୭।୫(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବଶୋଇ ପଞ୍ଚାୟତ ଅଧୀନ ବାରଭରଣିଆ ସାହିର ଜ୍ୟୋତ୍ସ୍ନା ଦେହୁରୀ ସୋମବାର ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ଘରଠାରୁ ଅଳ୍ପଦୂରରେ ଥିବା ବିଲକୁ କୌଣସି କାମରେ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଆକ୍ରମଣରେ ତାଙ୍କ ଅଣ୍ଟା ଏବଂ ପିଠିରେ ଗୁରୁତର ଆଘାତ ଲାଗିଛି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସହାୟତାରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

---

■ଗ୍ରୀଷ୍ମକାଳୀନ ଟାଏକୋଣ୍ଡୋ କର୍ମଶାଳା ଆରମ୍ଭ

# ଭାଗନେଲେ ୩ ଜିଲାର ଛାତ୍ରୀଛାତ୍ର

**ଢେଙ୍କାନାଳ ଅଫିସ, ୭।୫**


କର୍ମଶାଳାରେ ଭାଗ ନେଇଥିବା ପ୍ରଶିକ୍ଷାର୍ଥୀମାନେ।

ଢେଙ୍କାନାଳ ଆମେଚର ଟାଏକୋଣ୍ଡୋ ଆସୋସିଏଶନ ଏବଂ ଗୁରୁଦେବ ଏସ୍.ଏସ୍. ମାର୍ଶାଲ୍ ଆର୍ଟ ଏକାଡେମୀର ମିଳିତ ଆନୁକୂଲ୍ୟରେ ୫ମ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଟାଏକୋଣ୍ଡୋ କର୍ମଶାଳା ସ୍ଥାନୀୟ ମହାବୀରବଜାରସ୍ଥିତ ମମତା ମଣ୍ଡପରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ୫ଦିନ ଧରି ଚାଲିବାକୁ ଥିବା ଏହି କର୍ମଶାଳାରେ ଢେଙ୍କାନାଳ, ଅନୁଗୋଳ, କଟକ ଜିଲାର ଶତାଧିକ ଛାତ୍ରୀଛାତ୍ର ଭାଗନେଇଛନ୍ତି। ଶିବିରାର୍ଥୀଙ୍କୁ ଆତ୍ମସୁରକ୍ଷା କୌଶଳ, ସମରକଳା, ଯୋଗଶିକ୍ଷା, ଏରୋବିକ୍ସ, ସ୍କେଟିଂ, ନୃତ୍ୟ, ଗୀତ, ଚିତ୍ରାଙ୍କନ, ସ୍ଲୋଗାନ, ସମାଜସେବା, ଶୃଙ୍ଖଳାଜ୍ଞାନ, ମୂଲ୍ୟବୋଧଭିତ୍ତିକ ଶିକ୍ଷା, ଶୈକ୍ଷିକ କାର୍ଯ୍ୟକ୍ରମ ବିଷୟରେ ପ୍ରଶିକ୍ଷଣ ଦିଆଯିବ।

ଅନୁଷ୍ଠାନର ସମ୍ପାଦକ ଇଂ. ସୌମ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ଚିତ୍ତରଞ୍ଜନ ଦାଶ, ଯୋଗ ପ୍ରଶିକ୍ଷକ ପ୍ରଳୟ କୁମାର ଦାସ, ବରିଷ୍ଠ କୁସ୍ତି ଖେଳାଳି ଆର୍ଯ୍ୟା ପଟ୍ଟନାୟକ, ଆତ୍ମରକ୍ଷା କୌଶଳ ବିଶେଷଜ୍ଞ ଡ୍ୟାନି ସ୍ନେହାଂଶୁ ବିଷୋଇ, ବରିଷ୍ଠ ଆଇନଜୀବୀ ସରୋଜ କୁମାର ସେଠୀ ପ୍ରମୁଖ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଟାଏକୋଣ୍ଡୋ ଶିକ୍ଷା ଦ୍ୱାରା ଏକାଗ୍ରତା ବଢ଼େ। ଏହାଦ୍ୱାରା ଜଣେ ନିଜକୁ ସୁରକ୍ଷିତ ରଖିପାରିବ। ଆଜିକାର ସମୟରେ ଏପରି କ୍ରୀଡ଼ାକୌଶଳ ଶିକ୍ଷା ଅପରିହାର୍ଯ୍ୟ। ଗୋଟିଏ ପାଦ ସୁରକ୍ଷା ଆଡ଼କୁ ଅଗ୍ରସର କରାଇବାରେ ଏହା ସହାୟକ ହୋଇପାରିବ। ଏଭଳି ଆତ୍ମସୁରକ୍ଷା ସମ୍ପର୍କିତ କ୍ରୀଡ଼ାକୁ ସ୍କୁଲ ପାଠ୍ୟକ୍ରମରେ ସାମିଲ କରିବାକୁ ସମ୍ପାଦକ ମତପୋଷଣ କରିଥିଲେ।

ଇଂ. ସୌମ୍ୟବ୍ରତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶୁଭଲକ୍ଷ୍ମୀ ପଣ୍ଡା, ଡାର୍ଲିନ୍ ଡାଲ୍‌ଟନ, ପ୍ରତାପ କୁମାର ନାଏକ, ହରପ୍ରିୟା ବେହେରା, ମୁକ୍ତିକାନ୍ତ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନର ସହସମ୍ପାଦକ ରାଜେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ବାତ୍ୟା ଆଶ୍ରିତଙ୍କୁ ଧମକ ଅଭିଯୋଗ

**ଢେଙ୍କାନାଳ ଅଫିସ, ୭।୫**

ବାତ୍ୟା ସମୟରେ ଜୀବନ ବଞ୍ଚାଇବାକୁ ଅଙ୍ଗନୱାଡି କେନ୍ଦ୍ରରେ ଆଶ୍ରୟ ନେଇଥିବା ଗ୍ରାମବାସୀଙ୍କୁ ଅଙ୍ଗନୱାଡି କର୍ମୀ ଧମକ ଦେବା ଅଭିଯୋଗ ହୋଇଛି। ଏପରି ଘଟଣା ଘଟିଛି ହିନ୍ଦୋଳ ବ୍ଲକ ରାସୋଳ ଥାନା ବ୍ରାହ୍ମଣିଆପାଳ ଗ୍ରାମରେ। ଏ ନେଇ ବିପନ୍ନ ପରିବାର ସୋମବାର ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କ ଦ୍ୱାରସ୍ଥ ହେବା ସହ ସମ୍ପୃକ୍ତା ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ଫେରାଦ ହୋଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବାତ୍ୟା ବେଳେ ଅଙ୍ଗନୱାଡି କେନ୍ଦ୍ର ଖୋଲା ନ ଥିଲା। ତେଣୁ ସେମାନେ ବାଧ୍ୟ ହୋଇ ତାଲା ଭାଙ୍ଗି ସେଠାରେ ଆଶ୍ରୟ ନେଇଥିଲେ। ତାଲା ଭାଙ୍ଗିବାକୁ ନେଇ ଅଙ୍ଗନୱାଡି କର୍ମୀ ଥାନାରେ ଏତଲା ଦେବେ ବୋଲି ଧମକ ଦେଇଥିଲେ। ଏପରି କାର୍ଯ୍ୟକୁ ଗ୍ରାମବାସୀ ତୀବ୍ର ନିନ୍ଦା କରିଛନ୍ତି। ଘଟଣାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପତିତପାବନ ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, ବିଜୟ ବେହେରା, ସୁଭଦ୍ରା ବିଶ୍ୱାଳ ପ୍ରମୁଖ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ଦିଗରେ ଆଖିଦୃଶିଆ ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

■ସିବିଏସ୍ଇ ପରୀକ୍ଷାଫଳ ପ୍ରକାଶିତ

# କେନ୍ଦ୍ରୀୟ ବିଦ୍ୟାଳୟ, ସେଣ୍ଟ୍ ଜାଭିୟର୍ସରେ ପାସ୍ ହାର ୧୦୦%

**ଢେଙ୍କାନାଳ ଅଫିସ, ୭।୫**


ଜେ.ଏଲ୍. ଜାନି।

ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୧୦ମ ଶ୍ରେଣୀ ସିବିଏସ୍ଇ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଉଭୟ ବିଦ୍ୟାଳୟର ପରୀକ୍ଷା ଫଳ ୧୦୦% ହୋଇଛି। କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ର ସତ୍ୟଜିତ୍ ଶତପଥୀ ୬୦୦ରୁ ୫୭୨ ମାର୍କ ରଖି ଟପ୍ପର ହୋଇଛନ୍ତି। ସୁଶ୍ରୀ ସଙ୍ଗୀତା, ଆଦିଜ୍ୟୋତି ଅମରନାଥ ଯୁଗ୍ମ ଦ୍ୱିତୀୟ ହୋଇଛନ୍ତି। ଉଭୟେ ୫୭୧ ଲେଖାଏ ନମ୍ବର ରଖିଛନ୍ତି। ସେହିପରି ୫୬୯ ମାର୍କ ରଖି ପ୍ରତୀକ ଦାସ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ମୋଟ ୯୪ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରେ ୩୮ ଜଣ ଛାତ୍ରୀ ଓ ୫୬ଜଣ ଛାତ୍ର ଥିବାବେଳେ ସମସ୍ତେ ପାସ୍ ହୋଇଛନ୍ତି। ୩୫ଜଣ ଛାତ୍ରୀଛାତ୍ର ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି।

ସେହିପରି ସେଣ୍ଟ ଜାଭିୟର୍ସ ସ୍କୁଲର ୧୩୫ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଜେ.ଏଲ୍. ଜାନି ୯୬% ନମ୍ବର ରଖି ଟପ୍ପର ହୋଇଛନ୍ତି। ୩୩ ଛାତ୍ରୀଛାତ୍ର ୯୦%ରୁ ଅଧିକ ମାର୍କ ରଖିଥିବା ବିଦ୍ୟାଳୟ ପରିଚାଳନା ପରିଷଦ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

---

# ଜିଲାସ୍ତରୀୟ ଅଖିମୁଠି ଅନୁକୂଳ


ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା ଅଖିମୁଠି ଅନୁକୂଳ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୭।୫**

ଢେଙ୍କାନାଳ ମହିଷାପାଟସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ଜିଲାସ୍ତରୀୟ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷ କାର୍ଯ୍ୟ ଅନୁକୂଳ କରିଥିଲେ। ଏଥିପୂର୍ବରୁ ପାରମ୍ପରିକ ନୀତିରେ ପୂଜାର୍ଚ୍ଚନା କରାଯାଇଥିଲା।

ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ଡ. ଦେବବ୍ରତ ପାଣିଗ୍ରାହୀ, ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଭଗବାନ ଦାସଙ୍କ ସମେତ କୃଷି ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀ ଏବଂ ଚାଷୀଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଭଲ ଫସଲ ଉତ୍ପାଦନ ସହ ଚାଷୀମାନେ କିପରି ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିପାରିବେ ସେ ନେଇ ଅଧିକାରୀମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

## ସାତପଡ଼ାରେ ରିଲିଫ୍ ବାଣ୍ଟିଲା ରାଇଜିଂଷ୍ଟାର କ୍ଲବ

**ଢେଙ୍କାନାଳ ଅଫିସ, ୭।୫**

'ଫନୀ' ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ଜିଲା ସାତପଡ଼ାରେ ସୋମବାର ଢେଙ୍କାନାଳର ରାଇଜିଂଷ୍ଟାର କ୍ଲବ ପକ୍ଷରୁ ରିଲିଫ୍ ବଣ୍ଟନ କରାଯାଇଛି। ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ, ପାଣି ସମେତ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ଦିଆଯାଇଥିଲା। ବ୍ଲକ ସଭାପତି ସନାତନ ରାଉଳ, ଉପସଭାପତି ରଶ୍ମିରଞ୍ଜନ ପାଢ଼ୀ, ସମ୍ପାଦକ ଗୁରୁପଦ ବିଶ୍ୱାଳ ପ୍ରମୁଖ ରିଲିଫ୍ ବଣ୍ଟନ କାର୍ଯ୍ୟ ପରିଚାଳନା କରିଥିଲେ।

## ୨ ବଖରା ଜଳିଗଲା

**ଭୁବନ, ୭।୫(ଡି.ଏନ୍.ଏ.)**

ଭୁବନ ଥାନା ଜିରାଳ ଗ୍ରାମରେ ରବିବାର ରାତି ୮ଟାରେ ଅଗ୍ନିକାଣ୍ଡ ଘଟି କୁସୁନିଆ ମୁଣ୍ଡାଙ୍କ ୨ ବଖରା ଜଳିଯାଇଛି। ଭୁବନ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

# ଆରମ୍ଭ ହେଲା ରଥ କାମ


ରଥଯାତ୍ରା ପାଇଁ କାଠ ଅନୁକୂଳ କରାଯାଉଛି।

**ଢେଙ୍କାନାଳ ଅଫିସ, ୭।୫**

ପବିତ୍ର ଅକ୍ଷୟ ତୃତୀୟାରେ ଢେଙ୍କାନାଳର ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ କାମ ଆରମ୍ଭ ହୋଇଛି। ରଥଗଡ଼ାରେ ପୂର୍ବାହ୍ନ ସାଢ଼େ ୯ଟାରେ ପୂଜାର୍ଚ୍ଚନା କରାଯିବାପରେ ବିଧିବଦ୍ଧ ଭାବେ ରଥକାଠ ଅନୁକୂଳ ହୋଇଥିଲା। ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ପୂଜାପଣ୍ଡା ଭାଗୀରଥି ପଣ୍ଡା, ବିଶ୍ୱକର୍ମା ଅଶୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କଙ୍କଡ଼ାହାଡ଼ ଅଞ୍ଚଳରୁ ସୋମବାର ରଥକାଠ ଅଣାଯାଇଥିବାବେଳେ ଧଉରା କାଠରେ ଅଖ ନିର୍ମାଣ ଆରମ୍ଭ ହୋଇଛି। ଆସନ୍ତା ଜୁଲାଇ ୩ରେ ଶ୍ରୀଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହେବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଜଙ୍ଗଲରୁ ମିଳିଲା ଛାତ୍ରଙ୍କ ଗଳିତ ମୃତଦେହ

**ଜୟପୁର,୭।୫(ନି.ପ୍ର.):** କୋରାପୁଟ ଜିଲା ଜୟପୁର ସଦର ଥାନା ବାରିଣିପୁଟ ନିକଟସ୍ଥ ପଟାରିଗୁଡ଼ା ଜଙ୍ଗଲରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ନବରଙ୍ଗପୁର ଜିଲା ବଡ଼ହୁରୁଣ୍ଡି ଗ୍ରାମର ସୋମନାଥ ହରିଜନ (୧୮)। ଗାଁର ୨ ଜଣ ବୃଦ୍ଧା ବୃଦ୍ଧ ରବିବାର ଅପରାହ୍ନରେ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଗୋଟିଏ ପରିଚୟ ପତ୍ର ଜବତ କରିଛି। ମୃତ ଯୁବକ ଜଣକ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଧୁରୁଡ଼ା ସ୍ଥିତ ଅଲେଖ ମହିମା ମହାବିଦ୍ୟାଳୟର ଯୁକ୍ତ ୨ର ଛାତ୍ର ବୋଲି ଜଣାପଡ଼ିଛି। ୧୦ରୁ ୧୨ ଦିନ ତଳେ ମୃତ୍ୟୁ ଘଟିଥିବା ବେଳେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ତଦନ୍ତ ପରେ ଜଣାପଡ଼ିବ। ମୃତଦେହ ଶଢ଼ିଯାଇଥିବା ଯୋଗୁ ସେହିଠାରେ ହିଁ ତାହାର ବ୍ୟବଚ୍ଛେଦ କରାଯାଇଥିଲା। ଏନେଇ କେସ୍ ନଂ ୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ସଦର ଥାନା ଅଧିକାରୀ ଧୀରେନ୍ଦ୍ର ବେହେରା କହିଛନ୍ତି।

### ଏସ୍‌ସିବିରେ ପ୍ରଥମ ଫନୀ ମୃତ୍ୟୁ

#### ମେଡିକାଲରେ ୭୨ ରୋଗୀ

**କଟକ ଅଫିସ,୭।୫:** ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ଆହତ ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କ ରବିବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ବଡଖିରୀ ଗ୍ରାମର ସତ୍ୟଜିତ ନାୟକ(୧୭)। ଗତ ଝଡ ସମୟରେ ସତ୍ୟଜିତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଚିକିତ୍ସାଲାଗି ତାଙ୍କୁ ଏସ୍‌ସିବିର ସ୍ନାୟୁଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଥିଲା। ଗତ ୪ ତାରିଖରେ ତାଙ୍କ ମୁଣ୍ଡରେ ଅପରେଶନ କରାଯାଇଥିଲା। ମାତ୍ର ୫ ତାରିଖ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ସତ୍ୟଜିତଙ୍କ ମୃତ୍ୟୁ ଘଟିଥିବା ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ଫନୀ ଦ୍ୱାରା ପ୍ରଭାବିତ ହୋଇ ମୋଟ୍ ୭୨ଜଣ ରୋଗୀ ଏସ୍‌ସିବି ମେଡିକାଲକୁ ଆସିଛନ୍ତି। ଗତ ୩ରୁ ୬ ତାରିଖ ସନ୍ଧ୍ୟା ମଧ୍ୟରେ ଏହି ରୋଗୀମାନେ ମେଡିକାଲକୁ ଆସିଥିବା ଜଣାପଡିଛି।

#### ଡିଜିପିଙ୍କ ସମୀକ୍ଷା

### ସୁରକ୍ଷିତ ଭାବେ ରିଲିଫ ପହଞ୍ଚାଇବା ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୭।୫:** ବାତ୍ୟା 'ଫନୀ' ପ୍ରଭାବରେ ପୁରୀ ଜିଲାରେ ବ୍ୟାପକ କ୍ଷତି ଘଟିଛି। ପୁରୀ ପୋଲିସ ପକ୍ଷରୁ ନିଆଯାଇଥିବା ବାତ୍ୟା ପରବର୍ତ୍ତୀ କାର୍ଯ୍ୟକ୍ରମ ତଥା ପଦକ୍ଷେପ ସମ୍ପର୍କରେ ମଙ୍ଗଳବାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ସମୀକ୍ଷା କରିଛନ୍ତି। ଏହି ଅବସରରେ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ପି ଡା. ଉମାଶଙ୍କର ଦାଶ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାଘାଟ ସଫା, ବିଦ୍ୟୁତ ସଂଯୋଗ ଏବଂ ପାନୀୟଜଳ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଛି। ସମସ୍ତ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯେପରି ସୁରକ୍ଷିତ ଭାବେ ଖାଦ୍ୟ ସାମଗ୍ରୀ ପହଞ୍ଚିପାରିବ ଏବଂ ତା'ର ସୁଷମ ବଣ୍ଟନ ହୋଇପାରିବ ସେଥିଲାଗି ପଦକ୍ଷେପ ନେବାକୁ ଏସ୍‌ପିଙ୍କୁ କୁହାଯାଇଛି। ସେହିପରି ରାସ୍ତାରୋକୋ ଓ ଗଣ୍ଡଗୋଳ ଆଦି ନିୟନ୍ତ୍ରଣ ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ରିଲିଫ ସାମଗ୍ରୀ ଠିକ୍ ଭାବରେ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା, କ୍ଷତିଗ୍ରସ୍ତ ପରିବାରକୁ ସହାୟତା, ରିଲିଫ ପଏଣ୍ଟରୁ ବିଭିନ୍ନ ସ୍ଥାନକୁ ପରିବହନ ହେଉଥିବା ସାମଗ୍ରୀ ସୁରକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଛି।

### ବାଇକ୍, ୬୦ ହଜାର ଟଙ୍କା ଲୁଟ୍

**ବୈପାରୀଗୁଡ଼ା,୭।୫(ଡି.ଏନ୍.ଏ.):** କୋରାପୁଟ ଜିଲା ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ସନ୍ତେଇପୁଟ ଗ୍ରାମରୁ ଜୟପୁର ଫେରୁଥିବା ଘରୋଇ ମାଇକ୍ରୋ ଫାଇନାନ୍ସ ସଂସ୍ଥାର ଜଣେ କର୍ମଚାରୀ ସୋମବାର ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ଆକ୍ରମଣ କରି ତାଙ୍କଠାରୁ ବାଇକ୍ ସହ ୬୦ ହଜାର ୧ ଶହ ଟଙ୍କା ଲୁଟିନେଇଥିବା ସେ ଥାନାରେ ଏତଲା ଦେଇଛନ୍ତି।

# ଫନୀର କୋପ: ବର୍ତ୍ତିଲାନି ଶୀତଳଭଣ୍ଡାର

- ନଷ୍ଟ ହେବାକୁ ବସିଛି ବହୁ ସାମଗ୍ରୀ
- ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇନାହିଁ

**ଭୁବନେଶ୍ୱର,୭।୫(ବ୍ୟୁରୋ)**

ସାମୁଦ୍ରିକ ଝଡ଼ ଫନୀ ଉପକୂଳ ଓଡ଼ିଶାର ବହୁ ଶୀତଳ ଭଣ୍ଡାରରେ କ୍ଷତି ପହଞ୍ଚାଇଛି। ରାଜ୍ୟ ଶୀତଳ ଭଣ୍ଡାର ସଂଘ ପକ୍ଷରୁ ମଙ୍ଗଳବାର ଏନେଇ ଗଣମାଧ୍ୟମକୁ ଅବଗତ କରାଯାଇଛି। ସଂଘ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ ପୁରୀ ଜିଲାରେ ଅବସ୍ଥାପିତ ୮ କୋଟି ଟଙ୍କା ମୂଲ୍ୟର ଏନ୍‌କି ଭେନଚର୍ସ କୋଲ୍ଡ ଷ୍ଟୋରେଜ କ୍ଷତି ହୋଇଛି। ଏହି ଶୀତଳଭଣ୍ଡାରରେ ପ୍ରାୟ ୪୦୦ ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ ମହଜୁଦ୍ ରହିଛି। ପାଇକରାପୁରସ୍ଥିତ ୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ସାଇ ଶୀତଳ ଭଣ୍ଡାର ଫନୀ ଦ୍ୱାରା ବହୁଳ ପ୍ରଭାବିତ ହୋଇଛି। ଏହି ଶୀତଳ ଭଣ୍ଡାରରେ ୫୦୦ ଲକ୍ଷ ଟଙ୍କାର ସାମଗ୍ରୀ ମହଜୁଦ୍ ରହିଛି। କଟକସ୍ଥିତ ମଣ୍ଡେଶ୍ୱରୀ କୋଲ୍ଡ ଷ୍ଟୋରେଜ୍‌ରେ ମହଜୁଦ୍ ଥିବା ୩୦୦ ଲକ୍ଷ ଟଙ୍କାର ଆଳୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଛି ବୋଲି ଅଭିଯୋଗ ହୋଇଛି।

ଉପରୋକ୍ତ ସମସ୍ତ ଶୀତଳ ଭଣ୍ଡାର ରାଜ୍ୟ ସରକାରଙ୍କ ଆଳୁ ମିଶନ ଯୋଜନାର ଅନ୍ତର୍ଭୁକ୍ତ। ପ୍ରତି ଶୀତଳ ଭଣ୍ଡାରକୁ ସେ ସମୟରେ ୨୨୦ ଲକ୍ଷ ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଥିଲା। ନିବେଶକାରୀ ମଧ୍ୟ ଶୀତଳଭଣ୍ଡାର ଗୁଡ଼ିକରେ ପୁଞ୍ଜିନିବେଶ କରିଥିଲେ। ଫନୀ ଦ୍ୱାରା ଲକ୍ଷ ଲକ୍ଷ ଟନର ସାମଗ୍ରୀ ସହ ରାଜ୍ୟର ବହୁ ଶୀତଳଭଣ୍ଡାର ନଷ୍ଟ ହୋଇଛି। ବାତ୍ୟା ହେବାର ଇତି ମଧ୍ୟରେ ୧୦୦ରୁ ଊର୍ଦ୍ଧ୍ୱ ଘଣ୍ଟା ବିତିଥିଲେ ବି ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରିନାହିଁ। ତେଣୁ ଯେଉଁ ସବୁ ସାମଗ୍ରୀ ମହଜୁଦ୍ ରହିଛି, ତାହା ନଷ୍ଟହେବା ନେଇ ସଂଘ ପକ୍ଷରୁ ଆଶଙ୍କା କରାଯାଇଛି। ଶୀତଳ ଭଣ୍ଡାରଗୁଡ଼ିକ ଉପରେ ପ୍ରତ୍ୟକ୍ଷ ଭାବେ ନିର୍ଭରଶୀଳ ପ୍ରାୟ ୩୦୦ କର୍ମଚାରୀ ଏବଂ ପରୋକ୍ଷ ନିର୍ଭରଶୀଳ ୧୦,୦୦୦ ବ୍ୟକ୍ତିବିଶେଷ ପ୍ରଭାବିତ ହୋଇଛନ୍ତି। ଏହା ଦ୍ୱାରା ରାଜ୍ୟରେ ଅନେକ ଖାଉଟି ମଧ୍ୟ ହନ୍ତସନ୍ତ ହେବାର ସମ୍ଭାବନା ରହିଛି। ତେଣୁ ରାଜ୍ୟ ସରକାର ତଥା ସମବାୟ /କୃଷି/ଯୋଗାଣ ବିଭାଗ କୋଲ୍ଡ ଷ୍ଟୋରେଜଗୁଡିକର ପୁନରୁଦ୍ଧାର ପାଇଁ ଚେଷ୍ଟା କରନ୍ତୁ ବୋଲି ସଂଘର ସମ୍ପାଦକ ଜନାର୍ଦ୍ଦନ ସାହୁ ଦାବି କରିଛନ୍ତି।

ଦୁଇମାସ ପୂର୍ବେ ରାଜ୍ୟ ସରକାର ଶୀତଳଭଣ୍ଡାରସଂଘର ବିଭିନ୍ନ ଦାବିକୁ ଅଣଦେଖା କରିଥିଲେ। ଏହି କାରଣରୁ ପ୍ରାୟ ୨୦ରୁ ୨୨ ଦିନ ଆନ୍ଦୋଳନ ଜାରି ରହିଥିଲା। ପରେ ସରକାର ସଂଘର କାର୍ଯ୍ୟକର୍ତ୍ତାଙ୍କୁ ଡାକି କେତେକ ମୌଳିକ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ଯେଉଁ କାରଣରୁ ସଂଘ ଆନ୍ଦୋଳନରୁ ଓହରିଥିଲା। ସେ ସମୟରେ ମଧ୍ୟ କୋଲ୍ଡ ଷ୍ଟୋରେଜ୍‌ଗୁଡିକ ଅଚଳ ହୋଇ ପଡିବାରୁ ବ୍ୟାପକ କ୍ଷତି ହୋଇଥିଲା। ବୋଝ ଉପରେ ନଳିତା ବିଡା ପରି ପ୍ରାଥମିକ ଭାବେ ସରକାରୀ ଅଣଦେଖା ଏବଂ ପରବର୍ତ୍ତୀ ସମୟରେ ଫନୀ ଯୋଗୁ ଶୀତଳଭଣ୍ଡାର ଗୁଡିକ ନିଜର ସ୍ଥିତି ହରାଇବାକୁ ବସିଥିବା ଅଭିଯୋଗ ହୋଇଛି।


ପୁରୀ ଜିଲାର ଭାଙ୍ଗିଯାଇଥିବା ଏକ ଶୀତଳ ଭଣ୍ଡାର।

# ବୋଲେରୋ ଧକ୍କାରେ ୨ ସଢୁ ମୃତ


ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

- ଶାଳକଙ୍କ ବାହାଘରକୁ ଆସିଥିଲେ
- ଦୁର୍ଘଟଣାକୁ କେନ୍ଦ୍ରକରି ଉତ୍ତେଜନା
- ହମ୍ପସ୍ ନିର୍ମାଣ ଦାବିରେ ରାସ୍ତାରୋକୋ

**ତିହିଡି,୭।୫(ଡି.ଏନ୍.ଏ.)**

ନିଜ ଶାଳକଙ୍କ ବାହାଘରକୁ ବରଯାତ୍ରୀରେ ସାମିଲ ହୋଇଆସିଥିଲେ ଦୁଇ ସଢୁ। ସେମାନେ ସୋମବାର ରାତିରେ ଭଦ୍ରକ-ଚାନ୍ଦବାଲି ରାସ୍ତାର ଗୋଳାପୋଖରୀ ଛକରେ ଠିଆ ହୋଇଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ବୋଲେରୋ ଭାରସାମ୍ୟ ହରାଇ ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇଥିବା ବୋଲେରୋଟି ଚାନ୍ଦବାଲିରୁ ଭଦ୍ରକ ଯାଉଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ସ୍ଥଳରୁ ଦୁଇ ସଢୁ ରମେଶ ଦାସ( ୩୮) ଏବଂ କଦମ୍ବ ବନ୍ଧୁ ଆର୍ଯ୍ୟଭଟ୍ଟ ମିଶ୍ର( ୪୨)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ରମେଶଙ୍କୁ ତିହିଡି ଡାକ୍ତରଖାନା ଏବଂ ଅନ୍ୟଜଣଙ୍କୁ ଭଦ୍ରକ ଡାକ୍ତରଖାନା ନିଆଯିବା ସମୟରେ ବାଟରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାକୁ କେନ୍ଦ୍ରକରି ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଭଦ୍ରକ-ଚାନ୍ଦବାଲି ରାସ୍ତା ଦିନକୁ ଦିନ ଦୁର୍ଘଟଣାପ୍ରବଣ ପାଲଟିଥିବାରୁ ଏହାର ପ୍ରତିବାଦରେ ମଙ୍ଗଳବାର ଉତ୍ତ୍ୟକ୍ତ ଲୋକେ ଭଦ୍ରକ-ଚାନ୍ଦବାଲି ରାସ୍ତାକୁ ଗୋଳାପୋଖରୀ ଛକରେ ଟାୟାର ଜାଳି ଅବରୋଧ କରିଥିଲେ। ସଡ଼କ ସୁରକ୍ଷା ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯିବା ସହ ଛକ ଓ ଅନ୍ୟ ସ୍ଥାନରେ ହମ୍ପସ୍ ନିର୍ମାଣ ଦାବିକରି ରାସ୍ତାରୋକୋ କରିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତିହିଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା ଉଦ୍ୟମ କରିଥିଲେ ମଧ୍ୟ ଲୋକେ ଦାବି ପୂରଣ ଜିଦ୍‌ରେ ଅଡି ବସିଥିଲେ। ଉକ୍ତ ସଡ଼କ ସୁରକ୍ଷା ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯିବ ବୋଲି ପ୍ରଶାସନ ଓ ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ପୋଲିସ ବୋଲେରୋ ଚାଳକ ବଡ଼ଗାଲୋ ଗ୍ରାମର କିଶୋର ପାଢ଼ୀଙ୍କୁ ମଙ୍ଗଳବାର ଗିରଫକରି କୋର୍ଟ ଚାଲାଣ କରିଛି।

# ନାଲ୍‌କୋ ପକ୍ଷରୁ ରିଲିଫ ସହାୟତା

**ଭୁବନେଶ୍ୱର,୭।୫**

ରାଜ୍ୟର ଫନୀ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ତଥା ରିଲିଫ କାର୍ଯ୍ୟ ଆଗେଇ ନେବା ଲାଗି ନବରତ୍ନ କମ୍ପାନୀ ନାଲ୍‌କୋ ଏବଂ ଦୈନିକ ଖବର କାଗଜ ସମାଜ ପକ୍ଷରୁ ମିଳିତ ଭାବେ ରିଲିଫ ସହାୟତା ପ୍ରଦାନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଉତ୍କଳମଣୀ ଗୋପବନ୍ଧୁଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମ ଏବଂ ସତ୍ୟବାଦୀ ନିକଟବର୍ତ୍ତୀ ଅଞ୍ଚଳରେ ସହାୟତା ପ୍ରଦାନ କରାଯିବ। ଇତିମଧ୍ୟରେ ନାଲ୍‌କୋ ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ କଲୋନି, ବସ୍ତି ଏବଂ ଆଖପାଖ ଅଞ୍ଚଳରେ ରିଲିଫ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ୬ଟି ରିଲିଫ ଦଳ ଦ୍ୱାରା କାର୍ଯ୍ୟ ସମ୍ପାଦନ ହେଉଛି। ମିଳିତ ରିଲିଫ୍ ଦଳର କାର୍ଯ୍ୟକୁ ନାଲ୍‌କୋ ଅଧ୍ୟକ୍ଷ ଡଃ ତପନ କୁମାର ଚାନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମାଜର ଡଃ ପ୍ରଭାସ ଆଚାର୍ଯ୍ୟ ଏବଂ ନାଲ୍‌କୋ ନିର୍ଦ୍ଦେଶକ (ଉତ୍ପାଦନ) ଭି.ବାଲସୁବ୍ରମଣ୍ୟମ, ନିର୍ଦ୍ଦେଶକ (ମାନବସମ୍ବଳ) ବି.କେ.ଠାକୁର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅର୍ଥ) ଏସ୍.ଡି. ସାହୁ,ମହାପ୍ରବନ୍ଧକ (ମାନବସମ୍ବଳ ଓ ପ୍ରଶାସନ) ଅମୀୟ ପଟ୍ଟନାୟକ ଏବଂ ମହାପ୍ରବନ୍ଧକ (ଟେକ୍ନିକାଲ) ଏସ୍.କେ, ପଟେଲ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।




ରିଲିଫ ଭ୍ୟାନକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ନାଲ୍‌କୋ ଅଧ୍ୟକ୍ଷ ଟି.କେ. ଚାନ୍ଦ।

# ଓଡ଼ିଶାର ପୁନର୍ନିର୍ମାଣ ପାଇଁ ଅର୍ଥର ଅଭାବ ରହିବନାହିଁ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୭।୫(ବ୍ୟୁରୋ)**

ବାତ୍ୟା ଫନୀ ପ୍ରଭାବରେ ଘରଭଙ୍ଗା, ଫସଲନଷ୍ଟ ଓ ପଶୁ ସମ୍ପଦ କ୍ଷତି ଆକଳନ କରି ସହାୟତା ତୁରନ୍ତ ପହଞ୍ଚାଇବା ଲୋକମାନଙ୍କ ପ୍ରମୁଖ ଦାବି। ଏହି ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ସହ ଟେଲିଫୋନ ଯୋଗେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଥା ହୋଇ ଅବଗତ କରାଇଛନ୍ତି। ବାତ୍ୟାରେ ବିଧ୍ୱସ୍ତ ପୁରୀ ଜିଲା ଗସ୍ତ ସମୟରେ ଧର୍ମେନ୍ଦ୍ର ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ପୂର୍ବରୁ ହୋଇଥିବା ବାତ୍ୟା ସମୟରେ ସରକାରୀ ସହାୟତା ମିଳିବାରେ ବିଳମ୍ବ ହୋଇଥିଲା। ପୁରୀ ଜିଲାର ନିମାପଡା, ଗୋପ, କୋଣାର୍କ, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଆଦି ଅନେକ ଅଞ୍ଚଳ ବୁଲି ଲୋକଙ୍କ ସୁବିଧା ଅସୁବିଧା କଥା ବୁଝିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଫନୀ ପ୍ରଭାବରେ ୧୪ଜିଲାରେ ବ୍ୟାପକ କ୍ଷତି ହୋଇଛି। ଫନୀ ପୁରୀ ଜିଲାରେ ଲ୍ୟାଣ୍ଡଫଲ କରିଥିଲା। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଓଡିଶାର ପୁନର୍ନିର୍ମାଣ ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ। ବାତ୍ୟାର ମୁକାବିଲା ଲାଗି କେନ୍ଦ୍ର ସରକାର ସମସ୍ତ ପଦକ୍ଷେପ ନେଇଛନ୍ତି। ରାଜ୍ୟର ପୁନର୍ନିର୍ମାଣ ପାଇଁ ଅର୍ଥର ଅଭାବ ରହିବନି ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଛି।


ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଲାଗି ମଙ୍ଗଳବାର ସର୍ବ ପୁରାତନ ଶୈବପୀଠ ସୋମନାଥ ବାବାଙ୍କ ଥାଳଉଠା ପର୍ବ ଅବସରରେ ବରକନ୍ୟାଙ୍କ ମାତାପିତା ଓ ଯାତ୍ରା କମିଟି କର୍ମକର୍ତ୍ତାମାନେ।

## ଏସ୍‌ସିବି ଚଟାଣରେ ବଳାତ୍କାର ପୀଡ଼ିତା

# ସାଙ୍ଗରେ ପୋଲିସ ନ ଥିବାରୁ ଆଡମିଶନ କରୁନାହାନ୍ତି ଡାକ୍ତର

**କଟକ ଅଫିସ,୭।୫**

ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ ଚଟାଣରେ ପଡିଛନ୍ତି ଜଣେ ୧୦ବର୍ଷର ନାବାଳିକା। ସେ ୨ଦିନ ତଳେ ବଳାତ୍କାରର ଶିକାର ହୋଇ ଭଦ୍ରକ ଜିଲା ତିହିଡି ମେଡିକାଲରେ ଭର୍ତ୍ତି ହୋଇଥିଲେ। ମାତ୍ର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଆଡକୁ ଯିବାରୁ ତାଙ୍କୁ ମଙ୍ଗଳବାର ତିହିଡି ମେଡିକାଲରୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ହେଲେ ସାଙ୍ଗରେ ପୋଲିସ ନ ଥିବାରୁ ମେଡିକାଲରେ ତାଙ୍କୁ ଆଡମିଶନ କରାଯାଉ ନ ଥିବା ଭଦ୍ରକ ଚାଇଲ୍ଡଲାଇନ ସଂଯୋଜକ ରିୟାଜ ଅହମ୍ମଦ କହିଛନ୍ତି। ଏ ନେଇ ଏସ୍‌ସିବି ମେଡିକାଲ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କୁହନ୍ତି, ସମ୍ପୃକ୍ତ ନାବାଳିକାଙ୍କ ବାବଦରେ ମୋ ପାଖରେ କୌଣସି ସୂଚନା ନାହିଁ, ଉକ୍ତ ବିଭାଗର ଡାକ୍ତରମାନଙ୍କ ସହିତ ଆଲୋଚନା କରିବା ପରେ କହିବି।

## ବାତ୍ୟାର ୪ ଦିନ ପରେ

# ହୋର୍ଡିଂ ତଳୁ ମିଳିଲା ମୃତଦେହ

- ୫ଲକ୍ଷ କ୍ଷତିପୂରଣ ଦାବିରେ ରାସ୍ତାରୋକୋ
- ରାଜଧାନୀରେ ମୃତ୍ୟୁ ସଂଖ୍ୟା ୧୩ ଛୁଇଁଲା

**ଭୁବନେଶ୍ୱର,୭।୫ (ବ୍ୟୁରୋ)**

ପ୍ରଳୟଙ୍କରୀ ବାତ୍ୟା 'ଫନୀ'ରେ ରାଜଧାନୀରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ବହୁ ଧନଜୀବନ ହାନି ଘଟିଛି। ସୋମବାର ଆଉଜଣଙ୍କ ମୃତଦେହ ମିଳିବା ପରେ ମୃତ୍ୟୁ ସଂଖ୍ୟା ୧୩ ଛୁଇଁଛି। ବାତ୍ୟା ସମୟରେ ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଲାଗିଥିବା ଭୁବନେଶ୍ୱର ରେଳଷ୍ଟେଶନ ନାମ ଫଳକ (ହୋର୍ଡିଂ) ପଡି ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲିଆସାହି ବାଜପାୟୀ ନଗରର କାର୍ତ୍ତିକ ରାଉତ(୨୭)। ୪ଦିନ ହେବ ନାମ ଫଳକ ତଳେ ତାଙ୍କର ମୃତଦେହ ଚାପି ହୋଇ ରହିଥିଲା। ସୋମବାର ସେଠାରୁ ଦୁର୍ଗନ୍ଧ ବାହାରିବା ପରେ ସ୍ଥାନୀୟ ଫଳ ବ୍ୟବସାୟୀଙ୍କ ସନ୍ଦେହ ହୋଇଥିଲା। ରାତି ପ୍ରାୟ ୮ଟାରେ ଖୋଜାଖୋଜି କରିବା ପରେ ସେଠାରୁ କାର୍ତ୍ତିକଙ୍କ ମୃତଦେହ ପାଇଥିଲେ। ଏହା ଜଣାପଡିବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ରାସ୍ତାରୋକୋ କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ମୃତଦେହ ଛଡାଯିବ ନାହିଁ ବୋଲି କହି ଲୋକେ ରାସ୍ତାରେ ବସି ରହିଥିଲେ। ଖବର ପ୍ରଚାରିତ ହେବା ପରେ ସାଲିଆସାହିର ବହୁ ଲୋକ ସେଠାରେ ପହଞ୍ଚିବାରୁ ସ୍ଥିତି ଆହୁରି ଜଟିଳ ହୋଇପଡିଥିଲା। ରିପୋର୍ଟ ଲେଖାଯିବା ବେଳକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକମାନେ ମୃତଦେହକୁ ଛାଡି ନ ଥିଲେ।

ସୂଚନା ଅନୁଯାୟୀ, କାର୍ତ୍ତିକ ତାଙ୍କ ମା'ଙ୍କ ସହ ୧୫ବର୍ଷ ହେବ ସାଲିଆସାହିରେ ରହୁଥିଲେ। ମାଷ୍ଟରକ୍ୟାଣ୍ଟିନ ଛକରେ ପାନ ଦୋକାନ କରି ପରିବାର ଚଳାନ୍ତି। ବାତ୍ୟା ଆସୁଥିବାରୁ ୩ ତାରିଖ ସକାଳେ ସେ ଦୋକାନ ସଜାଡ଼ିବାକୁ ଷ୍ଟେଶନ ଆସିଥିଲେ। କାମସାରି ଘରକୁ ଫେରିବା ସମୟରେ ବାତ୍ୟା ଆରମ୍ଭ ହୋଇଯାଇଥିଲା। କାର୍ତ୍ତିକ ତାଙ୍କ ସ୍କୁଟିରେ ଯାଉଥିବାବେଳେ ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଲାଗିଥିବା ରେଳ ଷ୍ଟେଶନର ବଡ଼ ଲୁହାର ନାମ ଫଳକଟି ତାଙ୍କ ଉପରେ ଅଜାଡି ହୋଇପଡିଥିଲା। ନାମ ଫଳକ ତଳେ ହିଁ ସେ ରହିଯିବାରୁ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ତାଙ୍କ ସ୍କୁଟିଟି ବାହାରେ ରହିଯାଇଥିଲା। ବାତ୍ୟା ପରେ ସ୍ଥାନୀୟ ବ୍ୟବସାୟୀ ତାଙ୍କ ସ୍କୁଟିକୁ ପାଇ ରଖିଥିଲେ। ହେଲେ କାର୍ତ୍ତିକଙ୍କ ପତ୍ତା ମିଳି ନ ଥିଲା। ଶେଷରେ ସୋମବାର ତାଙ୍କ ମୃତଦେହ ମିଳିବା ପରେ ତାଙ୍କ ମା' ଦୁଃଖରେ ଭାଙ୍ଗି ପଡିଛନ୍ତି।


ମୃତଦେହ ଉଦ୍ଧାର ପରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଅଗ୍ନିକାଣ୍ଡ

## ପରୀକ୍ଷାଖାତା ଦେଖୁଥିବା ୧୦ଅଧ୍ୟାପକ ଉଦ୍ଧାର

- ନିଆଁକୁ ଆୟତ୍ତ କଲା ଅଗ୍ନିଶମ ବିଭାଗ



**ବଲାଙ୍ଗୀର ଅଫିସ, ୭।୫**

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠାରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ତେବେ ଠିକଣା ସମୟରେ ଅଗ୍ନିଶମ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବାରୁ ଏକ ବଡଧରଣର କ୍ଷୟକ୍ଷତି ଟଳିଛି । ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୨ଟାରେ ନିଆଁ ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ମିଟର ରୁମ୍ ନିକଟରେ ଲାଗିଥିଲା। ବିଦ୍ୟୁତ୍ ତାର ଜଳୁଥିବା ଦେଖି ଅଧ୍ୟାପକ, କର୍ମଚାରୀମାନେ ବ୍ୟତିବ୍ୟସ୍ତ ହୋଇପଡିଥିଲେ। ଯୁକ୍ତଦୁଇ ପରୀକ୍ଷା ଖାତା ଦେଖା ଚାଲିଥିବାରୁ ପ୍ରାୟ ୧୦ଜଣ ଅଧ୍ୟାପକ ଉପର ମହଲାରୁ ତଳକୁ ଓହ୍ଲାଇ ପାରି ନ ଥିଲେ। ଅଗ୍ନିଶମ ଓ ବିଦ୍ୟୁତ୍ ବିଭାଗକୁ ଖବର ଦିଆଯିବା ପରେ ସେମାନେ ନିଆଁକୁ ଆୟତ୍ତ କରିଥିଲେ । ଏହାପରେ ଅଗ୍ନିଶମ କର୍ମଚାରୀମାନେ ପ୍ରଥମ ମହଲାରେ ଯୁକ୍ତଦୁଇ ପରୀକ୍ଷାଖାତା ଦେଖୁଥିବା ଅଧ୍ୟାପକମାନଙ୍କୁ ସୁରକ୍ଷିତ ଭାବେ ତଳକୁ ଆଣିଥିଲେ । ଏହି ଅଗ୍ନିକାଣ୍ଡରେ ବହୁ ବିଦ୍ୟୁତ୍ ତାର ନଷ୍ଟ ହୋଇଯାଇଛି । ଏ ନେଇ ଅଧ୍ୟକ୍ଷ ବିନୟ କୁମାର ଜେନାଙ୍କୁ ପଚାରିବାରୁ ପ୍ରଶାସନିକ କୋଠାର ବିଦ୍ୟୁତ୍ ତାରରେ କୌଣସି କାରଣରୁ ନିଆଁ ଲାଗିଥିଲା । ବିଦ୍ୟୁତ୍ ତାର ନଷ୍ଟ ହୋଇଯାଇଥିବାରୁ ପରୀକ୍ଷାଖାତା ଦେଖାକୁ ଦୁଇଦିନ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି କହିଛନ୍ତି। ଖବର ପାଇ ସ୍ଥାନୀୟ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ବିଶ୍ୱବିଦ୍ୟାଳୟରେ ପହଞ୍ଚି ଅଧ୍ୟକ୍ଷ ଓ ଅନ୍ୟ ଅଧ୍ୟାପକଙ୍କ ସହ ଆଲୋଚନା କରିବା ସହ ଅଗ୍ନିକାଣ୍ଡସ୍ଥଳ ବୁଲି ଦେଖିଥିଲେ । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନ ଥିଲେ ମଧ୍ୟ ଏହା ଶର୍ଟ ସର୍କିଟ୍‌ରୁ ହୋଇଥିବା ଅନୁମାନ କରାଯାଉଛି । ସୋମବାର ଭୀମ ଭୋଇ ମେଡିକାଲ ମେଡିସିନ୍ ଷ୍ଟୋରରୁମ୍‌ରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷତି ଘଟିଥିଲା।



# ମଧୁର ପାଣିରେ ଚିଙ୍ଗୁଡ଼ି ଚାଷ

'ସ୍କାମ୍ପି' ଚିଙ୍ଗୁଡ଼ିକୁ ସାଧାରଣତଃ 'ନଦୀ ଚିଙ୍ଗୁଡ଼ି' ବା 'ଗଜାଚିଙ୍ଗୁଡ଼ି' ବୋଲି କୁହାଯାଇଥାଏ। ଏହା ବୃହଦାକାର ଓ ମଧୁର ଜଳରେ ଦ୍ରୁତ ବୃଦ୍ଧି ହୋଇଥାଏ। ଦେଶ ବିଦେଶରେ ଏହାର ବହୁଳ ଚାହିଦା ହେତୁ ଏହାକୁ ଚାଷ କରାଯାଇଥାଏ। ଏହି ଚିଙ୍ଗୁଡ଼ିକୁ ଏକୁଳି ଚାଷ ଏବଂ ମିଶ୍ରିତ ଚାଷ ମଧ କରାଯାଇପାରେ।

**ଚାଷ:** ଅଧ ଏକରରୁ ଅଧ ହେକ୍ଟର ଆୟତନ ପୋଖରୀକୁ ଦେଢ଼ମିଟରରୁ ଦୁଇମିଟର ଖୋଳି ଏହାର ନିମ୍ନାଂଶକୁ ସାମାନ୍ୟ ଗଡ଼ାଣିଆ କରି ଶେଷ ଭାଗକୁ ଖାଲୁଆ କରାଯାଇଥାଏ, ଯାହାଦ୍ୱାରା ଚିଙ୍ଗୁଡ଼ି ଅମଳ ସୁବିଧାରେ ହୋଇଥାଏ। ସାମାନ୍ୟ ଉଷ୍ମ ଜଳରେ ଏହା ଭଲ ବଢ଼ୁଥିବାରୁ ଆମ ରାଜ୍ୟର ଜଳବାୟୁ ଏହାର ଚାଷ ପାଇଁ ଅନୁକୂଳ। ଏହାର ପୋଷ୍ଟଲାର୍ଭାକୁ ୪୫ରୁ ୬୦ ଦିନ ପର୍ଯ୍ୟନ୍ତ ପ୍ରଥମେ ନର୍ସରୀ ପୋଖରୀରେ ଚାଷ କରିବା ପରେ ମୁଖ୍ୟ ପୋଖରୀରେ ଚାଷ କଲେ ଉତ୍ପାଦନ ଅଧିକ ହୋଇଥାଏ। ନର୍ସରୀ ପୋଖରୀ ବିନା ସହାୟତାରେ ମୁଖ୍ୟପୋଖରୀରେ ଚାଷ କଲେ ବଞ୍ଚିବା ହାର କମିଯାଏ ଓ ଉତ୍ପାଦନ ମଧ କମିଥାଏ।

ମାଛ ଚାଷ ପରି ଚିଙ୍ଗୁଡ଼ି ଚାଷରେ ମଧ ପୋଖରୀକୁ ପୂର୍ବ ପ୍ରସ୍ତୁତି କରାଯାଏ।

**ନର୍ସରୀ ପୋଖରୀ:** ପ୍ରାୟ ଏକମିଟର ଗଭୀରର ଛୋଟପୋଖରୀକୁ ନର୍ସରୀ ପାଇଁ ବ୍ୟବହାର କରାଯାଇଥାଏ। ଜଳାୟତନର ୧୦% ସ୍ଥାନରେ ପୋଷ୍ଟଲାର୍ଭା ଯାଆଁଳଙ୍କ ଆଶ୍ରୟ ପାଇଁ ଭାସମାନ ଦଳ ବଢ଼ାଯାଇପାରେ। ଦଳର ବିଶେଷ ବୃଦ୍ଧି ନ ହେବା ଲାଗି ଏହା ଚାରିପଟେ ପିଭିସି ପାଇପ୍ କିମ୍ବା ବାଉଁଶର ଫ୍ରେମ୍ ବାନ୍ଧିଦିଆଯାଏ। ନର୍ସରୀ ପୋଖରୀରେ ୮ରୁ ୧୦ମି.ଗ୍ରାମର ପୋଷ୍ଟଲାର୍ଭା ଯାଆଁଳ ବର୍ଗମିଟର ପ୍ରତି ୨୦ ସଂଖ୍ୟକ ହିସାବରେ ଛଡ଼ାଯାଇ ଦୈନିକ ଶରୀର ଓଜନର ଶତପ୍ରତିଶତ ସ୍ଥୂଳିତ କୃତ୍ରିମ ଗୁଣ୍ଡ ଖାଦ୍ୟ ପ୍ରଥମ ୧୫ ଦିନ ପର୍ଯ୍ୟନ୍ତ ଦିଅନ୍ତୁ। ଏହାପରେ ଦୈନିକ ୫୦ ପ୍ରତିଶତ ଓଜନର ଖାଦ୍ୟ ଦିଅନ୍ତୁ। କୃତ୍ରିମ ଖାଦ୍ୟ ଅନୁପସ୍ଥିତିରେ ବାଦାମପିଡ଼ିଆ ଓ କୁଣ୍ଡାର ମିଶ୍ରଣକୁ ଖାଦ୍ୟ ରୂପେ ଦିଆଯାଇପାରେ। ସକାଳେ ଓ ସନ୍ଧ୍ୟାରେ ଦିନକୁ ଦୁଇଥର ଖାଦ୍ୟକୁ ପୋଖରୀ ପାଣିରେ ବୁଣି ଦିଆଯାଏ। ଦୈନିକ ଆବଶ୍ୟକ ଖାଦ୍ୟର ପ୍ରାୟ ୬୫ ପ୍ରତିଶତ ସନ୍ଧ୍ୟା ସମୟରେ ଓ ୩୫ ପ୍ରତିଶତ ସକାଳେ ଦିଆଯାଇଥାଏ। ପୋଖରୀରେ ଅମ୍ଳଜାନ ବୃଦ୍ଧି ପାଇଁ ଦୈନିକ ୬ରୁ ୮ ଘଣ୍ଟା ଏରେଟର୍ ବ୍ୟବହାର କରାଯାଇପାରେ। ୨୮ରୁ ୩୨ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରାରେ ଯାଆଁଳର ଭଲ ବୃଦ୍ଧି ହୋଇଥାଏ। ନର୍ସରୀରେ ସର୍ବାଧିକ ଦୁଇମାସ ଚାଷ ମଧ୍ୟରେ ଯାଆଁଳ ପୋଷ୍ଟଲାର୍ଭାରୁ ୧ରୁ ୨ଗ୍ରାମ୍ ବିଶିଷ୍ଟ ଜୁଭେନାଇଲ୍ ହୋଇଥାନ୍ତି ଏବଂ ବଞ୍ଚିବା ହାର ପ୍ରାୟ ୬୦ରୁ ୭୦ ପ୍ରତିଶତ ହୋଇଥାଏ।

**ମୁଖ୍ୟପୋଖରୀରେ ଚିଙ୍ଗୁଡ଼ି ଚାଷ:** ଜୁଭେନାଇଲ୍ ଯାଆଁଳକୁ ୪ରୁ ୬ ମାସ ପର୍ଯ୍ୟନ୍ତ ମୁଖ୍ୟ ପୋଖରୀରେ ଚାଷ କରାଯାଏ। ଏହି ଯାଆଁଳକୁ ହେକ୍ଟର ପିଛା ୪୦,୦୦୦ରୁ ୫୦,୦୦୦ ସଂଖ୍ୟାରେ ଗଚ୍ଛିତ କରି ଏକୁଳି ଚାଷ କରାଯାଏ। ୨୫ରୁ ୩୦ ପ୍ରତିଶତ ପ୍ରୋଟିନ୍‌ଯୁକ୍ତ ପେଲେଟ୍ ଖାଦ୍ୟକୁ ପ୍ରଥମ ମାସରେ ଶରୀର ଓଜନର ୧୦ ପ୍ରତିଶତ ହାରରେ ପୋଖରୀ କୂଳରେ ବୁଣିଦିଆଯାଏ। ଦ୍ୱିତୀୟ ମାସଠାରୁ ଏହାକୁ ୩ ପ୍ରତିଶତ ହାରରେ ଦିଆଯାଇଥାଏ। ପେଲେଟ୍ ଖାଦ୍ୟ ଅନୁପସ୍ଥିତିରେ ବାଦାମପିଡ଼ିଆ, କୁଣ୍ଡା ଓ ମାଛଗୁଣ୍ଡର ମିଶ୍ରଣକୁ ପାଣିରେ ଚକଟି ଦିଆଯାଇଥାଏ। ଖାଦ୍ୟକୁ ଦୈନିକ ଦୁଇରୁ ତିନିଥର ଏବଂ ସନ୍ଧ୍ୟା ସମୟରେ ସର୍ବାଧିକ ପରିମାଣ ଦିଆଯାଇଥାଏ। ଦୈନିକ ଖାଦ୍ୟ ବିନିଯୋଗ ଜାଣିବା ପାଇଁ ପୋଖରୀର ବିଭିନ୍ନ ସ୍ଥାନରେ ୪ରୁ ୬ଟି ଚେକ୍‌ଟ୍ରେ ରଖାଯାଇଥାଏ। ସେହି ଅନୁସାରେ ଖାଦ୍ୟର ପରିମାଣକୁ ହ୍ରାସ ବୃଦ୍ଧି କରାଯାଇଥାଏ। ଚିଙ୍ଗୁଡ଼ି ଖୋଳପା ଛାଡ଼ିବା ସମୟରେ ଓ ଥଣ୍ଡା ସମୟରେ କମ୍ ଖାଉଥିବାରୁ, ଏହି ସମୟରେ ଖାଦ୍ୟ ପରିମାଣକୁ କମାଇ ଦିଆଯାଏ।

ପୋଖରୀରେ ଦେଢ଼ମିଟରରୁ ଦୁଇମିଟର ପର୍ଯ୍ୟନ୍ତ ଜଳ ଗଭୀରତା ରଖାଯାଏ। ପୋଖରୀର ଜଳର ଗୁଣ ନିୟମିତ ମପାଯାଏ। ସେହି ଅନୁସାରେ ମଝିରେ ମଝିରେ ପୋଖରୀରେ ଚୂନ, ସାର, ଗୋବର ଇତ୍ୟାଦି ପ୍ରୟୋଗ କରାଯାଏ। ପୋଖରୀ ପାଣିରେ ୩୦ରୁ ୪୦ ସେମିର ଜଳ ସ୍ୱଚ୍ଛତା ରହିବା ଆବଶ୍ୟକ। ସଘନ ଚିଙ୍ଗୁଡ଼ି ଚାଷରେ ଅଧିକ ଯାଆଁଳ ଛାଡ଼ି ଚାଷ କଲେ ପୋଖରୀ ପାଣିକୁ ନିୟମିତ ବଦଳାଇବା ଓ ଏରେଟର୍ ବ୍ୟବହାର କରି ପାଣିରେ ଅମ୍ଳଜାନ ବୃଦ୍ଧି କରିବା ଅପରିହାର୍ଯ୍ୟ ହୋଇପଡ଼େ। ପୋଖରୀରୁ ୪ର୍ଥ ମାସରୁ ଚିଙ୍ଗୁଡ଼ି ଅମଳ କଲେ, ଅମଳ ଅଧିକା ହେବା ସହିତ ଛୋଟ ଚିଙ୍ଗୁଡ଼ି ଶୀଘ୍ର ବଢ଼ିଥାଏ।

ବେଳେବେଳେ ପାଣିରେ ଅତ୍ୟଧିକ ଫାଇଟୋପ୍ଲାଙ୍କ୍‌ଟନ୍ ବୃଦ୍ଧି ପାଇ ପାଣି ନୀଳ ହୋଇଗଲେ, ପାଣିସ୍ତର କମିଗଲେ, ଦୀର୍ଘଦିନ ମେଘୁଆ ପାଗ ହେଲେ ପାଣିରୁ ଅମ୍ଳଜାନ ପରିମାଣ କମିଯାଏ। ଫଳରେ ଚିଙ୍ଗୁଡ଼ି ପାଣିର ଉପରସ୍ତରକୁ ଉଠିଆସନ୍ତି ଓ ପୋଖରୀ କୂଳରେ ଆଶ୍ରୟ ନିଅନ୍ତି। ଏଥିପାଇଁ ଅତିଶୀଘ୍ର ପାଣି ବଦଳାଇବା କିମ୍ବା ଏରେଟର୍ ଚାଲୁ କରିବା ଆବଶ୍ୟକ ହୋଇଥାଏ।

ସାଧାରଣତଃ ଏହି ଚିଙ୍ଗୁଡ଼ି ୪ରୁ ୬ ମାସ ମଧ୍ୟରେ ପ୍ରାୟ ୫୦ ଗ୍ରାମ୍ ଓଜନର ହୋଇ ବିକ୍ରିଯୋଗ୍ୟ ହୋଇଥାଏ। ଉତ୍ତମ ପରିଚାଳନାରେ ଏକ ହେକ୍ଟରରୁ ଗୋଟିଏ ଚାଷରେ ପ୍ରାୟ ଦେଢ଼ଟନ୍ ଚିଙ୍ଗୁଡ଼ି ଉତ୍ପାଦନ ହୋଇଥାଏ। ପୋଖରୀ ମଧ୍ୟରେ ଫିଙ୍ଗାଜାଲ ପକାଇ କିମ୍ବା ପୋଖରୀ ମଧ୍ୟରୁ ସମସ୍ତ ପାଣି ବାହାରକରି ତା'ପରେ ହାତରେ ଗୋଟାଇ ଚିଙ୍ଗୁଡ଼ି ଅମଳ କରାଯାଇପାରେ। ଚିଙ୍ଗୁଡ଼ି ଖୋଳପା ଛଡ଼ାଇବା ପୂର୍ବରୁ କିମ୍ବା ଖୋଳପା ଛଡ଼ାଇବା ପରେ ପରେ ଅମଳ କରାଯିବା ଆଦୌ ଉଚିତ ନୁହେଁ। ଏହାଦ୍ୱାରା ଚିଙ୍ଗୁଡ଼ି ମୂଲ୍ୟ ବହୁ କମିଯାଏ। ତେଣୁ ଖୋଳପା ଛଡ଼ାଯିବା ପରେ ଓ ପରବର୍ତ୍ତୀ ଖୋଳପା ଛାଡ଼ିବା ପୂର୍ବରୁ ଏହାକୁ ଯାଞ୍ଚ କରି ଅମଳ କରାଗଲେ ଚାଷୀ ଭଲ ଲାଭ ପାଇଥାଏ।

–ଦୀପ୍ତି କୁମାର ମହାପାତ୍ର



# ଜିଆଖତ

## ପନିପରିବାରୁ ଅଧିକ ଅମଳ ପାଇଁ ଜିଆଖତର ଆବଶ୍ୟକତା ଓ ପ୍ରସ୍ତୁତି ସମ୍ପର୍କରେ...

ଅତ୍ୟଧିକ ରାସାୟନିକ ସାର ପ୍ରୟୋଗ ଯୋଗୁ ମୃତ୍ତିକାର ଉତ୍ପାଦିକା ଶକ୍ତି ହ୍ରାସ ପାଉଛି, ତେଣୁ ଜମିରେ ଯେଉଁ ଫସଲ ଲଗାଉଛେ, ତାହାର ଆଶାନୁରୂପ ଅମଳ ପାଇପାରୁନୁ। ଏହାର ପ୍ରମୁଖ କାରଣ ହେଲା ଜମିରେ ଖତ କମ୍ ବ୍ୟବହାର କରୁଛୁ ବା ଆଦୌ ବ୍ୟବହାର କରୁନୁ। କୃଷି ଯାନ୍ତ୍ରୀକରଣ ଯୋଗୁ ଗୋରୁଙ୍କ ସଂଖ୍ୟା ଧୀରେ ଧୀରେ କମିଗଲାଣି। ତେଣୁ ଚାଷୀଭାଇମାନେ ଗୋବର ଖତର ବ୍ୟବହାର କମ୍ କରୁଛନ୍ତି। ଯେଉଁ ଚାଷୀ ଭାଇମାନେ ବ୍ୟବସାୟିକଭିତ୍ତିରେ ପରିବା ଚାଷ କରୁଛନ୍ତି ସେମାନଙ୍କ ପାଇଁ ଜମିରେ ଖତ ପ୍ରୟୋଗ କରିବା ନିହାତି ଆବଶ୍ୟକ। ଏହି ଆବଶ୍ୟକତାକୁ ସେମାନେ ଜିଆ ଖତରୁ ହିଁ ପାଇ ପାରିବେ।

ଜିଆଖତ ପ୍ରସ୍ତୁତି ପ୍ରଣାଳୀ ଏକ ପଦ୍ଧତି, ଯାହାଦ୍ୱାରା ଜୈବିକ ବର୍ଜ୍ୟବସ୍ତୁ ଓ ଗୋବର ମିଶ୍ରଣକୁ ଜିଆ ଏକ ଉର୍ବର ଖତରେ ପରିବର୍ତ୍ତନ କରେ। ଏହା ଏକ ଉପାଦେୟ ଖତ, ଯାହା ମୃତ୍ତିକାର ଜଳଧାରଣ ଶକ୍ତି ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଆବଶ୍ୟକତା ଅନୁସାରେ ଗଛକୁ ପୋଷକତତ୍ତ୍ୱ ଯୋଗାଏ। ଜିଆ ଖତରେ ୧.୬୮% ଯବକ୍ଷାରଜାନ, ୦.୨୩%ଫସଫରସ, ୧.୨୬% ପଟାସ ଅଛି । ଏହା ଛଡା ଦସ୍ତା, ତମ୍ବା, ମାଙ୍ଗାନିଜ ଓ ଲୌହ ଅଂଶ ମଧ ଅତି କମ୍ ମାତ୍ରାରେ ଅଛି। ଯାହାକି ଗଛର ଅମଳ ଓ ବୃଦ୍ଧିରେ ସାହାଯ୍ୟ କରେ । ଜିଆଖତ ଦୁଇ ପ୍ରକାର ପଦ୍ଧତିରେ ପ୍ରସ୍ତୁତ କରାଯାଏ। ଚଟାଣରେ ଜିଆଖତ ପ୍ରସ୍ତୁତି ଓ ଟାଙ୍କି ବା ଗାଡରେ ଜିଆ ଖତ ପ୍ରସ୍ତୁତି।

**ଚଟାଣରେ ଜିଆ ଖତ ପ୍ରସ୍ତୁତି:** ଏହି ପଦ୍ଧତିରେ ଅଳ୍ପ ଛାଇ ପାଉଥିବା ଉଚ୍ଚ ଚଟାଣ ଜିଆଖତ ପ୍ରସ୍ତୁତି ପାଇଁ ମନୋନୀତ କରାଯାଏ। ଅଧିକ ଆର୍ଦ୍ରତା ଥିବା ଥଣ୍ଡା ଜାଗା ଏହା ପାଇଁ ଉପଯୁକ୍ତ। ଜୈବିକ ବର୍ଜ୍ୟବସ୍ତୁ (ଘାସ/ଅଦରକାରୀ ପନିପରିବା/ ଅନ୍ୟାନ୍ୟ ଜୈବିକ ବସ୍ତୁ) ଗୋବରରେ ମିଶାଇ ୨ମିଟର x ୧ମିଟର x ୦.୫ ମିଟର– ଜାଗାରେ ରଖନ୍ତୁ। ଉପରୋକ୍ତ ବସ୍ତୁ ୧୫–୨୦ ଦିନ ମଧ୍ୟରେ ଅଧାଅଧି ଶଢ଼ିଯାଏ। ଏହାପରେ ୫୦୦ ସଂଖ୍ୟକ ଜିଆ ଏଥିରେ ଛାଡି ଦିଅନ୍ତୁ। ଏହି ଶଯ୍ୟା ଉପରେ ଝୋଟଅଖା ଘୋଡାଇ ଏହା ଉପରେ ସମୟ ସମୟରେ ପାଣି ଛିଞ୍ଚିଲେ ତାପମାତ୍ରା କମ୍ ରହିବା ସହ ଜଳୀୟ ଆର୍ଦ୍ରତା ଯୋଗୁ ଜିଆମାନେ ସକ୍ରିୟ ରହନ୍ତି। ଏହି ଉପାୟରେ ଜିଆଖତ, ପ୍ରାୟ ୭୫–୯୦ ଦିନ ମଧ୍ୟରେ ପ୍ରସ୍ତୁତ ହୋଇଥାଏ। ସମ୍ପୂର୍ଣ୍ଣ ପ୍ରସ୍ତୁତ ଜିଆଖତକୁ ଏକାଠି ଗଦା କରିଦେଲେ ଜିଆମାନେ ୨ରୁ ୩ ଘଣ୍ଟା ଭିତରେ ଖତ ଗଦାର ତଳ ଅଂଶକୁ ଚାଲିଯାଆନ୍ତି। ଉପରୋକ୍ତ ଜିଆଖତକୁ ଖରାରେ ଶୁଖାଇ ଚାଲୁଣିରେ ଚଲାଇ ପ୍ୟାକେଟରେ ବ୍ୟବହାର ପାଇଁ ରଖାଯାଇ ପାରେ।

ଟାଙ୍କିରେ ଜିଆଖତ ପ୍ରସ୍ତୁତି ଲାଗି ଶୁଷ୍କ ସ୍ଥାନ ନିରୂପଣ କରିବା ନିତାନ୍ତ ଆବଶ୍ୟକ। ଇଟା ଏବଂ ସିମେଣ୍ଟ ଦ୍ୱାରା ୩ ମିଟର ଲମ୍ବା x ୧.୫ ମିଟର ପ୍ରସ୍ତ x ୦.୭ ମିଟର ଟାଙ୍କି ପ୍ରସ୍ତୁତ କରାଯାଏ। ଟାଙ୍କିର ଚଟାଣ ଗଡାଣିଆ ହେବା ସହିତ ସିମେଣ୍ଟରେ ପ୍ରସ୍ତୁତ ହେବା ଦ୍ୱାରା ନାଳଦେଇ ଅଦରକାରୀ ପାଣି ସହଜରେ ନିଷ୍କାସିତ ହୋଇଥାଏ। ଟାଙ୍କିର କାନ୍ଥ ୧୫ ଇଞ୍ଚ ଓସାର ହେବା ସହିତ ଉଭୟ ପାର୍ଶ୍ୱରେ ପଲସ୍ତରା କରନ୍ତୁ। ଏହି କାନ୍ଥର ଉପର ଭାଗରେ ୨ ଇଞ୍ଚ ଓସାରର ପାଣି ନାଳ ରହିବା ଦ୍ୱାରା ପିମ୍ପୁଡି ତଥା ଅନ୍ୟମାନଙ୍କ ପ୍ରବେଶକୁ ପ୍ରତିରୋଧ କରାଯାଇପାରେ। ଖରା ବର୍ଷାରୁ ରକ୍ଷା ପାଇବା ପାଇଁ ଉକ୍ତ ଟାଙ୍କି ଉପରେ ଛାଉଣି କରନ୍ତୁ। ସମସ୍ତ ଜୈବିକ ବର୍ଜ୍ୟବସ୍ତୁ (ଘାସ/ଅଦରକାରୀ ପରିବା ତଥା ଅନ୍ୟାନ୍ୟ ଜୈବିକ ପଦାର୍ଥ) ଗୋବର ସହିତ ମିଶାଇ ଦିଅନ୍ତୁ। ଉପରୋକ୍ତ ପଦାର୍ଥକୁ ୧୫–୨୦ ଦିନ ପର୍ଯ୍ୟନ୍ତ ଶଢିବାକୁ ଦିଅନ୍ତୁ। ତା'ପରେ ୫୦୦–୧୦୦୦ ସଂଖ୍ୟକ ଜିଆ ଏହି ଜୈବିକ ବର୍ଜ୍ୟବସ୍ତୁ ଉପରେ ଛାଡନ୍ତୁ। ଉପଯୁକ୍ତ ଜଳୀୟ ଅଂଶ ତଥା ତାପମାତ୍ରା ଜିଆମାନଙ୍କୁ ସତେଜ ରଖେ। ସମ୍ପୂର୍ଣ୍ଣ ଜିଆଖତକୁ ଏକାଠି ଗଦା କରିଦେଲେ ଜିଆମାନେ ୨–୩ ଘଣ୍ଟା ମଧ୍ୟରେ ଖତଗଦାର ତଳ ଅଂଶରେ ଏକତ୍ରିତ ହୁଅନ୍ତି। ଉକ୍ତ ଜିଆଙ୍କୁ ପୁଣି ଅଧାଶଢା ଖତ ଉପରେ ଛାଡନ୍ତୁ। ସମ୍ପୂର୍ଣ୍ଣ ଜିଆଖତକୁ ଶୁଖାଇ ଚାଲୁଣିରେ ଚଲାଇ ପନିପରିବା ଖେତରେ ବ୍ୟବହାର କରାଯାଏ। ଜିଆଖତ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ଜିଆ ପ୍ରଜାତି ହେଲା ଆଫ୍ରିକୀୟ ପ୍ରଜାତି ତଥା ଇଶେନିଆ ଫୋଟିଡା, ଯାହାକି ଭାରତୀୟ ଜଳବାୟୁରେ ବଂଶବୃଦ୍ଧି କରିବା ସହ ଭଲ ଜିଆଖତ ପ୍ରସ୍ତୁତି କରେ। ଜିଆଖତ ପ୍ରସ୍ତୁତି ପାଇଁ ଅଦରକାରୀ ପନିପରିବା ଚୋପା, ପତ୍ର, ଘାସ ପୋଖରୀରେ ଦେଖାଯାଉଥିବା ଦଳ ଇତ୍ୟାଦି ବ୍ୟବହାର କରାଯାଏ। ଜିଆଖତ ପ୍ରସ୍ତୁତିରେ ପଲିଥିନ ଜାତୀୟ ବର୍ଜ୍ୟବସ୍ତୁ ବ୍ୟବହାର କରନ୍ତୁ ନାହିଁ। ସମ୍ପୂର୍ଣ୍ଣ ଶୁଷ୍କ କିମ୍ବା ଅତ୍ୟଧିକ ଦଳ ଜିଆମାନଙ୍କର ମୃତ୍ୟୁର କାରଣ ହୋଇଥାଏ। ସେଥିପାଇଁ ଚାଷୀଭାଇମାନେ ଯତ୍ନବାନ ହୁଅନ୍ତୁ। ନିଶ୍ଚିତ ଭାବରେ ଜିଆଦ୍ୱାରା ପ୍ରସ୍ତୁତ ଖତ ପନିପରିବା ଫସଲର ଅମଳ ବୃଦ୍ଧି ସହ ଚାଷୀଭାଇମାନଙ୍କୁ ଲାଭାନ୍ୱିତ କରିବ।

–ପ୍ରାର୍ଥନା ମହାନ୍ତି





**ପ୍ରଥମ ପୃଷ୍ଠାରୁ...**

## ଜେଇଇ ଆଡଭାନ୍ସ ...

ମଙ୍ଗଳବାର ଟୁଇଟ୍ କରି ଜଣାଇଛନ୍ତି। ଅନ୍ୟପକ୍ଷରେ ଆଇଆଇଟି ଭୁବନେଶ୍ୱରରେ ଇଣ୍ଟରନେଟ୍ ସେବା ପୂର୍ଣ୍ଣକାର୍ଯ୍ୟକ୍ଷମ ରହିଥିବାରୁ ଛାତ୍ରୀଛାତ୍ରୀମାନେ ଏଠାରେ ପଞ୍ଜୀକରଣ କରିପାରିବେ ବୋଲି ସେ କହିଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସରେ ଜେଇଇ ଆଡ୍‌ଭାନ୍ସ ପଞ୍ଜୀକରଣ ପାଇଁ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇଛି। ଯେଉଁ ଛାତ୍ରୀଛାତ୍ରମାନେ ଏହି ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ସେମାନେ ଏହି କାଉଣ୍ଟରରେ ପଞ୍ଜୀକରଣ କରିପାରିବେ। ଏଥିପାଇଁ ଏଠାରେ ସମସ୍ତ ସହଯୋଗ ମିଳିବ।

## ଆଇସିଏସ୍‌ଇ ଦଶମ, ...

୨୪ଜଣ ଛାତ୍ରୀଛାତ୍ର ୯୯.୨୦ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି କଲିକତାର ଦିୱାଙ୍ଗ କୁମାର ଅଗ୍ରୱାଲ ଓ ବେଙ୍ଗାଲୁରୁର ବିଭା ସ୍ୱାମୀନାଥନ୍ ପ୍ରଥମଥର ପାଇଁ ୧୦୦ ପ୍ରତିଶତ ନମ୍ବର ରଖି ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ଟପ୍ପର ହୋଇଛନ୍ତି। ଦ୍ୱାଦଶରେ ୧୬ଜଣ ଛାତ୍ରୀଛାତ୍ର ୯୯.୭୫ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ୩୬ଜଣ ଛାତ୍ରୀଛାତ୍ର ୯୯.୫୦ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଏହି ଦୁଇ ପରୀକ୍ଷାରେ ଛାତ୍ରୀମାନେ ବାଜିମାତ୍ କରିଛନ୍ତି। ଛାତ୍ରଙ୍କ ପାସ୍‌ହାର ତୁଳନାରେ ଛାତ୍ରୀଙ୍କ ପାସ୍‌ହାର ଅଧିକ ରହିଛି। ଆଇସିଏସ୍‌ଇ ଦଶମ ପରୀକ୍ଷାରେ ଛାତ୍ରୀଙ୍କ ପାସ୍‌ହାର ୯୯.୫ ପ୍ରତିଶତ ଥିବାବେଳେ ଛାତ୍ରଙ୍କ ପାସ୍‌ହାର ୯୮.୧୨ ପ୍ରତିଶତ ରହିଛି। ସେହିଭଳି ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ଛାତ୍ରୀଙ୍କ ପାସ୍‌ହାର ୯୭.୮୪ ପ୍ରତିଶତ ଓ ଛାତ୍ରଙ୍କ ପାସ୍‌ହାର ୯୫.୪ ପ୍ରତିଶତ ରହିଛି। ଛାତ୍ରୀଛାତ୍ର ନିଜର ପରୀକ୍ଷା ଫଳ ୱେବ୍‌ସାଇଟ୍‌ରେ ଦେଖିପାରିବେ।

## ପୁନରୁଦ୍ଧାର କାର୍ଯ୍ୟରେ ...

ଦେବାକୁ ପଡୁଛି ବୋଲି ଶକ୍ତି ବିଭାଗ ପକ୍ଷରୁ କୁହାଯାଇଛି। ଘରୋଇ ମୋବାଇଲ ଟାୱାର କିମ୍ବା କେନ୍ଦ୍ର ସରକାରଙ୍କ ଅଧୀନ ବିଏସଏନଏଲ ମଧ ଠିକ୍ ଭାବେ କାର୍ଯ୍ୟ କରୁନାହିଁ। କେଉଁଠି ସିଗ୍‌ନାଲ ମିଳିଲେ କେଉଁଠି ନାହିଁ। ଯେଉଁଠି ସିଗ୍‌ନାଲ ମିଳୁଛି କଥା ହେଉ ହେଉ କଟିଯାଉଛି।

ପୁରୀ ଓ ଭୁବନେଶ୍ୱର ସହରକୁ କେବେ ସୁଦ୍ଧା ସମ୍ପୂର୍ଣ୍ଣ ବିଦ୍ୟୁତ୍ ଯୋଗାଇବା ସମ୍ଭବ ହେବ ତାହାର ଉତ୍ତର ଶକ୍ତି ବିଭାଗ ପାଖରେ ନାହିଁ। ଯୋଗାଯୋଗ ସାଙ୍ଗକୁ ବିଦ୍ୟୁତ ଖୁଣ୍ଟ ଓ କର୍ମଚାରୀଙ୍କ ଅଭାବ ଏହି ସମସ୍ୟାକୁ ବହୁଗୁଣିତ କରିଛି। ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ୪ ହଜାର କର୍ମଚାରୀ ଲାଗିଛନ୍ତି। ତେବେ ଆହୁରି ୧୨ ହଜାର କର୍ମଚାରୀଙ୍କର ଆବଶ୍ୟକତା ରହିଛି ବୋଲି ଶକ୍ତି ବିଭାଗ ପକ୍ଷରୁ କୁହାଯାଇଛି। ବାତ୍ୟାରେ ଦେଢ଼ ଲକ୍ଷ ବିଦ୍ୟୁତ୍ ଖୁଣ୍ଟ ନଷ୍ଟ ହୋଇଛି। ପୁନରୁଦ୍ଧାର କାର୍ଯ୍ୟ ଜୋରଦାର ଚାଲିଛି। ଏ ପର୍ଯ୍ୟନ୍ତ ଅନୁଗୋଳ, ଢେଙ୍କାନାଳ, ନୟାଗଡ, ଗଞ୍ଜାମ, ଗଜପତି, ରାୟଗଡା, କନ୍ଧମାଳରେ ୧୦୦ ପ୍ରତିଶତ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିବା ବେଳେ ପୁରୀରେ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଭୁବନେଶ୍ୱରରେ ବିମାନବନ୍ଦର, ରେଳଷ୍ଟେଶନ, ସଚିବାଳୟ, କ୍ୟାପିଟାଲ ହସ୍ପିଟାଲ, ଜରୁରୀ ସେବା ଅଞ୍ଚଳ ସହିତ ୨୦୦ରୁ ଊର୍ଦ୍ଧ୍ୱ ଘରୋଇ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଦିଆଯାଇଛି। ପର୍ଯ୍ୟାୟ କ୍ରମେ ସମସ୍ତ ଅଞ୍ଚଳକୁ ବିଦ୍ୟୁତ ଯୋଗାଇ ଦିଆଯିବ। କେନ୍ଦ୍ରାପଡ଼ା ଜିଲାର ୪୦ ପ୍ରତିଶତ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିବା ବେଳେ କଟକରେ ୫୦, ଜଗତ୍‌ସିଂହପୁର ୫୦, ଯାଜପୁର ଜିଲାରେ ୮୦ ପ୍ରତିଶତ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିବା ଶକ୍ତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସହରର ପ୍ରମୁଖ ରାସ୍ତା ଓ ଗଳିକନ୍ଦି ରାସ୍ତାରୁ ଗଛ ହଟି ଯାଇଛି । ରିଲିଫ ବଣ୍ଟନ କାର୍ଯ୍ୟ ଜାରି ରହିଛି। ପ୍ରଭାବିତ ଜିଲାର ଜିଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତି ଅଧ ଘଣ୍ଟାରେ ଥରେ ପୁନରୁଦ୍ଧାର କାର୍ଯ୍ୟର ଟିକିନିଖି ଅନୁଧ୍ୟାନ କରୁଛନ୍ତି ବୋଲି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ.ଡି. ଦେବେଗୌଡା ଏବଂ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ମଙ୍ଗଳବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଟେଲିଫୋନ ଯୋଗେ ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏଭଳି ବିପତ୍ତିରେ କର୍ଣ୍ଣାଟକ ଓଡିଶାବାସୀଙ୍କ ସହ ଦୃଢତାର ସହ ଛିଡ଼ା ହୋଇଛି। କର୍ଣ୍ଣାଟକ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ଉଭୟ କହିଛନ୍ତି। ବାତ୍ୟା ପୁନରୁଦ୍ଧାର ନେଇ କେନ୍ଦ୍ର କ୍ୟାବିନେଟ ସଚିବ ପି. କେ. ସିହ୍ନା ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସହ ଆଲୋଚନା କରିଛନ୍ତି।

ଭୁବନେଶ୍ୱରରେ ୬୫ଟି ଟିମ୍ ରାସ୍ତା ସଫା କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ସେସୁକୁ ସହଯୋଗ କରିବାକୁ ୨୬ଟି ଅଗ୍ନିଶମ ବିଭାଗ ଟିମ୍ ଗଛ କାଟିବା ଦାୟିତ୍ୱରେ ନିୟୋଜିତ ରହିଛନ୍ତି। ଜଳ ଯୋଗାଣ କାର୍ଯ୍ୟରେ ମଧ ଏହି ଟିମ୍ ସହଯୋଗ କରୁଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଫନୀ ହଜାଇଦେଇଛି ଚାଷୀଙ୍କ ମୁହଁରୁ ହସ

**ବ୍ରହ୍ମଗିରି, ୭।୫(ଡି.ଏନ୍.ଏ.)**

ସାମୁଦ୍ରିକ ଝଡ଼ ଫନୀ ଛଡ଼ାଇ ନେଇଛି ସବୁକିଛି। ଲିଭାଇ ଦେଇଛି ଚଷାପୁଅ ଓଠରୁ ହସ। ଫନୀର ଫାଶରେ ଧ୍ୱଂସ ସ୍ତୂପରେ ପରିଣତ ହୋଇଥିବା ଉଜୁଡ଼ା ଖେତକୁ ସଜାଡୁ ସଜାଡୁ ଭୁଲିଯାଇଛି ଅକ୍ଷୟତୃତୀୟାର ଅଖିମୁଠି ଅନୁକୂଳ ପରମ୍ପରା। କ୍ଷେତରେ ଦେଖିବାକୁ ମିଳିନି ବଳଦଙ୍କ ଦ୍ୱାରା ପ୍ରଥମ କରି ହଳ କରି ଅଖିମୁଠି ଅନୁକୂଳ କରିବାର ଦୃଶ୍ୟ। ଏକ ବର୍ଷ ଧରି ଅପେକ୍ଷା କରିରହିଥିବା ଚଷାପୁଅ ପାଇଁ ଅକ୍ଷୟତୃତୀୟା ଯେମିତି ଅଲୋଡା

**ହେଲାନି ଅଖିମୁଠି ଅନୁକୂଳ**

ହୋଇପଡ଼ିଛି। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ପ୍ରତ୍ୟେକ ପରିବାର ଚାଷ ଉପରେ ନିର୍ଭର କରିଥାନ୍ତି। ପରମ୍ପରା ଅନୁଯାୟୀ ଅକ୍ଷୟତୃତୀୟାରେ ଅଖିମୁଠି ଅନୁକୂଳ ହୋଇଥାଏ। କିନ୍ତୁ ଭାଗ୍ୟର ବିଡମ୍ବନା ଧାରକରଜ କରି କରିଥିବା ଚାଷ ଅମଳ କରିବା ସମୟରେ ବାତ୍ୟା ସବୁ ଉଜାଡିଦେଲା। ଖେତରେ ପାଚିଲା ଧାନ ଭାସୁଥିବାବେଳେ ଘରଦ୍ୱାର ଭାଙ୍ଗିଯିବାରୁ ଅମଳ ହୋଇଥିବା ଧାନ ନଷ୍ଟ ହେବାକୁ ବସିଲାଣି। ଖେତ ଏବେ ଜଳାର୍ଣ୍ଣବ। ଫଳରେ ଚାଷୀ ଚଳିତ ବର୍ଷ ବ୍ରହ୍ମଗିରି ବ୍ଲକରେ ଅଖିମୁଠି ଅନୁକୂଳ କରିପାରିନାହାନ୍ତି। ଏ ସମ୍ପର୍କରେ ସାନବନ୍ଧକେରା ଗ୍ରାମର ଚାଷୀ ସୁକାନ୍ତ ନାୟକ କୁହନ୍ତି, ଅକ୍ଷୟତୃତୀୟା ଚାଷୀ ପାଇଁ ଶୁଭ ଦିନ। ବାତ୍ୟା ଯୋଗୁ ଚାଷ ଜମିରେ ପାଣି ଜମି ରହିଛି। ଫଳରେ ଅଖିମୁଠି ଅନୁକୂଳ ନ ହେବା ଆମ ପାଇଁ ବଡ଼ ଦୁଃଖଦାୟକ ଘଟଣା। ସେହିପରି ବ୍ରହ୍ମଗିରି ଗ୍ରାମର କାଳୁ ପ୍ରଧାନ କୁହନ୍ତି, ବାତ୍ୟାରେ ଆମେ ଏତେ କ୍ଷତିଗ୍ରସ୍ତ ହୋଇଛୁ ଯେ, ଘର ସଜାଡୁ ସଜାଡୁ ଅକ୍ଷୟତୃତୀୟା କଥା ଭୁଲି ଯାଇଛୁ। ଆପଣଙ୍କଠୁ ଶୁଣିବା ପରେ ଏ ନେଇ ମନେପଡ଼ିଲା।

■ ପାଟକୁରା ନିର୍ବାଚନ ୨ ମାସ ଘୁଞ୍ଚିବା ଘଟଣା

# ଷଡ଼ଯନ୍ତ୍ର ସଫଳ ହୋଇଛି: ବିଜୟ

**କେନ୍ଦ୍ରାପଡ଼ା ଅଫିସ୍, ୭।୫**

ବାତ୍ୟା ଫନୀକୁ ଆଳ କରି ପାଟକୁରା ବିଧାନସଭା ଆସନ ନିମନ୍ତେ ନିର୍ବାଚନ ୨ ମାସ ଘୁଞ୍ଚା ଯିବା ଦ୍ୱାରା ବିଜେଡି ତା'ର ରଣନୀତିରେ ସଫଳ ହୋଇଛି। ଏହି ନିର୍ବାଚନକୁ ବନ୍ଦ କରିବା ସକାଶେ ବିଜେଡି ପକ୍ଷରୁ ଆରମ୍ଭରୁ ଉଦ୍ୟମ କରାଯାଉଥିବା ବେଳେ ଏଥିପାଇଁ କରାଯାଉଥିବା ଷଡ଼ଯନ୍ତ୍ର ସତରେ ପରିଣତ ହୋଇଛି ବୋଲି ପାଟକୁରା ଭାଜପା ବିଧାୟକ ପ୍ରାର୍ଥୀ ବିଜୟ ମହାପାତ୍ର କହିଛନ୍ତି। ଫନୀ ଯୋଗୁ ପୁରୀ, କଟକ ଓ ଭୁବନେଶ୍ୱର ବିଶେଷ ଭାବେ ପ୍ରଭାବିତ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲା ପାଟକୁରା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ସାମାନ୍ୟ କ୍ଷତି ହୋଇଛି। ବାତ୍ୟାର ୨ଦିନ ପରେ ଯାତାୟାତ ସ୍ୱାଭାବିକ ହୋଇଥିବା ବେଳେ ଆସନ୍ତା ୩ ଦିନ ମଧ୍ୟରେ ବିଦ୍ୟୁତ୍ ଓ ପାଣି ସମସ୍ୟା ମଧ ସମାଧାନ ହୋଇଯିବ। କିନ୍ତୁ ଫନୀକୁ ଆଳ କରି ପାଟକୁରାରେ ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଛି। ତେବେ ଏହି କ୍ଷୟକ୍ଷତିର ବାସ୍ତବ ତଥ୍ୟ ନିର୍ବାଚନ କମିଶନଙ୍କୁ ଦିଆଯାଇନାହିଁ। ଏହାର ସମ୍ପୂର୍ଣ୍ଣ ତଥ୍ୟ ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯିବ ବୋଲି ମଙ୍ଗଳବାର ସହରର କାକଟ ଲକ୍ସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୟ କହିଛନ୍ତି। ସେ ପ୍ରକାଶ କରିଥିଲେ ଯେ, ବାତ୍ୟାକୁ ଆଳ କରି ନିର୍ବାଚନକୁ ୨ ମାସ ଘୁଞ୍ଚାଇବା ଘଟଣା ଭାରତୀୟ ଗଣତନ୍ତ୍ରରେ ପ୍ରଥମ। ଅପରପକ୍ଷେ ପାଟକୁରାରେ ଯଦି ଭୟଙ୍କର ବାତ୍ୟା ହୋଇଥିବାରୁ ନିର୍ବାଚନ ଘୁଞ୍ଚାଯାଇଛି, ତେବେ ସେହି ପରିମାଣରେ କାହିଁକି ରିଲିଫ ବ୍ୟବସ୍ଥା ହୋଇନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଭୟଙ୍କର ବାତ୍ୟାର ଚିତ୍ର ସମ୍ପର୍କରେ କେଉଁ ପ୍ରଶାସନିକ ଅଧିକାରୀଙ୍କ ରିପୋର୍ଟକୁ ଆଧାର କରାଯାଇଛି, ତାହା ସର୍ବସାଧାରଣ ସମ୍ମୁଖକୁ ଅଣାଯିବା ଆବଶ୍ୟକ ବୋଲି ଦାବି କରିଛନ୍ତି। ଅପରପକ୍ଷରେ ବିଧାନସଭା ନିର୍ବାଚନ କରାଇ ନଦେଇ ପାଟକୁରାବାସୀଙ୍କୁ ପ୍ରତାରିତ କରାଯାଇଛି। ଏହାର ଜବାବ ପାଟକୁରାବାସୀ ଆଗାମୀ ଦିନରେ ମାଗିବେ ବୋଲି ବିଜୟ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ, ବରିଷ୍ଠ ନେତା ଭୁବନମୋହନ ଜେନା ଉପସ୍ଥିତ ଥିଲେ।

| Dollar | Sensex | Nifty | Gold | Silver |
|---|---|---|---|---|
| 69.43 | 323.71 38,276.63 | 100.35 11,497.90 | ₹50 32,670.00 | ₹10 38,120.00 |



"ଏଫ୍‌ଏମ୍‌ସିଜି ସେକ୍ଟରରେ ଗ୍ରାହକଙ୍କ ରୁଚିରେ ବ୍ୟାପକ ପରିବର୍ତ୍ତନ ଆସିଛି। ସେମାନେ ବ୍ରାଣ୍ଡଯୁକ୍ତ ଏଫ୍‌ଏମ୍‌ସିଜି ସାମଗ୍ରୀ ପ୍ରତି ଆଗ୍ରହ ଦେଖାଉଛନ୍ତି।

– ଏମ୍.ପି.ରାମଚନ୍ଦ୍ରନ, ସିଏମ୍‌ଡି, ଜ୍ୟୋତି ଲାବ୍‌ରେଟୋରିଜ



"ଘରୋଇ ସେକ୍ଟର କମ୍ପାନୀଙ୍କୁ ସହାୟତା ପ୍ରଦାନ ଲାଗି ଆମେରିକା–ଭାରତ ମଧ୍ୟରେ ସରକାର–ସରକାର ଚୁକ୍ତି ସ୍ୱାକ୍ଷର କରାଯିବା ଉଚିତ୍।

– ସୁରେଶ ପ୍ରଭୁ, ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ

## ସଂକ୍ଷେପରେ

■ଏସାର ଷ୍ଟିଲ ଅଧିଗ୍ରହଣ

### ଆର୍ସେଲର ମିତ୍ତଲ ପାଇଁ ପନ୍ଥ ଘୁଞ୍ଚୁ ଘୁଞ୍ଚୁ ଯାଉଛି

ନୂଆଦିଲ୍ଲୀ,୭-୫: ବିଶ୍ୱର ସର୍ବବୃହତ ଷ୍ଟିଲ୍ ନିର୍ମାତା ଆର୍ସେଲର ମିତ୍ତଲ ପାଇଁ ଭାରତରେ ଏସାର ଷ୍ଟିଲ୍ ଅଧିଗ୍ରହଣ ବିଳମ୍ବିତ ହେବାରେ ଲାଗିଛି। କମ୍ପାନୀ ଗୋଟିଏ ପରେ ଗୋଟିଏ ବାଧାର ସାମ୍ନା କରୁଛି। ଏବେ ଏସାର ଷ୍ଟିଲର ବୃହତ ଶେୟାରଧାରୀ ମିତ୍ତଲଙ୍କ ଦ୍ୱାରା ଦିଆଯାଇଥିବା ୪୨ ହଜାର କୋଟି ଟଙ୍କାର ବିଡ୍‌କୁ ବିରୋଧ କରିଛି। ଏ ସଂକ୍ରାନ୍ତରେ ଏନ୍‌ସିଏଲ୍‌ଏଟିଙ୍କ ନିକଟରେ ମଙ୍ଗଳବାର ଏକ ଆବେଦନ ଦାଖଲ କରି ବିଡ୍‌କୁ ବାତିଲ କରିବାକୁ ନିବେଦନ କରାଯାଇଛି। କାରଣ ଦୁଇ ଭାଇ ପ୍ରମୋଦ ମିତ୍ତଲ ଏବଂ ବିନୋଦ ମିତ୍ତଲଙ୍କ ଦ୍ୱାରା ପରିଚାଳିତ କେତେକ ଋଣଖିଲାପୀ କମ୍ପାନୀରେ ଆର୍ସେଲର ମିତ୍ତଲ ପ୍ରମୋଟର ଲକ୍ଷ୍ମୀ ମିତ୍ତଲ ସମ୍ପୃକ୍ତ ରହିଛନ୍ତି। ଅଥଚ ବିଡ୍ ଦାଖଲ ବେଳେ ଏବଂ ସୁପ୍ରିମକୋର୍ଟରେ ଏ ସମ୍ପର୍କରେ ସେ ତଥ୍ୟ ଲୁଚାଇଛନ୍ତି। ଏଣୁ ଆଇନ ଦୃଷ୍ଟିରୁ ସେ ଦେବାଳିଆ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ଆବେଦନରେ କୁହାଯାଇଛି। ଏସାର ଷ୍ଟିଲ୍‌ର ଅଧିଗ୍ରହଣକୁ ଦେବାଳିଆ ଅଦାଲତ ଅନୁମୋଦନ କରିବାର ସପ୍ତାହକ ପରେ ଏସାର ଷ୍ଟିଲ୍‌ରେ ୭୨ ପ୍ରତିଶତ ଅଂଶଧନ ରଖିଥିବା ଏସାର ଷ୍ଟିଲ୍ ଏସିଆ ହୋଲ୍‌ଡିଙ୍ଗସ ଲିମିଟେଡ ପକ୍ଷରୁ ଏହି ଆବେଦନ କରାଯାଇଛି।

### ଏପ୍ରିଲରେ ଇରାନରୁ ତେଲ ଆମଦାନୀ ୫୭% ହ୍ରାସ

ନୂଆଦିଲ୍ଲୀ,୭-୫: ଇରାନରୁ ଭାରତର ତେଲ ଆମଦାନୀ ବର୍ଷକୁ ବର୍ଷ ହିସାବରେ ଏପ୍ରିଲରେ ୫୭% ହ୍ରାସ ପାଇଛି। ଇରାନରୁ ଅଶୋଧିତ ତେଲ କିଣିବାରେ ଚାଇନା ପରେ ଭାରତ ଦ୍ୱିତୀୟ ବୃହତ ଏସୀୟ ଦେଶ। ଏପ୍ରିଲରେ ଏହା ତେହେରାନରୁ ଦୈନିକ ୨,୭୭,୬୦୦ବ୍ୟାରେଲ ତେଲ କିଣିଥିଲା। ପୂର୍ବ ମାସ ତୁଳନାରେ ଏହା ୩୧.୫% କମ୍ ବୋଲି ସିପିଂ ଆଣ୍ଡ ଇଣ୍ଡଷ୍ଟ୍ରିର ପ୍ରାଥମିକ ଡାଟାରୁ ଏହା ଜଣାପଡିଛି। ସୂଚନାଥାଉ କି, ୨୦୧୮ ନଭେମ୍ବରରେ ଇରାନ ବିରୋଧରେ ଆମେରିକା କଟକଣା ଜାରି କରିଛି। କିନ୍ତୁ ଭାରତ ସମେତ ୮ ଦେଶକୁ ଆସନ୍ତା ୬ ମାସ ପାଇଁ କଟକଣା କୋହଳ କରାଯାଇଥିଲା, ଯାହା କି,ଚଳିତ ବର୍ଷ ମେ'ରେ ଶେଷ ହୋଇଛି। ଗତବର୍ଷ ନଭେମ୍ବରରୁ ଚଳିତ ବର୍ଷ ଏପ୍ରିଲ ପର୍ଯ୍ୟନ୍ତ ଇରାନରୁ ଭାରତ ଦୈନିକ ୩ ଲକ୍ଷ ବ୍ୟାରେଲ ଅଶୋଧିତ ତେଲ କିଣିବାକୁ ଆମେରିକା ଅନୁମତି ଦେଇଥିଲା। ତେବେ ତୈଳ ଜାହାଜ ଅଭାବରେ ପ୍ରତି ମାସରେ ତେଲ କିଣା ପ୍ରଭାବିତ ହୋଇଥିଲା। କାରଣ ଅଧିକାଂଶ ବିଦେଶୀ ଜାହାଜ ଇରାନରୁ ତେଲ ଆଣିବାକୁ ରାଜି ନୁହନ୍ତି।

### ଜିଏସ୍‌ଟି ଯୋଗୁ ରାଜ୍ୟଗୁଡ଼ିକର କମିବନି କ୍ଷତି

ନୂଆଦିଲ୍ଲୀ,୭-୫: ଦେଶରେ ସାମାଜିକ କ୍ଷେତ୍ରରେ ବ୍ୟୟ ବଢ଼ୁଛି ସତ, କିନ୍ତୁ ଏହାଦ୍ୱାରା ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ବ୍ୟବସ୍ଥାରେ ରାଜ୍ୟଗୁଡ଼ିକର କ୍ଷତି କମିବାର ଆଶା କମ୍ ବୋଲି ଏସ୍‌ଆଣ୍ଡପି ଗ୍ଲୋବାଲ ରେଟିଙ୍ଗସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟଗୁଡ଼ିକର ସଂସ୍ଥାଗତ ଢାଞ୍ଚା ଉନ୍ନତ ହେଉଛି, କିନ୍ତୁ ସେମାନଙ୍କ ଦ୍ୱାରା କ୍ରମାଗତ ରାଜସ୍ୱ ବ୍ୟୟ ବୃଦ୍ଧି ଯୋଗୁ ଢାଞ୍ଚାଗତ କ୍ଷତି କମୁନାହିଁ। ଏସ୍‌ଆଣ୍ଡପି ଗ୍ଲୋବାଲ ରେଟିଙ୍ଗସର କ୍ରେଡିଟ ବିଶ୍ଲେଷକ ୟ୍ୟାଫାର୍ନ ଫୁୟା ତାଙ୍କ ରିପୋର୍ଟରେ କହିଛନ୍ତି ଯେ, ୨୦୧୭ରେ ଅନୁମୋଦନ ଲାଭ କରିଥିବା ଜିଏସ୍‌ଟି ଆଇନ ଭାରତର ଟିକସ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆଣିବାରେ ବଡ଼ ପଦକ୍ଷେପ କୁହାଯାଇପାରେ। ଏହାଦ୍ୱାରା ଟିକସ ଆଧାର ବୃଦ୍ଧି ପାଇବା ସହିତ ରାଜ୍ୟଗୁଡ଼ିକର ରାଜସ୍ୱ ବଢ଼ିବାରେ ସହାୟତା ହେବ। ଏସବୁ ସତ୍ତ୍ୱେ ରାଜ୍ୟଗୁଡ଼ିକ ଏବେ ମଧ୍ୟ ବଡ଼ ଧରଣର କ୍ଷତି ସହିଚାଲିବେ। କାରଣ ବ୍ୟୟ କ୍ଷେତ୍ରରେ ସେମାନଙ୍କର ଅର୍ଥ ପ୍ରଣାଳୀର ଏକ ପ୍ରମୁଖ ଅଂଶ ଅସନ୍ତୁଳିତ ଅବସ୍ଥାରେ ରହିଛି। ରାଜ୍ୟଗୁଡ଼ିକ ସେମାନଙ୍କର ବ୍ୟୟ ହ୍ରାସ କରିବାରେ ଅସମର୍ଥ। କାରଣ ସେମାନଙ୍କର ସାମାଜିକ କ୍ଷେତ୍ରରେ ବ୍ୟୟ ବଢ଼ିବାରେ ଲାଗିଛି। ଏଥିସହିତ ପୁଞ୍ଜିଗତ ବ୍ୟୟ ମଧ୍ୟ ପରିସ୍ଥିତିକୁ ଆହୁରି ସଙ୍ଗିନ କରୁଛି। ଏଣୁ ରାଜ୍ୟଗୁଡ଼ିକର ଆୟ-ବ୍ୟୟ ମଧ୍ୟରେ ଅସନ୍ତୁଳନ ବଢ଼ିଚାଲିବ।

■ଆମେରିକାର ଦାବି

# ବାଣିଜ୍ୟ ଅସୁବିଧା ଦୂରକରୁ ଭାରତ

ନୂଆଦିଲ୍ଲୀ,୭–୫

ଭାରତ ବଜାରରେ ଆମେରିକୀୟ କମ୍ପାନୀଗୁଡ଼ିକ ସାମ୍ନା କରୁଥିବା ବାଣିଜ୍ୟିକ ପ୍ରତିବନ୍ଧକ ହଟାଇବା ଦିଗରେ ଭାରତ ବିଭିନ୍ନ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଆମେରିକା ବାଣିଜ୍ୟ ସଚିବ ୱିଲବର ରସ୍ ମଙ୍ଗଳବାର କହିଛନ୍ତି। ଭାରତ ଗସ୍ତରେ ଆସିଥିବା ପ୍ରତିନିଧି ମଣ୍ଡଳୀର ଏକ କାର୍ଯ୍ୟକ୍ରମରେ ରସ୍ ଡାଟା ସ୍ଥାନୀୟକରଣ ଏବଂ ଡୁଇଁ ବିଜନେସର ଖର୍ଚ୍ଚ କାଟ ଭଳି ପ୍ରସଙ୍ଗ ଉପରେ ଜୋର ଦେଇଛନ୍ତି। ଭାରତର ଡାଟା ଲୋକାଲାଇଜେଶନ ନିଷ୍ପତ୍ତି ଡାଟା ସୁରକ୍ଷାକୁ ସଙ୍କୁଚିତ କରିବା ସହ ଡୁଇଁ ବିଜନେସ୍ ସଂକ୍ରାନ୍ତ ଖର୍ଚ୍ଚ ବଢାଇଛି ବୋଲି ରସ୍ ଅଭିଯୋଗ କରିଛନ୍ତି।

ସେହିଭଳି ଭାରତ ଅଟୋମୋବାଇଲ, ମୋଟରସାଇକେଲ, କୃଷିଜାତ ସାମଗ୍ରୀ, ଆଲକହଲ ବେଭ୍‌ରେଜ ଉପରେ ଉଚ୍ଚ ସୀମା ଶୁଳ୍କ ଲାଗୁ କରୁଥିବା ରସ୍ କହିଛନ୍ତି। ଭାରତ ବଜାରରେ ବାଣିଜ୍ୟ ଲାଗି ଆମେରିକା ବର୍ତ୍ତମାନ ବିଭିନ୍ନ ସମସ୍ୟା ସାମ୍ନା କରୁଛି। ଏହା ମଧ୍ୟରେ ଉଭୟ ଟିକସ ଏବଂ ଅଣଟିକସ ପ୍ରସଙ୍ଗ ରହିଛି। ଘରୋଇ ବଜାରରେ ଥିବା ବିଭିନ୍ନ ନିୟମ ଏବଂ ପ୍ରଥା ବିଦେଶୀ କମ୍ପାନୀଗୁଡିକ ଲାଗି ଅସୁବିଧା ସୃଷ୍ଟି କରୁଥିବା ସେ ମତ ରଖିଛନ୍ତି।



■ ସର୍ବାଧିକ ଟାରିଫ୍ ଲାଗୁ କରାଯାଇଛି:ରସ୍

■ ଭାରତ ଟାରିଫ୍ କିଙ୍ଗ ନୁହେଁ: ଭାରତ ବିଶେଷଜ୍ଞ

■ ବିଜନେସ ଖର୍ଚ୍ଚ ହ୍ରାସ, ଡାଟା ଲୋକାଲାଇଜେଶନ ନେଇ ଆଲୋଚନା

ଭାରତ ଆମେରିକୀୟ ସାମଗ୍ରୀ ଉପରେ ହାରାହାରି ୧୩.୮% ଟିକସ ଲାଗୁ କରୁଛି। ଏହା ବିଶ୍ୱର ପ୍ରମୁଖ ଅର୍ଥନୀତିଗୁଡିକ ମଧ୍ୟରେ ସର୍ବାଧିକ। ଭାରତ ଅଟୋ ଉପରେ ହାରାହାରି ୬୦%, ମୋଟର ସାଇକେଲ ଉପରେ ୫୦% ଏବଂ ଆଲ୍‌କହଲ ବେଭ୍‌ରେଜ ଉପରେ ୧୫୦% ଟାରିଫ ଲଗାଉଥିବା ରସ୍ କହିଛନ୍ତି। ସେହିଭଳି କୃଷି ଜାତୀୟ ସାମଗ୍ରୀ କ୍ଷେତ୍ରରେ ଟାରିଫ୍ ୧୧୩.୫% ରୁ ୩୦୦% ରହିଛି। ମାତ୍ର ଭାରତୀୟ ବିଶେଷଜ୍ଞମାନେ ଏହାର ଉତ୍ତରରେ କହିଛନ୍ତି ଯେ, ଭାରତ 'ଟାରିଫ କିଙ୍ଗ' ନୁହେଁ। ଘରୋଇ ବଜାରରେ ନିର୍ଦ୍ଦିଷ୍ଟ କ୍ଷେତ୍ରର ସ୍ୱାର୍ଥ ରକ୍ଷା କରିବା ଦିଗରେ ଭାରତ ଏଭଳି ପଦକ୍ଷେପ ଗ୍ରହଣ କରୁଥିବା ବିଶେଷଜ୍ଞ ମତ ରଖିଛନ୍ତି।

ଆମେରିକୀୟ କମ୍ପାନୀଗୁଡିକ ଭାରତରେ କିଭଳି ଭଲ ଭାବେ ବାଣିଜ୍ୟ କରିପାରିବେ ସେ ଦିଗରେ ନିରନ୍ତର ପ୍ରଚେଷ୍ଟା ଜାରି ରହିଛି ବୋଲି ଏଠାରେ ଅନୁଷ୍ଠିତ ଇଣ୍ଡୋ–ୟୁଏସ୍ ଫୋରମରେ ରସ୍ ମତ ରଖିଛନ୍ତି। ଏହାବାଦ ମେଡିକାଲ ଡିଭାଇସ, ଇଲେକଟ୍ରୋନିକ୍ସ, ଟେଲିକମ୍ ପ୍ରଡକ୍ଟକ୍ଷେତ୍ରରେ ଆମେରିକା କମ୍ପାନୀଗୁଡିକର ସାମ୍ନା କରୁଥିବା ବିଭିନ୍ନ ପ୍ରତିବନ୍ଧକ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସୂଚନା ଯୋଗ୍ୟ ଭାରତରେ ବାଣିଜ୍ୟ ସୁବିଧା ଅନ୍ୱେଷଣ ଲାଗି ଆମେରିକାର ୧୦୦ ଜଣିଆ ବାଣିଜ୍ୟ ପ୍ରତିନିଧି ମଣ୍ଡଳୀ ଏବେ ଦେଶର ପ୍ରମୁଖ ବାଣିଜ୍ୟ ପେଣ୍ଠସ୍ଥଳୀଗୁଡିକର ଗସ୍ତ କରୁଛନ୍ତି।

# ଅକ୍ଷୟ ତୃତୀୟା ସୁନା ବିକ୍ରି ଉପରେ ଫନୀ ମାଡ଼



■ଶୋ'ରୁମରେ ଗହଳି ନାହିଁ

■ଅଫର ସତ୍ତ୍ୱେ ବିକ୍ରି ପ୍ରଭାବିତ

ଭୁବନେଶ୍ୱର,୭–୫

ଅକ୍ଷୟ ତୃତୀୟାରେ ସୁନା କିଣିଲେ ଶୁଭ ବୋଲି ସାଧାରଣରେ ବିଶ୍ୱାସ ରହିଛି। ପ୍ରତିବର୍ଷ ଏହି ସମୟରେ ରାଜ୍ୟରେ ଜୁଏଲେରୀ ଶୋ'ରୁମଗୁଡିକ ଆକର୍ଷଣୀୟ ଅଫର ଦ୍ୱାରା ଗ୍ରାହକଙ୍କୁ ଆକୃଷ୍ଟ କରିଥାନ୍ତି। ଚଳିତ ବର୍ଷ ଶୋ'ରୁମଗୁଡିକ ପକ୍ଷରୁ ଗଢା ମୂଲ୍ୟ ସମେତ ହୀରା ଗହଣା ଉପରେ ବିଭିନ୍ନ ଅଫର ସୁବିଧା ରହିଥିଲେ ମଧ୍ୟ ଅକ୍ଷୟ ତୃତୀୟା ସୁନା ବିକ୍ରି ପ୍ରଭାବିତ ହୋଇଛି। ସାମୁଦ୍ରିକ ଝଡ ଫନୀ ଅକ୍ଷୟ ତୃତୀୟା ସୁନା ବଜାର ଉପରେ ମାଡ କରିଥିବା ଜଣାପଡିଛି। ଚଳିତ ବର୍ଷ ବିକ୍ରି ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି କରିବ ବୋଲି ରାଜ୍ୟର ଜୁଏଲର୍ସମାନେ ଆଶା କରୁଥିଲେ ମାତ୍ର ଫନୀ ଯୋଗୁ ଏହା ଗଭୀର ଭାବେ ପ୍ରଭାବିତ ହୋଇଛି। ଶୋ'ରୁମଗୁଡିକରେ ଏତେଟା ଭିଡ ପରିଲକ୍ଷିତ ହୋଇ ନ ଥିବା ଶିଳ୍ପ ସୂତ୍ରରୁ ଜଣାପଡିଛି। ଏହି ଅସୁବିଧାକୁ ଆଉ କେତେକ କାରଣ ବଢାଇ ଦେଇଛି। ରାଜଧାନୀ ଭୁବନେଶ୍ୱର ସମେତ କଟକରେ ଏବେ ବିଦ୍ୟୁତ ସେବା ସ୍ୱାଭାବିକ ହୋଇ ନ ଥିବା ବେଳେ ବ୍ୟାଙ୍କ ସେବା ମଧ୍ୟ ପ୍ରଭାବିତ ସ୍ଥିତିରେ ରହିଛି। ବିଦ୍ୟୁତ ସେବା ସ୍ୱାଭାବିକ ନ ହେବା ଯୋଗୁ ଫନୀ ପରେ ପରେ ଅଧିକାଂଶ ଶୋ'ରୁମ ଖୋଲିବାକୁ ସମୟ ଲାଗିଥିଲା। ଅପରପକ୍ଷରେ ବିଦ୍ୟୁତ,ପାନୀୟ ଜଳ ସମେତ ଅନ୍ୟାନ୍ୟ ସମସ୍ୟା ଲୋକମାନେ ସାମ୍ନା କରୁଥିବାରୁ ସୁନା କ୍ରୟ ନେଇ ଏତେଟା ଆଗ୍ରହ ଦେଖାଇ ନ ଥିବା ଦେଖିବାକୁ ମିଳିଛି।

ପିଓଏସ୍ ମେଶିନରେ କାର୍ଡ ସ୍ୱାଇପ ହେଉ ନ ଥିବା ବେଳେ ଟ୍ୱିନ ସିଟିରେ ମାତ୍ର କିଛି ହାତ ଗଣତି ଏଟିଏମ୍ ଚାଲୁଛି। ଏଟିଏମ୍‌ଗୁଡିକରେ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ଲୋକମାନେ ଖରାରେ ଛିଡାହୋଇ ପଇସା ଉଠାଇବା ଲାଗି ଅପେକ୍ଷା କରି ରହୁଛନ୍ତି। ଏଭଳି ସ୍ଥିତିରେ ଗୁଗଲ ପେ ଭଳି ଅନଲାଇନ ଆପ୍‌ଗୁଡିକରେ ମଧ୍ୟ ଅସୁବିଧା ଯୋଗୁ ଗ୍ରାହକମାନେ ଅନଲାଇନ ପେମେଣ୍ଟ ନେଇ ଅସୁବିଧା ସାମ୍ନା କରୁଛନ୍ତି। ନଗଦ ସମସ୍ୟା ମଧ୍ୟ ଦେଖାଯାଉଛି।

ଗତ ତିନିବର୍ଷ ଧରି ଘରୋଇ ବଜାରରେ ଅକ୍ଷୟ ତୃତୀୟା ସମୟରେ ସୁନା ବିକ୍ରି ମନ୍ଥର ରହିବା ପରେ ଚଳିତ ବର୍ଷ ଉନ୍ନତି ଆସିଥିବା ଜାତୀୟ ବ୍ୟବସାୟୀ ସଂଘ ପକ୍ଷରୁ ସୂଚନା ରହିଛି। ମାତ୍ର ଏହି ଦିନ ପ୍ରତିବର୍ଷ ରାଜ୍ୟର ପ୍ରମୁଖ ଦୁଇ ସହରରେ ବ୍ୟବସାୟ ଉନ୍ନତ ହେଉଥିଲେ ମଧ୍ୟ ଚଳିତ ବର୍ଷ ଏଥିରେ ଫନୀ ବାଧା ସୃଷ୍ଟି କରିଛି। ଶୋ'ରୁମଗୁଡିକର ଅଫର ଅକ୍ଷୟ ତୃତୀୟା ଯାଏ ରହିଥିବା ବେଳେ ଗ୍ରାହକମାନେ ଏହାର ଲାଭ ନେବାରେ ଅସୁବିଧା ସାମ୍ନା କରିଥିବା ଶିଳ୍ପ ପକ୍ଷରୁ ସୂଚନା ରହିଛି। ଶୋ'ରୁମରେ ଅନ୍ୟ ଦିନ ଭଳି ମଙ୍ଗଳବାର ବିକ୍ରି ସାଧାରଣ ରହିଥିଲା ବୋଲି ସହରର ପ୍ରମୁଖ ଗହଣା ଶୋ'ରୁମ ଅରୁନ୍ଧତୀ ଜୁଏଲର୍ସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ବାତ୍ୟା ପ୍ରଭାବିତଙ୍କ ଲାଗି ଅଣ୍ଟା ଭିଡ଼ିଲେ କର୍ପୋରେଟ

ଭୁବନେଶ୍ୱର,୭–୫

ସାମୁଦ୍ରିକ ଝଡ ଫନୀ ପ୍ରଭାବରେ ରାଜ୍ୟରେ ଅନେକ ଲୋକ ପ୍ରଭାବିତ ହୋଇଥିବା ବେଳେ ବହୁ କୋଟିର ସମ୍ପତ୍ତି ନଷ୍ଟ ହୋଇଛି। ବିଦ୍ୟୁତ, ରାଜପଥ, ଟେଲିକମ୍, ପୋଷ୍ଟାଲ ସମେତ ଅନ୍ୟାନ୍ୟ କ୍ଷେତ୍ରର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ଫନୀ ପ୍ରଭାବିତ ଲୋକଙ୍କ ସହାୟତା ଲାଗି ବିଭିନ୍ନ ବ୍ୟକ୍ତି ବିଶେଷ ତଥା ଅନୁଷ୍ଠାନ ଏବଂ କର୍ପୋରେଟ ସଂସ୍ଥାଗୁଡିକ ଆଗେଇ ଆସିଛନ୍ତି।

## ଆଦାନୀ ଗ୍ରୁପର ୨୫ କୋଟି

ଆଦାନୀ ଗ୍ରୁପ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୫ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି। ବାତ୍ୟା ପ୍ରଭାବିତଙ୍କ ପୁନର୍ବାସ ଏବଂ ଥଇଥାନ ଦିଗରେ ସରକାରଙ୍କ ସହ ମିଳିତ ହୋଇ ଏଭଳି ଏକ କାର୍ଯ୍ୟପନ୍ଥା ଗ୍ରହଣ କରିଥିବା ଆଦାନୀ ଗ୍ରୁପ ପକ୍ଷରୁ ସୂଚନା ରହିଛି। ଫନୀର ପ୍ରଭାବକୁ ନେଇ ଅତ୍ୟନ୍ତ ଦୁଃଖିତ ବୋଲି ଆଦାନୀ ପୋର୍ଟ ଏବଂ ଏସ୍‌ଇଜେଡର ସିଇଓ କରନ୍ ଆଦାନୀ କହିଛନ୍ତି। ଏଭଳି ସମୟରେ ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଲାଗି ପଦକ୍ଷେପ ହାତକୁ ନେଇଛୁ ବୋଲି ସେ ସୂଚନା ଦେଇଛନ୍ତି।

## ଆଇସିଆଇସିଆଇ ବ୍ୟାଙ୍କ ଦେଲା ୧୦ କୋଟି




ବାତ୍ୟା ପ୍ରଭାବିତ ଲୋକଙ୍କ ସହାୟତା ଲାଗି ପ୍ରମୁଖ ଘରୋଇ କ୍ଷେତ୍ର ବ୍ୟାଙ୍କ ଆଇସିଆଇସିଆଇ ବ୍ୟାଙ୍କ ୧୦ କୋଟି ଟଙ୍କାର ଅର୍ଥ ରାଶି ପ୍ରଦାନ ନେଇ ଘୋଷଣା କରିଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଏହି ରାଶିର ଅଧିକାଂଶ ଅର୍ଥ ଯିବ। ସେହିଭଳି ଏହାର କିଛି ଅଂଶ ଜିଲା ସ୍ତରରେ ରିଲିଫ କାର୍ଯ୍ୟ ଲାଗି ବ୍ୟବହାର ହେବ। ପ୍ରଭାବିତ ଲୋକଙ୍କ ମେ ମାସର ରିଟେଲ ଏବଂ ପର୍ସନାଲ ଲୋନ କ୍ଷେତ୍ରରେ ବିଳମ୍ବରେ ଇଏମ୍‌ଆଇ ପ୍ରଦାନ ଉପରେ ଜରିମାନା ଛାଡ କରିଛି। ସେହିଭଳି କ୍ରେଡିଟ କାର୍ଡର ଦେୟ ବିଳମ୍ବରେ ପ୍ରଦାନ ଏବଂ ଚେକ୍ ବାଉନ୍ସ ଚାର୍ଜ ଜରିମାନା ହ୍ରାସ କରାଯାଇଛି। ଏଭଳି ପଦକ୍ଷେପ ଦ୍ୱାରା ବାତ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ଦିଗରେ କାର୍ଯ୍ୟ କରିଛୁ ବୋଲି ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅନୁପ ବାଗଚୀ ସୂଚନା ଦେଇଛନ୍ତି।

# ନରେଶ ଗୋୟଲ, ନିର୍ଦ୍ଦେଶକଙ୍କ ପଳାୟନକୁ ରୋକିବା ଉଦ୍ୟମ

ମୁମ୍ବାଇ,୭–୫

ଜେଟ୍ ଏୟାରୱେଜର ବିଡିଂ ଲାଗି ଆସନ୍ତା ୧୦ ତାରିଖ ଶେଷ ଦିନ ଧାର୍ଯ୍ୟ ହୋଇଥିଲା ବେଳେ ଅଦ୍ୟାବଧି କୌଣସି ବଡ଼ କମ୍ପାନୀ ଏଥିପାଇଁ ଆଗେଇ ଆସିନାହାନ୍ତି। ଇତିମଧ୍ୟରେ ଅଲ୍ ଇଣ୍ଡିଆ ଜେଟ୍ ଏୟାରୱେଜ୍ ଅଫିସର୍ସ ଏବଂ ଷ୍ଟାଫ୍ ଆସୋସିଏଶନ ମୁମ୍ବାଇ ପୋଲିସଙ୍କୁ ଭେଟିଛନ୍ତି। ଜେଟ୍ ମାଲିକ ନରେଶ ଗୋୟଲ, ବୋର୍ଡ ଅଫ୍ ଡାଇରେକ୍ଟର୍ସ ଏବଂ ବରିଷ୍ଠ ମ୍ୟାନେଜମେଣ୍ଟ ଅଧିକାରୀଙ୍କୁ ବିଦେଶ ପଳାୟନକୁ ରୋକିବା ଲାଗି ସେମାନେ ଦାବି କରିଛନ୍ତି। ସେମାନଙ୍କ ପାସପୋର୍ଟ ଜବତ କରିବାକୁ ଅନୁରୋଧ କରାଯାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଆସୋସିଏଶନ ଅଧ୍ୟକ୍ଷ ତଥା ଏନ୍‌ସିପି ବିଧାୟକ କିରଣ ପାୱସ୍କର ନିକଟରେ ମୁମ୍ବାଇ ପୋଲିସ କମିଶନର ସଞ୍ଜୟ ବାର୍ଵେଙ୍କୁ ଭେଟିଥିଲେ।

omfed www.omfed.com
ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିଃ
ଡି-୨, ଶହୀଦ ନଗର, ଭୁବନେଶ୍ୱର - ୭୫୧ ୦୦୭

ଦୁଗ୍ଧଖାଉଟି ମାନଙ୍କପାଇଁ ଓମ୍‌ଫେଡ୍ ତରଫରୁ ସୂଚନା

ପ୍ରଳୟଙ୍କରୀ ଫଂନି ମହାବାତ୍ୟା ସମୟରେ ଯେତେବେଳେ ଜୀବନଯାତ୍ରା ଅସ୍ତବ୍ୟସ୍ତ ହୋଇଯାଇଥିଲା ସେତେବେଳେ ଓମ୍‌ଫେଡ୍ ଗ୍ରାହକ ମାନଙ୍କପାଇଁ ସଂପୂର୍ଣ୍ଣଭାବେ ସମର୍ପିତ ହୋଇ କାର୍ଯ୍ୟ କରୁଥିଲା ଓ ଏବେ ମଧ୍ୟ କରୁଅଛି।

- ମହାବାତ୍ୟା ଦିନଠାରୁ ଆଜିପର୍ଯ୍ୟନ୍ତ ଓମ୍‌ଫେଡ୍ ଗ୍ରାହକମାନଙ୍କ ସୁବିଧାପାଇଁ ପ୍ରତିଦିନ ଦୁଗ୍ଧ ଯୋଗାଣ ଜାରିରଖିଛି।
- ଭୁବନେଶ୍ୱର ସହରରେ ୬୩୫ ଟି ରିଟେଲ୍ ପଏଣ୍ଟ ମାଧ୍ୟମରେ ବର୍ତ୍ତମାନ ଦୁଗ୍ଧ ଉପଲବ୍ଧ ହେଉଅଛି।
- ଓମ୍‌ଫେଡ୍ ନିୟମିତ ଦୁଗ୍ଧଯୋଗାଣ ପାଇଁ ସକାଳ ସମୟରେ ୨୫ ଟି ଓ ସଂଧ୍ୟା ସମୟରେ ୧୩ ଟି ଦୁଗ୍ଧ ଗାଡି ନିୟୋଜିତ କରିଥାଏ। କିନ୍ତୁ ଫନି ମହାବାତ୍ୟା ଯୋଗୁଁ ଓମ୍‌ଫେଡ୍ ଭୁବନେଶ୍ୱରର ବିଭିନ୍ନ ଆପାର୍ଟମେଣ୍ଟ, କଲୋନୀ, ୟୁନିଟ୍ ଅଂଚଳର ଗ୍ରାହକମାନଙ୍କ ସୁବିଧାପାଇଁ ସକାଳ ଓଳି ୮ ଟି ଓ ସନ୍ଧ୍ୟା ଓଳି ୮ଟି ଅଧିକ ଦୁଗ୍ଧଗାଡି ନିୟୋଜିତ କରିଅଛି।
- ଏଥି ସହିତ ୬ଟି ଇ-କାର୍ଟ ମଧ୍ୟ ଭୁବନେଶ୍ୱର ସହରସାରା ବୁଲି ଦୁଗ୍ଧ ଯୋଗାଣ କରୁଅଛି।
- ଏହାଛଡା ଓମ୍‌ଫେଡ୍ ମଧ୍ୟ ଗ୍ରାହକମାନଙ୍କ ସୁବିଧାପାଇଁ ଆଜିଠାରୁ ସକାଳ ଓଳି ୧୫ଟି ଓ ସଂଧ୍ୟା ଓଳି ୧୫ ଟି ଆହୁରି ଅଧିକ ଦୁଗ୍ଧଗାଡି ନିୟୋଜିତ କରୁଅଛି, ଯେପରି ଗ୍ରାହକମାନଙ୍କର କୌଣସି ଅସୁବିଧା ନହୁଏ।
- ଭୁବନେଶ୍ୱର ବ୍ୟତିତ ଓମ୍‌ଫେଡ୍ କଟକ, ଜଟଣୀ, ଖୋର୍ଦ୍ଧା ଓ ଏହାର ଆଖପାଖ ଅଂଚଳରେ ଦୁଗ୍ଧଯୋଗାଣ ଖାଉଟିଙ୍କ ଚାହିଦା ମୂତାବକ ଅବ୍ୟାହତ ରଖିଅଛି।
- ୬ ତାରିଖ ସଂଧ୍ୟା ସମୟରୁ ପୁରୀ ସହରର ଖାଉଟିମାନଙ୍କ ପାଇଁ ପ୍ରତ୍ୟେହ ସକାଳ ଓ ସନ୍ଧ୍ୟାରେ ସ୍ୱତନ୍ତ୍ର ଭାବରେ ଦୁଗ୍ଧଯୋଗାଣ ନିମିତ୍ତ ଅଧିକ ୧୧ଟି ଦୁଗ୍ଧ ଗାଡି ନିୟୋଜିତ କରାଯାଇଅଛି।
- ଦୁଗ୍ଧର ଦାମ୍ ପ୍ରତି ଅଧଲିଟର ପିଛା ପ୍ରିମିୟମ୍ ଟ. ୨୦/-, ଗୋଲ୍‌ଡ ଟ. ୨୦/- ଓ ଟୋନ୍‌ଡ ଟ. ୧୭/- ରେ ବର୍ତ୍ତମାନ ସୁଦ୍ଧା ବଳବତ୍ତର ଅଛି। ଯଦି କେହି ଉକ୍ତ ଦାମ୍‌ଠାରୁ ଅଧିକ ମୂଲ୍ୟ ଦାବି କରୁଛନ୍ତି ଗ୍ରାହକମାନଙ୍କୁ ଅନୁରୋଧ ସେମାନେ ଅଧିକ ଦାମ୍ ନ ଦେଇ ୦୬୭୪-୨୭୪୨୧୬୮ ଉକ୍ତ ନମ୍ବରରେ ଯୋଗାଯୋଗ କରନ୍ତୁ ଯଦ୍ୱାରା ଓମ୍‌ଫେଡ୍ ଏହି ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ।
- ଇତିମଧ୍ୟରେ ଓମ୍‌ଫେଡ୍ ତରଫରୁ ୨୦ଟି ସ୍ୱତନ୍ତ୍ର ଦଳ ଅଫିସରଙ୍କ ତତ୍ତ୍ୱାବଧାନରେ ଗଠିତ ହୋଇଅଛି, ଯେଉଁମାନେ ସହରସାରା ବିଭିନ୍ନ ଅଂଚଳ ତଦାରଖ କରି ଦୁଗ୍ଧର ସହଜ ଲଭ୍ୟତା ଓ କଳାବଜାର ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଉଅଛନ୍ତି।
- ଖାଉଟୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଭୁବନେଶ୍ୱର ଡାଏରୀରେ ୨୪ ଘଣ୍ଟାଧରି ଦୁଗ୍ଧ ପ୍ରକ୍ରିୟାକରଣ ଚାଲୁରହିଛି। ପର୍ଯ୍ୟାପ୍ତ ପରିମାଣରେ ଦୁଗ୍ଧ ଓମ୍‌ଫେଡ୍ ପାଖରେ ମହଜୁଦ୍ ଅଛି ତେଣୁ ଖାଉଟୀମାନେ ଏ ବିଷୟରେ ଚିନ୍ତିତ ହେବାର ଆବଶ୍ୟକତା ନାହିଁ।
- ଖାଉଟୀମାନଙ୍କର ବିଶେଷ ସୁବିଧାପାଇଁ ଭୁବନେଶ୍ୱରର ଖଣ୍ଡଗିରି ଛକ (Cosmopalli ), ବାରଙ୍ଗ ରେଲ୍‌ୱେ ଷ୍ଟେସନ, ପାତ୍ରପଡା(Near Regalia Mall) କଟକର ହସ୍ପିଟାଲ୍ ଛକ, ସେକ୍ଟର ୭ ସିଡିଏ, ବକ୍ସିବଜାର ଛକ, ଓଏମ୍‌ପି ଛକ(OSAP Battelian) ନିକଟ, ବାଦାମ୍ ବାଡି ଛକ, ମହାନଦୀ ବିହାର(The World Mall) ନିକଟ, ଚଣ୍ଡି ଛକ, ଗାନ୍ଧିଛକ ଚୌଦ୍ୱାର ପୁରୀର ଜିଲ୍ଲା ସ୍କୁଲ୍ ସ୍କୋୟାର୍ ଭିଆଇପି ରୋଡ୍, ଗୁଣ୍ଡିଚା ମନ୍ଦିର, ରାଜ ନଅର, ମୋଚିସାହି ଛକ ସ୍ଥାନରେ ସ୍ୱତନ୍ତ୍ର ଭାବରେ ଦୁଗ୍ଧ ଯୋଗାଣ କରାଯାଉଅଛି। ଏହାଛଡା ଭୁବନେଶ୍ୱର ସହରକୁ ୮ଟି ଯୋନ୍‌ରେ ବିଭକ୍ତ କରାଯାଇ ସ୍ୱତନ୍ତ୍ର ଭାବରେ ଦୁଗ୍ଧଗାଡି ନିଯୁକ୍ତ କରାଯାଇଅଛି। ଖାଉଟୀମାନେ ଏହାର ସୁଯୋଗ ନେବାକୁ ଅନୁରୋଧ।
- ଏହି ଘଡିସନ୍ଧି ମୁହୂର୍ତ୍ତରେ ଗ୍ରାହକମାନଙ୍କର ସହଯୋଗ ଓମ୍‌ଫେଡ୍ ପାଇଁ ନିତାନ୍ତ ଆବଶ୍ୟକ।

ସ୍ୱା/-
ପରିଚାଳନା ନିର୍ଦ୍ଦେଶକ

MCL
ମହାନଦୀ କୋଲଫିଲଡସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା–୭୬୮୦୨୦, ଜିଲ୍ଲା:– ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିକ୍ସ)– ୦୬୬୩–୨୫୪୨୪୬୧ରୁ ୪୬୯, ୱେବ୍‌ସାଇଟ୍: www.mahanadicoal.in

ଇ-ଟେଣ୍ଡର ନୋଟିସ୍

ମହାନଦୀ କୋଲଫିଲଡସ ଲିମିଟେଡ୍‌ର ନିମ୍ନଲିଖିତ ଇ-ଟେଣ୍ଡରଗୁଡିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଇ-ଟେଣ୍ଡର ପୋର୍ଟାଲ (https://coalindiatender.nic.in) ରେ ପ୍ରଦର୍ଶିତ କରାଯାଉଛି ଏବଂ ଏହା ମଧ୍ୟ ସେଣ୍ଟ୍ରାଲ ପବ୍ଲିକ୍ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in)ରେ ଦିଆଯାଉଛି। ଅଧିକ ବିବରଣୀ ପାଇଁ ଦୟାକରି ଏହି ୱେବ୍‌ସାଇଟ୍‌କୁ ପରିଦର୍ଶନ କରନ୍ତୁ।

| କ୍ର. ନଂ | ଟେଣ୍ଡର ଆଇଡି | ଟେଣ୍ଡର ଶୀର୍ଷକ | ଟେଣ୍ଡର ମୂଲ୍ୟ (₹)ରେ |
|---|---|---|---|
| 1. | 2019_MCL_137164_1 | Supply of Hume Pipes | 1318565.00 |
| 2. | 2019_MCL_137091_1 | Hiring of one no. of Bolero/Sumo or equivalent covered vehicle (6 plus 1 seater) with AC fitted (Diesel) for 24 hrs duty for a period of two years for Balram OCP, Hingula Area. | 1875136.00 |
| 3. | 2019_MCL_137133_1 | Complete Electrical rewiring of M, A, 1C,S,1B,B,2A, C type quarters of Talcher Colliery. | 644013.00 |
| 4. | 2019_MCL_137264_1 | Procurement of NDA spares for O/H of 02 Nos. BEML Make BH-100 Transmission. | 224486.00 |
| 5. | 2019_MCL_137093_1 | Annual cleaning of workshop shed, open space floor and supply of sand in P.O.L. issue room of Excavation workshop of LKP OCP under Lakhanpur Area (for 730 days). | 708131.00 |
| 6. | 2019_MCL_137170_1 | Deepening of pond and construction of bathing ghats, toe wall with stone pitching at village Talibahal at Belpahar OCM of Lakhanpur Area. | 2156897.00 |
| 7. | 2019_MCL_137180_1 | Miscellaneous civil works required for installation of new 100 Te static road weigh bridge near coal stock at BOCM of Lakhanpur Area.(1st Retender). | 2275947.00 |
| 8. | 2019_MCL_136908_1 | Procurement of Submersible Pumps of various capacities. | 8762363.00 |
| 9. | 2019_MCL_137095_1 | Supply of Spares for Beconweir make pump SDD250/350. | 3594266.00 |
| 10. | 2019_MCL_137210_1 | Hiring of one no. Pick-up Van having seating capacity 4 plus 1 on 24 hrs duty basis with deployment of three nos. of drivers, max run 4000 km/month for 02 years (682 working days) for Lakhanpur OCP, Lakhanpur Area, MCL. | 1694088.00 |
| 11. | 2019_MCL_137248_1 | Hiring of one no. AC running Diesel driven car(Swift Dzire or equivalent) having seating capacity 4 plus 1 on 12 hours duty basis with deployment of one no. of driver, max run 2500 km/month, for 02 years (682 days) for Finance Dept, Lakhanpur Area. | 824538.00 |
| 12. | 2019_MCL_137281_1 | Hiring of one no. AC running covered jeep(Bolero or equivalent) having seating capacity 6 plus 1 on 16 hours duty basis with deployment of two nos. of drivers, max run 3000 km/month, for 02 years (682 days) for GM Secretariat, Lakhanpur Area, MCL. | 1316260.00 |
| 13. | 2019_MCL_137292_1 | Construction of ANM health check up centre at Sumura village under CSR scheme of Basundhara Area. | 879679.00 |
| 14. | 2019_MCL_137255_1 | Repairing / overhauling of both front engine with F.I. pump and rear engine (Sweeping Machine) with F.I. pump of Road Sweeper Van (Regd. No. OR19N 5552) of LOCP, Lingaraj Area. | 259731.00 |
| 15. | 2019_MCL_137256_1 | Repairing of ceiling fan, exhaust fan of Lingaraj Township including MT Hostel, Deulbera Colony, Dera DLB Colony, non residential buildings and GM Office of Lingaraj Area. | 256300.00 |
| 16. | 2019_MCL_137315_1 | Re-arrangement of L.T. Overhead line and other related works of lighting south side and inside mine at LOCP of Lingaraj Area for a period of one year. | 3415401.00 |
| 17. | 2019_MCL_137314_1 | Procurement of Diesel flow meter and Heavy duty diesel nozzle for diesel bowser. | 228472.00 |
| 18. | 2019_MCL_137270_1 | Supply of Dress materials for Lakhanpur Area. | 967063.00 |
| 19. | 2019_MCL_137222_1 | Repairing of the dustbins present inside of A, B ,C and D type quarters colony associated with NSCH CH Area Talcher. | 705739.00 |
| 20. | 2019_MCL_137285_1 | Repair of colony drains in patch wise of A,B AND C type quarters of NSCH Colony CH Area Talcher. | 698908.00 |
| 21. | 2019_MCL_137375_1 | Annual cleaning and up-keeping of Regional Workshop complex of Orient Area. | 234696.00 |
| 22. | 2019_MCL_137382_1 | Providing an arrangement of cross drainage structure near Balunga Khamar Smashan ghat at Lingaraj OCP, Lingaraj Area. | 1590326.00 |
| 23. | 2019_MCL_137383_1 | Regular cleaning of public road and CT road junctions at various sites of Lingaraj OCP, Lingaraj Area.Re-tender1 | 4310221.00 |
| 24. | 2019_MCL_137366_1 | Hiring of a Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 24 hours duty for use at Bhubaneswari OCP, Jagannath Area for 682 days in 02(two) years. | 1876182.00 |
| 25. | 2019_MCL_137462_1 | Hiring of One (1) Jeep(6 plus 1 seater or more) (Bolero/ Sumo or its equivalent) fitted with AC for 12 hrs per day duty for Siarmal for two years at Basundhara Area (682 days).(2800km run per month). | 720881.00 |
| 26. | 2019_MCL_137452_1 | Procurement of Spares for Kirloskar make DSM 5B pump for Nandira Colliery MCL Talcher Area. | 442707.00 |
| 27. | 2019_MCL_137331_1 | Cleaning,Sweeping of Dispensary and Civil Maintenance Office at N.S. Nagar of Bharatpur Project for two years. | 322104.00 |
| 28. | 2019_MCL_137412_1 | Repairing of damaged houses of Kalamchhuin village (Puruna Sahi) due to blasting operation of Balram OCP under Hingula Area. (2nd Re-Tender). | 1837355.00 |
| 29. | 2019_MCL_137447_1 | Washing, painting and other miscellaneous repair work of Qr. No. C/06 and C/24 on the basis of change of occupancy at Balram Township of BOCP under Hingula Area. | 300529.00 |
| 30. | 2019_MCL_137543_1 | Supply of Hoses for IDM 70 Drill. | 782929.00 |
| 31. | 2019_MCL_137471_1 | Procurement of Pathological Reagents for Hematology Analyzer. | 944163.00 |
| 32. | 2019_MCL_137384_1 | Providing chain link fencing at open space of play ground near DAV School under BIT of Lakhanpur Area. | 461089.00 |
| 33. | 2019_MCL_137401_1 | Annual maintenance of lawns, garden of Triveni, Shanti Vihar and JET Hostel of Lakhanpur Area for 02 years. | 709061.00 |
| 34. | 2019_MCL_137453_1 | Annual cleaning and up-keeping of Magazine office and its premises at Belpahar OCM of Lakhanpur Area (For a period of 02 years). | 688379.00 |
| 35. | 2019_MCL_137568_1 | Day to day operation of quarry pump throughout the shift for a period of 01 year (365 Days) at Lajkura OCP, IB Valley Area. | 1627810.00 |
| 36. | 2019_MCL_137558_1 | Supply of Spares for Kriloskar make pump. | 1232902.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ହେଲ୍ପ ଡେସ୍କ (ଫୋନ୍-୦୬୬୩-୨୫୪୨୬୮୫/୨୫୪୨୨୬୪), ଇ-ମେଲ : hlp-eproc.mcl@coalindia.in R-4907

ଆମର ଆପ ପ୍ରାପ୍ତ କରିବା ପାଇଁ ଟୋଲ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ମିସ୍‌ଡ କଲ୍ କରନ୍ତୁ ।

# ଚଢ଼ା ଦରରେ ବିକ୍ରି ହେଉଛି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ

## ସ୍ୱାଭାବିକ ହୋଇପାରୁନି ଏକ ନମ୍ବର ମାର୍କେଟ

ସ୍ଥିତପ୍ରଜ୍ଞ ମିଶ୍ର
ଭୁବନେଶ୍ୱର,୭।୫(ବ୍ୟୁରୋ)

ବାତ୍ୟା 'ଫନୀ' ପ୍ରଭାବରେ ରାଜଧାନୀ ଭୁବନେଶ୍ୱରରେ ଅନେକ କ୍ଷୟକ୍ଷତି ହୋଇଥିବା ବେଳେ ୪ ଦିନ ପରେ ଏବେ ସ୍ଥିତି ସାମାନ୍ୟ ସ୍ୱାଭାବିକ ହେବାରେ ଲାଗିଛି। ବିଭିନ୍ନ ହାଟ, ବଜାର, ମଲ୍ ଓ ବ୍ୟବସାୟିକ ପ୍ରତିଷ୍ଠାନ ଧୀରେ ଧୀରେ ଖୋଲୁଛି। କିନ୍ତୁ ସହରର ସବୁଠୁ ବଡ଼ ମାର୍କେଟ କୁହାଯାଉଥିବା ଏକ ନମ୍ବର ମାର୍କେଟ ଏବେ ସୁଦ୍ଧା ଖୋଲିପାରିନାହିଁ। କାହା ଦୋକାନର ଛପର ଉଡ଼ିଯାଇଛି ତ କାହା ଦୋକାନରେ ବର୍ଷାପାଣି ପଶି ସବୁକିଛି ନଷ୍ଟ କରିଦେଇଛି। ଫଳରେ ଲୋକଙ୍କୁ ନିଜ ନିଜ ଅଞ୍ଚଳରେ ଥିବା ଛୋଟ ବ୍ୟବସାୟୀଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ଏହି ବ୍ୟବସାୟୀମାନେ ଉପଲବ୍ଧ ସାମଗ୍ରୀକୁ କଳାବଜାର କରୁଥିବା ଅଭିଯୋଗ ହେଉଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକ ମଧ୍ୟରେ କ୍ଷୀର, ଆଳୁ, ପିଆଜ, ପନିପରିବା ଆଦି ଚଢ଼ା ଦରରେ ବିକ୍ରି କରାଯାଉଛି। ସାଧାରଣତଃ ଓମ୍‌ଫେଡ୍ କ୍ଷୀର ୨୦ଟଙ୍କା ପଡୁଥିବା ବେଳେ ଦୋକାନୀମାନେ ପ୍ୟାକେଟ୍ ପିଛା ୨୫ଟଙ୍କା ନେଉଛନ୍ତି। ସେହିପରି ଆଳୁ ଓ ପିଆଜ କେଜି ପିଛା କେଉଁଠି ୫ଟଙ୍କା ଅଧିକ ରହୁଛି ତ କେଉଁଠି ୧୦ଟଙ୍କା ଅଧିକରେ ବିକ୍ରି ହେଉଛି। ଆମିଷ ଦୋକାନରେ ମଧ୍ୟ ସମାନ ସ୍ଥିତି। ୪ନମ୍ବର ମାଛ ମାର୍କେଟଠାରୁ ଆରମ୍ଭ କରି ରାଜମହଲ ଚିକେନ୍ କାଉଣ୍ଟର ଯାଏ, ସବୁଠି ଚିକେନ୍ କେଜି ପିଛା ୨୨୦ରୁ ୨୩୦ଟଙ୍କା ଥିବାବେଳେ ମଟନ୍ ମୂଲ୍ୟ ଏବେ ବୃଦ୍ଧି ପାଇ ୬୫୦ରେ ପହଞ୍ଚିଛି। ସେପଟେ ପିଇବା ପାଣି ମଧ୍ୟ କଳାବଜାର ହେଉଛି। ବୋତଲ ପିଛା ୫ଟଙ୍କା ଅଧିକରେ ବିକ୍ରି ହେଉଛି। ବିଭିନ୍ନ କମ୍ପାନୀର ପିଇବା ପାଣି ବୋତଲ ସାଧାରଣତଃ ୨୦ଟଙ୍କା ଥିବାବେଳେ ବର୍ତ୍ତମାନ ତା'ର ମୂଲ୍ୟ ୨୫ରେ ପହଞ୍ଚିଛି। ପରିବା ମୂଲ୍ୟ ବି ଆକାଶଛୁଆଁ। ଟମାଟୋ ଦର କେଜି ପିଛା ୪୦ଟଙ୍କା ରହିଥିବା ବେଳେ ବାଇଗଣ ୪୫, ପୋଟଳ ୬୦ ଓ ଭେଣ୍ଡି ୪୦ଟଙ୍କା ହୋଇଛି। ପରିବା ଦର ବୃଦ୍ଧି ଯୋଗୁ ସାଧାରଣ ଗ୍ରାହକମାନଙ୍କ ପାଇଁ ନାନା ସମସ୍ୟା ସୃଷ୍ଟି ହେଉଛି ବୋଲି କେତେଜଣ ଗ୍ରାହକ କହିଛନ୍ତି।



### ଜେନେରେଟର ଦୋକାନରେ ଭିଡ଼

ବାତ୍ୟା ପରେ ଯେଉଁ ଦୋକାନରେ ଭିଡ଼ ଥାଉ କି ନ ଥାଉ ଜେନେରେଟର ମରାମତି ଓ ନୂଆ ବିକ୍ରି ହେଉଥିବା ଦୋକାନରେ ଭିଡ଼ ଲାଗିରହୁଛି। ଅଧିକରୁ ଅଧିକ ଲୋକ ଜେନେରେଟର କିଣିବାକୁ ଆସୁଥିବା ବେଳେ ଆଉ କେତେଜଣ ଘରେ ଥିବା ପୁରୁଣା ଜେନେରେଟର ଧରି ମରାମତି ପାଇଁ ପହଞ୍ଚିଯାଉଛନ୍ତି। କଟକ ରୋଡ୍‌ରେ ଗତ ୪ ଦିନ ହେବ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି, ଯାହାକି ବର୍ତ୍ତମାନ ସମୟରେ ଏକ ସାଧାରଣ କଥା ପାଲଟିଯାଇଛି। ବିଦ୍ୟୁତ୍ ପାଇବା ପାଇଁ ଜେନେରେଟରର ଚାହିଦା ଏତେ ବଢ଼ିଯାଇଛି ଯେ, ପୂର୍ବଦିନରୁ ଲୋକେ ଆଗୁଆ ଦୋକାନୀଙ୍କୁ ଟଙ୍କା ଦେଉଛନ୍ତି ଓ ତା' ପରଦିନ ସେମାନଙ୍କୁ ଜେନେରେଟର ମିଳୁଛି।

କେବଳ ଏତିକି ନୁହେଁ, ବଜାରରେ ଫଳ ଦର ବି ଆକାଶଛୁଆଁ ରହିଛି। ସେଓ ଦର ପାଖାପାଖି ୧୬୦ରୁ ୧୭୦ଟଙ୍କା ଥିବାବେଳେ କମଳା ଦର ୧୦୦ରୁ ଖସୁନି। ଏଭଳି ସ୍ଥିତିରେ ଘର ଚଳାଇବା ମୁସ୍କିଲ ହୋଇପଡୁଛି ବୋଲି ଗ୍ରାହକମାନେ କହିଛନ୍ତି।

### କ୍ୟାଶ୍ ଦିଅ, କାର୍ଡ ନୁହେଁ

'କାର୍ଡ ଚଲୁନି, ମେଶିନ୍ ଖରାପ ଅଛି। କ୍ୟାଶ୍ ଅଛି ଯଦି ଦିଅ, ନ ହେଲେ ନାହିଁ'। ଏଭଳି କିଛି କଥା ଏବେ ଭୁବନେଶ୍ୱରର ଅନେକ ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ଶୁଣିବାକୁ ମିଳୁଛି। କାର୍ଡରେ ତ ପେମେଣ୍ଟ୍ ନେଉଥିଲେ, ଏବେ କାହିଁକି ନେଉନାହାନ୍ତି ବୋଲି ପଚାରିଲେ ଉତ୍ତର ମିଳୁଛି 'ଯଦି ପଇସା ଅଛି ତେଲ ପକେଇ ଯାଅ, ନ ହେଲେ ପଛ ଲୋକଙ୍କୁ ଆସିବାକୁ ଦିଅ'। ବର୍ତ୍ତମାନ ବାତ୍ୟା ପରବର୍ତ୍ତୀ ସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ିଯାଇଥିବାରୁ ଏଭଳି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଲୋକେ। ଏଟିଏମ୍ ଖୋଲୁ ନ ଥିବାବେଳେ ବ୍ୟାଙ୍କ୍‌ରେ ସର୍ଭର ଫେଲ୍। ତେଣୁ ବାତ୍ୟାର ୫ ଦିନ ପରେ ମଧ୍ୟ ପେଟ୍ରୋଲ ପମ୍ପ ଓ ଅନ୍ୟାନ୍ୟ ସ୍ଥାନରେ କାର୍ଡରେ ପେମେଣ୍ଟ୍ କରି ହେଉନାହିଁ। ସେପଟେ କ୍ୟାଶ୍‌ଲେସ୍ ଓ ଡିଜିଟାଲ ଇଣ୍ଡିଆର ବ୍ରାଣ୍ଡ ଆମ୍ବାସାଡର ସାଜି ବଡ଼ ବଡ଼ ବିଜ୍ଞାପନ ଦେଉଥିବା ପେଟ୍ରୋଲ ପମ୍ପଗୁଡ଼ିକ ଏବେ କ'ଣ ତାଙ୍କ ନାରା ଭୁଲିଯାଇଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

### ଅଧିକରେ କିଣୁଛୁ ବୋଲି ଅଧିକରେ ବିକୁଛୁ



ବାତ୍ୟା ପରେ ପରିବା ଆସିବା ଦୁଇଦିନ ବନ୍ଦ ହୋଇଯାଇଥିଲା। ଗତ ୧ତାରିଖ ଦିନ ପରିବା ଆସିଥିଲା, କିନ୍ତୁ ପୂର୍ବାପେକ୍ଷା ତା'ର ମୂଲ୍ୟ ଆମମାନଙ୍କ ଲାଗି ବହୁତ ଅଧିକ ଥିଲା। ଟମାଟୋ ୫୦ କିଲୋ ଆମକୁ ଏବେ ୧୨ଶହ ୫୦ଟଙ୍କା ପଡ଼ିଯାଉଛି। ଅଧିକ ରେଟ୍‌ରେ କିଣୁଛୁ ବୋଲି ଅଧିକରେ ବିକ୍ରି କରୁଛୁ, ନ ହେଲେ ଆମ ପିଲାଛୁଆ କ'ଣ ଖାଇବେ।

- ସୁକାନ୍ତ ମନୋହରୀ, ପରିବା ଦୋକାନୀ

### ଦର ବଢ଼ିନି, ଲୋକଙ୍କ ଆବଶ୍ୟକତା ବଢ଼ିଯାଇଛି



ବାତ୍ୟା ପରେ ଦୁଇଦିନ ଲାଗିଲା ଦୋକାନକୁ ପୁଣି ଛିଡ଼ା କରିବାକୁ। ଯାହା ଯେତିକି ଫଳ ବଞ୍ଚିଥିଲା, ସେଥିରୁ ଅଧିକାଂଶ ପଚିଗଲାଣି। କୋଲକାତା ଓ ମୁମ୍ବାଇରୁ ଫଳ ଆସିଥାଏ, କିନ୍ତୁ ଏବେ ଯାତାୟାତ ସୁବିଧା ନ ଥିବାରୁ ଫଳ ଆସିପାରୁନାହିଁ। ଦୋକାନ ବନ୍ଦ ହେବାକୁ ବସିଲାଣି। ଦର ପୂର୍ବ ଅପେକ୍ଷା ଅଧିକ ବଢ଼ିନି, ବରଂ ଲୋକଙ୍କ ଆବଶ୍ୟକତା ବଢ଼ିଯାଇଛି।

- ବିପିନ କୁମାର ସାହୁ, ଫଳ ଦୋକାନୀ

# ବାତ୍ୟା ବିପନ୍ନଙ୍କୁ ନୌସେନାର ସହାୟତା

ଭୁବନେଶ୍ୱର,୭।୫(ବ୍ୟୁରୋ)

'ଫନୀ'ରେ ପ୍ରଭାବିତ ହୋଇଥିବା ପୁରୀ ଜିଲାର ବିଭିନ୍ନ ଅଞ୍ଚଳରେ ଇଣ୍ଡିଆନ୍ ନ୍ୟାଭି ପକ୍ଷରୁ ରିଲିଫ୍ ସାମଗ୍ରୀ ବଣ୍ଟନ ଜାରିରହିଛି। ୩ ଜାହାଜରେ ଆସିଥିବା ରିଲିଫ୍ ସାମଗ୍ରୀକୁ ଇଣ୍ଟିଗ୍ରେଟେଡ୍ ହେଲିକପ୍ଟର ମାଧ୍ୟମରେ ଆକାଶ ମାର୍ଗରୁ ପକାଯାଇଛି। ବିଶେଷକରି ଯୋଗାଯୋଗ ବିଚ୍ଛିନ୍ନ ଥିବା ତଥା ରାସ୍ତା ଯୋଗେ ଯିବା ସମ୍ଭବ ହେଉ ନ ଥିବା ଅଞ୍ଚଳଗୁଡ଼ିକରେ ଖାଦ୍ୟପୁଡ଼ିଆ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଏୟାରଡ୍ରପ୍ କରାଯାଉଛି। ଏହାସହ ଭାରତୀୟ ଜଳସେନା ପକ୍ଷରୁ ପୁରୀର ପେଣ୍ଠକଟା ନିକଟରେ ଏକ ରିଲିଫ୍ କ୍ୟାମ୍ପ ଓ ମାଗଣା ଖାଦ୍ୟଯୋଗାଣ କେନ୍ଦ୍ର ଖୋଲାଯାଇଛି। ମେ ୫ରୁ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥା ଦ୍ୱାରା ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ବାତ୍ୟା ପ୍ରଭାବିତ ଲୋକ ଉପକୃତ ହେଉଛନ୍ତି।



ସେହିଭଳି ଆଇଏନ୍‌ଏସ୍ ଚିଲିକା ସହାୟତାରେ ଲୋକଙ୍କୁ ୫ ହଜାର ଲିଟରରୁ ଅଧିକ ପାନୀୟ ଜଳ ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯାଇଛି। ସୋମବାର ବିଏମ୍‌ସି ମୁଖ୍ୟାଳୟରେ ଥିବା ମଲ୍ଟି ଏଜେନ୍ସି କଣ୍ଟ୍ରୋଲରୁମ୍‌ଠାରେ ଚିଲିକା ନୌସେନାର କ୍ୟାପେଟନ ସରୋଜ କୁମାର ପ୍ରଧାନ କହିଛନ୍ତି, ପୁରୀର ବିଭିନ୍ନ ସ୍ଥାନରେ ଖାଦ୍ୟ ଓ ପାନୀୟ ଜଳ ବଣ୍ଟାଯାଉଛି। ଭୁବନେଶ୍ୱରରେ ମଧ୍ୟ ପାନୀୟ ଜଳ ବଣ୍ଟନ କରାଯିବ। ଖାଦ୍ୟ ଆବଶ୍ୟକ କରୁଥିବା ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯିବ।

ବାତ୍ୟା ପ୍ରଭାବିତ ଅଞ୍ଚଳରେ ମହାମାରୀକୁ ରୋକିବା ତଥା ଜନସାଧାରଣଙ୍କୁ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ସ୍ୱତନ୍ତ୍ର ନାଭାଲ୍ ମେଡିକାଲ ଟିମ୍ ନିୟୋଜିତ ହୋଇଛନ୍ତି। ଏଥିପାଇଁ ବିଭିନ୍ନ ସ୍ଥାନରେ ୪ ମେଡିକାଲ୍ କ୍ୟାମ୍ପ ମଧ୍ୟ ଖୋଲାଯାଇଛି। ଆଇଏନ୍‌ଏସ୍ ଚିଲିକାର କୁଇକ୍ ଆକ୍ସନ୍ ଟିମ୍ ଗଛକଟା ଓ ରାସ୍ତାସଫା ଭଳି କାର୍ଯ୍ୟରେ ନିୟୋଜିତ ରହିଛି। ନ୍ୟାଭି ପକ୍ଷରୁ ବାତ୍ୟାର ସମ୍ମୁଖୀନ ଲାଗି ପଣ୍ଡିଚେରୀ, ଚେନ୍ନାଇ, ଭୁବନେଶ୍ୱର, ପାରାଦୀପ, ବିଶାଖାପାଟଣା, ହଳଦିଆ ଓ କୋଲକାତାରେ ଜରୁରିକାଳୀନ ବୈଠକ ବସି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଛି। ଇଣ୍ଡିଆନ୍ କୋଷ୍ଟଗାର୍ଡ ୪ ଉପକୂଳ ରାଜ୍ୟ ସହ କଥାବାର୍ତ୍ତା ଜାରି ରଖିଥିବା ବେଳେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରୁଛି।

## ଯେଉଁଠି ନେଟ୍‌ୱର୍କ, ସେଇଠି ଗହଳି



ଭୁବନେଶ୍ୱର ରସୁଲଗଡ଼ ଓଭରବ୍ରିଜ୍‌ରେ ରହି ମୋବାଇଲରେ କଥା ହେଉଥିବା ଲୋକମାନେ। ବାତ୍ୟା ପରେ ଗୁରୁତର ପ୍ରଭାବିତ ହୋଇଛି ମୋବାଇଲ ଫୋନ ନେଟ୍‌ୱର୍କ। ମଙ୍ଗଳବାର ସୁଦ୍ଧା ରାଜଧାନୀର କେତେକ ଅଞ୍ଚଳରେ ହିଁ ଉପଲବ୍ଧ ରହୁଛି ନେଟ୍‌ୱର୍କ।

# ଅନ୍ଧାରେ ଭୟ

ତ୍ରିନାଥ ମହାନ୍ତି
ଭୁବନେଶ୍ୱର,୭।୫

## ଗୋଡ଼ କାଢିଲେ ବିପଦ ମାଡ଼ି ବସୁଛି
## ବିଦ୍ୟୁତ୍ ବିଚ୍ଛିନ୍ନ ସମସ୍ୟା ବଢାଇଛି

ବାତ୍ୟା 'ଫନୀ' ସିନା ଚାଲିଗଲା, ହେଲେ ରାଜଧାନୀବାସୀଙ୍କ ପାଇଁ ଛାଡ଼ିଗଲା ଯନ୍ତ୍ରଣା। ୪ଦିନ ପରେ ବି ବିଦ୍ୟୁତ୍, ପାଣି ଓ ଖାଦ୍ୟ ପାଇଁ ସହରରେ ହାହାକାର ପରିସ୍ଥିତି ଲାଗି ରହିଛି। ସବୁଠୁ ଅଧିକ ଯନ୍ତ୍ରଣା ବଢାଇ ଦେଇଛି ବିଦ୍ୟୁତ୍ ସମସ୍ୟା। ବିଦ୍ୟୁତ୍ ନ ଥିବାରୁ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସହରବାସୀ। ଦିନ ଅବା ରାତିରେ ଘରେ ରହି ହେଉନି କି ଶୋଇ ହେଉନି। ଦିନରେ ଗୁଳିଗୁଳିରେ ଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବାବେଳେ ରାତିରେ ଅନ୍ଧାର ଭୟ ରାଜଧାନୀବାସୀଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି। ଗଛଗୁଡିକ ଭାଙ୍ଗିପଡିଥିବାରୁ ଛାଇ ତଳେ ପବନ ଖାଇବା ସ୍ୱପ୍ନ ପାଲଟିଛି। ରାତିରେ ଘରୁ ଗୋଡ଼ କାଢ଼ିଲେ ମନରେ ବିପଦ ଆଶଙ୍କା ମାଡ଼ି ବସୁଛି। ଅନ୍ୟପକ୍ଷରେ ପିଇବା ଓ ଗାଧୋଇବା ପାଇଁ ରାଜଧାନୀବାସୀ ପାଣି ପାଉନାହାନ୍ତି। ସବୁଠି ପାଣିର ଅଭାବ ଲାଗି ରହିଛି। ଏଯାଏ ସହରର ସବୁସ୍ଥାନକୁ ଟ୍ୟାଙ୍କର ଯୋଗେ ପିଇବା ପାଣି ପହଞ୍ଚିପାରିନି। ଯାହା ବି ମିଳୁଛି ତାହା ମଧ୍ୟ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ଶେଷରେ ଗାଧୋଇବା ପାଇଁ ଲୋକମାନେ ରାଜଧାନୀରେ ଥିବା ପୋଖରୀ, ନଈ ଆଦି ଜଳାଶୟକୁ ଯାଉଛନ୍ତି। ପୁରୁଣା ଭୁବନେଶ୍ୱରର ବିନ୍ଦୁସାଗର, ଲକ୍ଷ୍ମୀସାଗରର ମାଳିହନ୍ତା ପୋଖରୀ, ୟୁନିଟ୍-୮ପୋଖରୀ, ରିଜର୍ଭ ପୋଲିସ ଗ୍ରାଉଣ୍ଡ ପୋଖରୀ, କୁଆଖାଇ ଓ ଦୟାନଦୀରେ ଗାଧୋଇବା ପାଇଁ ପ୍ରବଳ ଭିଡ଼ ଲାଗୁଛି। ବହୁ ପରିବାର ଅଗାଧୁଆ ଓ ଭୋକରେ ମଧ୍ୟ ରହୁଥିବା ଦେଖିବାକୁ ମିଳୁଛି।

### ରାତି ହେଲେ ଛାତ, ପଡ଼ିଆରେ ଭିଡ଼

ଫନୀ ତାଣ୍ଡବରେ ରାଜଧାନୀର ଅନେକ ବିଦ୍ୟୁତ୍ ଖୁଣ୍ଟ ଧରାଶାୟୀ ହୋଇଯାଇଛି। ମରାମତି କାମ ଚାଲିଥିବାବେଳେ କେବେ ସରିବ ସେ ସମ୍ପର୍କରେ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ କରାଯାଉ ନାହିଁ। ଏପରିସ୍ଥିତିରେ ଦିନରେ ଘର ଭିତରେ ଦହଗଞ୍ଜ ହେଉଥିବାବେଳେ ରାତିରେ ଘରର ଛାତ ଉପରେ ଥଣ୍ଡା ପବନ ଟିକେ ପାଇବାକୁ ଘଣ୍ଟା ଘଣ୍ଟା ଧରି ବସି ରହୁଛନ୍ତି। ବିପନ୍ନ ଲୋକେ ଆଶ୍ରୟସ୍ଥଳ ଛାତ କିମ୍ବା ଖୋଲା ପଡିଆରେ ରାତି ବିତାଉଥିବା ଦେଖିବାକୁ ମିଳୁଛି।

### ଭଙ୍ଗାଘର ମରାମତିରେ ବାଧକ ଖରା

ଫନୀରେ ଅନେକ ବସ୍ତି ମାଟିରେ ମିଶିଯାଇଛି। ରହି ଯାଇଥିବା ବସ୍ତି ଘରର ଆଜବେଷ୍ଟସ୍ ଓ ଛପର ଉଡିଯାଇଛି। କ୍ଷତିଗ୍ରସ୍ତ ପରିବାରକୁ ଏଯାଏ ପାଲ ବ୍ୟବସ୍ଥା କରାଯାଇ ନ ଥିବାବେଳେ ବହୁ ବିପନ୍ନ ପାଣି ଓ ଖାଦ୍ୟ ପାଇଁ ଡହଳବିକଳ ହେଉଛନ୍ତି। ଭଙ୍ଗା ଘରକୁ ସଜାଡି ମୁଣ୍ଡ ଗୁଞ୍ଜୁଛନ୍ତି। ବାତ୍ୟା ପରଠାରୁ ଭଙ୍ଗା ଘରକୁ ସଜାଡି ଚାଲିଥିବାବେଳେ ସୋମବାର ପ୍ରବଳ ଖରା ବାଧକ ସାଜିଥିଲା। ରାତି କଥା ନ କହିବା ଭଲ। ଗରମ ହେଉଥିବାରୁ ସେମାନେ ରାସ୍ତା କଡ଼ରେ ବିପଦପୂର୍ଣ୍ଣ ଭାବେ ଶୋଉଛନ୍ତି। ବାତ୍ୟା ଓ ବର୍ଷା ପରେ ବିଷାକ୍ତ ସାପ ଏଣେତେଣେ ବୁଲୁଥିବାରୁ କାମୁଡିବା ଭୟ ମଧ୍ୟ ରହୁଛି। ତେଣୁ ବିପନ୍ନ ବସ୍ତିବାସିନ୍ଦାଙ୍କ ପାଇଁ ପାଣି ଏବଂ ଖାଦ୍ୟ ଯୋଗାଇ ଦେବାକୁ ସେମାନେ ନିବେଦନ କରିଛନ୍ତି।

### ଜୀବନ ନେଇପାରେ ବିଦ୍ୟୁତ ଖୁଣ୍ଟ, ଛିଣ୍ଡା କେବୁଲ

ବାତ୍ୟା ପରଠାରୁ ସହରର ବିଭିନ୍ନ ସ୍ଥାନରେ ଏବେବି ରାସ୍ତା ଉପରେ ଓ ପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ ବିପଜ୍ଜନକ ଅବସ୍ଥାରେ ରହିଥିବାବେଳେ ଛିଣ୍ଡା ତାର ମଧ୍ୟ ଓହଳି ରହିଛି। ସେହିଭଳି ବିଭିନ୍ନ କେବୁଲ ମଧ୍ୟ ଝୁଲି ରହିଛି। ବିଦ୍ୟୁତ ନ ଥିବାରୁ ରାଜଧାନୀର ରାତି ସମ୍ପୂର୍ଣ୍ଣ ଅନ୍ଧକାରମୟ ରହିଛି। ଏଭଳି ସ୍ଥିତିରେ ରାତିରେ ଗାଡ଼ି ଚଳାଚଳ କରୁଛି। ବିଦ୍ୟୁତ୍ ଖୁଣ୍ଟ ଓ କେବୁଲ ଯୋଗୁ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। କେତେବେଳେ ବି ଏହା ଜୀବନ ନେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

### ବିଞ୍ଚଣା ଦାମ୍ ୭୦ରୁ ୧୦୦ଟଙ୍କା

ଗାଁ ଗହଳିରେ ଲୋକେ ବିଞ୍ଚଣା ଉପରେ ନିର୍ଭର କରନ୍ତି। ହେଲେ ଏବେ ସ୍ମାର୍ଟସିଟିରେ ବି ବିଞ୍ଚଣାର ଆଦର ବଢ଼ିଛି। ବିଦ୍ୟୁତ୍ ନ ଥିବାରୁ ଲୋକେ ଘରେ ଥିବା ପୁରୁଣା ବିଞ୍ଚଣା ଖୋଜି ପବନ ପାଉଛନ୍ତି। ଯାହା ଘରେ ନାହିଁ ସେମାନେ ମଧ୍ୟ ବଜାରରେ ବିଞ୍ଚଣା ପାଇଁ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି। ପ୍ଲାଷ୍ଟିକ ଠାରୁ ତାଳପତ୍ର ବିଞ୍ଚଣାକୁ ଲୋକେ ଅଧିକ ଚାହୁଁଛନ୍ତି। ଏପରି ହଠାତ ଚାହିଦା ଦେଖି ବ୍ୟବସାୟୀମାନେ ବିଞ୍ଚଣା ଦାମ୍ ବଢ଼ାଇ ଦେଇଛନ୍ତି। ପୂର୍ବରୁ ଯାହାର ମୂଲ୍ୟ ୩୦ ଟଙ୍କା ଥିଲା ତାହାକୁ ୭୦ ଟଙ୍କାରେ ବିକ୍ରି କରୁଛନ୍ତି। ଯେଉଁଠି ବିଞ୍ଚଣା ପରିମାଣ କମ୍ ଅଛି, ସେଠାରେ ଦାମ୍ ୧୦୦ ଟଙ୍କା ମଧ୍ୟ ଛୁଉଁଛି।

### ଫୋନ୍ ନେଟ୍‌ୱର୍କ ପାଇଁ ରାସ୍ତାରେ ଭିଡ଼

ବାତ୍ୟାରେ ରାଜଧାନୀ ଏକାଧିକ ସ୍ଥାନରେ ଥିବା ମୋବାଇଲ୍ ଟାୱାର କ୍ଷତିଗ୍ରସ୍ତ ହୋଇଛି। ଫଳରେ ୪ଦିନ ହେବ ଫୋନ୍ ଯୋଗାଯୋଗ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ସ୍ୱାଭାବିକ ସ୍ଥିତି ପାଇଁ ଆହୁରି କିଛିଦିନ ସମୟ ଲାଗିବ ବୋଲି ଟେଲିକମ୍ ବିଭାଗ ପକ୍ଷରୁ କୁହାଯାଇଛି। ଏପରିସ୍ଥଳେ କେତେକ ଘରୋଇ ଟେଲିକମ୍ କମ୍ପାନୀ ସେବା ପ୍ରଦାନ କରିବା ଆରମ୍ଭ କରିଛନ୍ତି। କିନ୍ତୁ ସବୁଠି ନେଟ୍‌ୱର୍କ ଠିକ୍ ଭାବେ ଆସୁନାହିଁ। ସତ୍‌ସଙ୍ଗ ବିହାର ନିକଟ ଜାତୀୟ ରାଜପଥର ରେଳଓଭରବ୍ରିଜ୍ ନିକଟରେ ମୋବାଇଲ୍ ଫୋନ୍ ନେଟ୍‌ୱର୍କ ଭଲଭାବେ ଆସୁଥିବାରୁ ସେଠାରେ ସୋମବାର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମହିଳା, ଯୁବତୀ, ଯୁବକ ଓ ବୟସ୍କମାନେ ମଧ୍ୟ ସେଠାରେ ଗାଡି ରଖି ଫୋନ୍‌ରେ ସେମାନଙ୍କ ପରିବାର, ସାଙ୍ଗସାଥୀ ଓ ସମ୍ପର୍କୀୟଙ୍କ ସହ କଥା ହେଉଥିବା ଦେଖିବାକୁ ମିଳିଥିଲା।

### ଥାନାରେ ବଢୁଛି ଚୋରି ଅଭିଯୋଗ

ଅନ୍ଧାରର ସୁଯୋଗ ନେଇ ସହରରେ ଏବେ ଲୁଟେରା ଓ ଚୋରି ଗ୍ୟାଙ୍ଗ୍ ବେଶ୍ ସକ୍ରିୟ ହୋଇପଡିଛନ୍ତି। ବିଶେଷକରି ବାଳିକା ହଷ୍ଟେଲ, ଭାଙ୍ଗିଯାଇଥିବା ଦୋକାନ, ଘର ଆଦି ସ୍ଥାନରୁ ଲୁଟ୍‌ପାଟ କରୁଥିବା ଅଭିଯୋଗ ଆସୁଛି। ପ୍ରତିଦିନ ବିଭିନ୍ନ ଥାନାରେ ୨୦ରୁ ଉର୍ଦ୍ଧ୍ୱ ଅଭିଯୋଗ ହେଉଛି। ପୋଲିସ ବଡ଼ ଘଟଣାରେ ମାମଲା ରୁଜୁ କରିଥିବାବେଳେ ଅଧିକାଂଶ ଅଭିଯୋଗକୁ ସେତେଟା ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ମାମଲା ରୁଜୁ ହେଉ ନ ଥିବାରୁ କେତେ ଘଟଣା ଘଟୁଛି ତାହାର ସ୍ପଷ୍ଟ ସୂଚନା ମିଳିପାରୁନି। ଥାନାରେ ଗରମ ଓ ବିଦ୍ୟୁତ୍ ଅଭାବରୁ ମଧ୍ୟ ପୋଲିସ ଠିକ୍ ସେ କାର୍ଯ୍ୟ କରୁନାହିଁ। ଥାନାରେ ରହିଥିବା ଜେନେରେଟର କେତେବେଳେ ତେଲ ଅଭାବରୁ ଚାଲିପାରୁନି ତ ଆଉ କେତେବେଳେ ଖରାପ ହେଉଥିବାରୁ ଏପରିସ୍ଥିତି ସୃଷ୍ଟି ହେଉଥିବା କୁହାଯାଉଛି।

### ପୋଲିସ ପାଟ୍ରୋଲିଂ ବନ୍ଦ

ରାଜଧାନୀରେ ଅନ୍ଧାର ହୋଇଥିବାରୁ ଲୁଟ୍‌ପାଟ ଓ ଅପରାଧ ବଢିବା ଆଶଙ୍କା ରହିଛି। ବାତ୍ୟା ପରେ ପୋଲିସ ପାଟ୍ରୋଲିଂକୁ କଡାକଡି କରାଯିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ହେଲେ ରାଜଧାନୀରେ ବ୍ୟତିକ୍ରମ ପାଲଟିଛି। ପିସିଆର ପାଟ୍ରୋଲିଂ ଏକ ପ୍ରକାର ଠପ ହୋଇଯାଇଛି। କାଁ ଭାଁ ବାଇକ ପାଟ୍ରୋଲିଂ ଦେଖିବାକୁ ମିଳୁଥିବାବେଳେ ପିସିଆର ବୁଲୁଥିବା ଦେଖିବାକୁ ମିଳୁନି। ତେବେ ଯେଉଁଠି ପାଟ୍ରୋଲିଂ ହେଉନି ସେଠାରେ ତୁରନ୍ତ କରାଯିବ ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି।

### ମହିଳା, ଯୁବତୀ, ଛାତ୍ରୀ ଅସୁରକ୍ଷିତ

ରାଜଧାନୀରେ ବିଶେଷକରି ମହିଳାମାନେ ଅସୁରକ୍ଷିତ ହୋଇପଡିଛନ୍ତି। ସେମାନେ ରାତି ହେଲେ ଘରୁ ଗୋଡ଼ କାଢିବାକୁ ଭୟ କରୁଛନ୍ତି। କାରଣ ଅସାମାଜିକ ଯୁବକମାନେ ଏହାର ଫାଇଦା ନେଇ ସେମାନଙ୍କୁ ଅସଦାଚରଣ ଓ ଲୁଟ୍‌ପାଟ କରିବାକୁ ପଛାଉନାହାନ୍ତି। ବସ୍ତି ଅଞ୍ଚଳରୁ ଏଭଳି ଅନେକ ଅଭିଯୋଗ ଆସିଛି। ଏହାସହ ଅନେକ ବାଳିକା ହଷ୍ଟେଲରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଅନେକ ଦୁର୍ବୃତ୍ତ ବାଳିକା ହଷ୍ଟେଲ ଆଗରେ ପଇଁତରା ମାରୁଛନ୍ତି। ସୁଯୋଗ ଦେଖି ଯୁବତୀଙ୍କୁ ବିଭିନ୍ନ ପ୍ରକାର ହଇରାଣ କରୁଛନ୍ତି। ଅଭିଯୋଗ ପରେ ପୋଲିସ କେତେକ ଲେଡିସ୍ ହଷ୍ଟେଲ ନିକଟରେ ପଇଁତରା ମାରି ପଳାଇ ଯାଉଥିବାରୁ ସେମାନେ ନାନା ଆଶଙ୍କା ଭିତରେ ରହୁଛନ୍ତି।

### ମୋବାଇଲ୍ ଚାର୍ଜ ପାଇଁ ଘଣ୍ଟାକୁ ୨୫ ଟଙ୍କା

ବିଦ୍ୟୁତ୍ ନ ଥିବାରୁ ମୋବାଇଲ୍ ଚାର୍ଜ ପାଇଁ ଲୋକେ ଏଣେ ତେଣେ ଧାଉଁଛନ୍ତି। ଏପରିସ୍ଥିତିରେ କେତେକ ଦୋକାନୀ ଜେନେରେଟର ଲଗାଇ ମୋବାଇଲ ଚାର୍ଜ କରୁଛନ୍ତି। ସେମାନେ ଘଣ୍ଟାକୁ ଚାର୍ଜ ପାଇଁ ୨୫ ଟଙ୍କା ନେଉଥିବା ଦେଖିବାକୁ ମିଳିଛି। ତଥାପି ଚାର୍ଜ ପାଇଁ ଦୋକାନରେ ଭିଡ଼ ହେଉଛି। ଟଙ୍କା ଯାଉ ପଛେ ସେମାନଙ୍କ ପାଇଁ ମୋବାଇଲ୍ ଚାର୍ଜ ବଡ଼ ବୋଲି ଲୋକେ କହୁଥିବା ଶୁଣିବାକୁ ମିଳିଥିଲା।

## କ୍ଷତିଗ୍ରସ୍ତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର








ଇଂଲଣ୍ଡରେ ଖେଳାଯିବାକୁଥିବା ଆଇସିସି ବିଶ୍ୱକପ୍‌ରେ ରବିଚନ୍ଦ୍ରନ ଅଶ୍ୱିନଙ୍କଠାରୁ ପାଇଥିବା ଟିପ୍ସର ମୁଁ ଠିକଣା ଉପଯୋଗ କରିବି ।

–ମୁଜିବୁର ରହମନ, ଆଫଗାନିସ୍ତାନ ସ୍ପିନର

ଆଇପିଏଲ୍ ଏଲିମିନେଟର ଖେଳିବାକୁ ଥିବା ଦୁଇ ଦଳରେ ପ୍ରମୁଖ ଖେଳାଳି ଅନୁପସ୍ଥିତ ରହୁଥିବାରୁ ମୁକାବିଲା ଜୋର୍‌ଦାର ହେବ ବୋଲି ଆଶା ।

–ଶ୍ରେୟାସ ଆୟାର, ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ

## ସଂକ୍ଷେପରେ

### ଭାରତର ୬୨ତମ ଜିଏମ୍ ହେଲେ ସ୍ୱୟମ୍ଭ



**ଭୁବନେଶ୍ୱର, ୭।୫(କ୍ରୀଡ଼ା ପ୍ରତିନିଧି):** ସ୍ୱୟମ୍ଭ ମିଶ୍ର ଓଡ଼ିଶାର ଦ୍ୱିତୀୟ ଓ ଦେଶର ୬୨ତମ ଗ୍ରାଣ୍ଡମାଷ୍ଟର(ଜିଏମ) ହେବାର ସୌଭାଗ୍ୟଲାଭ କରିଛନ୍ତି। ପୋଲାଣ୍ଡରେ ଅନୁଷ୍ଠିତ ପୋଲୋନିଆ ରୋକ୍ଲ ମାଷ୍ଟର୍ସ କପ୍‌ରେ ସେ କ୍ୟାରିୟରର ତୃତୀୟ ତଥା ଅନ୍ତିମ ଜିଏମ୍ ନର୍ମ ହାସଲ କରିବା ସହ ଏହି ଗୌରବ ପାଇଛନ୍ତି। ତାଙ୍କ ପୂର୍ବରୁ ଦେବାଶିଷ ଦାସ ଏପର୍ଯ୍ୟନ୍ତ ରାଜ୍ୟର ଏକମାତ୍ର ଗ୍ରାଣ୍ଡମାଷ୍ଟର ହେବାର ସୌଭାଗ୍ୟ ହାସଲ କରିଥିଲେ। ରବିବାର ଶେଷ ହୋଇଥିବା ପ୍ରତିଯୋଗିତାରେ ସ୍ୱୟମ୍ଭ ୭ ପଏଣ୍ଟ ହାସଲ କରି ଚାମ୍ପିୟନ ମଧ ହୋଇଛନ୍ତି। ୨୦୧୪ରେ ସେ ଭୁବନେଶ୍ୱରରେ ଅନୁଷ୍ଠିତ କିଟ୍ ଓପନରେ ପ୍ରଥମ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିଥିଲେ। ଏହାର ଗୋଟିଏ ବର୍ଷ ପରେ ସେ ଆଇଜଲ ଅଫ୍ ମ୍ୟାନ୍‌ଠାରେ ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ନର୍ମ ପାଇଥିଲେ। ଏବେ ତାଙ୍କର ରେଟିଂ ୨୪୬୩ ଥିଲେ ହେଁ ପୂର୍ବରୁ ଥରେ ମ୍ୟାଜିକ୍ ସଂଖ୍ୟା ୨୫୦୦ ଅତିକ୍ରମ କରିଥିବାରୁ ନିୟମ ଅନୁସାରେ ସେ ଗ୍ରାଣ୍ଡମାଷ୍ଟର ଟାଇଟଲ ପାଇଛନ୍ତି। ତୃତୀୟ ଗ୍ରାଣ୍ଡମାଷ୍ଟର ନର୍ମ ପାଇଁ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗିଲା। ମୁଁ ଟୁର୍ନାମେଣ୍ଟ ଜିତିବା ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ଜିତିଥିବାରୁ ଅତ୍ୟନ୍ତ ଆନନ୍ଦିତ ବୋଲି ସ୍ୱୟମ୍ଭ କହିଛନ୍ତି।

### ପୂର୍ବତନ ୱେଷ୍ଟଇଣ୍ଡିଜ କ୍ରିକେଟର ନର୍ସଙ୍କ ପରଲୋକ

ଜାମାଇକା, ୭।୫ (ପି.ଟି.): ୱେଷ୍ଟଇଣ୍ଡିଜ ପୂର୍ବତନ ବ୍ୟାଟ୍ସମ୍ୟାନ ସେମୋର ନର୍ସ ୮୫ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ୧୯୬୦ରୁ ୧୯୬୯ ମଧ୍ୟରେ ନର୍ସ ୨୯ଟି ଟେଷ୍ଟ ଖେଳିଥିଲେ। ସେ ୬ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ସହ ୪୭.୬୦ ରନ ହାରରେ ମୋଟ ୨୫୨୩ ରନ ସଂଗ୍ରହ କରିଥିଲେ। ବାର୍ବାଡୋସର ଏହି ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ୧୪୧ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୪୩.୯୩ ରନ ହାରରେ ମୋଟ ୯୪୮୯ ରନ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜ ପୂର୍ବତନ ଓପନର ଡେସ୍‌ମଣ୍ଡ ହେନ୍ସ ଫେସ୍‌ବୁକ୍‌ରେ ପୋଷ୍ଟ ଶେୟାର କରି ନର୍ସଙ୍କ ଦେହାନ୍ତ କଥା ଉଲ୍ଲେଖ କରିଥିଲେ। ନର୍ସ ମୋର କୋଚ୍ ଥିଲେ ଓ ତାଙ୍କଠାରୁ ମୁଁ କ୍ରିକେଟ ଶିକ୍ଷା କରିଛି। ତାଙ୍କର ଆତ୍ମାର ସଦ୍‌ଗତି ହେଉ ବୋଲି ହେନ୍ସ ଫେସ୍‌ବୁକ୍‌ରେ ଉଲ୍ଲେଖ କରିଛନ୍ତି। ୧୯୬୦ରେ ଇଂଲଣ୍ଡ ବିପକ୍ଷରେ ନର୍ସ ଟେଷ୍ଟ ପଦାର୍ପଣ କରିଥିଲେ। କ୍ୟାରିୟରର ପ୍ରଥମ ଇନିଂସରେ ସେ ୭୦ ରନ ସଂଗ୍ରହ କରିଥିଲେ। ୧୯୬୭ରେ ତାଙ୍କୁ ୱିସଡନ କ୍ରିକେଟର ଅଫ୍ ଦି ଇୟର ସମ୍ମାନ ପ୍ରଦାନ କରାଯାଇଥିଲା।

# ଦିଲ୍ଲୀ–ହାଇଦ୍ରାବାଦ ଏଲିମିନେଟର ଆଜି

**ବିଶାଖାପାଟଣା, ୭।୫(ପି.ଟି.)**

ଆଇପିଏଲ୍ ଦ୍ୱାଦଶ ସଂସ୍କରଣ ଅନ୍ତିମ ପର୍ଯ୍ୟାୟରେ ଉପନୀତ ହୋଇଛି। ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଏଲିମିନେଟର ମ୍ୟାଚ୍ ଅନୁଷ୍ଠିତ ହେବ। ଯେଉଁଦଳ ଏହି ମ୍ୟାଚ୍ ହାରିବ ସେ ଚଳିତ ଆଇପିଏଲ୍‌ରୁ ବାହାରିବା ସ୍ପଷ୍ଟ। ତେଣୁ ଉଭୟ ଦିଲ୍ଲୀ ଓ ହାଇଦ୍ରାବାଦ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱ ବହନ କରୁଛି।

ଆଇପିଏଲ୍‌ର ଚଳିତ ସଂସ୍କରଣକୁ ନଜର ପକାଇଲେ ଶ୍ରେୟାସ ଆୟାରଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଅନ୍ୟତମ ଶ୍ରେଷ୍ଠ ଦଳ ବିବେଚିତ ହୋଇଛି। ଦିଲ୍ଲୀ ଯେଉଁଭଳି ଭାବରେ ପ୍ରଭାବୀ ପ୍ରଦର୍ଶନ କରିଛି ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ଦିଲ୍ଲୀ ୧୪ ମ୍ୟାଚ୍‌ରୁ ୯ ବିଜୟ ଓ ୫ ପରାଜୟ ସହ ୧୮ ପଏଣ୍ଟ ହାସଲ କରି ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ସନ୍‌ରାଇଜର୍ସଠାରୁ ୩ଟି ମ୍ୟାଚ୍ ଅଧିକ ଜିତିଥିଲେ ମଧ ନକ୍‌ଆଉଟ୍ ମ୍ୟାଚ୍ ଖେଳିବାକୁ ପଡ଼ିଥିବାରୁ ଦିଲ୍ଲୀକୁ ଏହା ନିରାଶ କରିଛି। ଲିଗ୍ ପର୍ଯ୍ୟାୟରେ ଏତେ ଭଲ ପ୍ରଦର୍ଶନ ସତ୍ତ୍ୱେ ଦିଲ୍ଲୀ ଯଦି ଏଲିମିନେଟରେ ହାଇଦ୍ରାବାଦ ନିକଟରୁ ହାରିଯାଏ ତେବେ ଦଳକୁ ପ୍ରତିଯୋଗିତାରୁ ବିଦାୟ ନେବାକୁ ପଡ଼ିବ। ଅବଶ୍ୟ ଆଇସିସି ବିଶ୍ୱକପ୍ ପ୍ରସ୍ତୁତି ଲାଗି ସନ୍‌ରାଇଜର୍ସର ଦୁଇ ବିସ୍ଫୋରକ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ଡେଭିଡ୍ ୱାର୍ନର ଓ ଜନି ବେୟାରଷ୍ଟୋର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଯାଇଥିବାରୁ ଦିଲ୍ଲୀ ପାଇଁ ଏହା ଆଶ୍ୱସ୍ତି ଆଣିଛି।

ଆଇପିଏଲ୍ ଇତିହାସରେ ଦିଲ୍ଲୀ ଆଜି ପର୍ଯ୍ୟନ୍ତ କେବେ ଫାଇନାଲରେ ପ୍ରବେଶ କରିପାରିନାହିଁ। ୨୦୧୨ରେ ଟପ୍-୪ରେ ପ୍ରବେଶ କରିବା ଦିଲ୍ଲୀର ଶ୍ରେଷ୍ଠ ପ୍ରଦର୍ଶନ ହୋଇରହିଛି। ତେବେ ଚଳିତ ସିଜନରେ ପ୍ରଦର୍ଶନରେ ସ୍ଥିରତା ଓ ଖେଳାଳିଙ୍କ ମଧ୍ୟରେ ଭଲ କମ୍ବିନେଶନ ରହିଥିବାରୁ ଦିଲ୍ଲୀ ପୁଣିଥରେ ବହୁବର୍ଷର ବ୍ୟବଧାନ ପରେ ପ୍ଲେ-ଅଫ୍‌ରେ ପହଞ୍ଚିପାରିଛି। ମୁମ୍ବାଇ ବିପକ୍ଷରେ ବିଜୟରୁ ଅଭିଯାନ ଆରମ୍ଭ କରିଥିବା ଦିଲ୍ଲୀ ଏହାପରେ ଚେନ୍ନାଇ ସୁପର୍ କିଙ୍ଗ୍ସ, କିଙ୍ଗ୍ସ ଇଲେଭେନ ପଞ୍ଜାବ ଓ ହାଇଦ୍ରାବାଦ୍ ବିପକ୍ଷରେ ଲିଗ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ତେବେ ଏହାପରେ ଦଳ ବିଜୟ ପଥକୁ ପ୍ରତ୍ୟାବର୍ତ୍ତନ କରି ଶ୍ରେଷ୍ଠ-୪ ଟିମ୍ ମଧ୍ୟରେ ରହିବାରେ ସଫଳ ହୋଇଛି। ଅଭିଜ୍ଞ ଶିଖର ଧାୱନ ୪୮୧ ରନ ସଂଗ୍ରହ କରି ଦିଲ୍ଲୀ ପାଇଁ ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ଓପନିଂରେ ପୃଥ୍ୱୀ ଶ' ମଧ ଧାୱନଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିଛନ୍ତି। ସେହିଭଳି ଅଧିନାୟକ ଆୟାର (୪୪୨ରୁ ଉର୍ଦ୍ଧ୍ୱ ରନ) ଓ ବିଶ୍ୱକପ୍ ଦଳରୁ ଅଣଦେଖା ହୋଇଥିବା ରିଷଭ ପନ୍ତ (୪୦୧ ରନ)ମଧ ଚମତ୍କାର ଫର୍ମରେ ରହିଛନ୍ତି। ତେବେ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର କାଗିସୋ ରାବାଡା ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଯାଇଥିବାରୁ ଦଳ ତାଙ୍କ ସେବାରୁ ବଞ୍ଚିତ ହେବ। ତେବେ ଇଶାନ୍ତ ଶର୍ମା, କେମୋ ପଲ୍, ଟ୍ରେଣ୍ଟ ବୋଲ୍ଟ, ଅମିତ୍ ମିଶ୍ରାଙ୍କ ଉପରେ ଦିଲ୍ଲୀର ବୋଲିଂ ଭାର ନିର୍ଭର କରିବ।

ଅପରପକ୍ଷରେ ଆଇପିଏଲ୍ ଇତିହାସରେ ପ୍ରଥମ ଦଳ ଭାବେ ୧୨ ପଏଣ୍ଟ ଅର୍ଜନ କରି ପ୍ଲେ-ଅଫ୍‌ରେ ପ୍ରବେଶ କରିଥିବା ହାଇଦ୍ରାବାଦ୍ ମଧ ଏହି ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରି କ୍ୱାଲିଫାୟର-୨ରେ ସ୍ଥାନ ପକ୍କା କରିବାକୁ ଲକ୍ଷ୍ୟ ରଖିଛି। ଅଧିନାୟକ କେନ୍ ୱିଲିୟମସନଙ୍କ ସମେତ ମାର୍ଟିନ ଗୁପ୍‌ଟିଲ, ମନୀଷ ପାଣ୍ଡେ, ୟୁସୁଫ୍ ପଠାନ, ରିଦ୍ଧିମାନ ଶାହଙ୍କୁ ନେଇ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଶକ୍ତିଶାଳୀ। ବୋଲିଂରେ ଭୁବନେଶ୍ୱର କୁମାର, ରଶିଦ ଖାଁ, ଖଲିଲ ଅହମ୍ମଦ, ମହମ୍ମଦ ନବି ପ୍ରମୁଖ ଦିଲ୍ଲୀ ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଇବାରେ ଲକ୍ଷ୍ୟ ରଖିଛନ୍ତି।



ଭୁବନେଶ୍ୱର କୁମାର ଓ ଖଲିଲ ଅହମ୍ମଦ।



ନେଟ୍ସରେ ଇଶାନ୍ତ ଶର୍ମା।

## ଫାଇନାଲରେ ମୁମ୍ବାଇ

**ଚେନ୍ନାଇ, ୭।୫**

ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ କ୍ୱାଲିଫାୟର-୧ରେ ମୁମ୍ବାଇ ୬ ଉଇକେଟରେ ଚେନ୍ନାଇ ସୁପରକିଙ୍ଗ୍ସଙ୍କୁ ପରାସ୍ତ କରିଛି। ଚେନ୍ନାଇ ପକ୍ଷରୁ ଧାର୍ଯ୍ୟ ୧୩୨ ରନର ବିଜୟ ଲକ୍ଷ୍ୟକୁ ମୁମ୍ବାଇ ୧୮.୩ ଓଭରରେ ୪ ଉଇକେଟ ହରାଇ ହାସଲ କରିନେଇଛି। ମୁମ୍ବାଇ ବିଜୟରେ ହିରୋ ସାଜିଛନ୍ତି ସୂର୍ଯ୍ୟ କୁମାର ଯାଦବ। ଚେନ୍ନାଇର ଚ୍ୟାଲେଞ୍ଜିଂ ଟ୍ରାକ୍‌ରେ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ ଖେଳି ସେ ମୁମ୍ବାଇକୁ ବିଜୟ ଭେଟି ଦେଇଛନ୍ତି। ୩ ଥର ଚାମ୍ପିୟନ ମୁମ୍ବାଇର ଏହା ହେଉଛି ୫ମ ଆଇପିଏଲ ଫାଇନାଲ ପ୍ରବେଶ। ୫୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସୂର୍ଯ୍ୟକୁମାର ୧୦ ଚୌକା ସହାୟତାରେ ସର୍ବାଧିକ ୭୧ ଏବଂ ହାର୍ଦ୍ଦିକ ୧୧ ବଲ୍‌ରୁ ୧୩(୧ ଚୌକା) ରନ କରି ଅପରାଜିତ ରହିଥିଲେ। ଚେନ୍ନାଇ ବୋଲରଙ୍କ ମଧ୍ୟରେ ଇମ୍ରାନ ତାହିର ୨ଟି ଏବଂ ଦୀପକ ଚହର ଓ ହରଭଜନ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଚେନ୍ନାଇ ପରାଜିତ ହୋଇଥିଲେ ହେଁ ଏହାର ଫାଇନାଲରେ ପହଞ୍ଚିବା ଆଶା ଶେଷ ହୋଇ ଯାଇନାହିଁ। ବୁଧବାର ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଏଲିମିନେଟର ମ୍ୟାଚ ଅନୁଷ୍ଠିତ ହେବ। ଏହାର ବିଜେତାକୁ ଚେନ୍ନାଇ କ୍ୱାଲିଫାୟର-୨ରେ ଭେଟିବ। କ୍ୱାଲିଫାୟର-୨ର ବିଜେତା ଫାଇନାଲରେ ମୁମ୍ବାଇ ସହିତ ମୁକାବିଲା କରିବ।

## କାନାଡା ପାରାବ୍ୟାଡମିଣ୍ଟନରେ ଓଡ଼ିଶାର ପ୍ରମୋଦ ଭଗତ






**କଟକ ଅଫିସ, ୭।୫:** ମେ ୮ରୁ ୧୩ତାରିଖ ପର୍ଯ୍ୟନ୍ତ କାନାଡାର ଓଟ୍ଟାୱା ମୋନପେଟିଟ ହଲରେ କାନାଡା ପାରା ବ୍ୟାଡମିଣ୍ଟନ ଅର୍ନ୍ତଜାତୀୟ ଚାମ୍ପିୟନଶିପ୍-୨୦୧୯ ଅନୁଷ୍ଠିତ ହେବ। ଉକ୍ତ ଚାମ୍ପିୟନଶିପରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ପ୍ରମୋଦ ଭଗତ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତାରେ ମୋଟ ୨୨୮ଜଣ ପ୍ରତିଯୋଗୀ ଭାଗ ନେଉଥିବା ବେଳେ ଭାରତ ୧୧ଜଣଙ୍କୁ ନେଇ କାନାଡା ଯାତ୍ରା କରିଛି । ନିକଟ ଅତୀତରେ ଶେଷ ହୋଇଥିବା ଉଗାଣ୍ଡା ପାରାବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଉଭୟ ସିଙ୍ଗିଲ୍ସ ଓ ଡବଲ୍ସ ବିଭାଗରେ ବରଗଡ଼ ଜିଲା ଅତାବିରାର ପ୍ରମୋଦ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । ଏପରିକି ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ର ସିଙ୍ଗିଲ୍ସ ବିଭାଗରେ ଲଗାତାର ୬ଥର ଚାମ୍ପିୟନ ହୋଇ ପ୍ରମୋଦ ବିଶ୍ୱର ଏକ ନଂ ର୍‍ୟାଙ୍କିଂ ବଜାୟ ରଖିଛନ୍ତି । କାନାଡା ପାରାବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ପ୍ରମୋଦ ଭଲ ପ୍ରଦର୍ଶନ କରିବେ ବୋଲି ଓଡ଼ିଶା ପାରା ବ୍ୟାଡମିଣ୍ଟନ ଆସୋସିଏଶନର ସମ୍ପାଦକ ମନୋରଞ୍ଜନ ଦାସ ଆଶାବ୍ୟକ୍ତ କରିଛନ୍ତି ।

## ୱାର୍ନର ଅଷ୍ଟ୍ରେଲିଆର ଓପନ୍ କରିବା ଉଚିତ

**ମେଲବୋର୍ନ, ୭।୫ (ପି.ଟି.):** ଆସନ୍ତା ଆଇସିସି ବିଶ୍ୱକପ୍‌ରେ ଡେଭିଡ୍ ୱାର୍ନର ଅଷ୍ଟ୍ରେଲିଆ କ୍ରିକେଟ ଦଳରେ ଆରୋନ ଫିଞ୍ଚଙ୍କ ସହିତ ଓପନ୍ କରିବା ଉଚିତ୍। କାରଣ ପଡ଼ିଆ କଟକଣାବେଳେ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ତୁଳନାରେ ସେ ଅଧିକ ଆକ୍ରମଣାତ୍ମକ ଖେଳିଥାନ୍ତି। ଅଷ୍ଟ୍ରେଲିଆର ପୂର୍ବତନ ଜାତୀୟ ଚୟନକର୍ତ୍ତା ମାର୍କ ୱ ଏହା ପ୍ରକାଶ କରିଛନ୍ତି। ଚଳିତବର୍ଷ ଜଣେ ଅଷ୍ଟ୍ରେଲୀୟ ଖେଳାଳି ହିସାବରେ ଉସ୍‌ମାନ ଖ୍ୱାଜା (୭୬୯) ଚଳିତବର୍ଷ ଏପର୍ଯ୍ୟନ୍ତ ସବୁଠାରୁ ଅଧିକ ଅନ୍ତର୍ଜାତୀୟ ଦିନିକିଆ ରନ ସଂଗ୍ରହ କରିସାରିଛନ୍ତି। ନିକଟରେ ଭାରତ ଓ ପାକିସ୍ତାନ ବିପକ୍ଷ ସିରିଜରେ ଖ୍ୱାଜା ଓ ଫିଞ୍ଚ୍ ଉପଯୋଗୀ ଓପନିଂ ପାର୍ଟନର ସାବ୍ୟସ୍ତ ହୋଇଛନ୍ତି। ଏହା ସତ୍ତ୍ୱେ ୱାର୍ନର ଶ୍ରେଷ୍ଠ ବିକଳ୍ପ ବୋଲି ୱ' ବିଗ୍ ସ୍ପୋର୍ଟ୍ସ ବ୍ରେକ୍‌ଫାଷ୍ଟ ରେଡିଓ ପ୍ରୋଗ୍ରାମ୍‌ରେ ଅଂଶଗ୍ରହଣ ପୂର୍ବକ ପ୍ରକାଶ କରିଛନ୍ତି। ବାମହାତୀ ୱାର୍ନର ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଟପ୍ ଅର୍ଡରରେ ଭଲ ସ୍କୋର ମଧ କରିଛନ୍ତି।

## ହକି ସିରିଜ ଫାଇନାଲ୍ସ ପାଇଁ ତତ୍ପରତା



କ୍ଷତିଗ୍ରସ୍ତ ହକି କମ୍ପ୍ଲେକ୍ସ।

**ଭୁବନେଶ୍ୱର, ୭।୫(କ୍ରୀଡ଼ା ପ୍ରତିନିଧି)**

ଏଫଆଇଏଚ୍ ପୁରୁଷ ହକି ସିରିଜ ଫାଇନାଲ୍ସ ପାଇଁ ତତ୍ପରତା ପ୍ରକାଶ ପାଇଛି। ଏହା ଜୁନ୍ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ହେବାର କାର୍ଯ୍ୟକ୍ରମ ରହିଛି। ମାତ୍ର ସାମୁଦ୍ରିକ ଝଡ଼ ଫନିର ପ୍ରଭାବରେ ଷ୍ଟାଡିୟମ କ୍ଷତିଗ୍ରସ୍ତ ହୋଇଥିବାରୁ ଏହା ହେବାନେଇ ଆଶାଙ୍କା ପ୍ରକାଶ ପାଇଥିଲା। ମାତ୍ର ନିର୍ଦ୍ଧାରିତ ସମୟରେ ଷ୍ଟାଡିୟମ ମରାମତି କାର୍ଯ୍ୟ ହୋଇ ଯିବାନେଇ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। କ୍ରୀଡ଼ା ବିଭାଗ ପକ୍ଷରୁ ଷ୍ଟାଡିୟମର ଭିତ୍ତିଭୂମି ଅନୁଧାନ କରାଯାଇଛି। ହକି ଟର୍ଫ ଅଳ୍ପ କେତେକ ସ୍ଥାନରେ କ୍ଷତିଗ୍ରସ୍ତ ହୋଇଛି। ଏହା ବ୍ୟତୀତ ଷ୍ଟାଡିୟମର ଆଖପାଖ ଅଞ୍ଚଳ ମଧ କ୍ରୀଡ଼ା ବିଭାଗ ପକ୍ଷରୁ ଅନୁଧାନ କରାଯାଇଛି। "ଆମ ଟିମ୍ ହକି କମ୍ପ୍ଲେକ୍ସ ଭିତ୍ତିଭୂମି ଅନୁଧାନ କରିଛି। ଏହା ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବାରୁ ଆମେ ମେ ଶେଷସୁଦ୍ଧା ଏହାର ମରାମତି କରିଦେବା ନେଇ ଆଶା ରଖିଛୁ। ଆମେ କଠିନ ପରିଶ୍ରମ କରି ଷ୍ଟାଡିୟମର ପୂର୍ବାବସ୍ଥା ଫେରାଇ ଆଣିବା ପାଇଁ ଉଦ୍ୟମ କରୁଛୁ" ବୋଲି କ୍ରୀଡ଼ା ସଚିବ ବିଶାଲ ଦେବ ପ୍ରକାଶ କରିଛନ୍ତି। ଟେକ୍ନିକାଲ ବିଶେଷଜ୍ଞଙ୍କୁ ନେଇ ହକି ଇଣ୍ଡିଆର ଏକ ଟିମ୍ ଷ୍ଟାଡିୟମ ଏବଂ ଟର୍ଫ ଅନୁଧାନ ପାଇଁ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେମାନେ ଅନୁଧ୍ୟାନ କରିବାପରେ ଆମେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ତେବେ ଆମେ ନିର୍ଦ୍ଧାରିତ ସମୟରେ ପ୍ରତିଯୋଗିତା ଆୟୋଜନ ନେଇ ଆଶାବାଦୀ ଅଛୁ ବୋଲି ବିଶାଲ କହିଛନ୍ତି। ହକି ସିରିଜ ଫାଇନାଲ୍ସରେ ବିଶ୍ୱର ୮ଟି ଦଳ ଭାରତ, ଜାପାନ, ମେକ୍ସିକୋ, ପୋଲାଣ୍ଡ, ରୁଷିଆ, ଦକ୍ଷିଣ ଆଫ୍ରିକା, ଆମେରିକା ଓ ଉଜ୍‌ବେକିସ୍ତାନ ଅଂଶଗ୍ରହଣ କରିବେ।

## ଗେଲ୍ ଉପ-ଅଧିନାୟକ

**ଜାମାଇକା, ୭।୫(ପି.ଟି.)**





ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆସନ୍ତା ୩୦ରୁ ୟୁନାଇଟେଡ୍ କିଙ୍ଗ୍‌ଡମରେ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍‌ଙ୍କୁ ୱେଷ୍ଟଇଣ୍ଡିଜ ଦଳର ଉପ-ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ବିଶ୍ୱକପ୍ ପରେ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ୍‌ରୁ ଅବସର ନେବାକୁ ମନସ୍ଥ କରିସାରିଥିବା ଗେଲ୍ ବର୍ତ୍ତମାନ ଶ୍ରେଷ୍ଠ ଫର୍ମରେ ରହିଛନ୍ତି। କିଙ୍ଗ୍ସ ଇଲେଭେନ ପଞ୍ଜାବ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଗେଲ୍ ଆଇପିଏଲ୍‌ର ଚଳିତ ସଂସ୍କରଣରେ ପାଖାପାଖି ୫୦୦ ରନ ସଂଗ୍ରହ କରିଛନ୍ତି। ସେହିଭଳି ଶେଷ ହୋଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ଘରୋଇ ସିରିଜରେ ସେ ୨ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ହାସଲ କରିଥିଲେ। 'ୱେଷ୍ଟଇଣ୍ଡିଜ ପକ୍ଷରୁ ଯେକୌଣସି ଫର୍ମାଟ୍‌ରେ ପ୍ରତିନିଧିତ୍ୱ କରିବା ସମ୍ମାନର ବିଷୟ। ତେଣୁ ବିଶ୍ୱକପ୍ ନିଶ୍ଚିତ ଭାବେ ମୋ ପାଇଁ ସ୍ୱତନ୍ତ୍ର ରହିବ। ଜଣେ ସିନିୟର ଖେଳାଳି ଭାବେ ଅଧିନାୟକଙ୍କ ସମେତ ଅନ୍ୟ ସମସ୍ତ ଖେଳାଳିଙ୍କୁ ସମର୍ଥନ କରିବା ମୋର ଦାୟିତ୍ୱ ହେବ' ବୋଲି ୨୮୯ ଦିନିକିଆରୁ ୧୦,୧୫୧ ରନ୍ ସଂଗ୍ରହ କରିଥିବା ୩୯ ବର୍ଷୀୟ ଗେଲ୍ ପ୍ରକାଶ କରିଛନ୍ତି।

## ଅମୂଲ ଆଫଗାନିସ୍ତାନର ମୁଖ୍ୟ ପ୍ରାୟୋଜକ

**ନୂଆଦିଲ୍ଲୀ, ୭।୫ (ପି.ଟି.):** ଆଇସିସି ବିଶ୍ୱକପ୍ ପାଇଁ ଭାରତର ବୃହତ୍ ଦୁଗ୍ଧଜାତ ସାମଗ୍ରୀ କମ୍ପାନୀ 'ଅମୁଲ୍' ଆଫଗାନିସ୍ତାନ କ୍ରିକେଟ ଦଳର ପ୍ରମୁଖ ପ୍ରାୟୋଜକ ହେବ। ଏହାର ପରିଚାଳନା ନିର୍ଦ୍ଦେଶକ ଆର.ଏସ. ସୋଧି ମଙ୍ଗଳବାର ଏ ବିଷୟରେ ସୂଚନା ଦେଇଛନ୍ତି। ଅମୁଲ ତୃତୀୟ ଥର ବିଶ୍ୱକପ୍‌ରେ ଏକ କ୍ରିକେଟ ଦଳର ପ୍ରାୟୋଜକ ହେବାକୁ ଯାଉଛି। ପୂର୍ବରୁ ବିଶ୍ୱକପ୍ ଟୁର୍ନାମେଣ୍ଟରେ କମ୍ପାନୀ ନ୍ୟୁଜିଲାଣ୍ଡ ଓ ହଲାଣ୍ଡ ଦଳ ସହିତ ରହିଥିଲା। ଆଫଗାନିସ୍ତାନ ଦଳ ସହିତ ହୋଇଥିବା କାରବାର ସମ୍ପର୍କରେ ପଚରାଯିବାରେ ସୋଧି କୌଣସି ମନ୍ତବ୍ୟ ଦେବାକୁ ପଛାଇଥିଲେ। ସେ କହିଥିଲେ କମ୍ପାନୀ ବର୍ଷକୁ ବିଜ୍ଞାପନ ବାବଦରେ ଯେତିକି ଖର୍ଚ୍ଚ କରେ ତାହର ୦.୮ ପ୍ରତିଶତ ଏବାବଦରେ ବ୍ୟୟ କରିବ। ସୂଚନାଯୋଗ୍ୟ, ଗୁଜରାଟ ମିଲ୍‌କ ମାର୍କେଟିଂ ଫେଡେରେଶନ ପଡ଼ୋଶୀ ଦେଶଗୁଡ଼ିକୁ ବାର୍ଷିକ ଅମୁଲ ବ୍ରାଣ୍ଡର ୨୦୦ କୋଟିଟଙ୍କାର ଉତ୍ପାଦ ରପ୍ତାନୀ କରିଥାଏ।

## ନର୍ଜେ ବାଦ୍, ମୋରିସଙ୍କୁ ଡାକରା

**ଜୋହାନ୍ସବର୍ଗ, ୭।୫(ପି.ଟି.)**





ଆଇସିସି ବିଶ୍ୱକପ୍ ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳକୁ ଝଟ୍‌କା ଲାଗିଛି। ଦ୍ରୁତ ବୋଲର ଏନରିଚ୍ ନର୍ଜେ ଆଘାତଜନିତ ସମସ୍ୟା ଲାଗି ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଆଙ୍ଗୁଠି ଭାଙ୍ଗିଯାଇଥିବା ଜଣାପଡ଼ିଛି। ନର୍ଜେଙ୍କ ସ୍ଥାନରେ ଅଲ୍‌ରାଉଣ୍ଡର କ୍ରିସ ମୋରିସ୍‌ଙ୍କୁ ଏହି କ୍ରିକେଟ୍‌ର ଏହି ମେଗା ଇଭେଣ୍ଟ ଲାଗି ଦଳରେ ସାମିଲ କରାଯାଇଛି। ଚଳିତ ବର୍ଷ ମାର୍ଚ୍ଚରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ନର୍ଟଜେ ଗୋଇଠି ଓ କହୁଣିଜନିତ ସମସ୍ୟାରୁ ମୁକୁଳିଥିଲେ। ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବା ପରେ ପ୍ରଭାବୀ ପ୍ରଦର୍ଶନ କରି ୨୫ ବର୍ଷୀୟ ଏହି ଦ୍ରୁତ ବୋଲର ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଦଳରେ ନିଜକୁ ସାମିଲ କରିପାରିଥିଲେ। କିନ୍ତୁ ଦୁର୍ଭାଗ୍ୟଜନକ ଭାବେ ନେଟ୍ସରେ ଅଭ୍ୟାସ କରୁଥିବାବେଳେ ଡାହାଣହାତର ବୁଢ଼ା ଆଙ୍ଗୁଠି ଭାଙ୍ଗିଯାଇଥିଲା। ସୁସ୍ଥ ହେବାକୁ ତାଙ୍କୁ ୬ରୁ ୮ ସପ୍ତାହ ସମୟ ଲାଗିବାକୁ ଥିବାରୁ ଶେଷରେ ୧୫ ଜଣିଆ ବିଶ୍ୱକପ୍ ଦଳରୁ ବାଦ୍ ଦିଆଯାଇଛି। ଅପରପକ୍ଷରେ ମୋରିସ ବର୍ତ୍ତମାନ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ସେ ୯ ମ୍ୟାଚ୍ ଖେଳି ୧୩ଟି ଉଇକେଟ୍ ଅକ୍ତିଆର କରିଛନ୍ତି।





## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶ୍ରୀମତୀ ରଞ୍ଜୁବାଳା ପାତ୍ର**
ସ୍ୱାମୀ– ସୁବ୍ରତ ଖଟେଇ (କୁନା)
ଗ୍ରାମ– ନିଆଳ, ପୋଷ୍ଟ– ଗଡ଼ନିଆଳ, ଖୋର୍ଦ୍ଧା
ଆବିର୍ଭାବ: ୨୪।୦୪।୧୯୮୩
ତିରୋଧାନ: ୩୦।୦୪।୨୦୧୭
ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ଆତ୍ମୀୟସ୍ୱଜନ ଓ ପଟିଆଗଡ଼ ପାତ୍ର ପରିବାରବର୍ଗ
ଧ-୧୨୪୪୭

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶକୁନ୍ତଳା ଦାସ**
ବୋଉ, ତୋର ସ୍ନେହ, ଶ୍ରଦ୍ଧା ଓ ସ୍ମୃତି ସବୁ ହିଁ ହେବ ଆମମାନଙ୍କର ଅବଶିଷ୍ଟ ଜୀବନର ପାଥେୟ। ତୋର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଇତି ତୋର
ନମି, ଟିଲି, ସିପୁନା, ପାପୁନୀ, ପୁତୁଲ୍, ବିଠଲ୍, ଲିକି, ଡୁଗୁ, କୁନାଲ୍, ଗୁଡୁନୁ, ବେବି, ମୀନା, ପଦ୍ମ, ମୁନା।
ଧ-୧୨୪୪୬

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ବୁଧବାର, ୮ ମେ /୨୦୧୯, Dhenkanal, Wednesday May 8 / 2019




# ସଂକ୍ଷେପରେ

## ମଦ ଜବତ, ଜଣେ ଗିରଫ

ବଅଁରପାଳ,୭।୫(ଡି.ଏନ.ଏ.)- ବଅଁରପାଳ ପେଟ୍ରୋଲ ପମ୍ପ ନିକଟରୁ ମଙ୍ଗଳବାର ବଅଁରପାଳ ପୋଲିସ ଚଢାଉ କରି ଏକ କାରରୁ ୭୨ଟି ବିଦେଶୀ ମଦ ଜବତ କରିଛି। ଏହାସହ କାର ଚାଳକ ମୁନା ସାହୁଙ୍କୁ ଗିରଫ କରାଯାଇଛି। କାରଟି ସନ୍ତ୍ରୀରୁ ମଦ ନେଇ ଆସୁଥିବାବେଳେ ଖବରପାଇ ବଅଁରପାଳ ପୋଲିସ ଚଢାଉ କରିଥିଲା।

## କାର ଧକ୍କାରେ ଶିଶୁ ଗୁରୁତର

ବଅଁରପାଳ,୭।୫(ଡି.ଏନ.ଏ.)- ବଅଁରପାଳ ଥାନା ବଉଳିଗଡ଼ ନିକଟରେ ମଙ୍ଗଳବାର ସକାଳେ ଏକ କାର ଧକ୍କାରେ ଜଣେ ୪ ବର୍ଷର ଶିଶୁ ଗୁରୁତର ହୋଇଛି। ଉକ୍ତ ଶିଶୁକୁ ନିକଟସ୍ଥ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେ ରାସ୍ତା ପାର ହେଉଥିବାବେଳେ ମହୀଧରପୁର ଅଭିମୁଖେ ଯାଉଥିବା ଏକ କାର ତାକୁ ଧକ୍କା ଦେଇଥିଲା।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ବସ୍ତା,୭।୫(ସ୍ୱ.ପ୍ର):** ସିଂଲା ଥାନା ଅନ୍ତର୍ଗତ ତାଡ଼ଦା ଗ୍ରାମରେ ବ୍ରତ ଉତ୍ସବ ପାଇଁ ଟେଣ୍ଟ କାମ ଚାଲୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ବସ୍ତା ଥାନା ଅନ୍ତର୍ଗତ ଗଙ୍ଗାଧରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗିରି, ତାଙ୍କ ପୁଅ ସନ୍ତୋଷ ଗିରି ଓ ଅନାମ ହାଁସଦାଙ୍କ ପୁଅ କାରୁ ହାସଁଦା ସୋମବାର ରାତିରେ ତାଡ଼ଦାରେ ଟେଣ୍ଟ କାମ କରୁଥିବାବେଳେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଥିଲେ। ୩ଜଣ ଯାକ ଗୁରୁତର ହୋଇପଡ଼ି ଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ନେଇଆସିଥିଲେ। ଡାକ୍ତରଖାନାରେ ଡାକ୍ତର ସନ୍ତୋଷ ଗିରିଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇଜଣ ପୂର୍ଣ୍ଣଚନ୍ଦ୍ର ଓ କାରୁ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

### ଫନୀ କ୍ଷୟକ୍ଷତିର ଠିକ୍ ତଦନ୍ତ ହେଉ

# ସହାୟତା ଦାବି କଲେ କ୍ଷତିଗ୍ରସ୍ତ



ବନ୍ତଳା ରାଜସ୍ୱ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗକାରୀମାନେ।

**ବନ୍ତଳା,୭।୫(ଡି.ଏନ.ଏ.)**

ସାମୁଦ୍ରିକ ଝଡ଼ 'ଫନୀ'ରେ ବନ୍ତଳା ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଥିଲେ ସୁଦ୍ଧା ରାଜସ୍ୱ ବିଭାଗ ପକ୍ଷରୁ ଠିକ୍ ଭାବରେ ତଦନ୍ତ କରାଯାଉ ନ ଥିବା ଅଭିଯୋଗ ହୋଇଛି। ପକ୍କା ଘର ଥିବା ଲୋକଙ୍କୁ ଜରିପାଲ ମିଳୁଥିବା ବେଳେ ପ୍ରକୃତରେ ଯେଉଁମାନଙ୍କ ଚାଳଛପର ଘର କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ସହାୟତା ମିଳୁନାହିଁ। ଏ ନେଇ ବନ୍ତଳା ରାଜସ୍ୱ କାର୍ଯ୍ୟାଳୟ ଅଧୀନରେ ଥିବା ବନ୍ତଳା ବଜାର ଓ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।

ଗ୍ରାମର ଈଶ୍ୱର କୁମାର ଦାସ, ଜଗବନ୍ଧୁ ସାହୁ, ଭଗବାନ ସାହୁ, ଇନ୍ଦ୍ରମଣି ସାହୁ, ଗୁଣ୍ଡିଚା ସାହୁ, ବାବୁଲା ଦେହୁରି, ପ୍ରତାପ ସାହୁ, ଅଭୟ ପଟ୍ଟନାୟକ, ଶ୍ରୀଧର ସାହୁ, ଝୁମୁରି ଦାସ, ସୁଜନ ପାତ୍ର, ସଞ୍ଜୁ ଦାସ, ସୁଶାନ୍ତ ପଟ୍ଟନାୟକ ପ୍ରମୁଖ କହିଛନ୍ତି, ଫନୀରେ ସେମାନଙ୍କ ଘର ଭାଙ୍ଗିବା ସହିତ ଛପର ଉଡ଼ିଯାଇଛି। ବନ୍ତଳା ଆରଆଇ ୨ ଥର ଆସି ତଦନ୍ତ କରି ଫେରିଛନ୍ତି। କିନ୍ତୁ ଯେଉଁମାନଙ୍କ ପକ୍କା ଘର ଅଛି ଓ କିଛି କ୍ଷତି ହୋଇନି ସେମାନଙ୍କୁ ଜରିପାଲ ଦିଆଯାଉଛି। ମାତ୍ର ଯେଉଁମାନଙ୍କ ପ୍ରକୃତରେ ଘର ଭାଙ୍ଗିଛି ସେମାନଙ୍କୁ ମିଳୁନାହିଁ। ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ବନ୍ତଳା ରାଜସ୍ୱ କାର୍ଯ୍ୟାଳୟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ କେତେକ ବ୍ୟକ୍ତି ସେମାନଙ୍କ ଘର କୌଣସି କ୍ଷତି ହୋଇ ନ ଥିଲେ ମଧ୍ୟ ରାଜସ୍ୱ କାର୍ଯ୍ୟାଳୟରୁ ଜୋରଜବରଦସ୍ତ ଜରିପାଲ ନେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସେହିପରି ଚମତିମୁଣ୍ଡା ରାଜସ୍ୱ କାର୍ଯ୍ୟାଳୟ ଅଧୀନରେ ଥିବା ଶାରାଧପୁର ପଞ୍ଚାୟତ କୁରୁଡୁ ଗ୍ରାମରେ ଫନୀ ଘର ଭାଙ୍ଗିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସେଠାକୁ ଆରଆଇ ଯାଇନାହାନ୍ତି। ଗ୍ରାମର ମାଟିଆ ସାହୁ, ଅନାଦି ସାହୁ ଓ ପ୍ରମୋଦ ସାହୁଙ୍କ ଭାଙ୍ଗିଯାଇଛି। ତୁରନ୍ତ ଏହାର ତଦନ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବନ୍ତଳା ରାଜସ୍ୱ ଅଧିକାରୀ ଗୌର ମୋହନ ନାଏକ କହିଛନ୍ତି, ନୂତନ ଭାବରେ ଏଠାରେ ଯୋଗ ଦେଇଛି। ସର୍ଭେରେ ଯେଉଁମାନଙ୍କ ନାଁ ଆସିଛି ସେମାନଙ୍କୁ ଜରି ପାଲ ଦିଆଯିବା ସହ ଆଧାରକାର୍ଡ, ଫଟୋ ପରିଚୟପତ୍ର, ବ୍ୟାଙ୍କ ପାସବୁକ ମଗାଯାଇଛି। ତହସିଲଦାର ଆଉଥରେ ନିର୍ଦ୍ଦେଶ ଦେଲେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ଅବକାରୀ ବିଭାଗ ଚଢ଼ାଉ, ୫ ଗିରଫ

**ସୋର, ୭।୫(ଡି.ଏନ.ଏ.)**

ସୋର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣ ମଦ ଜବତ କରାଯାଇ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ବାଲେଶ୍ୱର ଜିଲାପାଳ ରମେଶ ରାଉତ, ଅବକାରୀ ବିଭାଗ ଏସ୍‌ପି ରାଜେନ୍ଦ୍ର ଭୋତ୍ରାଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ଅମରେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ଜିଲା ମୋବାଇଲ ଆଇଆଇସି ଉଦେଲାଲ ନାୟକ ଓ ସୋର ଅବକାରୀ ଅଧିକାରୀ କୁଳମଣୀ ମହାରଣାଙ୍କ ନେତୃତ୍ୱରେ ସୋର, ସିମୁଳିଆ ଖଇରାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଶ୍ୟାମସୁନ୍ଦରପୁରର ପବିତ୍ରା ଶିଅଳ, ଭାବଗ୍ରାହୀ ଶିଅଳ, ସୋର ଥାନା ଉଲ୍ଲାସଖଡଗପୁର ଗ୍ରାମର ସନ୍ତୋଷ ବାରିକ, ଅନନ୍ତପୁରର ସୁଶାନ୍ତ ବେହେରା, ଖଇରା ଥାନା ବର୍ତ୍ତନା ଭରତ ବେହେରା। ସେମାନଙ୍କ ବିରୋଧରେ ୧୩, ୧୪, ୩୫ ଓ ୩୬ ଓ ୩୭/୧୯ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କଠାରୁ ବିପୁଳ ପରିମାଣର ମଦ, ପୋଚ ଓ ମଦ ରନ୍ଧା ସରଞ୍ଜାମ ଜବତ କରାଯାଇଛି।

### ଭୁଲ୍ ଇଞ୍ଜେକଶନ୍ ନେଇ ରୋଗୀ ମୃତ୍ୟୁ ଘଟଣା

# ହାଜର ହୋଇ ରିପୋର୍ଟ ଦେବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ

**ଅନୁଗୋଳ ଅଫିସ, ୭।୫**

ଅନୁଗୋଳ ଥାନା ବଲାସିଂହା ଗ୍ରାମର ମିସ୍ତ୍ରି ଶିବରାମ ପ୍ରଧାନଙ୍କ ଗତ ଅକ୍ଟୋବର ୨୪ରେ ଭୁଲ ଇଞ୍ଜେକ୍ସନ୍ ଯୋଗୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ହ୍ୟୁମାନ ରାଇଟ୍ ୱାଚ୍ ପକ୍ଷରୁ ଏ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ମାମଲାକୁ ଗ୍ରହଣ କରି ଏନ୍‌ଏଚ୍‌ଆର୍‌ସି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଏବଂ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ବ୍ୟକ୍ତିଗତ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହି ମାମଲା ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ଉଭୟଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ବଲାସିଂହା ଗ୍ରାମର ଶିବରାମ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଖାଦ୍ୟନଳୀରେ ସମସ୍ୟା ଯୋଗୁ ଅକ୍ଟୋବର ୨୪ରେ ସେ ଅନୁଗୋଳ ସହର ସ୍ଥିତ ଏକ କ୍ଲିନିକରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପରେ ଏକ ଔଷଧ ଦୋକାନରେ ଇଞ୍ଜେକ୍ସନ ନେଇଥିଲେ। ଇଞ୍ଜେକ୍ସନ ନେବାର କିଛି ସମୟ ପରେ ସେ ଗୁରୁତର ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଅଟୋରେ ନେବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ଶିବରାମଙ୍କ ଭିଣୋଇ ଦେବରାଜ ସାହୁ ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ହ୍ୟୁମାନ ରାଇଟ ୱାଚର ସମ୍ପାଦିକା ସଙ୍ଗୀତା ସ୍ୱାଇଁ ଜାତୀୟ ମାନବାଧିକାର କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ। ଦୋଷୀ ଡାକ୍ତରଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ସହ ଶିବରାମଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଥିଲେ। କମିଶନ ଅଭିଯୋଗକୁ ଗ୍ରହଣ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଏବଂ ଅନୁଗୋଳ ଏସ୍‌ପିଙ୍କୁ ରିପୋର୍ଟ ମାଗିଥିଲେ। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ରିପୋର୍ଟ ଦେଇ ନ ଥିଲେ। ଏଣୁ ମାମଲାକୁ ଗୁରୁତ୍ୱର ସହ ନେଇ କମିଶନ ଉଭୟଙ୍କୁ ଆସନ୍ତା ସେପ୍ଟେମ୍ବର ୯ ପୂର୍ବରୁ ବ୍ୟକ୍ତିଗତ ହାଜର ହୋଇ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମଦ ଦୋକାନରୁ ଲୁଟ୍

**ଅନୁଗୋଳ ଅଫିସ, ୭।୫**

ବାରସିଂହା ଠାରେ ଥିବା ଏକ ସରକାରୀ ଦେଶୀ ମଦ ଦୋକାନରେ ୩ରୁ ୪ ଜଣ ଦୁର୍ବୃତ୍ତ ଟଙ୍କା ଲୁଟ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଅନୁଗୋଳ ପୋଲିସ ଏକ ମାମଲା ରୁଜୁ କରି ତନାଘନା ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ୨ଟି ବାଇକ୍‌ରେ ଆସିଥିବା ୩ରୁ ୪ ଜଣ ଦୁର୍ବୃତ୍ତ ବାରସିଂହା ଠାରେ ଥିବା ସରକାରୀ ଦେଶୀ ମଦ ଦୋକାନରେ ପଶି ସେଲସ୍ ମ୍ୟାନ ଅନ୍ତର୍ଯ୍ୟାମୀ ନାଏକଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏହାପରେ ବାକ୍ସରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଚମ୍ପଟ ମାରିଥିବା ଅନ୍ତର୍ଯ୍ୟାମୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।




# ବ୍ଲକସ୍ତରୀୟ କୃଷକ ଦିବସ



**ଛେଣ୍ଡିପଦା,୭।୫(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ କୃଷି ବିଭାଗ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ କୃଷକ ଦିବସ ଓ ଅକ୍ଷୟ ତୃତୀୟା ପାଳିତ ହୋଇଛି। ସହକାରୀ କୃଷି ଅଧିକାରୀ ବିନୋଦ କୁମାର ଦଳେଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆତ୍ମା ତଥା କୃଷକ ସଙ୍ଗଠନ ସଭାପତି ପ୍ରତାପ କୁମାର ପ୍ରଧାନ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ରୋମାଞ୍ଚଳ ଖମାରି, କୃଷି ଅଧିକାରୀ ଚିନ୍ମୟ ରାୟ, ମତ୍ସ୍ୟ ଅଧିକାରୀ ପ୍ରହ୍ଲାଦ ସେଠୀ, ପ୍ରାଣୀ ଚିକିତ୍ସାଧିକାରୀ ବିକାଶ ରଞ୍ଜନ ବେହେରାଙ୍କ ସମେତ ସମସ୍ତ ବିଭାଗୀୟ କର୍ମଚାରୀ, ବହୁ ଚାଷୀ ଯୋଗ ଦେଇଥିଲେ। ଏହି ଅବସରରେ ଖରିଫ ଧାନ ଫସଲ ସାଙ୍ଗକୁ ଅନ୍ୟ ରବି ଜାତୀୟ ତଥା ପନିପରିବା ଫସଲ ଚାଷ ଆଦି କରାଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହାସହ ଆନୁସଙ୍ଗିକ କୃଷି କ୍ଷେତ୍ରରେ ଚାଷୀଙ୍କ ଆର୍ଥିକ ବିକାଶ ପ୍ରତି ଗୁରୁତ୍ୱାରୋପ କରାଯାଇଥିଲା।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ